# ଧରିତ୍ରୀ
DHARITRI

ମଙ୍ଗଳବାର, ଏପ୍ରିଲ ୭/୨୦୨୦ (୧୬ ପୃଷ୍ଠା) | Tuesday, April 7/2020

୪୬ଶ ଭାଗ ୧୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଲକ୍‌ଡାଉନ୍‌ରେ ପୂଜାଙ୍କ କୁକିଙ୍ଗ୍**

ଦେଶରେ ଲକ୍‌ଡାଉନ୍ ବେଳେ ଅଭିନେତ୍ରୀ ପୂଜା ହେଗ୍‌ଡେ ଘରେ ରହି କୁକିଙ୍ଗ କରୁଛନ୍ତି। ସେ ପ୍ରଥମ ଥର ତାଙ୍କ ଘର ଲୋକଙ୍କ ପାଇଁ ଗାଜର ହାଲୱା ବନେଇ ଖୁଆଇଛନ୍ତି।

୦୭

୧୬

**ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେଉଛନ୍ତି ସୁଶୀଲ**

ରେସଲର ସୁଶୀଲ କୁମାରଙ୍କ ଅବସର ନେଇ ଚର୍ଚ୍ଚା ହେଉଥିଲେ ମଧ ୨୦୨୧ ଟୋକିଓ ଅଲିମ୍ପିକ୍ସ ପାଇଁ ସେ ପ୍ରସ୍ତୁତ ହେଉଛନ୍ତି।



# ଅମାନିଆଙ୍କୁ ଲାଠି ପାହାର

- ନିୟମ ନ ମାନି ବାଇକ ଧରି ରାସ୍ତାକୁ ବାହାରିଥିଲେ
- ୨ ହଜାରରୁ ଊର୍ଦ୍ଧ୍ୱ ବାଇକ ଜବତ

**ଭୁବନେଶ୍ୱର,୬।୪ (ବ୍ୟୁରୋ)**

କରୋନାକୁ ହରାଇବାର ଏକମାତ୍ର ବିକଳ୍ପ ହେଉଛି ସଚେତନତା ଓ ସାମାଜିକ ଦୂରତ୍ୱ। ତେଣୁ ସମସ୍ତେ ଘରେ ରହି ଘାତକ ଭୂତାଣୁ 'କୋଭିଡ୍-୧୯' ସହ ଲଢ଼େଇ କରିବାକୁ ବାରମ୍ବାର ପରାମର୍ଶ ଦିଆଯାଉଛି। ଏପରି କି ପରିବା ଓ ଗ୍ରସେରି ଆଣିବାକୁ ଗଲେ ଚାଲି ଚାଲି ଯିବାକୁ କୁହାଯାଇଛି। ହେଲେ ଅମାନିଆ ଲୋକେ ସଚେତନ ନ ହୋଇ ବାହାରକୁ ବାହାରୁଛନ୍ତି। ପରିବା, ମେଡିସିନ ଆଦି ନାନା ବାହାନା ଦେଖାଇ ବାଇକ ଧରି ସହର ଘୂରିବୁଲୁଛନ୍ତି। ଇତିମଧ୍ୟରେ ୨୧ ଦିନିଆ ଲକ୍‌ଡାଉନ୍ ଜାରି ରହିଥିବାବେଳେ ରାଜ୍ୟର ୩ ସହରରେ ଲାଗୁ ହୋଇଥିବା ୪୮ ଘଣ୍ଟିଆ ଶଟ୍‌ଡାଉନ୍ ରବିବାର ରାତିରୁ ହଟିଯାଇଛି। ତେବେ ସକାଳ ହେବାମାତ୍ରେ ଲୋକେ ପୁଣି ଅମାନିଆ ହୋଇପଡିଥିଲେ। ବାଇକ୍ ଧରି ବାହାରିବା ସହ ପରିବାର ଓ ଅତ୍ୟାବଶ୍ୟକ ବଜାରରେ ସାମାଜିକ ଦୂରତ୍ୱକୁ ଭୁଲି ଭିଡ଼ ଜମାଇଥିଲେ। ତେବେ ସ୍ଥିତି ଏପରି ହୋଇଥିଲା ପୋଲିସକୁ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିଥିଲା। ଉଲ୍ଲଂଘନକାରୀଙ୍କୁ ଲାଠିରେ ପିଟି ସାବାଡ଼ କରିଥିଲା। କଟକ ଓ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଲାଠିମାଡ଼ ହୋଇଥିବାବେଳେ ୨ହଜାରରୁ ଊର୍ଦ୍ଧ୍ୱ ବାଇକ୍ ଜବତ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ସକାଳୁ ଭୁବନେଶ୍ୱରର ରାଜମହଲ, ଶିଶୁଭବନ ଓ ଅନ୍ୟ କେତେକ ପ୍ରମୁଖ ଛକରେ କଡ଼ା ଚେକିଂ ଆରମ୍ଭ ହୋଇଥିଲା। ଯେଉଁମାନେ ବାଇକ ଧରି ବାହାରୁଥିଲେ ସେମାନଙ୍କୁ ପୋଲିସ ଅଟକାଇ ଯାଞ୍ଚ କରୁଥିଲା। କିଏ ପରିବା, ଔଷଧ ଆଣିବାକୁ ଯାଉଥିବା କହୁଥିଲେ ତ ଆଉ କିଏ ନାନା ବାହାନା ଦେଖାଇ ଖସିବାକୁ ଚେଷ୍ଟା କରିଥିଲେ। ହେଲେ ପରିବା ଆଣିବାକୁ ଚାଲି ଚାଲି ଯିବାକୁ ନିର୍ଦ୍ଦେଶ ରହିଥିବାରୁ ପୋଲିସ ପଦକ୍ଷେପ ଗ୍ରହଣ କରିଥିଲା। ସେହିଭଳି ଅନ୍ୟ ବାହାନା ଦେଖାଉଥିବା ଲୋକେ ନିର୍ଦ୍ଦିଷ୍ଟ ପ୍ରମାଣ ନ ଦେଇପାରିବାରୁ ହଟହଟା ହୋଇଥିଲେ। ଯେଉଁମାନେ ପାସ୍ ଦେଖାଇ ପାରୁ ନ ଥିଲେ ଓ ନିୟମ ଉଲ୍ଲଂଘନ କରୁଥିବା ଜଣାପଡିଥିଲା, ସେମାନଙ୍କୁ ପୋଲିସ ନିର୍ଘାତ ପିଟିବା ସହ ସେମାନଙ୍କ ବାଇକ୍ ଜବତ କରି ଥାନାକୁ ନେଇଥିଲା। ଶିଶୁଭବନ ଛକ ଏବଂ ରାଜମହଲ ଛକ ସମେତ ପଟିଆ, ଚନ୍ଦ୍ରଶେଖରପୁର, ଖଣ୍ଡଗିରି, ଜୟଦେବ ବିହାର, ଏଜି ଛକ ଆଦି ସ୍ଥାନରେ ପୋଲିସ ଏକାଧିକ ଯୁବକଙ୍କ ଉପରେ ଏପରି କାର୍ଯ୍ୟାନୁଷ୍ଠାନ ନେବା ସହ ବହୁ ବାଇକ ଜବତ କରିଥିଲା। ଭୁବନେଶ୍ୱରରୁ ମୋଟ ୧ ହଜାର ୩୯ ବାଇକ ଜବତ ହୋଇଥିବାବେଳେ ଏଥିମଧ୍ୟରୁ ମଞ୍ଚେଶ୍ୱର ଥାନାଞ୍ଚଳରୁ ୩୪, ଇନ୍‌ଫୋସିଟି ୭୭, ଚନ୍ଦ୍ରଶେଖରପୁର ୮୦, ନୟାପଲ୍ଲୀ ୧୧୨, ଶହୀଦନଗର ୭୫, ଖାରବେଳନଗର ୬୬,ଏୟାରପୋର୍ଟ ୩୨, ଖଣ୍ଡଗିରି ୯୯, କ୍ୟାପିଟାଲ ୧୦୦, ବଡଗଡ଼ ୬୦, ଧଉଳି ୩୦, ଲିଙ୍ଗରାଜ ୫୫ ଓ ଲକ୍ଷ୍ମୀସାଗର ଥାନାଞ୍ଚଳରୁ ୫୨ ବାଇକ ରହିଛି। ସହର ଉପକଣ୍ଠରୁ ମଧ ବାଇକ୍ ଜବତ କରାଯାଇଛି। କଟକରେ ମଧ ଲକ୍‌ଡାଉନ୍‌କୁ କଡାକଡି କରାଯାଇଥିଲା। ପୋଲିସ ଟିମ୍ ବିଭିନ୍ନ ଛକରେ କଡାଯାଞ୍ଚ କରି ଅମାନିଆଙ୍କୁ ସାବାଡ଼ କରିଥିଲା। ଜଣଙ୍କ ପାଇଁ ପୂରା ସହରବାସୀ କ'ଣ ସଂକ୍ରମଣ ହେବେ ବୋଲି ପୋଲିସ କହି ମାଡ଼ ମାରି ବାଇକ୍ ଜବତ କରୁଥିଲା। ଏହିଭଳି କଟକରେ ପ୍ରାୟ ୧ହଜାର ୨୭୬ ବାଇକ ଜବତ କରାଯାଇଥିବା ସୂଚନା ମିଳିଛି।



ଭୁବନେଶ୍ୱର ରାଜମହଲ ଛକଠାରେ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନକାରୀଙ୍କୁ ପୋଲିସ ମାଡ଼ ମାରୁଛି।

## ଓଡ଼ିଶାରେ ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ

**୪୦ରେ ପହଞ୍ଚିଲା ସଂଖ୍ୟା**

**କଟକ ଅଫିସ୍,୬।୪**

ରାଜ୍ୟରେ ସୋମବାର ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲାରେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତରଫରୁ ଟୁଇଟ୍ ଜରିଆରେ ସୂଚନା ଦିଆଯାଇଛି। ୩୨ବର୍ଷୀୟ ଯୁବକ ଜଣଙ୍କ ଗତ ୨୪ ତାରିଖରେ ଦୁବାଇରୁ ଫେରିଥିଲେ। ବିଦେଶରୁ ଫେରିଥିବା ଯୋଗୁ ତାଙ୍କର ନମୁନା ସଂଗ୍ରହ କରାଯାଇଥିଲା। ସୋମବାର ନମୁନା ପରୀକ୍ଷା ରିପୋର୍ଟ ଆସିଛି। ସେଥିରେ ପଜିଟିଭ୍ ଥିବା ସ୍ପଷ୍ଟ ହୋଇଛି। ଏଥି ସହ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୪୦ରେ ପହଞ୍ଚିଛି।

## ଦିନକୁ ୧ ହଜାର ନମୁନା ପରୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୬।୪(ବ୍ୟୁରୋ)**

ରାଜ୍ୟରେ ବର୍ତ୍ତମାନ ତିନୋଟି ସ୍ଥାନରେ କରୋନା ଭାଇରସ୍ 'କୋଭିଡ୍-୧୯' ଚିହ୍ନଟ ପାଇଁ ନମୁନା ପରୀକ୍ଷଣ ହେଉଛି। ସେଗୁଡ଼ିକ ହେଲା ଭୁବନେଶ୍ୱରର ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆର୍‌ଏମ୍‌ଆର୍‌ସି), ଏମ୍ସ ଓ କଟକ ଏସ୍‌ସିବି ମେଡିକାଲ। ଏହିସବୁ ସ୍ଥାନରେ ଦୈନନ୍ଦିନ ହାରାହାରି ୩୦୦ ନମୁନା ପରୀକ୍ଷା କରାଯାଇପାରୁଛି। ଆସନ୍ତା ୫ଦିନ ମଧ୍ୟରେ ଏହି କ୍ଷମତା ୧୦୦୦କୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନିଜର ମରାମତି**

**ଆଜିର ମନ୍ତବ୍ୟ**

"ମତଭେଦ ସତ୍ତ୍ୱେ ଦେଶକୁ ଏକାଠି କରିବା ପାଇଁ କରୋନା ଭାଇରସ୍ ଏକ ସୁଯୋଗ।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

# ୩୦% କଟିବ ଏମ୍‌ପିଙ୍କ ବେତନ

**ଅର୍ଥନୀତି ଉପରେ କରୋନା ମାଡ଼**

- ମୁକାବିଲା ପାଇଁ କେନ୍ଦ୍ରର କଠୋର ନିଷ୍ପତ୍ତି
- ୨ ବର୍ଷ ସ୍ଥଗିତ ରହିବ ଏମ୍‌ପି ଲାଡ୍
- ଅଧ୍ୟାଦେଶକୁ କ୍ୟାବିନେଟ ମୋହର
- ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ରାଜ୍ୟପାଳମାନେ ମଧ ନେବେ କମ୍ ବେତନ

**ନୂଆଦିଲ୍ଲୀ,୬।୪(ପି.ଟି.)**

ମହାମାରୀ କରୋନାର ତାଣ୍ଡବରୁ ବର୍ତ୍ତିପାରି ନାହିଁ ବିଶ୍ୱ। ଆମେରିକା, ଇଟାଲୀ ଓ ଫ୍ରାନ୍ସ ସମେତ ଅନେକ ବିକଶିତ ଓ ବିକାଶୀଳ ରାଷ୍ଟ୍ରରେ ଏହି ଭାଇରସ୍ ଅଚଳାବସ୍ଥା ସୃଷ୍ଟି କରିଛି। ଫଳରେ ଉକ୍ତ ଦେଶଗୁଡ଼ିକର ଅର୍ଥନୀତି ଉଜୁଡ଼ିବା ଅବସ୍ଥାକୁ ଚାଲିଆସିଛି। ଭାରତରେ ମଧ କୋଭିଡ୍-୧୯ ସଂକ୍ରମଣର ମୁକାବିଲା ପାଇଁ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରାଯାଇଛି। କୌଣସି କ୍ଷେତ୍ରରେ ବିଶେଷ କାରବାର ହେଉ ନ ଥିବାରୁ ଦେଶବ୍ୟାପୀ ଉତ୍କଟ ମାନ୍ଦାବସ୍ଥା ଦେଖାଦେଇଛି। ଏଭଳି ସମୟରେ ଭାରତୀୟ ଅର୍ଥ ବ୍ୟବସ୍ଥାରେ ସୁଧାର ଆଣି ଏହାକୁ ଟ୍ରାକ୍‌କୁ ଫେରାଇ ଆଣିବା କେନ୍ଦ୍ର ସରକାରଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏହାକୁ ଦୃଷ୍ଟିରେ ରଖି ଉଭୟ ସରକାରୀ ତଥା ଘରୋଇ କ୍ଷେତ୍ରରେ ଛଟେଇ ଓ ଖର୍ଚ୍ଚ କାଟ ଭଳି ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ କେନ୍ଦ୍ର ସରକାର ସୋମବାର ଏକ ବଡ଼ ପଦକ୍ଷେପ ନେଇଛନ୍ତି।



ପ୍ରକାଶ ଜାଭଡେକର

ଏମ୍‌ପିମାନଙ୍କ ବେତନ ଗୋଟିଏ ବର୍ଷ ପାଇଁ ୩୦ ପ୍ରତିଶତ ହ୍ରାସ କରିବା ଲାଗି କେନ୍ଦ୍ର କ୍ୟାବିନେଟ ଏକ ଅଧ୍ୟାଦେଶକୁ ଅନୁମୋଦନ କରିଛି। ବେତନ ହ୍ରାସରୁ ମିଳିବାକୁ ଥିବା ପାଣ୍ଠିକୁ କରୋନା ଭୂତାଣୁ ମୁକାବିଲାରେ ବିନିଯୋଗ କରାଯିବ। ଅନୁରୂପ ଭାବେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟପାଳମାନେ ମଧ ସାମାଜିକ ଉତ୍ତରଦାୟିତ୍ୱ ସ୍ୱରୂପ ସେମାନଙ୍କ ବେତନ ହ୍ରାସ କରିବା ଲାଗି ସ୍ୱେଚ୍ଛାକୃତ ଭାବେ ନିଷ୍ପତ୍ତି ନେଇଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ଏଥିସହିତ ଏମ୍‌ପିମାନଙ୍କ ପାଇଁ ଉଦ୍ଦିଷ୍ଟ ଆଞ୍ଚଳିକ ଉନ୍ନୟନ ପାଣ୍ଠି (ଏମ୍‌ପି ଲାଡ୍)କୁ ଦୁଇବର୍ଷ ପାଇଁ ସ୍ଥଗିତ ରଖିବାକୁ କ୍ୟାବିନେଟ ସ୍ଥିର କରିଛି। ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ ମିଳିବାକୁ ଥିବା ଏମ୍‌ପି ଲାଡ୍ ସ୍ଥଗିତ ରହିବ। ଏହି ଅର୍ଥକୁ କୋଭିଡ୍-୧୯ ବିରୋଧୀ ଲଢ଼େଇରେ ବିନିଯୋଗ ହେବ ବୋଲି ଜାଭେଡକର ସ୍ପଷ୍ଟ କରିଛନ୍ତି।

ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଜାଭଡେକର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସମସ୍ତ କେନ୍ଦ୍ରମନ୍ତ୍ରୀ ଓ ଏମ୍‌ପିମାନେ ବର୍ଷେ ପର୍ଯ୍ୟନ୍ତ ୩୦ ପ୍ରତିଶତ କମ୍ ବେତନ ନେବେ। ଏମ୍‌ପିମାନଙ୍କ ବେତନ ସଂଶୋଧନ ଲାଗି ଆସିଥିବା ଅଧ୍ୟାଦେଶକୁ କ୍ୟାବିନେଟ ଅନୁମୋଦନ କରିଛି। ଏପ୍ରିଲ ୧ ତାରିଖରୁ ଏକବର୍ଷ ପାଇଁ ଏହା ଲାଗୁ ହେବ ବୋଲି ସେ କହିଥିଲେ। ଏମ୍‌ପିମାନଙ୍କ ବେତନ ଢାଞ୍ଚା ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନଙ୍କଠାରୁ ଭିନ୍ନ। ସେମାନେ ମାସିକ ଏକଲକ୍ଷ ଟଙ୍କା ବେତନ ପାଇବା ସହ ନିର୍ବାଚନ ମଣ୍ଡଳୀ ଭତ୍ତା ବାବଦରେ ମାସକୁ ୭୦,୦୦୦ ଟଙ୍କା ପାଇଥାନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ ଭତ୍ତା ମଧ ରହିଛି। ଏମ୍‌ପିମାନଙ୍କର କେବଳ ବେତନ ହ୍ରାସ ପାଇବ, ଭତ୍ତା କିମ୍ବା ପେନ୍‌ସନ କମିବ ନାହିଁ ବୋଲି ସରକାରୀ ମୁଖପାତ୍ର ସ୍ପଷ୍ଟ କରିଛନ୍ତି। ଏହି ଅର୍ଥ ଭାରତର ସମ୍ମିଳିତ ପାଣ୍ଠି (ସିଏଫ୍‌ଆଇ)କୁ ଯିବ। ସେହିପରି ଆୟକର, କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ, ବହିଃଶୁଳ୍କ ଓ ଅନ୍ୟାନ୍ୟ ଟିକସ ମଧ ଏହି ପାଣ୍ଠିକୁ ଯିବ। ପାର୍ଲାମେଣ୍ଟର ବିନା ଅନୁମୋଦନରେ ଏହି ଅର୍ଥ ଉଠାଯାଇପାରିବ ନାହିଁ। ସେହିପରି ୫୪୩ ଲୋକ ସଭା ସଦସ୍ୟ ଏବଂ ୨୪୫ ରାଜ୍ୟ ସଭା ସଦସ୍ୟଙ୍କୁ ବାର୍ଷିକ ୫ କୋଟି ଲେଖାଏ ଏମ୍‌ପି ଲାଡ୍ ମିଳିଥାଏ। ଦୁଇବର୍ଷରେ ଏବାବଦରେ ୭୮୮୦ କୋଟି ଟଙ୍କା ସରକାରଙ୍କ ପାଣ୍ଠିକୁ ଯିବ, ଯାହା କରୋନା ମୁକାବିଲାରେ ବ୍ୟୟ ହେବ ବୋଲି କ୍ୟାବନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ଭିଡିଓ ଲିଙ୍କ୍ ଜରିଆରେ କ୍ୟାବିନେଟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମୋଦିଙ୍କ ସହିତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଓ କେତେଜଣ ବରିଷ୍ଠ ଅଧିକାରୀ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଉପସ୍ଥିତ ରହିଥିଲେ। ଏହା ପୂର୍ବରୁ ଗତ ମାର୍ଚ୍ଚ ୨୫ରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ପରସ୍ପରଠାରୁ ସାମାଜିକ ଦୂରତା ବଜାୟ ରଖିଥିଲେ। ସୋମବାର କ୍ୟାବିନେଟ ବୈଠକ ପୂର୍ବରୁ ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ମନ୍ତ୍ରୀ ପରିଷଦ ସହ ଆଲୋଚନା କରିଥିଲେ।

# ହାତୀ ନେଲା ୪ଜୀବନ

**ପଦ୍ମପୁର,୬।୪(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳରେ ରବିବାର ବିଳମ୍ବିତ ରାତ୍ରି ଅର୍ଥାତ୍ ପ୍ରାୟ ୩ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ନରହନ୍ତା ହାତୀ ଆକ୍ରମଣରେ ଗୋଟିଏ ପରିବାରର ୩ଜଣଙ୍କ ସମେତ ୪ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଜଣେ ଶିଶୁପୁତ୍ର ରହିଛନ୍ତି। ମୃତକମାନେ ହେଲେ ପଦ୍ମପୁର ସ୍ୱସ୍ତିନଗର ରଜାପଡ଼ାର ଦ୍ୱାରିକାନାଥ ପାଣ୍ଡେ(୭୫), ପୁଅ ମଲେଇ ପାଣ୍ଡେ(୪୫), ନାତି ଚିଣ୍ଟୁ(୭) ଏବଂ ବାଜେନମୁଣ୍ଡା ଗ୍ରାମର ହେମସାଗର ସାହୁ(୫୦) । ଏ ନେଇ ପଦ୍ମପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୦) ରୁଜୁ ହୋଇଛି । ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଘଟଣାଟି ପଦ୍ମପୁର ଅଞ୍ଚଳବାସୀଙ୍କୁ ସ୍ତବ୍ଧ, ଶୋକାଭିଭୂତ କରିଛି।

ସୂଚନା ଅନୁଯାୟୀ, ରବିବାର ରାତିରେ ଦ୍ୱାରିକାନାଥଙ୍କ ପରିବାର ଲୋକେ କବାଟ ବନ୍ଦ କରି ଖଟିଆରେ ଶୋଇଥିଲେ । ମାତ୍ର ହାତୀଟି ଟାଟି, କବାଟ ତାଡ଼ି ଘର ଭିତରକୁ ପଶିଥିଲା। ଘରେ ଗଦା ହୋଇଥିବା ଧାନ ଖାଇବା ସହିତ ପରିବାରର ଜଣକ ପରେ ଜଣଙ୍କୁ ଦଳିଚକଟି ଜୀବନ ନେଇଥିଲା। ହାତୀ ଦ୍ୱାରିକାନାଥଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିବା ପରେ ଗନ୍ଧମାର୍ଦ୍ଦନ ଆଡ଼କୁ ଫେରିଯାଇଥିଲା। ମାତ୍ର ସେହି ସମୟରେ ବାଜେନମୁଣ୍ଡାର ହେମସାଗର ମହୁଲ ଗୋଟାଇବା ପାଇଁ ଆସୁଥିବାବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ତାଙ୍କୁ ସେଠାରେ କଚାଡ଼ି ମାରିଥିଲା। ଖବର ପାଇ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ, ଏନଏସି ନିର୍ବାହୀ ଅଧିକାରୀ ଜୟନ୍ତ ସାହୁ, ଥାନା ଆଇଆଇସି ମାନସ ରଞ୍ଜନ ପ୍ରଧାନ, ବନ ବିଭାଗର ଏସିଏଫ ରେବତୀ ରମଣ ଯୋଶୀ, ରେଞ୍ଜର ☞ ପୃଷ୍ଠା-୪



ହାତୀ ଭାଙ୍ଗିଥିବା ଘର ।

# ଓଡ଼ିଶା ତୃତୀୟ ପର୍ଯ୍ୟାୟକୁ ପ୍ରବେଶ କରିନି

**ଭୁବନେଶ୍ୱର, ୬।୪(ବ୍ୟୁରୋ)**

ରାଜ୍ୟରେ ସୋମବାର ସନ୍ଧ୍ୟା ସୁଦ୍ଧା ୩୯ଜଣ କରୋନା ଭୂତାଣୁରେ ସଂକ୍ରମିତ ହୋଇଛନ୍ତି। ରବିବାର ଗୋଟିଏ ଦିନରେ ୧୮ ରିପୋର୍ଟ ପଜିଟିଭ୍ ଆସିଛି। ତଥାପି ରାଜ୍ୟରେ ଏଯାଏ ଗୋଷ୍ଠୀ ସଂକ୍ରମଣ ହୋଇନାହିଁ। ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନ (ଆଇଆଇପିଏଚ୍) ଦ୍ୱାରା ପ୍ରଦତ୍ତ ରିପୋର୍ଟରୁ ଜଣାପଡ଼ିଛି ଯେ, ଓଡ଼ିଶା ବର୍ତ୍ତମାନ ସୁଦ୍ଧା ଗୋଷ୍ଠୀ ସଂକ୍ରମଣ ଅର୍ଥାତ୍ ତୃତୀୟ ପର୍ଯ୍ୟାୟକୁ ପ୍ରବେଶ କରିନାହିଁ ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗଚୀ କହିଛନ୍ତି।

ରାଜ୍ୟର କରୋନା ସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ବ୍ୟକ୍ତିବିଶେଷଙ୍କର ବାହାର ଗସ୍ତ ସମ୍ବନ୍ଧୀୟ ଇତିହାସ ରହିଛି। ସେମାନେ କୋଭିଡ୍-୧୯ ସଂକ୍ରମିତ ବ୍ୟକ୍ତିବିଶେଷଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଛନ୍ତି। ଅବଶ୍ୟ ଭୁବନେଶ୍ୱରର କେତେକ ନିର୍ଦ୍ଦିଷ୍ଟ କ୍ଲଷ୍ଟରରେ ସ୍ଥାନୀୟ ସଂକ୍ରମଣ ହୋଇଛି। ଏହାକିନ୍ତୁ ଗୋଷ୍ଠୀ ସଂକ୍ରମଣ ନୁହେଁ। କରୋନା ସଂକ୍ରମଣ ପ୍ରବଣ ଅଞ୍ଚଳ ଭାବେ ଚିହ୍ନିତ ହୋଇଥିବା ସ୍ଥାନଗୁଡ଼ିକରେ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ ସକ୍ରିୟ କରାଯାଇଛି। ସଂପୃକ୍ତ ଅଞ୍ଚଳଗୁଡ଼ିକୁ ବ୍ୟାପକ ବିଶୋଧନ ☞ ପୃଷ୍ଠା-୪



କରୋନା ସଂକ୍ରମଣ



ଜାପାନର ଅଧିକାଂଶ ଅଞ୍ଚଳରେ କରୋନା ଭୂତାଣୁ ସଂକ୍ରମଣ ବଢ଼ିଚାଲିଥିବାରୁ ସେଠାରେ ଜରୁରୀ ସ୍ଥିତି ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ପ୍ରସ୍ତାବ ଦେଇଛନ୍ତି। କରୋନା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ବିଶ୍ୱର ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥାକୁ ସୁଧାରିବା ଲାଗି ୧ ଟ୍ରିଲିୟନ ଡଲାରର ପ୍ରୋତ୍ସାହନ ପ୍ୟାକେଜ୍ ପାଇଁ ମଧ ସେ ପ୍ରସ୍ତାବ ରଖିଛନ୍ତି।



ରୁଷିଆ ରାଜଧାନୀ ମସ୍କୋସ୍ଥିତ ଏକ ପାର୍କିଂ ପ୍ଲେସ୍‌ରେ ଲକ୍‌ଡାଉନ୍ ହେତୁ ଟ୍ୟାକ୍ସିଗୁଡ଼ିକ ଅଟକି ରହିଛି।

## ଇଟାଲୀ ଦେଇଥିବା ଚିକିତ୍ସା ଉପକରଣ ବିକିବ ଚାଇନା

**ବେଜିଂ,୬।୪:** ଚାଇନାର ବଣ୍ଡୁପଣିଆର ମୁଖା ଏବେ ଖୋଲିଛି। ଉହାନ୍‌ରେ ଗତମାସରେ କରୋନା ସଂକ୍ରମଣ ଯୋଗୁ ସ୍ଥିତି ଅସମ୍ଭାଳ ହୋଇ ଉଠିଥିଲା। ଏପରିସ୍ଥଳେ ଇଟାଲି ସହାୟତାର ହାତ ବଢ଼ାଇ ଚାଇନାକୁ ବହୁ ଚିକିତ୍ସା ଉପକରଣ ଦାନ କରିଥିଲା। ତେବେ ବର୍ତ୍ତମାନ ଇଟାଲୀରେ କରୋନା ସଂକ୍ରମଣ ଯୋଗୁ ଆତଙ୍କ ସୃଷ୍ଟି ହୋଇଛି। ପ୍ରତିଦିନ ମୃତକ ଏବଂ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏପରି ସ୍ଥଳେ ଇଟାଲୀରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ)ର ଆବଶ୍ୟକତା ଦେଖାଦେଇଛି। ଇଟାଲୀ ଦାନରେ ଦେଇଥିବା ଚିକିତ୍ସା ଉପକରଣଗୁଡ଼ିକୁ ଏବେ ଚାଇନା ବିକ୍ରି କରିବାକୁ ଚାହୁଁଛି। ସାରା ପୃଥିବୀରେ କରୋନା ଯୋଗୁ ସଙ୍କଟ ଦେଖାଦେଇଥିବା ବେଳେ ଚାଇନାର ଏଭଳି ବ୍ୟବସାୟିକ ମନୋଭାବ ନେଇ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଆରମ୍ଭ ହୋଇଛି। ଇତିମଧ୍ୟରେ ଚାଇନା ସ୍ପେନ୍‌କୁ କରୋନା ଟେଷ୍ଟ କିଟ୍ ବିକ୍ରି କରିଥିଲା ବେଳେ ସେଥିରୁ ୫୦ହଜାର ଖରାପ ଥିବା କୁହାଯାଉଛି। ଖରାପ କିଟ୍‌ଗୁଡ଼ିକ ସ୍ପେନ୍ ଚାଇନାକୁ ଫେରାଇ ଦେଇଛି।

# ଲଢ଼ିବାକୁ ହେବ ଲମ୍ବା ଯୁଦ୍ଧ



**ଭାଜପା ପ୍ରତିଷ୍ଠା ଦିବସରେ ମୋଦିଙ୍କ ଆହ୍ୱାନ**

**ନୂଆଦିଲ୍ଲୀ, ୬।୪(ପି.ଟି.):** କରୋନା ଭୂତାଣୁ ମହାମାରୀ ବିରୋଧରେ ଆମକୁ ଏକ ଦୀର୍ଘ ଯୁଦ୍ଧ ଲଢ଼ିବାକୁ ପଡିବ। ଏଥିପାଇଁ କ୍ଲାନ୍ତ ଅନୁଭବ ନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତ ଏହି ଲଢ଼େଇରେ ନିଶ୍ଚୟ ଜିତିବ ବୋଲି ସେ ଦୃଢ଼ତା ପ୍ରକାଶ କରିଛନ୍ତି। ଲକ୍‌ଡାଉନ ବେଳେ ଦେଶବାସୀ ଯେଭଳି ଗମ୍ଭୀରତା ଓ ପରିପକ୍ୱତା ପ୍ରଦର୍ଶନ କରିଛନ୍ତି ତାହା ଅଭୂତପୂର୍ବ। ଭାରତ ଭଳି ବିଶାଳ ଦେଶରେ ଏଭଳି ଶୃଙ୍ଖଳା ଓ ସେବା ମନୋଭାବ ପ୍ରଦର୍ଶନ କଳ୍ପନାତୀତ। ରବିବାର ରାତିରେ ୧୩୦ କୋଟି ଦେଶବାସୀ ଦୀପ ଜାଳି ରାଷ୍ଟ୍ରର ସାମୂହିକ ଶକ୍ତିକୁ ପ୍ରଦର୍ଶନ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶବାସୀଙ୍କର ଏହି ସାମୂହିକ ଶକ୍ତି ଆମକୁ କରୋନା ଭୂତାଣୁ ବିରୋଧରେ ଲଢ଼େଇକୁ ଆହୁରି ମଜଭୁତ କରିଛି।

ଭାଜପାର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କୋଭିଡ୍-୧୯ ବିରୋଧରେ ସରକାର ନେଉଥିବା ପଦକ୍ଷେପ ଓ ବିରୋଧୀ ଦଳଗୁଡ଼ିକର ସମାଲୋଚନାର ଉତ୍ତର ରଖିଥିଲେ। ଭାରତର ଉଦ୍ୟମ ବିଶ୍ୱ ସମ୍ମୁଖରେ ଦୃଷ୍ଟାନ୍ତ ସୃଷ୍ଟି କରିବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ଏବଂ ବିଦେଶୀ ନେତାମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। କୋଭିଡ୍-୧୯ ମୁକାବିଲା ଲାଗି ଦେଶ ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ନେବା ସହ ଏହାକୁ ସଫଳତାର ସହ କାର୍ଯ୍ୟକାରୀ କରିଛି। ତେବେ ସରକାର ଭୂତାଣୁ ବିରୋଧରେ ଠିକ୍ ସମୟରେ ଉପଯୁକ୍ତ ପଦକ୍ଷେପ ନେଇ ନ ଥିବା କଂଗ୍ରେସ ସମାଲୋଚନା କରିଛି। ଅନ୍ତର୍ଜାତୀୟ ଯାତ୍ରୀମାନଙ୍କ ଥର୍ମାଲ ସ୍କ୍ରିନିଂ ସମେତ ବିଦେଶରେ ଥିବା ଭାରତୀୟଙ୍କୁ ଫେରାଇ ଆଣିବା, ଚିକିତ୍ସା ଭିତ୍ତିଭୂମି ସୃଷ୍ଟି କରିବା ଭଳି ପଦକ୍ଷେପ ତାଙ୍କ ସରକାର ଗ୍ରହଣ କରିଥିବା ମୋଦି କହିଛନ୍ତି।

# କରୋନା ଉପରେ ଲଗାମ ନାହିଁ

ୱାଶିଂଟନ/ରୋମ୍/ପ୍ୟାରିସ୍, ୬।୪

**ମୃତ୍ୟୁସଂଖ୍ୟା ଟପିଲା ୭୨ ହଜାର**

- ଆକ୍ରାନ୍ତଙ୍କ ସଂଖ୍ୟା ୧୩ ଲକ୍ଷରେ ପହଞ୍ଚିଲା
- ଆମେରିକାରେ ଗଲାଣି ୧୦,୩୬୯ ଜୀବନ
- ଜର୍ମାନୀରେ ହେଲେଣି ଲକ୍ଷାଧିକ ସଂକ୍ରମିତ
- ଗୋଟିଏ ଦିନରେ ସ୍ପେନ୍‌ରେ ୫୨୮ ମୃତ

କରୋନା ଭାଇରସ୍ ବେଲଗାମ୍ ସ୍ଥିତିରେ ପହଞ୍ଚିଛି। ବିଶ୍ୱର ୨୦୯ ଦେଶରେ ଏହି ଭୂତାଣୁ ନିଜର ଅଧିକାର ଜାହିର କରିବା ପରେ ପ୍ରାୟ ୧୩ ଲକ୍ଷ ଲୋକଙ୍କୁ କବଳିତ କରିବାରେ ସକ୍ଷମ ହୋଇଛି। ଅଦ୍ୟାବଧି କରୋନା ଭାଇରସ୍ ବିଶ୍ୱବ୍ୟାପୀ ୭୨,୮୦୦ ଲୋକଙ୍କ ଜୀବନ ନେଇଥିବା ବେଳେ ଆମେରିକା ଓ ୟୁରୋପ ଦେଶଗୁଡ଼ିକରେ ଆତଙ୍କ ଖେଳାଇଛି। ଯଦିଓ କରୋନା ସଂକ୍ରମିତ ଥିବା ୨.୭୨ ଲକ୍ଷ ଲୋକ ଭଲହୋଇ ଘରକୁ ଫେରିଛନ୍ତି, ତଥାପି ସଂକ୍ରମଣର ପ୍ରକୋପ ସମସ୍ତଙ୍କୁ ଅକଳରେ ପକାଇଛି। ଗତ ୨୪ ଘଣ୍ଟାରେ ୧୭ ହଜାର ବ୍ୟକ୍ତି ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ବିଶ୍ୱର ସବୁଠାରୁ ବିତ୍ତଶାଳୀ ରାଷ୍ଟ୍ର ଆମେରିକାରେ ଏହି ଭୂତାଣୁ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏଠାରେ ଏବେ ମୃତ୍ୟୁସଂଖ୍ୟା ୧୦,୩୬୯କୁ ବୃଦ୍ଧି ପାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୩.୩୮ ଲକ୍ଷରେ ପହଞ୍ଚିଛି। ୨୪ ଘଣ୍ଟାରେ ୧,୨୫୨ ଲୋକ ଏହି ଭୂତାଣୁ ସଂକ୍ରମଣରେ ଆସିଥିବା ବେଳେ ୪୮ଜଣ ପ୍ରାଣ ହରାଇଛନ୍ତି।

ୟୁରୋପୀୟ ଦେଶ ଇଟାଲୀ, ସ୍ପେନ୍, ଜର୍ମାନୀ, ଫ୍ରାନ୍ସ, ବ୍ରିଟେନ୍ ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ଇଟାଲୀରେ ସର୍ବାଧିକ ୧୫, ୮୮୭ ଜୀବନ କରୋନା ଭୂତାଣୁ ନେଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ଏଠାରେ ବଢ଼ି ୧.୨୯ ଲକ୍ଷରେ ପହଞ୍ଚିଛି। ସ୍ପେନ୍‌ରେ ଗୋଟିଏ ଦିନରେ ୫୨୮ ଜଣ ପ୍ରାଣ ହରାଇଥିବା ବେଳେ ମୋଟ ମୃତ୍ୟୁସଂଖ୍ୟା ୧୩,୦୫୫କୁ ବୃଦ୍ଧିପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ଏଠାରେ ରହିଛି ୩,୩୮୬। ଜର୍ମାନୀରେ ଲକ୍ଷାଧିକ ବ୍ୟକ୍ତି କରୋନାରେ ସଂକ୍ରମିତ ହୋଇଛନ୍ତି। ଏଠାରେ ରୋଗୀଙ୍କ ସଂଖ୍ୟା ଭୟଙ୍କର ଭାବେ ବଢ଼ିଚାଲିଛି। ୧,୫୯୭ ମୁଣ୍ଡ ଏଠାରେ ଗଡ଼ିଲାଣି। ସେହିଭଳି ଭାବେ ଫ୍ରାନ୍ସରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୯୩ ହଜାରରେ ପହଞ୍ଚିଛି। ଏଠାରେ ୮,୦୭୮ ଜୀବନ ଭୂତାଣୁ ନେଲାଣି। ବ୍ରିଟେନରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ୪୭,୮୦୬କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁସଂଖ୍ୟା ୪,୯୩୪ ଛୁଇଁଛି। କରୋନାର ଉତ୍ପତ୍ତିସ୍ଥଳ ଚାଇନାରେ ସଂକ୍ରମିତଙ୍କ ସଂଖ୍ୟା ୮୧,୭୦୮ ରହିଥିବା ବେଳେ ମୃତ୍ୟୁସଂଖ୍ୟା ୩,୩୩୧କୁ ବଢ଼ିଛି। ଏହାଛଡ଼ା ଇରାନରେ ୩,୭୩୯ ଜୀବନ ଯାଇଥିବା ବେଳେ ୬୦ ହଜାରରୁ ଊର୍ଦ୍ଧ୍ୱ କରୋନା ଆକ୍ରାନ୍ତ ଏଠାରେ ରହିଛନ୍ତି। ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ତୁର୍କୀରେ ଏହି ଭୂତାଣୁ ୫୭୪ ମୁଣ୍ଡ ନେଇଥିବା ବେଳେ ୨୭ ହଜାରରୁ ଅଧିକ ସଂକ୍ରମିତ ଅଛନ୍ତି। ସୁଇଜରଲାଣ୍ଡରେ ୭୩୪, ବେଲଜିୟମରେ ୧,୬୩୨, ନେଦରଲାଣ୍ଡରେ ୧,୮୬୭, କାନାଡ଼ାରେ ୨୮୦, ପର୍ତ୍ତୁଗାଲରେ ୩୧୧, ବ୍ରାଜିଲରେ ୪୯୧, ସ୍ୱିଡନ୍‌ରେ ୪୭୭, ଡେନ୍‌ମାର୍କରେ ୧୮୭, ରୋମାନିଆରେ ୧୬୨, ଫିଲିପାଇନ୍ସରେ ୧୬୭, ଇଣ୍ଡୋନେସିଆରେ ୨୦୯, ଆଲଜେରିଆରେ ୧୫୨ ଜୀବନ ଭୂତାଣୁ ନେଲାଣି। ଏପର୍ଯ୍ୟନ୍ତ କରୋନା ଭାଇରସ୍‌ର କୌଣସି ସଫଳ ଔଷଧ ବାହାରି ନ ଥିବାରୁ ବିଶ୍ୱରେ ଏଭଳି ଜଟିଳ ସ୍ଥିତିକୁ ନେଇ କୋକୁଆ ଭୟ ସୃଷ୍ଟିହୋଇଛି।

## କରୋନା-ଲକ୍‌ଡାଉନ୍: କିଛି ତଥ୍ୟ



▸▸ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ରବିବାର ସେଣ୍ଟ ପିଟର୍ସ ବାସିଲିକାରେ ପ୍ରଥମଥର ପାଇଁ ଏକାକୀ ପାମ୍ ସଣ୍ଡେ ପାଳନ କରିଛନ୍ତି। ହୋଲି ୱିକ୍ ଆରମ୍ଭ ବେଳେ ଭାଟିକାନ୍ ସ୍କୋୟାରରେ ଏହା ପାଳନ ବେଳେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ତେବେ କରୋନା ଭାଇରସ୍ ସଂକ୍ରମଣ ଦୃଷ୍ଟିରୁ ସେ ଏହି ଐତିହାସିକ ପଦକ୍ଷେପ ନେଇଛନ୍ତି।

▸▸ ଆମେରିକାରେ ୧.୬ ନିୟୁତଙ୍କ ଲୋକଙ୍କ କୋଭିଡ୍-୧୯ ପରୀକ୍ଷା କରାଯାଇ ସାରିଲାଣି। ଦେଶବ୍ୟାପୀ ସଂକ୍ରମଣ ରୋକିବା ପାଇଁ ୩,୦୦୦ ସୈନ୍ୟ ଓ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ହୋଇଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚନା ଦେଇଛନ୍ତି।

▸▸ ଆମେରିକାରେ କରୋନା ଭାଇରସ୍‌ର କେନ୍ଦ୍ରସ୍ଥଳ ପାଲଟିଛି ନ୍ୟୁୟର୍କ। ଆଗାମୀ ୭ ଦିନମଧ୍ୟରେ ସ୍ଥିତି ଅତ୍ୟନ୍ତ ଜଟିଳ ହେବ ବୋଲି ନ୍ୟୁୟର୍କ ଗଭର୍ନର ଆଣ୍ଡ୍ରିଉ ପ୍ରକାଶ କରିଛନ୍ତି।

▸▸ କରୋନା କେବଳ ମଧ୍ୟବିତ୍ତଙ୍କୁ ପ୍ରଭାବିତ କରିନାହିଁ, ବରଂ ସବୁ ବର୍ଗଙ୍କୁ କବଳିତ କରିଛି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ଲୋକଙ୍କ ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି ଏମ୍‌ଏନ୍‌ଏମ୍ ଅଧ୍ୟକ୍ଷ କମଲ ହାସନ୍ ପରାମର୍ଶ ଦେଇଛନ୍ତି।

▸▸ ସଙ୍କଟ ବେଳେ ହସ୍ପିଟାଲଗୁଡ଼ିକୁ ଅକ୍ସିଜେନ୍ ଯୋଗାଣକୁ ସୁନିଶ୍ଚିତ କରନ୍ତୁ ବୋଲି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ସଚିବମାନଙ୍କୁ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ଚିଠି ଲେଖିଛନ୍ତି।

## ହସ୍ପିଟାଲରେ ବୋରିସ୍

**ଲଣ୍ଡନ,୬।୪(ପି.ଟି.):** କରୋନା ସଂକ୍ରମିତ ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କଠାରେ ସଂକ୍ରମଣର କ୍ରମାଗତ ଲକ୍ଷଣ ଦେଖାଯିବା ପରେ ଅଧିକ ପରୀକ୍ଷା ପାଇଁ ସେ ହସ୍ପିଟାଲ ଯାଇଛନ୍ତି। ୧୦ ଦିନ ତଳେ ତାଙ୍କଠାରେ କରୋନା ପଜିଟିଭ୍ ଥିବା ପରୀକ୍ଷାରୁ ଜଣାପଡିଥିଲା। ପ୍ରତିଷେଧକ ପଦକ୍ଷେପ ସ୍ୱରୂପ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଡାଉନିଂ ଷ୍ଟ୍ରିଟ୍ ମୁଖପାତ୍ର କହିଛନ୍ତି। ୫୫ ବର୍ଷୀୟ ଜନସନଙ୍କୁ ଜ୍ୱର ହେବା ସହ ଅନ୍ୟ କେତେକ ଲକ୍ଷଣ ଦେଖାଦେବାରୁ ତାଙ୍କୁ ରବିବାର ସନ୍ଧ୍ୟାରେ ଲଣ୍ଡନର ଏକ ହସ୍ପିଟାଲକୁ ନିଆଯାଇଥିଲା। ପୂର୍ବରୁ ବ୍ରିଟେନ ଯୁବରାଜ ପ୍ରିନ୍ସ ଚାର୍ଲ୍ସଙ୍କଠାରେ ମଧ୍ୟ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା।



## କନିକା କରୋନାମୁକ୍ତ

**ଲକ୍ଷ୍ନୌ,୬।୪(ପି.ଟି.):** ବଲିଉଡ୍ ଗାୟିକା କନିକା କପୁର କରୋନା ସଂକ୍ରମଣରୁ ମୁକ୍ତ ହୋଇ ଘରକୁ ଫେରିଛନ୍ତି। ତାଙ୍କର ଦୁଇଟି ପରୀକ୍ଷା ରିପୋର୍ଟ ନେଗେଟିଭ୍ ଆସିବା ପରେ ସଞ୍ଜୟ ଗାନ୍ଧୀ ପୋଷ୍ଟଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସେସ୍ ତାଙ୍କୁ ଘରକୁ ଯିବା ଲାଗି ଅନୁମତି ଦେଇଛି। ତେବେ ଘରେ ତାଙ୍କୁ କିଛିଦିନ ଆଇସୋଲେଶନରେ ରହିବା ଲାଗି ପରାମର୍ଶ ଦିଆଯାଇଛି। ମାର୍ଚ୍ଚ ୨୦ରେ ଏହି ଗାୟିକାଙ୍କ ନମୁନା ପରୀକ୍ଷାରୁ କରୋନା ପଜିଟିଭ୍ ରିପୋର୍ଟ ଆସିବା ପରେ ଏହାକୁ ନେଇ ଦେଶରେ ଆତଙ୍କ ଖେଳିଯାଇଥିଲା। କାରଣ ଏହା ପୂର୍ବରୁ ସେ ଲକ୍ଷ୍ନୌରେ ୩ଟି ଷ୍ଟେଜ୍ ଶୋ'ରେ ଭାଗ ନେଇଥିଲେ, ଯେଉଁଥିରେ ବହୁସଂଖ୍ୟାରେ ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସେ ୨୫୦ରୁ ୩୦୦ ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ। ଲଣ୍ଡନରୁ ଫେରିବା ବେଳେ ତାଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦିଆଯାଇ ନ ଥିଲା ବୋଲି କନିକା କହିଥିଲେ।



# ୨.୯ ନିୟୁତ ଡଲାର ପଠାଇଲେ ଟ୍ରମ୍ପ୍

**ନୂଆଦିଲ୍ଲୀ,୬।୪(ଆଇଏଏନ୍‌ଏସ୍)**

ମହାମାରୀ କରୋନା ବିରୋଧରେ ଭାରତର ଲଢ଼େଇକୁ ଜୋରଦାର କରିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ୨.୯ ନିୟୁତ ଡଲାର ସହାୟତା ରାଶି ପଠାଇଛନ୍ତି। ଏହାସହ ଆମେରିକାକୁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବଟିକା ଯୋଗାଣ ପାଇଁ ଅନୁରୋଧ କରିଛନ୍ତି।

ନୂଆଦିଲ୍ଲୀସ୍ଥିତ ଆମେରିକା ଦୂତାବାସ ପକ୍ଷରୁ ଜାରି ଏକ ଆନୁଷ୍ଠାନିକ ବିବୃତିରେ କୁହାଯାଇଛି ଯେ, ଆମେରିକା ସରକାର ୟୁଏସ୍ ଏଜେନ୍ସି ଫର ଇଣ୍ଟରନ୍ୟାଶନାଲ ଡେଭେଲପ୍‌ମେଣ୍ଟ (ୟୁଏସ୍‌ଏଆଇଡି) ଜରିଆରେ ୨.୯ ମିଲିୟନ୍ ଡଲାର ସହାୟତା ରାଶି ପଠାଇଛନ୍ତି। ବିଗତ ୨୦ ବର୍ଷରେ ଆମେରିକା ଭାରତକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୧.୪ ବିଲିୟନ୍ ଡଲାର ସହାୟତା ଦେଇଥିବାବେଳେ ମୋଟ ସହାୟତା ରାଶି ୩ ବିଲିୟନ୍ ଡଲାରରେ ପହଞ୍ଚିଛି। ଏହାବାଦ୍ ଅତିରିକ୍ତ ଭାବେ ୨.୯ ମିଲିୟନ୍ ଡଲାର ପ୍ରଦାନ କରିଛି।

ପ୍ରକାଶ ଯେ, ଆମେରିକାରେ କରୋନା ଭାଇରସ୍ ତାଣ୍ଡବ ରଚିଥିବାବେଳେ ଏହାର ମୁକାବିଲା ପାଇଁ ଶନିବାର ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଟାବ୍‌ଲେଟ ରପ୍ତାନି ସକାଶେ ଅନୁରୋଧ କରିଥିଲେ।

# ବାଘୁଣୀ କରୋନା ପଜିଟିଭ୍

**ନ୍ୟୁୟର୍କ :** ଆମେରିକରେ କରୋନା ସଂକ୍ରମଣକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏବେ ଏହି ସଂକ୍ରମଣ ମନୁଷ୍ୟଠାରୁ ପ୍ରାଣୀଙ୍କୁ ମଧ୍ୟ ସଂକ୍ରମିତ ହେବାରେ ଲାଗିଛି। ନ୍ୟୁୟର୍କର ବ୍ରୋନକ୍ସ ଚିଡ଼ିଆଖାନାରେ ଥିବା ଏକ ବାଘୁଣୀଠାରେ କରୋନା ସଂକ୍ରମଣ ହୋଇଛି। ବାଘୁଣୀର ରିପୋର୍ଟ ପଜିଟିଭ୍ ଆସିଥିବା ଚିଡ଼ିଆଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗତ ମାର୍ଚ୍ଚ ୧୬ଠାରୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଚିଡ଼ିଆଖାନାକୁ ବନ୍ଦ କରାଯାଇଥିଲା। ଆମେରିକା କୃଷି ବିଭାଗର ଜାତୀୟ ଭେଟେନାରି ସର୍ଭିସେଜ୍ ଲାବରେଟୋରି ପକ୍ଷରୁ କୁହାଯାଇଛି ଯେ, ପ୍ରାଣୀଙ୍କଠାରେ କରୋନା ପଜିଟିଭ୍ ମିଳିବା ଏହା ପ୍ରଥମ ଘଟଣା। କୌଣସି କର୍ମଚାରୀଙ୍କ ଦ୍ୱାରା ୪ ବର୍ଷର ମଲାୟନ ପ୍ରଜାତିର ବାଘୁଣୀ କରୋନା ସଂକ୍ରମିତ ହୋଇଥିବା ଚିଡ଼ିଆଖାନାର ବନ୍ୟପ୍ରାଣୀ ସଂରକ୍ଷଣ ସୋସାଇଟି କହିଛି।





# ୱକ୍‌ହାର୍ଡ ହସ୍ପିଟାଲ ନିଷିଦ୍ଧାଞ୍ଚଳ ଜୋନ୍ ଘୋଷିତ

**ମୁମ୍ବାଇ,୬।୪:** ମୁମ୍ବାଇର ୱକ୍‌ହାର୍ଡ ହସ୍ପିଟାଲର ୨୬ ନର୍ସ ଓ ୩ ଜଣ ଡାକ୍ତରଙ୍କଠାରେ କରୋନା ପଜିଟିଭ୍ ଜଣାପଡିବା ପରେ ଉକ୍ତ ହସ୍ପିଟାଲକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ହସ୍ପିଟାଲର ସମସ୍ତେ ସମ୍ପୂର୍ଣ୍ଣ ସୁସ୍ଥ ନ ହେବା ପର୍ଯ୍ୟନ୍ତ ଏହା ମଧ୍ୟକୁ କାହାକୁ ଛଡ଼ାଯିବ ନାହିଁ କିମ୍ବା ସେଠାରେ ଥିବା କୌଣସି ବ୍ୟକ୍ତିଙ୍କୁ ବାହାରକୁ ଯିବାକୁ ଦିଆଯିବ ନାହିଁ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ହସ୍ପିଟାଲରେ ଏତେ କର୍ମଚାରୀଙ୍କୁ କିପରି ଏହି ଭୂତାଣୁ ବ୍ୟାପିଲା ତାହାର ତଦନ୍ତ କରିବା ଲାଗି କାର୍ଯ୍ୟନିର୍ବାହୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ମେଡିକାଲରେ ଏତେ ସଂଖ୍ୟାରେ କର୍ମଚାରୀ କରୋନା ସଂକ୍ରମିତ ହେବା ଦୁର୍ଭାଗ୍ୟଜନକ ବୋଲି ଅତିରିକ୍ତ ମ୍ୟୁନିସିପାଲ କମିଶନର ସୁରେଶ କକାନି କହିଛନ୍ତି। ହସ୍ପିଟାଲର ୨୭୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଛି।

# ଗୁଗଲ ଦେଖାଉଛି ଆଶ୍ରୟସ୍ଥଳ

**ଦାଦନଙ୍କ ପାଇଁ ୩୦ ସହରର ମ୍ୟାପ୍ ଜାରି**

**ନୂଆଦିଲ୍ଲୀ, ୬।୪:** କୋଭିଡ୍-୧୯ ସଂକ୍ରମଣକୁ ରୋକିବା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାବେଳେ ଦାଦନ ଶ୍ରମିକମାନଙ୍କ ଦୁର୍ଦ୍ଦଶା ବହୁଗୁଣିତ ହୋଇଛି। ଏହି ପରିପ୍ରେକ୍ଷୀରେ ଗୁଗଲ ସେମାନଙ୍କୁ ସାହାଯ୍ୟ କରିବା ଲାଗି ଏକ ଅଭିନବ ପନ୍ଥା ବାହାର କରିଛି। ଭାରତର ୩୦ ସହରରେ ପ୍ରତିଷ୍ଠା କରାଯାଇଥିବା ଖାଦ୍ୟ ଯୋଗାଣ ଓ ଆଶ୍ରୟସ୍ଥଳୀରେ ସେମାନେ ଯେପରି ପହଞ୍ଚିପାରିବେ ସେଥିଲାଗି ଗୁଗଲ ସେହି ରିଲିଫ୍ ସେଣ୍ଟରଗୁଡ଼ିକର ଅବସ୍ଥିତି ଚିହ୍ନଟ କରି ଦେଖାଇବା ଆରମ୍ଭ କରିଛି। ଏଥିଲାଗି ଗୁଗଲ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରୁଛି। ବର୍ତ୍ତମାନର ଜରୁରୀ ସମୟରେ ଗରିବମାନଙ୍କୁ ସାହାଯ୍ୟ କରିବା ସକାଶେ ଆମେ ସମାଧାନର ପନ୍ଥା ବାହାର କରିଛୁ। ଲୋକେ ଏହି ସ୍ଥାନଗୁଡ଼ିକର ଅବସ୍ଥିତି ସମ୍ପର୍କରେ ଗୁଗଲ ମ୍ୟାପ୍, ସର୍ଚ୍ଚ ଓ ଗୁଗଲ ଆସିଷ୍ଟାଣ୍ଟ ଜରିଆରେ ଜାଣିପାରିବେ ବୋଲି ଗୁଗଲ ଇଣ୍ଡିଆର ସିନିୟର୍ ପ୍ରୋଗ୍ରାମ ମ୍ୟାନେଜର ଅନଲ ଘୋଷ ସୂଚନା ଦେଇଛନ୍ତି।

# ଧର୍ମସଭା ନେଇ ପ୍ରଶ୍ନ ଉଠାଇଲେ ପାୱାର



**ମୌଲାନା ସାଦ୍‌ଙ୍କୁ ଦିଲ୍ଲୀ ପୋଲିସର ଦ୍ୱିତୀୟ ନୋଟିସ**

**ନୂଆଦିଲ୍ଲୀ, ୬।୪:** ଦିଲ୍ଲୀର ନିଜାମୁଦ୍ଦିନ୍‌ଠାରେ ହୋଇଥିବା ତବଲିଘି ଜମାତ୍ ଯୋଗୁ ଦେଶବ୍ୟାପୀ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଏହାକୁ ନେଇ ଏବେ ରାଜନୈତିକ ସ୍ତରରେ କାଦୁଅ ଫିଙ୍ଗା ଆରମ୍ଭ ହୋଇଛି। ଏଠାରେ ଧାର୍ମିକ ସମାବେଶ ଆୟୋଜନ କରିବା ଲାଗି ଆୟୋଜକଙ୍କୁ କିଏ ଅନୁମତି ଦେଇଥିଲେ ବୋଲି ସୋମବାର ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ପ୍ରଶ୍ନ କରିଛନ୍ତି। ସେ ଫେସ୍‌ବୁକ ଲାଇଭ୍‌ରେ ଏଭଳି ପ୍ରଶ୍ନ କରିଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅନୀଲ ଦେଶମୁଖ୍ ମୁମ୍ବାଇ ନିକଟରେ ଓ ସୋଲାପୁରଠାରେ ଏଭଳି ସମାବେଶ ଲାଗି ଅନୁମତି ଦେଇ ନ ଥିଲେ। ସୋଲାପୁରରେ ଆୟୋଜକ ସରକାରୀ ଆଦେଶକୁ ନ ମାନିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ମାତ୍ର ନିଜାମୁଦ୍ଦିନ୍‌ରେ ଏଭଳି ସମାବେଶ ସହଜରେ ଅନୁଷ୍ଠିତ ହୋଇଥିଲା। ମହାରାଷ୍ଟ୍ରରେ ଉଦ୍ଧବ ସରକାର ଏଭଳି ସମସ୍ୟାର ସହଜ ସମାଧାନ କରିଥିବାବେଳେ ଦେଶର ରାଜଧାନୀରେ ବହୁଲୋକଙ୍କ ସମାବେଶକୁ କିଭଳି ରୋକାଯାଇ ପାରିଲା ନାହିଁ ବୋଲି ଶରଦ ପ୍ରଶ୍ନ କରିଛନ୍ତି। ଜମାତ୍‌ରେ ଯୋଗଦେଇଥିବା ଲୋକ ଦେଶର ବିଭିନ୍ନ ଅଞ୍ଚଳକୁ ଯାଇଛନ୍ତି। ଏହାଦ୍ୱାରା ସଂକ୍ରମଣ ବଢ଼ିଥିବା ସେ କହିଛନ୍ତି।ଅନ୍ୟପକ୍ଷରେ ଧର୍ମସଭା ଆୟୋଜନ କରିଥିବା ତବଲଘି ଜମାତ୍ ମୁଖ୍ୟ ମୌଲାନା ସାଦ୍‌ଙ୍କୁ ଦିଲ୍ଲୀ ପୋଲିସ ଦ୍ୱିତୀୟ ନୋଟିସ ଜାରି କରିଛି। ଉକ୍ତ ଧର୍ମସଭାରୁ ଦେଶବ୍ୟାପୀ କରୋନା ଭାଇରସ୍ ସଂକ୍ରମଣ ବ୍ୟାପିଥିବା ଅଭିଯୋଗ ହେବା ପରେ ଜମାତ୍ ସମ୍ପର୍କରେ ତଥ୍ୟ ମାଗିଛି ପୋଲିସ। ମୌଲନାଙ୍କ ସମେତ ୬ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାବେଳେ ସେ ଫେରାର ଅଛନ୍ତି।

# ବିଭାଜନ ହେବ ୩ ପରିବା ବଜାର

- କାମଦେଲାନି ପୋଲିସ କମିଶନରଙ୍କ ଚେତାବନୀ
- ଶଟ୍‌ଡାଉନ୍ ଉଠିବା ପରେ ବଜାରରେ ଅସମ୍ଭାଳ ଭିଡ଼
- ଦିନକରେ ଜବତ ହେଲା ୧୨ଶହରୁ ଊର୍ଦ୍ଧ୍ୱ ଗାଡ଼ି
- ସାମାଜିକ ଦୂରତା ରକ୍ଷା କରିବାକୁ ଆହ୍ୱାନ

କଟକ ଅଫିସ୍,୬।୪

ସାମାଜିକ ଦୂରତା ନ ରଖିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ବଜାରକୁ ବାଇକ୍ ଧରି ସାମଗ୍ରୀ କିଣିବାକୁ ଆସିଲେ ଜବତ କରାଯିବ। ଦ୍ୱୈତ ନଗରୀ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ଏଭଳି ଚେତାବନୀର ପ୍ରଭାବ କଟକ ସହରରେ ଆଦୌ ଦେଖିବାକୁ ମିଳିଲାନି। ଦୁଇ ଦିନର ଶଟ୍‌ଡାଉନ୍ ଉଠିବା ପରେ ସୋମବାର ଛତ୍ରବଜାରରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ବହୁ ସଂଖ୍ୟାରେ ଲୋକ ବାଇକ୍ ଧରି ଆସିଥିଲେ। ପରିବା କିଣିବା ପାଇଁ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା।

ଅନ୍ୟପଟେ ବଜାରଗୁଡ଼ିକରେ ଭିଡ଼ ପ୍ରଶାସନର ଚିନ୍ତା ବଢ଼ାଇଛି। ପ୍ରମୁଖ ପରିବା ବଜାରଗୁଡ଼ିକୁ ଭାଗ ଭାଗ କରିବାକୁ ସୋମବାର ଜିଲାପାଳ ଭବାନୀ ଶଙ୍କର ଚୟିନୀ ଘୋଷଣା କରିଛନ୍ତି। ଛତ୍ରବଜାରର କେତେକ ଭାଗକୁ ଖାନ୍‌ନଗର ଏବଂ ଲିଙ୍କରୋଡ୍‌ଠାରୁ ମାତୃଭବନ ରାସ୍ତାକୁ ଘୁଞ୍ଚାଇ ଦିଆଯିବ। ସେହିଭଳି ବାଲୁବଜାର ବିନୋଦ ବିହାରୀ ପରିବା ବଜାରର କେତେକ ଅଂଶକୁ ନୟାସଡ଼କ ପାଖକୁ ଉଠାଯିବ। ସିଡିଏ-ବିଡ଼ାନାସୀସ୍ଥିତ କୃଷକ ବଜାରର କିଛି ଅଂଶକୁ ସିଡିଏ ଭିତରକୁ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ବେଳେ ସାମାଜିକ ଦୂରତା ପାଳନ କରିବାକୁ ଜିଲାପାଳ ଚୟିନୀ ଆହ୍ୱାନ ଦେଇଛନ୍ତି।

ଶୁକ୍ରବାର ରାତି ୮ଟାରୁ ରବିବାର ରାତି ୮ଟା, ୪୮ ଘଣ୍ଟା ପାଇଁ କଟକ, ଭୁବନେଶ୍ୱର ଓ ଭଦ୍ରକ ସହରରେ ଶଟ୍‌ଡାଉନ୍ ଜାରି କରାଯାଇଥିଲା। ହେଲେ ରବିବାର ରାତିରେ ପରିବା କିମ୍ବା ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ଉପରେ ପୋଲିସ କମିଶନର ଷଡ଼ଙ୍ଗୀ କଟକଣା ଜାରି କରିଥିଲେ। ସୋମବାର ସକାଳ ପ୍ରାୟ ୭ଟା ବେଳେ ଛତ୍ରବଜାର(ବାଦାମ୍‌ବାଡ଼ିଠାରୁ ଲିଙ୍କରୋଡ୍) ଖୋଲିଥିଲା। ହେଲେ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ନାହିଁ ନ ଥିବା ଭିଡ଼ ଦେଖାଯାଇଥିଲା। ପ୍ରାୟତଃ ସମସ୍ତେ ବାଇକ୍ ଧରି ଆସିଥିଲେ। ସାମାଜିକ ଦୂରତା ପାଇଁ ଦୋକାନ ସମ୍ମୁଖରେ ଗୋଲେଇ ମାର୍କ କଟାଯାଇଥିଲେ ମଧ୍ୟ ଏହାକୁ ନ ମାନି ଲୋକମାନେ ଧସ୍ତାଧସ୍ତି ହୋଇଥିଲେ। ସରକାରୀ ନିର୍ଦ୍ଦେଶକୁ କେହି ପାଳନ କରି ନ ଥିଲେ। ପ୍ରବଳ ଭିଡ଼ ଯୋଗୁ ଗ୍ରାହକଙ୍କୁ ବାରଣ କରିବା ପାଇଁ ମଧ୍ୟ ଦୋକାନୀମାନେ ସାହସ କରିପାରି ନ ଥିଲେ। ପୋଲିସ କମିଶନରଙ୍କ ଆଦେଶ ସତ୍ତ୍ୱେ କଟକ ପୋଲିସର କୌଣସି ବରିଷ୍ଠ ଅଧିକାରୀଙ୍କର ଦେଖା ନ ଥିଲା। ଅନେକ ସମୟ ପର୍ଯ୍ୟନ୍ତ ଲୋକମାନେ ଠେଲାପେଲା ହୋଇ ପରିବା କିଣିଥିଲେ। ଖବର ଜଣାପଡିବା ପରେ କଟକ ପୋଲିସର ଅଧିକାରୀମାନେ ପହଞ୍ଚିଥିଲେ। ଭିଡ଼ ନିୟନ୍ତ୍ରଣ କରିବା ସହ ବାଇକ୍‌ଗୁଡ଼ିକୁ ଥାନାକୁ ନେଇଥିଲେ। କେବଳ ଏହି ଗୋଟିଏ ବଜାର ନୁହେଁ, ଅନ୍ୟ ସ୍ଥାନରେ ମଧ୍ୟ ସମାନ ଧରଣର ଚିତ୍ର ଦେଖିବାକୁ ମିଳିଥିଲା। ସୋମବାର ଗୋଟିଏ ଦିନରେ କଟକ ପୋଲିସ ବିଭିନ୍ନ ବଜାରରୁ ୧୨୭୬ ବାଇକ୍ ଜବତ କରିଛି। ଗାଡ଼ି ମାଲିକଙ୍କଠାରୁ ଜରିମାନା ଆଦାୟ ପରେ ଏଗୁଡିକୁ ଛାଡି ଦିଆଯିବ ବୋଲି ଡିସିପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି।


କଟକ ଛତ୍ରବଜାର ପରିବା ହାଟରେ ସୋମବାର ଲୋକଙ୍କ ଗହଳି।

## ସଂକ୍ଷେପରେ

### ମାଓବାଦୀଙ୍କ ଅସ୍ତ୍ରବିରତି ଘୋଷଣା

**ମାଲକାନଗିରି,୬।୪(ଡି.ଏନ.ଏ.):** ସମଗ୍ର ବିଶ୍ୱରେ ଏବେ କରୋନା ଭୂତାଣୁର ଭୟାବହତା ସମସ୍ତଙ୍କୁ ଚିନ୍ତିତ କରିଛି। ଏଥିରୁ ମାଓବାଦୀ ସଙ୍ଗଠନ ମଧ୍ୟ ବାଦ୍ ପଡିନାହିଁ। ମାଲକାନଗିରି ଜିଲାରେ ମାଓବାଦୀମାନେ ଜିଲାରେ ବସବାସ କରୁଥିବା ବନାଞ୍ଚଳ ଅଧିବାସୀଙ୍କୁ କରୋନା ସମ୍ପର୍କରେ ସଚେତନ କରିବା ସହ ସେମାନେ ଅସ୍ତ୍ରବିରତି ଘୋଷଣା କରିଛନ୍ତି। ଏବେ କୌଣସି ସଭାସମିତି, କିମ୍ବା ଆକ୍ରମଣାତ୍ମକ ମନୋଭାବ ରଖିବୁ ନାହିଁ। ପୋଲିସ ଓ ସୂଚନାଦାତାଙ୍କ ବିରୋଧରେ କୌଣସି ପଦକ୍ଷେପ ନେବୁନାହିଁ ବୋଲି ଆନ୍ଧ୍ର-ଓଡିଶା ମାଓବାଦୀ ଡିଭିଜନ ପ୍ରବକ୍ତା କୈଳାସମ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିସହ କିଛିଦିନ ତଳେ ଜିଲାର ବିଭିନ୍ନ ଅଞ୍ଚଳରେ ମାଓବାଦୀ ବିରୋଧୀ ପୋଷ୍ଟର ମରାଯାଇ ବାହାର ରାଜ୍ୟରୁ ଆସିଥିବା ମାଓବାଦୀ କରୋନା ଆକ୍ରାନ୍ତ ହୋଇଥିବା ଏବଂ ସେମାନଙ୍କ ସଂସ୍ପର୍ଶରେ ନ ଆସିବା ପାଇଁ ଯାହା ଉଲ୍ଲେଖ ରହିଛି ତାହାକୁ ସେ ଖଣ୍ଡନ କରିଛନ୍ତି। ବନାଞ୍ଚଳରେ ରହୁଥିବା ଲୋକେ କରୋନା ରୋଗରୁ ମୁକ୍ତି ପାଇଁ ସରକାର ଜାରି କରିଥିବା ନିୟମକୁ ପାଳନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ନିଜ ପରିବେଶ ସଫାସୁତରା ରଖିବେ, ଖାଦ୍ୟ ପଦାର୍ଥରେ ମଶା, ମାଛି ବସାଇ ନ ଦେବା, କାଶ ଛିଙ୍କ ସମୟରେ ରୁମାଲ ବ୍ୟବହାର, ମାସ୍କ ବ୍ୟବହାର କରିବା, ବାହାର ଲୋକଙ୍କୁ ନିଜ ଗ୍ରାମରେ ପ୍ରବେଶ କରାଇ ନ ଦେବା, ହାଟ ଓ ବଜାରରେ ଗହଳି ନ କରିବା ଲାଗି ମାଓବାଦୀମାନେ ବନବାସୀଙ୍କୁ ପରାମର୍ଶ ଦେଇଛନ୍ତି।

### କୋଭିଡ୍-୧୯ ମୁକାମିଲା ତାଲିମ ନେଇଛନ୍ତି ୧୫୦୦ ଡାକ୍ତର, ଡାକ୍ତରୀ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୬।୪ (ବ୍ୟୁରୋ):** କୋଭିଡ୍-୧୯ ମୁକାବିଲା ପାଇଁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଆହୁରି ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ସ୍ୱତନ୍ତ୍ର ତାଲିମ ଉପରେ ଗୁରୁତ୍ୱ ଦେଉଛନ୍ତି। ଡାକ୍ତର, ଡାକ୍ତରୀ ଛାତ୍ର, ସ୍ୱାସ୍ଥ୍ୟ ବିଭାଗ ପଦାଧିକାରୀ, ଜିଲା ଓ ବ୍ଲକ୍ ସ୍ତରୀୟ ମାଷ୍ଟରଟ୍ରେନରମାନଙ୍କୁ ତାଲିମ୍ ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତଥ୍ୟ ମୁତାବକ, ବର୍ତ୍ତମାନ ସୁଦ୍ଧା କଟକ ଏସ୍‌ସିବି ମେଡିକାଲ କଲେଜର ୮୯୧ ଛାତ୍ରୀଛାତ୍ର, ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜର ୩୨୫ ଛାତ୍ରୀଛାତ୍ର, ବୁର୍ଲା ଭୀମ୍‌ସାର୍‌ର ୩୦୦ ଛାତ୍ରୀଛାତ୍ର କରୋନା ଚିକିତ୍ସା ସମ୍ପର୍କିତ ତାଲିମ୍ ନେଇଛନ୍ତି। ଏମ୍‌କେସିଜିର ୨୪୭ ଅଧ୍ୟାପକ ଓ ସ୍ନାତକ ଛାତ୍ରୀଛାତ୍ରଙ୍କୁ ମିଶାଇ ପ୍ରାୟ ୧୫୦୦ ଡାକ୍ତରୀ ଛାତ୍ରୀଛାତ୍ର ଓ ସ୍ୱାସ୍ଥ୍ୟ ଅଧିକାରୀ କୋଭିଡ୍-୧୯ ଚିକିତ୍ସା ପଦ୍ଧତି ସମ୍ପର୍କରେ ତାଲିମ୍ ଗ୍ରହଣ କରିଛନ୍ତି। ଅନୁରୂପ ଭାବେ ୩୬୦ଜଣ ଜିଲାସ୍ତରୀୟ ମାଷ୍ଟର ଟ୍ରେନର୍ ଓ ୨୨୬୪ ବ୍ଲକ୍‌ସ୍ତରୀୟ ମାଷ୍ଟର ଟ୍ରେନରଙ୍କୁ ମଧ୍ୟ ତାଲିମ୍ ଦିଆଯାଇଛି।

### ରନ୍ଧାଖାଦ୍ୟ ଖାଇଲେ ୪୭ ହଜାର ଅତିଥି ଶ୍ରମଜୀବୀ

**ଭୁବନେଶ୍ୱର, ୬।୪(ବ୍ୟୁରୋ):** ଓଡ଼ିଶାର ବିଭିନ୍ନ ସ୍ଥାନରେ ଅଟକି ରହିଥିବା ବାହାର ରାଜ୍ୟର ପ୍ରାୟ ୪୭ହଜାର ଅତିଥି ଶ୍ରମଜୀବୀଙ୍କୁ ୧୭୬୫ଟି ଶିବିର ଜରିଆରେ ଖାଇବା ଓ ରହିବା ସୁବିଧା ଯୋଗାଇ ଦିଆଯାଇଛି। ଏହିସବୁ ଅତିଥି ଶ୍ରମିକମାନେ ଦେଶର ଅନ୍ୟାନ୍ୟ ରାଜ୍ୟରୁ ଆସି ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଛନ୍ତି। ଶିବିରଗୁଡ଼ିକରେ ମନସ୍ତାତ୍ତ୍ୱିକ-ସାମାଜିକ ପରାମର୍ଶ ଦିଆଯିବା ସହ ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ର ମାଧ୍ୟମରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଶିବିରରେ ଥିବା ମହିଳା ଓ ଶିଶୁମାନଙ୍କୁ ରନ୍ଧାଖାଦ୍ୟ ବ୍ୟତୀତ ଫଳ ଓ କ୍ଷୀର ମଧ୍ୟ ଯୋଗାଇ ଦିଆଯାଉଛି। ଅଭିଯୋଗ ଗ୍ରହଣ ପାଇଁ ଶ୍ରମିକ ସହାୟତା କଲ୍ ସେଣ୍ଟର ଟୋଲ୍ ଫ୍ରି ନଂ-୧୮୦୦୩୪୫୬୭୦୩ ଜାରି କରାଯାଇଛି। ସୋମବାର ରାଜ୍ୟର ୫୨୪୭ ଗ୍ରାମ ପଞ୍ଚାୟତରେ ୩ଲକ୍ଷ ୨୭ହଜାର ୬୭୫ଜଣ ନିରାଶ୍ରୟ ଓ ଅସହାୟ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ସେହିପରି ୧୦୮ଟି ପୌରାଞ୍ଚଳରେ ୨୫ହଜାର ୨୩୯ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି।

# ସମ୍‌ରେ ସ୍ୱତନ୍ତ୍ର କୋଭିଡ-୧୯ ହସ୍ପିଟାଲ ପ୍ରସ୍ତୁତ




ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୪(ବ୍ୟୁରୋ)

ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସୋମବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ଥାନୀୟ ସମ୍‌ରେ କୋଭିଡ-୧୯ ହସ୍ପିଟାଲର ଉଦ୍‌ଘାଟନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଓ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏହି ଅବସରରେ ଉପସ୍ଥିତ ଥିଲେ। ଆଇଏମ୍‌ଏସ୍ ଓ ସମ୍‌ର ମିଳିତ ଉଦ୍ୟମରେ ପ୍ରସ୍ତୁତ ଏହି କୋଭିଡ-୧୯ ହସ୍ପିଟାଲରେ ୫୦୦ ରୋଗୀଙ୍କ ନିମନ୍ତେ ଶଯ୍ୟାର ବ୍ୟବସ୍ଥା କରାଯାଇଛି। ଏଥି ସହିତ ୨୫ଟି ଆଇସିୟୁ ବେଡ୍ ରହିଛି। ସୂଚନାଯୋଗ୍ୟ, ଏହି ଚୁକ୍ତି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ଧଳ, ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍)ର ପ୍ରତିନିଧି ଏସ୍.ଏସ୍. ପଣ୍ଡା ଏବଂ ଆଇଏମ୍‌ଏସ୍ ଓ ସମ୍ ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ସ୍ୱତନ୍ତ୍ର ହସ୍ପିଟାଲ କେବଳ ବିପଜ୍ଜନକ ସ୍ଥିତିରେ ଥିବା ଲୋକଙ୍କୁ ଚିକିତ୍ସା କରିବା ପାଇଁ ଉଦ୍ଦିଷ୍ଟ ହେବ ବୋଲି କୁହାଯାଇଛି।

## ନିୟମ ଉଲ୍ଲଂଘନ ୨୪ ଘଣ୍ଟାରେ ୨୪୯ ମାମଲା, ୪୨୭ ଗିରଫ

ଭୁବନେଶ୍ୱର, ୬।୪(ବ୍ୟୁରୋ)

ସାରା ଦେଶରେ ୨୧ଦିନିଆ ଲକ୍‌ଡାଉନ୍ ଜାରି ରହିଛି। ଏଥିସହ ଓଡ଼ିଶାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ପରେ ପ୍ରଥମେ କଟକ, ଭୁବନେଶ୍ୱର ଓ ଭଦ୍ରକ ସହରକୁ ଶଟ୍‌ଡାଉନ୍ କରାଯାଇଛି। ସେହିଭଳି ରାଜ୍ୟର ଅନ୍ୟ କେତେକ ଅଞ୍ଚଳକୁ ମଧ୍ୟ ଶଟ୍‌ଡାଉନ୍ କରାଯାଇ ନିୟମକୁ କଡ଼ାକଡ଼ି କରାଯାଇଛି। ଏହାସତ୍ତ୍ୱେ ବି କେତେଜଣ ଲୋକ ଅଯଥାରେ ରାସ୍ତାକୁ ବାହାରି ବୁଲୁଛନ୍ତି। ସାମାଜିକ ଦୂରତ୍ୱ ନ ରଖି ଗହଳି ଜମାଉଛନ୍ତି। ତେଣୁ ରାଜ୍ୟରେ କୋଭିଡ୍-୧୯ ନିୟମ ଓ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଏପ୍ରିଲ ୫ରୁ ୬ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ୨୪୯ ମାମଲା ରୁଜୁ କରାଯାଇଛି। ସେଥିରୁ ୨୩୩ଟି ମାମଲା ଲକ୍‌ଡାଉନ୍ ସମ୍ପର୍କିତ ହୋଇଥିବାବେଳେ ୫ ଗୁଜବ ସୃଷ୍ଟି ପାଇଁ ଓ ୧୧ଟି କୋଭିଡ୍-୧୯ ସମ୍ପୃକ୍ତ ନିୟମାବଳୀ ଉଲ୍ଲଂଘନ ପାଇଁ ଅନ୍ତର୍ଭୁକ୍ତ। ସେହିଭଳି ଏହି ସମୟ ମଧ୍ୟରେ ବିଭିନ୍ନ ଅଭିଯୋଗରେ ୪୨୭ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଭଦ୍ରକ ସହରରେ ସାମାଜିକ ଦୂରତ୍ୱ ନିୟମ ଭଙ୍ଗ ଅଭିଯୋଗରେ ୨୯ ଜଣ ଦୋକାନୀଙ୍କୁ ପୋଲିସ ଗିରଫ କରିଥିବା ସୂଚନା ଦିଆଯାଇଛି।

## ପ୍ରତ୍ୟେକ ଅନୁଦାନ ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୬।୪(ବ୍ୟୁରୋ):** କରୋନା ମହାମାରୀର ମୁକାବିଲା କରିବା ଲାଗି ରାଜ୍ୟ ସରକାର ପୂରା ଦମ୍‌ରେ ଉଦ୍ୟମ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭକରି ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଲୋକମାନଙ୍କୁ ସାମାଜିକ ଦୂରତା ରକ୍ଷା କରିବାକୁ ଅନୁରୋଧ କରିଚାଲିଛନ୍ତି। ଲକ୍‌ଡାଉନ ସମୟରେ ଯଦି କେହି ହେଲେ ନିୟମ ଉଲ୍ଲଂଘନ କରନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସରକାରଙ୍କ ତରଫରୁ ଚେତାବନୀ ଦିଆଯାଇଛି। ଏହାସହ ଲୋକମାନଙ୍କୁ ଆର୍ଥିକ ସହଯୋଗ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ପ୍ରତ୍ୟେକଟି ଅନୁଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି। ଟୁଇଟ୍ ଜରିଆରେ ସେ ଆହୁରି ଦର୍ଶାଇଛନ୍ତି ଯେ, ଯେଉଁମାନେ ଚାହିଁବେ ମୁଖ୍ୟମନ୍ତ୍ରୀ କୋଭିଡ୍-୧୯ ରିଲିଫ ଫଣ୍ଡକୁ ପଠାଇପାରିବେ। ସମସ୍ତ ଆଗ୍ରହୀ ଫୋନ ପେ, ପେଟିଏମ୍, ଗୁଗୁଲ ପେ ସହିତ ଏସ୍‌ବିଆଇ, ଏଚ୍‌ଡିଏଫ୍‌ସି, ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇପାରିବେ। ଏହି ସମସ୍ତ ବ୍ୟାଙ୍କ ଆକାଉଣ୍ଟ ନମ୍ବର ସହିତ ଆଇଏଫ୍‌ଏସ୍‌ସି କୋଡ୍ ମଧ୍ୟ ଦର୍ଶାଇଛନ୍ତି। ସେହିପରି ଓଡ଼ିଶା ରାଜ୍ୟ ପାନୀୟ ନିଗମ (ଓଏସ୍‌ବିସି)କର୍ମଚାରୀମାନେ ସୋମବାର କୋଭିଡ୍-୧୯ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସେମାନଙ୍କ ଗୋଟିଏ ଦିନର ଦରମା ବାବଦକୁ ମୋଟ୍ ୭୩ ହଜାର ୧୩୫ ଟଙ୍କା ପ୍ରଦାନ କରିଛନ୍ତି।

# ବଢ଼ିଲା ଥାଲାସେମିଆ, କ୍ୟାନ୍‌ସର ରୋଗୀଙ୍କ ଚିକିତ୍ସା ଚିନ୍ତା

ଭୁବନେଶ୍ୱର, ୬।୪ (ବ୍ୟୁରୋ)

କରୋନା ପାଇଁ ସମଗ୍ର ରାଜ୍ୟରେ ଲକ୍‌ଡାଉନ ଜାରି ହୋଇଥିବାବେଳେ ଥାଲାସେମିଆ ଓ କ୍ୟାନ୍ସର ରୋଗୀଙ୍କୁ ଚିକିତ୍ସା ଯୋଗାଇବା ଏବେ କଷ୍ଟକର ହୋଇପଡୁଛି। ଥାଲାସେମିଆ ରୋଗୀଙ୍କୁ ସରକାର ମାଗଣାରେ ରକ୍ତ ଦେଉଥିଲେ କିନ୍ତୁ ବର୍ତ୍ତମାନ ରକ୍ତ ସଂଗ୍ରହ ଏକ ପ୍ରକାର ଶୂନ ଅବସ୍ଥାକୁ ଆସିଯାଇଛି। ମହଜୁଦ ଥିବା ରକ୍ତର ବ୍ୟବହାର କରାଯାଉଛି କିନ୍ତୁ ରକ୍ତ ଅଭାବକୁ ଦେଖି ଥାଲାସେମିଆ ଆକ୍ରାନ୍ତଙ୍କ ପରିବାର ସଦସ୍ୟଙ୍କୁ ରକ୍ତ ଦେବାକୁ ଏବେ ରକ୍ତଭଣ୍ଡାର କର୍ମଚାରୀମାନେ କହୁଛନ୍ତି। ସେହିପରି କ୍ୟାନ୍ସର ରୋଗୀଙ୍କ ଦୈନିକ ଚିକିତ୍ସାରେ ନାନା ସମସ୍ୟା ଉପୁଜୁଛି। କ୍ୟାନ୍ସର ରୋଗୀଙ୍କ ପାଇଁ କେମୋ ନେବାରେ ସମସ୍ୟା ଅନୁଭବ କରୁଛନ୍ତି। ଯାତାୟାତର ସୁବିଧା ନ ଥିବାରୁ ସେମାନେ ଚିକିତ୍ସା ନେବାରେ ଅଧିକ ସମସ୍ୟା ଅନୁଭବ କରୁଥିବା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଡାକ୍ତରଖାନାଗୁଡ଼ିକରେ ରୋଗୀ ନ ଥିବାରୁ ପୂର୍ବଭଳି ରକ୍ତ ଆବଶ୍ୟକ ହେଉନାହିଁ। କାଁ ଭାଁ ପ୍ରସୂତିଙ୍କ ପାଇଁ ରକ୍ତ ଆବଶ୍ୟକ ପଡୁଥିବା ମହଜୁଦ ରକ୍ତ ଥାଲାସେମିଆ ରୋଗୀଙ୍କୁ ଦିଆଯାଉଛି। ତେବେ ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଗୁରୁତର ରକ୍ତ ସଙ୍କଟ ଦେଖାଦେବ ବୋଲି ମତପ୍ରକାଶ ପାଉଛି।

# ପାଟ୍ରୋଲିଂ ବେଳେ ଧରାପଡ଼ିଲେ ୫ ଶିକାରୀ, ବନ୍ଧୁକ ଜବତ

**ସଜନାଗଡ଼,୬।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟରେ ଦିନକୁ ଦିନ ଶିକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ରବିବାର ରାତିରେ କୁଲଡ଼ିହା ବନବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ୫ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଜବତ ହୋଇଛି। ଗିରଫ ଶିକାରୀମାନେ ହେଲେ ନୀଳଗିରି ବ୍ଲକ ଅଧୀନ ଧଡ଼ାସାହି ଗ୍ରାମର ଦୁଖିଆ ମୁର୍ମୁ, ପୁଟିବନ୍ଧ ଗ୍ରାମର ମୁନା ସିଂ, ହୁଡ଼ିସାହି ଗ୍ରାମର ଗାଲୁ ସିଂ, ସମାରୀ ସିଂ ଓ ଲକ୍ଷ୍ମୀଧର ସିଂ। ସେମାନଙ୍କ ନିକଟରୁ ଦୁଇଟି ବନ୍ଧୁକ, ଗୋଟିଏ ମୃତ ଗୁରାଣ୍ଡି, ଦୁଇଟି ଟର୍ଚ୍ଚ, ଗୋଟିଏ କଟୁରୀ ଏବଂ ଛୁରି ଜବତ କରାଯାଇଛି। ଏନେଇ କୁଲଡ଼ିହା ବନବିଭାଗ ପକ୍ଷରୁ ଏକ ମାମଲା (ନଂ. ୧/୨୦) ରୁଜୁ କରାଯାଇଛି। ଚଢ଼ାଉରେ କୁଲଡ଼ିହାର ଫରେଷ୍ଟର ନରେଶ ସିଂ, ଫରେଷ୍ଟ ଗାର୍ଡ ହିମାଂଶୁ ପାଢ଼ୀଙ୍କ ସମେତ କୁଲଡ଼ିହାର ସବୁଜ ବାହିନୀ ସାମିଲ ଥିଲେ। ସୂଚନାଥାଉକି, ଗତ ମାର୍ଚ୍ଚରେ କୁଲଡ଼ିହା ବନବିଭାଗ ୪ଜଣ ଶିକାରୀ ଗିରଫ କରିଥିଲା।


ଜବତ ମାରଣାସ୍ତ୍ର ସହ ଗିରଫ ୫ ଶିକାରୀ।

# ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ସେବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**କୋଭିଡ୍-୧୯ ମହାମାରୀ ମୁକାବିଲା**

- ସହରାଞ୍ଚଳରେ ୧୩୪୫ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ
- ଗ୍ରାମାଞ୍ଚଳରେ ୪ଲକ୍ଷ ଆଇସୋଲେଶନ ବେଡ୍

ଭୁବନେଶ୍ୱର, ୬।୪(ବ୍ୟୁରୋ)

କରୋନା(କୋଭିଡ-୧୯)ର ପ୍ରକୋପ ବେଳକୁ ବେଳ ଭୟଙ୍କର ହେବାରେ ଲାଗିଛି। ଏହି ମହାମାରୀର ମୁକାବିଲା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍‌ଡାଉନ୍‌ଠାରୁ ଆରମ୍ଭ କରି ଶଟ୍‌ଡାଉନ୍ ଭଳି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି। ଏହି ମହା ବିପଦକୁ ମୁକାବିଲା କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଲୋକଙ୍କୁ ଅନୁରୋଧ କରିଛନ୍ତି। ନିଜ ଜୀବନକୁ ବିପଦରେ ପକାଇ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ କର୍ତ୍ତବ୍ୟ କରି ଚାଲିଛନ୍ତି। ସେମାନଙ୍କ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ସୋମବାର ପୂର୍ବାହ୍ନରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। ଏହି ବିଶ୍ୱ ମହାମାରୀର ମୁକାବିଲା ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କ ସେବାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ମହାନଦୀ କୋଲ୍ ଲିମିଟେଡ୍‌ର ଓଡ଼ିଶାକୁ ସହାୟତା ପ୍ରସଙ୍ଗରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ ଘରୋଇ ହସ୍ପିଟାଲ ସୋଆ ପକ୍ଷରୁ ନିର୍ଦ୍ଧାରିତ ସମୟ ମଧ୍ୟରେ କୋଭିଡ୍-୧୯ ହସ୍ପିଟାଲ ନିର୍ମାଣ କରାଯାଇଥିବାରୁ ସମ୍ପୃକ୍ତ ସଂସ୍ଥାକୁ ମଧ୍ୟ ପ୍ରଶଂସା କରିଛନ୍ତି। ଏମ୍‌ସିଏଲ୍‌ର ସହାୟତାରେ ସମ୍‌ରେ ୫୦୦ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ ପ୍ରସ୍ତୁତ କରାଯାଇଛି। ଏଠାରେ ୨୫ଟି ଆଇସିୟୁ ବେଡ ମଧ୍ୟ ପ୍ରସ୍ତୁତ ରହିଛି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଭିଡ୍-୧୯ ମୁକାବିଲା ପାଇଁ ରାଜ୍ୟ ସରକାର ନେଇଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ଜାତି, ଧର୍ମ ଏବଂ ଦଳୀୟ କ୍ଷେତ୍ରରୁ ଊର୍ଦ୍ଧ୍ୱରେ ରହି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାନବ ସମାଜ ପାଇଁ କାର୍ଯ୍ୟ କରୁଛନ୍ତି। କରୋନା ମହାମାରୀ ଲଢ଼େଇ ପାଇଁ କେନ୍ଦ୍ର ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କାର୍ଯ୍ୟକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟରେ ଅଧିକ କୋଭିଡ୍ ହସ୍ପିଟାଲ ନିର୍ମାଣ କରିବା ସକାଶେ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ସମସ୍ତ କେନ୍ଦ୍ରୀୟ ଉଦ୍ୟୋଗ ସହାୟତା ଯୋଗାଇ ଦେବେ ବୋଲି ସେ କହିଛନ୍ତି। ସାମାଜିକ ଦୂରତ୍ୱ, ହାତ ଧୋଇବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଜାରି କରାଯାଇଥିବା ସମସ୍ତ ଗାଇଡ୍ ଲାଇନ୍‌କୁ ପାଳନ କରିବା କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଘରୋଇ ହସ୍ପିଟାଲ ସହାୟତାରେ ଏପର୍ଯ୍ୟନ୍ତ ରାଜ୍ୟ ସରକାର ୧୩୪୫ ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ ପ୍ରସ୍ତୁତ କରିଛନ୍ତି। ଏତାଛଡ଼ା ୭ହଜାର ପଞ୍ଚାୟତରେ ପ୍ରାୟ ୪ଲକ୍ଷ ଆଇସୋଲେଶନ ବେଡ୍ ସୁବିଧା କରାଯାଇଛି। ଅନୁଗୋଳ ଓ କେନ୍ଦ୍ରାପଡ଼ାରେ ସମ୍ ହସ୍ପିଟାଲ ସହାୟତାରେ କୋଭିଡ୍ ହସ୍ପିଟାଲ ନିର୍ମାଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ୭ ଏପ୍ରିଲ, ୨୦୨୦



# ଲକ୍‌ଡାଉନ୍ ହଟିବାକୁ ଲାଗିପାରେ ସମୟ

■ ଭାରତରେ ୪୭୭୩ ସଂକ୍ରମିତ, ୧୩୫ ମୃତ

■ ଦିନକରେ ୪୮୪ ସଂକ୍ରମିତ, ୧୪ ମୃତ

ନୂଆଦିଲ୍ଲୀ,୬।୪

ସାରା ଦେଶରେ କରୋନା ଭୂତାଣୁ କାୟା ମେଲିଚାଲିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଏହି ଭୂତାଣୁ ଦ୍ୱାରା ସୋମବାର ରାତି ୧୧ଟା ସୁଦ୍ଧା ୪୨୮୧ ଜଣ ସଂକ୍ରମିତ ହୋଇଥିବାବେଳେ ୧୧୧ଜଣଙ୍କ ମୃତ୍ୟୁ ଘଟିଛି। କିନ୍ତୁ ବେସରକାରୀ ସୂତ୍ରରୁ ତଥା https://www.covid19india.org ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ ସଂକ୍ରମିତଙ୍କ ସଂଖ୍ୟା ୪୭୭୩ ଏବଂ ମୃତ୍ୟୁସଂଖ୍ୟା ୧୩୫ ରହିଛି। ସୋମବାର ଗୋଟିଏ ଦିନରେ ୪୮୪ଜଣ ଏହି ଘାତକ ଭୂତାଣୁରେ ଆକ୍ରାନ୍ତ ହୋଇଥିବାବେଳେ ୧୪ଜଣ ଆଖିବୁଜିଛନ୍ତି। ସଂକ୍ରମିତ ଓ ମୃତ୍ୟୁସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଭାରତ ଅଦ୍ୟାବଧି କରୋନା ସଂକ୍ରମଣର ଷ୍ଟେଜ୍-୨ରେ ଥିବାବେଳେ ଏହାକୁ ପ୍ରତିହତ କରିବା ପାଇଁ ମାର୍ଚ୍ଚ ୨୫ ତାରିଖରୁ ସାରା ଦେଶରେ ଲାଗୁ ହୋଇଛି ୨୧ ଦିନିଆ ଲକ୍‌ଡାଉନ୍ ବା ତାଲାବନ୍ଦ। ରାସ୍ତାଘାଟ, ଦୋକାନବଜାର, ଶିଳ୍ପ, କାରଖାନା ସବୁ ବନ୍ଦ। ସବୁଠି କେବଳ ଶୂନଶାନ୍। ଲୋକେ ନିଜକୁ ଘରେ ବନ୍ଦ କରି ରଖିଛନ୍ତି। ଏହାର ଗୁରୁତର ପ୍ରଭାବ ରୋଜଗାର ଓ ଅର୍ଥନୀତି ଉପରେ ପଡ଼ିଛି। ଏହି ଲକ୍‌ଡାଉନ୍ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଲାଗୁ ହୋଇଛି। ହେଲେ ଏହି ଅବଧି ଆହୁରି ଆଗକୁ ବଢ଼ିପାରେ। ଲକ୍‌ଡାଉନ୍ ହଟିବା ପାଇଁ ଲୋକଙ୍କୁ ଲମ୍ବା ସମୟ ଅପେକ୍ଷା କରିବାକୁ ପଡ଼ିପାରେ। ସୋମବାର କ୍ୟାବିନେଟ୍ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭେଡକରଙ୍କ ଲକ୍‌ଡାଉନ୍ ଶେଷ ହେବା ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରୁ ଏଭଳି ଆଶଙ୍କା ସୃଷ୍ଟି ହୋଇଛି। କେନ୍ଦ୍ରମନ୍ତ୍ରୀ ଜାଭେଡ଼କର କହିଛନ୍ତି ଯେ, ଆମେ ପ୍ରତି ମିନିଟ୍‌ରେ ବିଶ୍ୱର ସ୍ଥିତି ଉପରେ ନଜର ରଖୁଛୁ। ଦେଶର ହିତକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ ଏବଂ ତାହା ଠିକ୍ ସମୟରେ ଘୋଷଣା କରାଯିବ ବୋଲି ସେ କହିଛନ୍ତି।

ଅନେକେ ଭାବୁଛନ୍ତି ଯେ, ସରକାର ଲକ୍‌ଡାଉନ୍ ଅବଧି ବଢ଼ାଇବାକୁ ବାଧ୍ୟ ହୋଇପାରନ୍ତି। କିନ୍ତୁ ଆର୍ଥିକ ସ୍ଥିତି ଓ ଅତ୍ୟାବଶ୍ୟକ ସାମଗ୍ରୀକୁ ନେଇ ଅସୁବିଧା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତେଣୁ କୁହାଯାଉଛି ଯେ, କୃଷି କାର୍ଯ୍ୟକଳାପକୁ କଟକଣାରୁ ମୁକ୍ତ କରାଯାଇପାରେ, ବିମାନ ସେବା ଆଂଶିକ ଭାବେ ଆରମ୍ଭ ହୋଇପାରେ ଏବଂ କୋଭିଡ୍-୧୯ ହସ୍ପିଟାଲ ଅଞ୍ଚଳରେ ଲକ୍‌ଡାଉନ୍‌କୁ ସୀମିତ ରଖାଯାଇପାରେ। ଏହାସହିତ ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ଉପରେ ନିଷ୍ପତ୍ତି ଛାଡ଼ିପାରନ୍ତି।

ସୂଚନାଥାଉ କି ଏପ୍ରିଲ ୧୪ରେ ହିଁ ଲକ୍‌ଡାଉନ୍ ଶେଷ ହେବା ଜରୁରୀ ନୁହେଁ ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସ୍ପଷ୍ଟ ଭାବେ କହିସାରିଛନ୍ତି। ଉତ୍ତରପ୍ରଦେଶରେ ୩୦୫ ଜଣ ସଂକ୍ରମିତ ହୋଇଥିବାବେଳେ ୩ ଜଣଙ୍କ ମୃତ୍ୟୁ ଘଟିଛି। ରାଜ୍ୟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅବନିଶ ଅୱସ୍ତି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ବିଶେଷକରି ଅଧିକ ମାମଲା ହେଉଛି ତବଲିଘି ଜମାତ ସମ୍ପର୍କିତ। ତେଣୁ ୧୪ ତାରିଖ ପରେ ଲକ୍‌ଡାଉନ୍ ଶେଷ ହେବ ବୋଲି କହିବା ଅସମ୍ଭବ। ଆଗାମୀ ଦିନଗୁଡ଼ିକରେ ଲୋକଙ୍କ ସମର୍ଥନ ନିହାତି ଜରୁରୀ। ସେମାନଙ୍କୁ ଲମ୍ବା ସମୟ ଅପେକ୍ଷା କରିବାକୁ ପଡ଼ିପାରେ। ରାଜ୍ୟ ସମ୍ପୂର୍ଣ୍ଣ ଭାବେ କରୋନା ସଂକ୍ରମଣମୁକ୍ତ ବୋଲି ସୁନିଶ୍ଚିତ ହେବା ପରେ ହିଁ ଲକ୍‌ଡାଉନ୍ ଖୋଲାଯିବ ବୋଲି ଅୱସ୍ତି କହିଛନ୍ତି। ଯଦି ଜଣେ ବି ବ୍ୟକ୍ତି କରୋନା ସଂକ୍ରମିତ ଥିବେ ତେବେ ସ୍ଥିତି ଚିନ୍ତାଜନକ। ଏହି କାରଣରୁ ଲକ୍‌ଡାଉନ୍ ଖୋଲିବା ସମ୍ଭାବନା କମ୍ ବୋଲି ସେ କହିଛନ୍ତି।

ସେହିପରି ଓଡ଼ିଶା କଥା ଦେଖିଲେ, ଲକ୍‌ଡାଉନ୍ ଆସନ୍ତା ୧୪ ତାରିଖ ପରେ ଖୋଲିବ କି ନାହିଁ ତାହା ରାଜ୍ୟ ସରକାରଙ୍କ ପକ୍ଷରୁ ଏଯାଏ କିଛି କୁହାଯାଇନାହିଁ। ବିଶେଷକରି ଗତ ଶୁକ୍ରବାରଠାରୁ ରାଜ୍ୟରେ କରୋନା ସଂକ୍ରମଣ ସ୍ଥିତି ଚିନ୍ତାଜନକ ରହିଛି। ସଂକ୍ରମିତଙ୍କ ସଂଖ୍ୟା ହଠାତ୍ ବଢ଼ି ୪୦ ଛୁଇଁଛି। ରାଜଧାନୀ ଭୁବନେଶ୍ୱରରେ ସବୁଠୁ ଅଧିକ ସଂକ୍ରମିତ ରହିଥିବାବେଳେ ଭଦ୍ରକରେ ୩ ଏବଂ କଟକ, ପୁରୀ, ଯାଜପୁର, କଳାହାଣ୍ଡି, କେନ୍ଦ୍ରାପଡ଼ାରେ ଜଣେ ଲେଖାଏ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସାରା ରାଜ୍ୟରେ ଲକ୍‌ଡାଉନ୍‌କୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉଛି। ଆଗାମୀ ସପ୍ତାହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଲକ୍‌ଡାଉନ୍ ନିର୍ଦ୍ଧାରିତ ସମୟରେ ଶେଷ ହେବ ବୋଲି କହିହେଉନାହିଁ।

ଓଡ଼ିଶାଠାରୁ ମହାରାଷ୍ଟ୍ର, ତାମିଲନାଡୁ, ଦିଲ୍ଲୀ, ତେଲଙ୍ଗାନା, କେରଳ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିୟାଣା, ଜମ୍ମୁ-କଶ୍ମୀର, ପଶ୍ଚିମବଙ୍ଗ ଓ ପଞ୍ଜାବରେ କରୋନା ସଂକ୍ରମଣ ସ୍ଥିତି ଅଧିକ ଜଟିଳ ରହିଛି।

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୮୬୮ | ୭୬୦ | ୫୬ | ୫୨ |
| ତାମିଲନାଡୁ | ୬୨୧ | ୬୦୩ | ୧୩ | ୫ |
| ଦିଲ୍ଲୀ | ୫୨୫ | ୫୦୨ | ୧୬ | ୭ |
| ତେଲଙ୍ଗାନା | ୩୬୪ | ୩୨୦ | ୩୩ | ୧୧ |
| କେରଳ | ୩୨୭ | ୨୬୬ | ୫୯ | ୨ |
| ଉତ୍ତରପ୍ରଦେଶ | ୩୦୫ | ୨୮୧ | ୨୧ | ୩ |
| ଆନ୍ଧ୍ରପ୍ରଦେଶ | ୩୦୩ | ୨୯୫ | ୫ | ୩ |
| ରାଜସ୍ଥାନ | ୩୦୧ | ୨୭୪ | ୨୫ | ୨ |
| ମଧ୍ୟପ୍ରଦେଶ | ୨୫୬ | ୨୩୧ | ୧୧ | ୧୪ |
| କର୍ଣ୍ଣାଟକ | ୧୬୩ | ୧୩୯ | ୨୦ | ୪ |
| ଗୁଜରାଟ | ୧୪୬ | ୧୧୨ | ୨୨ | ୧୨ |
| ହରିୟାଣା | ୧୧୦ | ୭୯ | ୨୯ | ୨ |
| ଜମ୍ମୁ-କଶ୍ମୀର | ୧୦୯ | ୧୦୩ | ୪ | ୨ |
| ପଶ୍ଚିମବଙ୍ଗ | ୮୦ | ୬୪ | ୧୦ | ୬ |
| ପଞ୍ଜାବ | ୭୯ | ୬୮ | ୪ | ୭ |
| ଓଡ଼ିଶା | ୪୦ | ୩୮ | ୨ | - |
| ବିହାର | ୩୨ | ୨୨ | ୯ | ୧ |
| ଉତ୍ତରାଖଣ୍ଡ | ୩୧ | ୨୭ | ୪ | - |
| ଆସାମ | ୨୬ | ୨୬ | - | - |
| ଚଣ୍ଡିଗଡ଼ | ୧୮ | ୧୩ | ୫ | - |
| ଲଦାଖ | ୧୪ | ୧୧ | ୩ | - |
| ହିମାଚଳ ପ୍ରଦେଶ | ୧୩ | ୧୦ | ୧ | ୨ |
| ଆଣ୍ଡାମାନ ଓ ନିକୋବର | ୧୦ | ୧୦ | - | - |
| ଛତିଶଗଡ଼ | ୧୦ | ୨ | ୮ | - |
| ଗୋଆ | ୭ | ୭ | - | - |
| ପୁଡୁଚେରୀ | ୫ | ୫ | - | - |
| ଝାଡ଼ଖଣ୍ଡ | ୪ | ୪ | - | - |
| ମଣିପୁର | ୨ | ୧ | ୧ | - |
| ଅରୁଣାଚଳ ପ୍ରଦେଶ | ୧ | ୧ | - | - |
| ଦାଦ୍ରା ଓ ନଗର ହାଭେଳି | ୧ | ୧ | - | - |
| ମିଜୋରାମ | ୧ | ୧ | - | - |
| ତ୍ରିପୁରା | ୧ | ୧ | - | - |
| ମୋଟ | ୪୭୭୩ | ୪୨୭୭ | ୩୬୧ | ୧୩୫ |

https://www.covid19india.org ତଥ୍ୟ ଅନୁଯାୟୀ (ସୋମବାର ରାତି ୧୧ଟା ସୁଦ୍ଧା)

## ୩୪.୨ ଲକ୍ଷ ଦାନ କଲେ ରାଜ୍ୟପାଳ

ଭୁବନେଶ୍ୱର, ୬।୪ (ବ୍ୟୁରୋ)

କୋଭିଡ୍-୧୯ର ମୁକାବିଲା ପାଇଁ ଉଭୟ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଆର୍ଥିକ ସହାୟତା ଯୋଗାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି କ୍ରମରେ ରାଜନେତାଙ୍କଠାରୁ ଆରମ୍ଭ କରି ଶିଳ୍ପପତି, କ୍ରୀଡାବିତ୍, ଫିଲ୍ମ ତାରକା, ଜନପ୍ରତିନିଧି, ସାମାଜିକ ସଂଗଠନ ଏବଂ ସାଧାରଣ ଲୋକ ନିଜ ସାମର୍ଥ୍ୟ ଅନୁସାରେ ସହାୟତାର ହାତ ବଢ଼ାଇଛନ୍ତି। ରାଜ୍ୟପାଳ ଗଣେଶୀ ଲାଲ ଏହି ଦୁର୍ଦ୍ଦିନରେ ପ୍ରଧାନମନ୍ତ୍ରୀଙ୍କ କେୟାର୍ସ ଫଣ୍ଡକୁ ୧୩.୨ ଲକ୍ଷ ଟଙ୍କା ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୧ ଲକ୍ଷ ଟଙ୍କା ଦାନ କରିଛନ୍ତି। ୨୦୨୦ ମାର୍ଚ୍ଚରୁ ୨୦୨୧ ଫେବୃୟାରୀ ପର୍ଯ୍ୟନ୍ତ ନିଜ ଦରମାର ୩୦ ପ୍ରତିଶତ ଦେବାକୁ ସେ ଘୋଷଣା କରିଛନ୍ତି। ଏଥିସହିତ ସେ ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସହାୟତା କରିବା ପାଇଁ ଲୋକଙ୍କୁ ନିବେଦନ କରିଛନ୍ତି।

## ତେଲଙ୍ଗାନାରେ ପୁଣି ୧୪ ଦିନ ବଢ଼ିବ ଲକ୍‌ଡାଉନ୍

ହାଇଦ୍ରାବାଦ,୬।୪

ଭାରତରେ ଲକ୍‌ଡାଉନ୍ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଲାଗୁ କରାଯାଇଥିବା ବେଳେ ପରିସ୍ଥିତିକୁ ଦେଖି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବାର ସମ୍ଭାବନା ରହିଛି। ହେଲେ ତେଲଙ୍ଗାନାରେ ଲକ୍‌ଡାଉନ୍ ଏପ୍ରିଲ ୧୪ ପରେ ପୁଣି ୨ ସପ୍ତାହ ବୃଦ୍ଧି କରାଯିବ ବୋଲି ସିଏମ୍‌ଓ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଏହାକୁ ସ୍ୱୀକୃତି ପ୍ରଦାନ କରିଥିବା ଜଣାପଡ଼ିଛି। ତେବେ ଏନେଇ କୌଣସି ଘୋଷଣା କରାଯାଇ ନାହିଁ। ତେବେ ରାଓ କହିଛନ୍ତି, ଲକ୍‌ଡାଉନ୍ ଅବଧି ବୃଦ୍ଧିକରିବା ଓ କରୋନାକୁ ନିୟନ୍ତ୍ରଣକୁ ଆଣିବା ଲାଗି ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଆଲୋଚନା କରିଛନ୍ତି। ପ୍ରକାଶଥାଉ କି, ତେଲଙ୍ଗାନାରେ ଏବେ ୩୨୧ କରୋନା ସଂକ୍ରମିତ ଥିବାବେଳେ ୭ ଜଣଙ୍କ ମୃତ୍ୟୁ ଘଟିଛି।

## ପ୍ରଥମ ପୃଷ୍ଠାରୁ...

### ହାତୀ ନେଲା...

ପ୍ରମୋଦ କୁମାର ସାହୁ, ଫରେଷ୍ଟର ଖେଳପ୍ରିୟ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏନଏସି ନିର୍ବାହୀ ଅଧିକାରୀ ସାହୁ ରଜାପଡ଼ାର ମୃତକଙ୍କ ପରିବାର ଲୋକଙ୍କୁ ୩ହଜାର ଟଙ୍କା ଲେଖାଏଁ ଏବଂ ବାଜେନମୁଣ୍ଡାର ମୃତକଙ୍କ ପରିବାର ଲୋକଙ୍କୁ ସ୍ଥାନୀୟ ସରପଞ୍ଚ ଗିରିଧାରୀ ସେଟ୍ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ମୃତକଙ୍କ ପରିବାର ଲୋକଙ୍କୁ ସରକାରୀ ଅନୁକମ୍ପା ରାଶି ବାବଦକୁ ୪ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ରେଞ୍ଜର ସାହୁ କହିଛନ୍ତି ।

### ଦିନକୁ ୧ ହଜାର ...

କୋଭିଡ୍-୧୯ ନମୁନା ପରୀକ୍ଷଣ ସୁବିଧାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଖୁବଶୀଘ୍ର ବୁର୍ଲାସ୍ଥିତ ଭିମ୍‌ସାର ଓ ଏମ୍‌କେସିଜି ବ୍ରହ୍ମପୁରରେ ଏହି ନମୁନା ପରୀକ୍ଷଣ କରାଯିବ। ଏଥିପାଇଁ ଆବଶ୍ୟକ ପ୍ରସ୍ତୁତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଥିବାବେଳେ କେବଳ ଆଇସିଏମ୍‌ଆର୍‌ର ଅନୁମତିକୁ ଅପେକ୍ଷା କରାଯାଇଛି ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗଚୀ କହିଛନ୍ତି।

### ଓଡ଼ିଶା ତୃତୀୟ ପର୍ଯ୍ୟାୟକୁ ...

କରିବା ପ୍ରକ୍ରିୟା ଜାରି ରହିଛି ବୋଲି ବାଗ୍‌ଚୀ କହିଛନ୍ତି। ସୋମବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ଓଡ଼ିଶାରେ ୧୮୮୮ଟି ନମୁନା କୋଭିଡ୍-୧୯ ପରୀକ୍ଷା ପାଇଁ ପଠାଯାଇଥିଲା। ରାତିରେ କେନ୍ଦ୍ରାପଡ଼ାର ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୪୦ରେ ପହଞ୍ଚିଛି। ତେବେ ଏମାନଙ୍କ ମଧ୍ୟରୁ ଇତିମଧ୍ୟରେ ଦୁଇଜଣ ବ୍ୟକ୍ତି ସଂପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଆକ୍ଟିଭ୍ କୋଭିଡ୍-୧୯ ପଜିଟିଭ୍‌ଙ୍କ ମଧ୍ୟରେ ବର୍ତ୍ତମାନ ଭୁବନେଶ୍ୱରରୁ ୩୦ଜଣ, ଭଦ୍ରକରୁ ୩ ଜଣ ଓ ପୁରୀ, କଟକ, କଳାହାଣ୍ଡି ଏବଂ ଯାଜପୁର, କେନ୍ଦ୍ରାପଡ଼ାରୁ ଜଣେ ଲେଖାଏ ରହିଛନ୍ତି। ବର୍ତ୍ତମାନ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ୮୭ ଜଣ କରୋନା ସନ୍ଦିଗ୍ଧ ହସ୍ପିଟାଲ ଆଇସୋଲେଶନରେ ଅଛନ୍ତି ବୋଲି ବାଗଚୀ ସୂଚନା ଦେଇଛନ୍ତି।




କୋଭିଡ୍-୧୯ ସଂକ୍ରମଣରୁ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ସମସ୍ତେ ପ୍ରସ୍ତୁତ ରହିଥିବା ସମ୍ପର୍କିତ ବାର୍ତ୍ତାକୁ ସ୍ୟାଣ୍ଡ୍ ଆନିମେଶନ ଜରିଆରେ ପ୍ରକାଶ କରିଛନ୍ତି ବାଲୁକାଶିଳ୍ପୀ ସୁଦାମ ପ୍ରଧାନ।

## ଦୟଣା ଚୋରି କଲେ ମହାପ୍ରଭୁ

ପୁରୀ ଅଫିସ,୬।୪

ଚୈତ୍ର ଶୁକ୍ଳ ତ୍ରୟୋଦଶୀ ତିଥିରେ ଦମନକ ଚୋରି ତଥା ଦୟଣା ଚୋରି ନୀତି ଅନୁଷ୍ଠିତ ହୋଇଛି। ଦୟଣା ଚୋରି କରିଛନ୍ତି ମହାପ୍ରଭୁ। ମଧ୍ୟାହ୍ନ ଧୂପ ଓ ଦକ୍ଷିଣୀଘର ଭୋଗ ସରିବା ପରେ ରାମ, କୃଷ୍ଣ ରତ୍ନସିଂହାସନକୁ ବିଜେ କରିଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଦୁଇ ଠାକୁରଙ୍କୁ ପ୍ରଦାନ କରିଥିଲେ। ଅଧିବାସ କନ୍ଦର୍ପ ପଟି ବଟମୂଳେ ରହିଥିବା ପାଲିଙ୍କି ନିକଟକୁ ମହାଜନ ସେବକ ବିଜେ କରାଇଥିଲେ। ଏହାପରେ ରାମ, କୃଷ୍ଣ ପାଲିଙ୍କିକୁ ବିଜେ ହୋଇଥିଲେ। କନ୍ଦର୍ପ ପଟି ଧରି ମହାଜନ ସେବକ ଆଗେ ଆଗେ ଚାଲିଥିଲେ। ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହ ଠାକୁରଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରାଇଥିଲେ। ଜଗନ୍ନାଥ ବଲ୍ଲଭ ଝୁଲଣ ଘର ଖଟଶେଯ ଉପରେ ରାମକୃଷ୍ଣ ବିଜେ କରିବା ପରେ କନ୍ଦର୍ପ ପଟି ବିଜେ କରାଯାଇଥିଲା। ସଂକଳ୍ପ ହୋମ ହୋଇ ଭୋଗ ବଢିଥିଲା। ମହାଜନ ସେବକ ରାମକୃଷ୍ଣଙ୍କୁ ହାତରେ ଧରି ମଠର ସୁଗ୍ରୀବ ମହାରାଜଙ୍କ ସମ୍ମୁଖ ପ୍ରମୋଦ ଉଦ୍ୟାନକୁ ବିଜେ କରାଇଥିଲେ। ସେଠାରେ ଏକ ଆସ୍ଥାନରେ ୬ଟି ଦୟଣା ବୃକ୍ଷ ରୋପଣ କରାଯାଇଥିଲା। ଭିତରରୁ ୨ଟି ବୃକ୍ଷ ଆଣି ରାମକୃଷ୍ଣଙ୍କ ଶ୍ରୀହସ୍ତରେ ଲାଗି କରାଇଥିଲେ। ବାକି ୪ ବୃକ୍ଷକୁ ଏକ ତାଡ଼ରେ ଶ୍ରୀମନ୍ଦିରକୁ ଅଣାଯାଇଥିଲା। ଏହାପରେ ରାମକୃଷ୍ଣ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଠାକୁର ବାହୁଡ଼ା ବିଜେ ପରେ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ଟଣା ହୋଇଥିଲା। ଚାନ୍ଦୁଆ ତଳେ ବାଲିବନ୍ଧ ଉପରେ ଦୟଣା, ମରୁଆ ସୁବାସ ଗଛମାନ ରୋପଣ କରାଯାଇଥିଲା। ପାଲିଙ୍କିରୁ ମହାଜନ ଦୁଇଠାକୁରଙ୍କୁ ଗରୁଡ଼ ଦ୍ୱାରକୁ ଆଣିଥିଲେ। ସେଠାରେ ମଇଲମ ହୋଇଥିଲା। ବଡସିଂହାର ଭୋଗ ଶେଷ ପରେ ମଦନମୋହନ ରତ୍ନସିଂହାସନକୁ ବିଜେ କରିଥିଲେ। ପରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ମହାପ୍ରଭୁଙ୍କ ଅଜ୍ଞାମାଳ ପାଇ ଭୋଗମଣ୍ଡପ ଘର ଖଟଶେଯ ଉପରେ ବିଜେ ହୋଇଥିଲେ। ମହାଜନ ସେବକ ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ଶ୍ରୀଜଗନ୍ନାଥବଲ୍ଲଭରୁ ଆସିଥିବା ୩ ଗଛ ଦୟଣା ଲାଗି କରାଇଥିଲେ। ଏହାପରେ ଠାକୁରଙ୍କ ଆଗରେ ୩ଟି ଚାଙ୍ଗୁଡ଼ିରେ ୩ଟି ଗଛ ରଖାଯାଇଥିଲା। ପୂଜାପଣ୍ଡା ମଣ୍ଡଳ ଉପରେ ତିନୋଟି ଚାଙ୍ଗୁଡିକୁ ରଖିଥିଲେ। ଶୀତଳଭୋଗ ମଣୋହି ପରେ ଭୋଗମଣ୍ଡପ ଘର ଦ୍ୱାର ବନ୍ଦ କରି ଜଉମୁଦ ଦିଆଯାଇଥିଲା। ପରେ ଶ୍ରୀମନ୍ଦିରରେ ଅନ୍ୟାନ ନୀତି ବଢି ପହୁଡ଼ ହୋଇଥିଲା। ମଙ୍ଗଳବାର ଶ୍ରୀମନ୍ଦିରରେ ଦୟଣାଲାଗି ନୀତି ଅନୁଷ୍ଠିତ ହେବ।



### ଆଜି ଦୟଣା ଲାଗି ନୀତି

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ନିଜ ରାଶିରେ ଶୁକ୍ର ରହିଥିବାରୁ ଦ୍ୱିଜା ନକ୍ଷତ୍ର ପାଇଁ ଅର୍ଥଲାଭ ଓ ମନୋରଞ୍ଜନ ସକାଶେ ମନ ବଳିବ। କିନ୍ତୁ ରାହୁ ଓ କେତୁ ମଧ୍ୟବର୍ତ୍ତୀ ଚନ୍ଦ୍ର ହେତୁ ଅଶ୍ୱିନୀ ନକ୍ଷତ୍ରର ମନଟା ଭଲ ନ ଲାଗିବାରୁ କୌଣସି କାମ ପ୍ରତି ଉତ୍ସାହ ରହିବ ନାହିଁ । କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ।

**ବୃଷ** ଏକାଦଶସ୍ଥ ରବିଙ୍କ ପ୍ରଭାବରୁ ପ୍ରଭାବଶାଳୀ ଲୋକଙ୍କ ସୁନଜରରେ ଆସି ଲାଭବାନ୍ ହେବେ। ରବିଙ୍କ ପୂର୍ଣ୍ଣକିରଣରେ ଚନ୍ଦ୍ରଙ୍କ ଉଜ୍ଜ୍ୱଳତା ପରି ସେବା ଓ ପରୋପକାର ପ୍ରବୃତ୍ତିରୁ ସାମାଜିକ ସମ୍ମାନ ପାଇବେ । ମୃଗଶିରା ନକ୍ଷତ୍ରାଧିପ ମଙ୍ଗଳ ଅନ୍ୟ ଦୁଇଗ୍ରହ ସଙ୍ଗରେ ରହି ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି ।

**ମିଥୁନ** ଧନାଧିପ କେନ୍ଦ୍ରସ୍ଥ ହୋଇ ତୃତୀୟାଧିପଙ୍କ ଦୃଷ୍ଟିପଥାରୂଢ ଯୋଗୁଁ ବନ୍ଧୁଙ୍କ ସହାୟତାରେ ଅର୍ଥଲାଭ ଘଟିବ । ମଙ୍ଗଳଙ୍କ ନକ୍ଷତ୍ର ଜାତବ୍ୟକ୍ତି କେତେକ କ୍ଷେତ୍ରରେ ଅନ୍ୟମାନଙ୍କର ଭଲ କରିବାକୁ ଯାଇ ଅପଦସ୍ଥ ହେବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକପ୍ରକାର ଭଲ ରହିପାରେ ।

**କର୍କଟ** ଚନ୍ଦ୍ର ଭାଗ୍ୟସ୍ଥାନସ୍ଥ ରବିଙ୍କ ସମ୍ମୁଖରେ ରହି ଅର୍ଥ, ସମ୍ମାନ, ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା ଲାଭ କରିବେ । କିନ୍ତୁ ପୁଷ୍ୟାନକ୍ଷତ୍ର କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଖାଇବା ପିଇବାରେ ଅବହେଳା କରି ସ୍ୱାସ୍ଥ୍ୟ ପାଇଁ ନିଜେ ହିଁ ବାଧକ ସାଜିପାରନ୍ତି । ବ୍ୟବସାୟ ଓ ପରିବହନ ଭଲରେ ଚାଲିବ କିନ୍ତୁ ନିର୍ମାଣ କାର୍ଯ୍ୟ ଅଟକି ଯାଇପାରେ ।

**ସିଂହ** ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ମାନସିକ ସୁସ୍ଥତା ରହି ନ ପାରେ । କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା କରିବା ସହିତ ଆବଶ୍ୟକତା ପୂରଣ ଦିଗରେ ବହୁତ ଖର୍ଚ୍ଚାନ୍ତ ହେବେ । ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାନସିକ ସୁସ୍ଥତା ବ୍ୟାହତ ହେବ । ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବା ସହ ବନ୍ଧୁ ଆର୍ଥିକ ସହାୟତାରେ କାମ ହାସଲ କରିପାରିବେ।

**କନ୍ୟା** କର୍ମଭାବସ୍ଥ ରାହୁଙ୍କ ଉପସ୍ଥିତିରୁ ଆଜି ଆପଣ ସୁଯୋଗ ପାଇଲେ ମଧ୍ୟ ତାହାର ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ । ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଅଶାନ୍ତ ପରିସ୍ଥିତି ସୃଷ୍ଟିକରିବ। ଲେଖାପଡା, ସାହିତ୍ୟଚର୍ଚ୍ଚା, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ । ବ୍ୟବସାୟିକ ସ୍ଥିତି ମନ୍ଦ ହେବନି ।

**ତୁଳା** ଶୁକ୍ରଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍ସନ ଲାଗିରହିବ । ଜମା ପଡୁ ନ ଥିବା ଲୋକମାନଙ୍କ ଦ୍ୱାରା ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ । ଦୀର୍ଘ ଦିନରୁ ଭଙ୍ଗା ପଡିଥିବା ସମ୍ପର୍କ ପୁନଃ ସ୍ଥାପିତ ହେବାର ଆଶା ରହିଛି।

**ବିଛା** ମୁଖଭାବସ୍ଥ କେତୁ ଆପଣଙ୍କ ମନୋଭାବର ଉପସ୍ଥାପନା ପ୍ରଣାଳୀକୁ ବିକୃତ କରିବ । ଫଳତଃ ସାଧାରଣ କଥାରେ ରାଗି ବିରକ୍ତି ପ୍ରକାଶ କରିବା ଦ୍ୱାରା ନିଜ ପାଇଁ ଅନିଷ୍ଟକର ପରିସ୍ଥିତି ସୃଷ୍ଟି କରିପାରେ । କୌଣସି ମାଙ୍ଗଳିକ କାମରେ ବନ୍ଧୁମାନଙ୍କ ସାହାଯ୍ୟ କଲେ ମଧ୍ୟ ପରକ୍ଷଣରେ ନିନ୍ଦିତ ହୋଇପାରନ୍ତି ।

**ଧନୁ** ଶନିକ୍ଷେତ୍ରସ୍ଥ ବୃହସ୍ପତି ଯୋଗୁଁ ପରାଧୀନ ଭାବରେ ରହି ନିଜକୁ ସଂକୁଚିତ ମନେକରିବେ । ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାହାଙ୍କ ସଙ୍ଗରେ ଯିବାକୁ ବାଧ୍ୟ ହେବେ । ବନ୍ଧୁଙ୍କ ହସ୍ତକ୍ଷେପ ଦ୍ୱାରା ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ । କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ।

**ମକର** ଶାରୀରିକସୁସ୍ଥତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ମାନସିକ ଅସ୍ଥିରତା ବ୍ୟସ୍ତତା ବୃଦ୍ଧି କରିବ । କୌଣସି ବନ୍ଧୁଙ୍କ ନିକଟରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ । ନିଜ ଲୋକମାନଙ୍କ ଉପରେ ଭରସା କରି ପରିଶେଷରେ ମୁଣ୍ଡରେ ହାତଦେଇ ବସିବାକୁ ପଡିପାରେ ।

**କୁମ୍ଭ** ଚତୁର୍ଥକେନ୍ଦ୍ରସ୍ଥ ଶୁକ୍ର ପ୍ରଭାବରେ ପାରସ୍ପରିକ ସହମତି ମଧ୍ୟରେ ପରିବାରରେ ସୁଖ ଶାନ୍ତି ଫେରି ଆସିବ । ଭଲ ସମ୍ପର୍କ ରଖୁ ନ ଥିବା ବ୍ୟକ୍ତିମାନଙ୍କ ନିକଟରୁ ଆଜି ଯଥା ସମ୍ଭବ ଦୂରେଇ ରହିବା ଭଲ । ଅଯଥା ବିରକ୍ତି ପ୍ରକାଶ ନ କରି ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ । ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ ।

**ମୀନ** କର୍ମକ୍ଷେତ୍ରର କୌଣସି ନିକଟତମ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି । ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ । ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ । ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ ।

ଆଜି ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ମଙ୍ଗଳବାର,ଶ୍ରୀମନ୍ଦିରରେ ଦମନକାର୍ପଣ ଉତ୍ସବ ବା ଦୟଣାଲାଗି, ଚୈତ୍ର ମଙ୍ଗଳବାର ଓଷା ଶେଷପାଳି, ଅଦ୍ୟ ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ଏପ୍ରିଲ ୭ ତାରିଖ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ରାଶି ନକ୍ଷତ୍ର-ଦିବା ଘ.୦୯.୧୫ଗତେ, ହସ୍ତା, କନ୍ୟା, ବୃଷରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର, ଦିବା ଘ.୦୮.୦୬ମି.ଗତେ ଘ.୧୦.୩୪ମି.ମଧ୍ୟେ,ଦିବା ଘ.୦୧.୦୨ମି.ଗତେ ଘ.୦୨.୪୧ମି.ମଧ୍ୟେ, ଘ.୦୩.୩୧ମି.ଗତେ ଘ.୦୫.୦୯ମି. ମଧ୍ୟେ, ସନ୍ଧ୍ୟା ଘ.୦୫.୫୯ମି.ଗତେ ଘ.୦୬.୪୫ମି.ମଧ୍ୟେ, ରାତ୍ରି ଘ.୦୯.୦୫ମି.ଗତେ ଘ.୧୧.୨୫ମି. ମଧ୍ୟେ, ରାତ୍ରି ଘ.୦୧.୪୪ମି.ଗତେ ଘ.୦୩.୧୮ମି ମଧ୍ୟେ ଅମୃତବେଳା, ମାହେନ୍ଦ୍ର ବେଳା ନାସ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଜି ଖୁଦ ଜାଉ, କାଲି ଗଇଁଠା**
**ପଥରି ଦିନକୁ ଦାରୀ ଅଇଁଠା।**

କେବେ ଖୁଦ ଜାଉ ତ କେବେ ଗଇଁଠା ଭଳି ସୁସ୍ୱାଦୁ ଭୋଜନ। ଆଉ କେବେ ଖୁଦ ନ ମିଳିଲେ ପର ଆଗରେ ହାତପାତି ଜୀବିକା ନିର୍ବାହ। ସବୁଦିନ ସମାନ ଭାବରେ ସୁରୁଖୁରୁରେ ଯାଏନାହିଁ। ଯାହି ତାହି କରି ଦିନ ବିତାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଆମ୍ବ ଡାହି ଖଣ୍ଡ ବଙ୍କା**
**କହ କାହିଁ ପାଇଁ ମୁହଁଟା ବଙ୍କା**
**କାଲି ପିନ୍ଧାଇବି ଶଙ୍ଖା।**

ନାରୀର ଇଚ୍ଛା ଅପୂରଣୀୟ ହୋଇ ରହିଗଲେ ସେ ମୁହଁ ଫୁଲାଇ ବସେ। ଅଭିମାନରେ କଥା କହି ନ ଥାଏ। ଏପରି ସ୍ଥଳେ ତା'ର ଅଭିମାନକୁ ମେଣ୍ଟାଇବାକୁ ଯାଇ ହାତକୁ ଶଙ୍ଖା କିଣି ଦେବା ଭଳି ପ୍ରଲୋଭନ ଦେଖାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଧରିତ୍ରୀ
DHARITRI
ମଙ୍ଗଳବାର, ୭ ଏପ୍ରିଲ, ୨୦୨୦



## ସଂକ୍ଷେପରେ

### ରାଜ୍ୟର ୭ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ୍ କାର୍ଯ୍ୟକ୍ଷମ

**ଭୁବନେଶ୍ୱର, ୬।୪(ବ୍ୟୁରୋ):** ରାଜ୍ୟରେ ବର୍ତ୍ତମାନ ୧୫୪୭ ଶଯ୍ୟା ବିଶିଷ୍ଟ ୭ଟି ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇସାରିଛି । କଟକରେ ଅଶ୍ୱିନୀ ହସ୍ପିଟାଲ, ଯାଜପୁର ଡୁବୁରୀଠାରେ ଟାଟା ହସ୍ପିଟାଲ, କେନ୍ଦୁଝର ଜିଲାର ଯୋଡ଼ାଠାରେ ଟାଟା ହସ୍ପିଟାଲ, ଖୋର୍ଦ୍ଧା ଜିଲା ଭୁବନେଶ୍ୱରସ୍ଥିତ କିମ୍ସ ଓ ସମ୍ ହସ୍ପିଟାଲ, ପୁରୀ ଆଇଡି ହସ୍ପିଟାଲ ଏବଂ ସୁନ୍ଦରଗଡ଼ ଜିଲାର ରାଉରକେଲାଠାରେ ହାଇଟେକ୍ ମେଡିକାଲ କଲେଜରେ ଏହି ସେବା ଉପଲବ୍ଧ ହେଉଛି ବୋଲି ସୁବ୍ରତୋ ବାଗ୍ଚୀ ସୂଚନା ଦେଇଥିବାବେଳେ ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ ଟୁଇଟ୍‌କରି ସୂଚନା ଦିଆଯାଇଛି। କଟକ ଅଶ୍ୱିନୀ ହସ୍ପିଟାଲରେ ୧୫୦ ବେଡ୍, ଯାଜପୁର ଟାଟା ହସ୍ପିଟାଲରେ ୧୫୦ ବେଡ୍, କେନ୍ଦୁଝର ଟାଟା ହସ୍ପିଟାଲରେ ୫୦ ବେଡ୍, କିମ୍ସ ହସ୍ପିଟାଲରେ ୪୫୭, ସମ୍‌ରେ ୫୦୦, ପୁରୀ ଆଇଡିଏଚ୍‌ରେ ୪୦ଟି ଏବଂ ସୁନ୍ଦରଗଡ଼ର ହାଇଟେକ୍ ହସ୍ପିଟାଲରେ ୨୦୦ ବେଡ୍ ବ୍ୟବସ୍ଥା କରାଯାଇଥିବା ଟୁଇଟ୍‌ରେ ଉଲ୍ଲେଖ କରାଯାଇଛି।

### କରୋନା ମୁକାବିଲା ହିତାଧିକାରୀଙ୍କ ଘରେ ପହଞ୍ଚୁଛି ଭତ୍ତା

**କଟକ ଅଫିସ୍,୬।୪:** କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ଏବଂ ପ୍ରତିହତ ନିମନ୍ତେ ଜିଲା ପ୍ରଶାସନ ଆବଶ୍ୟକ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛି। ଏନେଇ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମ କମିଶନର୍ ଅନନ୍ୟା ଦାସ ଏବଂ ଡିସିପି ଆଖିଳେଶ୍ୱର ସିଂ ଏହି ସୂଚନା ଦେଇଛନ୍ତି। ସାମାଜିକ ଦୂରତାକୁ ପାଳନ କରି ହିତାଧିକାରୀଙ୍କ ଘରେ ବିଭିନ୍ନ ପ୍ରକାର ଭତ୍ତା ଏବଂ ସରକାରୀ ସୁବିଧା ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯାଉଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି । ପଞ୍ଚାୟତଗୁଡ଼ିକରେ ସୋମବାର ସୁଦ୍ଧା ୩୭୩ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଏବଂ ପୌରାଞ୍ଚଳରେ ୧୬ ଆସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି । ଖାଦ୍ୟ ସୁରକ୍ଷା ଯୋଜନାର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅଦ୍ୟାବଧି ୩ ଲକ୍ଷ ୪୭ ହଜାର ୯ଶହ ହିତାଧିକାରୀଙ୍କୁ ସାମାଜିକ ଦୂରତା ରକ୍ଷା କରି ୫୪ ହଜାର ୫୫୩ କୁଇଣ୍ଟାଲ ଚାଉଳ ବଣ୍ଟନ କରାଯାଇଛି । ୧୯୫ ପଞ୍ଚାୟତରେ ୧ ଲକ୍ଷ ୩୩ ହଜାର ୭୮୩ ଜଣ ଏବଂ ୪ ପୌରାଞ୍ଚଳରେ ୧୫ ହଜାର ୬୧୬ ଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ସାମାଜିକ ସୁରକ୍ଷା ପେନସନ ଯୋଜନାରେ ୨ଲକ୍ଷ ୬୦ ହଜାର ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଉଭୟ ଏସ୍‌ସିବି ମେଡ଼ିକାଲ୍ କଲେଜ ଏବଂ ହସ୍ପିଟାଲ୍ ଓ ସ୍ୱତନ୍ତ୍ର ଅଶ୍ୱିନୀ କୋଭିଡ୍ ହସ୍ପିଟାଲ୍‌ରେ ବର୍ତ୍ତମାନ ସୁଦ୍ଧା ୧୯ ଜଣ ଚିକିତ୍ସିତ ହେଉଥିବା ଜିଲାପାଳ ଚୟନୀ ସୂଚନା ଦେଇଛନ୍ତି ।

### ଅସ୍ଥାୟୀ ଡାକ୍ତରଖାନା ପରିଚଳନା ପାଇଁ ଏମ୍‌ଓୟୁ

**ନବରଙ୍ଗପୁର,୬।୪(ବି.ପ୍ର.):** ନବରଙ୍ଗପୁର ଜିଲାପାଳ ଡ. ଅଜିତ କୁମାର ମିଶ୍ର ସ୍ଥାନୀୟ ବିଏଡ୍ କଲେଜଠାରେ କୋଭିଡ-୧୯ ଆଇସୋଲେଶନ ଅସ୍ଥାୟୀ ଡାକ୍ତରଖାନା ପରିଚଳନା ପାଇଁ ସ୍ଥାନୀୟ ଖ୍ରୀଷ୍ଟିୟାନ ହସ୍ପିଟାଲ ଅଧକ୍ଷ ଡାକ୍ତର ସନ୍ତୋଷ ନାଗଙ୍କ ସହ ଏମଓୟୁ ସ୍ୱାକ୍ଷର କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆପୋସ ବୁଝାମଣା ମଧରେ ଏହି ଡାକ୍ତରଖାନା ପରିଚାଳନା କରାଯିବାକୁ ଚୁକ୍ତି ହୋଇଥିବା ଜିଲାପାଳ କହିଛନ୍ତି। ସେଠାରେ ସନ୍ଦିଗ୍ଧ ରୋଗୀଙ୍କୁ ରଖାଯାଇ ଚିକିତ୍ସା କରାଯିବ। କରୋନା ସଂକ୍ରମିତ ରୋଗୀଙ୍କୁ ମଧ ପ୍ରାଥମିକ ଚିକିତ୍ସା ମିଳିବ। ଲାବ୍ ସହ ଭେଣ୍ଟିଲେଟର ସୁବିଧା ରହିବ । ଏନେଇ ଡାକ୍ତର ଓ ନର୍ସଙ୍କୁ ତାଲିମ ପ୍ରଦାନ କରାଯାଇଛି । ୧୫ ଦିନ ସେମାନେ ଡିୟୁଟି କରିବା ପରେ ୧୪ ଦିନ କ୍ୱାରାଣ୍ଟାଇନରେ ରହିବେ । ଏଥିପାଇଁ ବ୍ୟାଚ ଅନୁସାରେ ଡିୟୁଟି ବ୍ୟବସ୍ଥା କରାଯାଇଛି । ରୋଗୀ ଅନୁଯାୟୀ କର୍ମଚାରୀ ଓ ଡାକ୍ତର ନିୟୋଜିତ କରାଯିବ । ଏମଓୟୁ ସ୍ୱାକ୍ଷର ସମୟରେ ଏସପି ନୀତିନ କୁସଲକର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୁତାର, ଜିଲା ମଙ୍ଗଳ ଅଧିକାରୀ ପବତ୍ର ମୋହ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲ ମନ୍ତ୍ରଣାଳୟର ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି

**କୋଭିଡ୍-୧୯ ଜୀବଜନ୍ତୁଙ୍କ ପାଇଁ ବିପଦ ଆଶଙ୍କା**

- ତୁରନ୍ତ ପଦକ୍ଷେପ ଲାଗି ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ପରାମର୍ଶ
- ଜାତୀୟ ଉଦ୍ୟାନ, ସାଙ୍କ୍‌ଚୁଆରିକୁ ପ୍ରବେଶ ନିଷେଧ
- ସିସି କ୍ୟାମେରା ଦ୍ୱାରା ଗତିବିଧି ଅନୁଧାନ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୬।୪(ବ୍ୟୁରୋ)**

ମହାମାରୀ କରୋନା ଭୂତାଣୁ(କୋଭିଡ୍-୧୯)ଭୟରେ ଏବେ ସମଗ୍ର ମାନବ ଜାତି ଭୟ ଓ ଆଶଙ୍କାରେ ରହିଛି। ଏହି ରୋଗର କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରି ନ ଥିବାରୁ ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦିଆଯାଉଛି। ଏଭଳିସ୍ଥିତିରେ କରୋନା ଭୂତାଣୁ ସଂକ୍ରମଣ ଜୀବଜନ୍ତୁଙ୍କଠାରେ ମଧ ଦେଖିବାକୁ ମିଳିଲାଣି। ନିକଟରେ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କରେ ଏକ ପାର୍କରେ ବାଘକୁ ସଂକ୍ରମିତ ହେବା ଜଣାପଡ଼ିବା ପରେ କେବଳ ମଣିଷ ନୁହନ୍ତି, ଜୀବଜନ୍ତୁଙ୍କୁ ମଧ କୋଭିଡ୍-୧୯ ସଂକ୍ରମଣର ଭୟ ଦେଖାଦେଇଛି। ଏହି ଘଟଣା ପରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟର ବନ୍ୟଜନ୍ତୁ ଡିଭିଜନ ପକ୍ଷରୁ ଏକ ଆଡଭାଇଜରି ଜାରି କରିବା ସହ ସୋମବାର ସମସ୍ତ କେନ୍ଦ୍ର ଓ ରାଜ୍ୟଶାସିତ ଅଞ୍ଚଳକୁ ଏନେଇ ଚିଠି ଲେଖାଯାଇଛି। ଜାତୀୟ ଉଦ୍ୟାନ, ସାଙ୍କ୍‌ଚୁଆରି ଓ ବ୍ୟାଘ୍ର ସଂଗ୍ରହାଳୟ ପ୍ରକଳ୍ପଗୁଡ଼ିକରେ ଥିବା ଜୀବଜନ୍ତୁମାନଙ୍କୁ କରୋନା ସଂକ୍ରମଣରୁ କିପରି ରକ୍ଷା କରାଯାଇପାରିବ ସେନେଇ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଚିଠିରେ କୁହାଯାଇଛି ଯେ, ନିକଟରେ ଏକ ବାଘ ସଂକ୍ରମିତ ହୋଇଥିବା ଖବର ଆସିଛି। ଏହି ଭୂତାଣୁ ମନୁଷ୍ୟଙ୍କଠାରୁ ବନ୍ୟଜନ୍ତୁଙ୍କୁ ମଧ ସଂକ୍ରମଣ ହୋଇପାରେ। ଏଥିପାଇଁ ପ୍ରତ୍ୟେକ ଜାତୀୟ ଉଦ୍ୟାନ, ସାଙ୍କ୍‌ଚୁଆରି ଓ ବ୍ୟାଘ୍ର ସଂଗ୍ରହାଳୟ ପ୍ରକଳ୍ପଗୁଡ଼ିକରେ ଯେପରି ମନୁଷ୍ୟଙ୍କଠାରୁ ବନ୍ୟଜନ୍ତୁଙ୍କୁ ସଂକ୍ରମଣ ନ ହେବ ସେଥିପାଇଁ ଆବଶ୍ୟକ ପ୍ରତିରୋଧମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଜୀବଜନ୍ତୁଙ୍କୁ ମଣିଷଠାରୁ ଦୂରେଇ ରଖିବା, ପାର୍କଗୁଡ଼ିକରେ ଲୋକଙ୍କ ପ୍ରବେଶ କଟକଣା ଲଗାଇବା ସହ ଏଭଳି ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଯଥା ରାପିଡ ଆକ୍ସନ ଫୋର୍ସ ଗଠନ, ପ୍ରାଣୀ ଡାକ୍ତର, କ୍ଷେତ୍ର କର୍ମଚାରୀଙ୍କୁ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହିତ ଜୀବଜନ୍ତୁଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ଏକ ୨୪ଘଣ୍ଟିଆ ଖବର ସଂଗ୍ରହ ବ୍ୟବସ୍ଥା କରିବା, ସିସି କ୍ୟାମେରାଦ୍ୱାରା ଜୀବଜନ୍ତୁଙ୍କ ଗତିବିଧି ଉପରେ ନଜର ରଖିବା, ଜରୁରିକାଳୀନ ଭିତ୍ତିରେ ଜୀବଜନ୍ତୁଙ୍କ ଚିକିତ୍ସା କରିବା, ସେମାନଙ୍କ ସୁରକ୍ଷା ପାଇଁ ପ୍ରାକୃତିକ ପରିବେଶକୁ ଛାଡ଼ିଦେବା ଏବଂ ରୋଗ ଚିହ୍ନଟ କରିବା ପାଇଁ ମ୍ୟାପିଂ ସର୍ଭେଲାନ୍ସ ଓ ମନିଟରିଂ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦିଆଯାଇଛି। ଏହାବ୍ୟତୀତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ ପାଳନ କରିବା ଓ ଯଥାସମ୍ଭବ କରୋନା ଭୂତାଣୁକୁ ରୋକିବା ଲାଗି ପଦକ୍ଷେପ ନେବା ପାଇଁ କୁହାଯାଇଛି। ଏହାଛଡ଼ା ଏଦିଗରେ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି, ସେନେଇ ଏକ ରିପୋର୍ଟ କରିବା ଲାଗି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୪୦ତମ ପ୍ରତିଷ୍ଠା ଦିବସରେ କାର୍ଯ୍ୟକର୍ତ୍ତାଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର, ୬।୪(ବ୍ୟୁରୋ)**

ରାଜ୍ୟରେ କରୋନା ମହାମାରୀ ବ୍ୟାପୁଥିବାରୁ ସମସ୍ତ କାର୍ଯ୍ୟକର୍ତ୍ତା ସାମାଜିକ ଦୂରତା ବଜାୟ ରଖି ନିଜ ଘରେ ଦଳୀୟ ପତାକା ଉତ୍ତୋଳନ କରିବାକୁ ସୋମବାର ଭାଜପାର ୪୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଭାଜପା ପ୍ରତିଷ୍ଠା ଦିବସରେ ଦଳୀୟ ପତାକା ଉତ୍ତୋଳନ ସହ ଶ୍ୟାମାପ୍ରସାଦ ମୁଖାର୍ଜୀ ଏବଂ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସମୀର ମହାନ୍ତି କାର୍ଯ୍ୟକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସମସ୍ତଙ୍କୁ ଏକତ୍ରିତ ହୋଇ କରୋନା ବିରୋଧରେ ଲଢ଼େଇ କରିବାକୁ ଆହ୍ୱାନ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ସମସ୍ତେ ନିଜର ଗୋଟିଏ ପ୍ରହର ଭୋଜନ ତ୍ୟାଗକରି ଏହି ସମୟରେ କଷ୍ଟ ପାଉଥିବା ଅସହାୟଙ୍କୁ ସାହାଯ୍ୟ କରନ୍ତୁ। ସେମାନଙ୍କ ପ୍ରତି ସହାନୁଭୂତି ଦେଖାଇ ଖାଦ୍ୟ ସାମଗ୍ରୀ ନିଃସ୍ୱ ଗରିବ ଅସହାୟ ଲୋକଙ୍କୁ ପ୍ରଦାନ କରନ୍ତୁ। ଏହାସହ ଆସନ୍ତା ସପ୍ତାହ ମଧରେ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ପ୍ରତି ବୁଥ୍‌ର ଲୋକଙ୍କୁ ଘରେ ତିଆରି ମାସ୍କ ବଣ୍ଟନ କରିବା ପାଇଁ ବ୍ୟବସ୍ଥା କରିବେ ଏବଂ ମାସ୍କ ତିଆରି କରିବା ଓ ବାଣ୍ଟିବାର ଭିଡିଓକୁ ସାମାଜିକ ଗଣମାଧମ ଜରିଆରେ ପ୍ରଚାର ପ୍ରସାର କରିବେ ବୋଲି ସମୀର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଦଳ ପ୍ରତିଷ୍ଠା ଦିବସ ପାଳନ କରୁଥିବା ଯୋଗୁ ସମସ୍ତ କାର୍ଯ୍ୟକର୍ତ୍ତା ୪୦ଜଣ ଲୋକଙ୍କୁ ସମ୍ପର୍କ କରି ଶହେ ଟଙ୍କା ଲେଖାଏ ପିଏମ୍ କେୟାର୍ସ ଫଣ୍ଡକୁ ଅନୁଦାନ ଦେବା ପାଇଁ ପ୍ରବର୍ତ୍ତାନ୍ତୁ । ବୁଥ୍ କାର୍ଯ୍ୟକର୍ତ୍ତାମାନେ ୪୦ଜଣ ପରିବାରକୁ ସମ୍ପର୍କ କରି ୫ଟି ଧନ୍ୟବାଦ ପତ୍ରର ହସ୍ତାକ୍ଷର ସଂଗ୍ରହ କରି ଏହାକୁ ପୋଲିସ, ସଫେଇ, ଡାକ୍ତର, ନର୍ସ, ବ୍ୟାଙ୍କ ଏବଂ ପୋଷ୍ଟାଲ ଏବଂ ସରକାରୀ କର୍ମଚାରୀଙ୍କୁ ପ୍ରଦାନ କରି ଧନ୍ୟବାଦ ଜଣାଇବେ । ଦଳର ବରିଷ୍ଠ ନେତାମାନଙ୍କ ସମ୍ବନ୍ଧରେ ଜାଣିବା ପାଇଁ ନିଜ ଘରେ ଥିବା ପୁସ୍ତକକୁ ଅଧ୍ୟୟନ କରିବାକୁ ମହାନ୍ତି ନିବେଦନ କରିଛନ୍ତି । କ୍ୱାରାଣ୍ଟାଇନରେ ରହୁଥିବା ଲୋକଙ୍କୁ ଫୋନକରି ସେମାନଙ୍କ ମନୋବଳକୁ ବୃଦ୍ଧି କରିବେ ।



ଭୁବନେଶ୍ୱରରେ ସୋମବାର ପୋଲିସ ଦ୍ୱାରା ଜବତ ହୋଇଥିବା ଗାଡ଼ି।

## ୧୯ ସମ୍ପର୍କୀୟଙ୍କ ରିପୋର୍ଟ ନେଗେଟିଭ୍

**ପଟାପୋଲ କରୋନା ଆକ୍ରାନ୍ତ**

- ପରୀକ୍ଷା ପାଇଁ ଗଲା ଆଉ ୬ ନମୁନା
- ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଉଛି ସିଏମ୍‌ସି

**କଟକ ଅଫିସ୍,୬।୪:** କଟକ ପଟାପୋଲ ଅଞ୍ଚଳରୁ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ପରେ କଟକ ମହାନଗର ନିଗମ ତରଫରୁ ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରାଯାଇଛି। ଆକ୍ରାନ୍ତଙ୍କ ସମ୍ପର୍କରେ ଆସିଥିବା ୧୯ଜଣଙ୍କ ନମୁନା ସଂଗ୍ରହ କରାଯାଇ ଏସ୍‌ସିବି ମେଡ଼ିକାଲ୍ କଲେଜ ଏବଂ ହସ୍‌ପିଟାଲ୍‌କୁ ପଠାଯାଇଥିଲା। ସମସ୍ତ ନମୁନା ନେଗେଟିଭ୍ ଥିବା ଜିଲାପାଳ ଭବାନୀ ଶଙ୍କର ଚୟନୀ ସୂଚନା ଦେଇଛନ୍ତି। ସୋମବାର ଅଞ୍ଚଳରେ ନିରୀକ୍ଷଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଆଶା ଏବଂ ଅଙ୍ଗନୱାଡ଼ି କର୍ମୀମାନେ ଘରକୁ ଘର ଯାଇ ଲୋକମାନଙ୍କ ସହ କଥା ହେଉଛନ୍ତି। ପ୍ରଥମ ଆକ୍ରାନ୍ତଙ୍କ ସଂସ୍ପର୍ଶରେ କେଉଁମାନେ ଆସିଥିଲେ, ସେନେଇ ତଥ୍ୟ ସଂଗ୍ରହ କରୁଛନ୍ତି। ଅଞ୍ଚଳରୁ ଆଉ ୬ଜଣଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ସୂଚନା ମିଳିଛି।

ଅନ୍ୟପଟେ ଅଞ୍ଚଳ ସିଲ୍ ହେବା ପରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣକୁ ସିଏମ୍‌ସି ଗୁରୁତ୍ୱ ଦେଉଥିବା କମିଶନର ଅନନ୍ୟା ଦାସ କହିଛନ୍ତି। ପରିବା ଯୋଗାଇ ଦେବା ପାଇଁ ଫିଗିଆ ଏବଂ ଆଠଗଡ଼ର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି। ଏଥି ସହ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ପରିବା ଯୋଗାଇବାକୁ ୨ଟି ଗାଡ଼ି ଦିଆହୋଇଛି। ଓମ୍‌ଫେଡ୍ ସହ ଯୋଗାଯୋଗ କରାଯାଇ ପରିବା ଯୋଗାଣକୁ ଗୁରୁତ୍ୱ ଦିଆଯାଉଛି। ଅନ୍ୟପଟେ କ୍ଷୀର ଯୋଗାଣ ପାଇଁ ଓମ୍‌ଫେଡ଼ର ସାହାଯ୍ୟ ନିଆଯାଉଛି। ସୋମବାର ସକାଳେ ୧ ହଜାର ଲିଟର ଏବଂ ସନ୍ଧ୍ୟାରେ ୫ଶହ ଲିଟର କ୍ଷୀର ଯୋଗାଇ ଦିଆଯାଇଛି। ସମସ୍ତ ପ୍ରକାର ଆତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉଥିବା ଯୋଗୁ କେହି ବେଆଇନ୍ ଭାବେ ଗଚ୍ଛିତ ନ ରଖିବାକୁ କମିଶନର ଦାସ ପରାମର୍ଶ ଦେଇଛନ୍ତି।

# ସାମ୍ପ୍ରଦାୟିକ ମନୋଭାବ ଭୂତାଣୁଠାରୁ ଭୟଙ୍କର




**ସାଲବେଗଙ୍କ କାହାଣୀ ବଖାଣିଲେ ବାଗ୍‌ଚୀ**

**ଭୁବନେଶ୍ୱର, ୬।୪(ବ୍ୟୁରୋ):** ରାଜ୍ୟରେ କରୋନାର ସ୍ଥିତି ସମ୍ପର୍କରେ ତଥ୍ୟ ଦେଉଥିବା ସମୟରେ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ସାଲବେଗଙ୍କ କାହାଣୀ ବଖାଣିଲେ କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ। ସେ ସରକାରଙ୍କ ସାମ୍ପ୍ରଦାୟିକ ସଦ୍‌ଭାବନାର ବାର୍ତ୍ତା ଦେବାବେଳେ ଭକ୍ତ ସାଲବେଗଙ୍କ କଥା କହିଥିଲେ। କିମ୍ବଦନ୍ତୀ ଅନୁସାରେ, ସାଲବେଗ ହିନ୍ଦୁ ନ ଥିଲେ ମଧ ଜଗନ୍ନାଥଙ୍କ ପରମ ଭକ୍ତ ଥିଲେ। ରଥ ଉପରେ ହିଁ ନିଜ ପ୍ରିୟ ଠାକୁରକୁ ଦେଖି ସେ କୃତ୍ୟ କୃତ୍ୟ ହୁଅନ୍ତି। ସାଲବେଗ ବୃନ୍ଦାବନ ଯାତ୍ରାରେ ଥିବାବେଳେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପଡିଥିଲା। ଆଉ ରଥ ଉପରେ ନିଜ ପ୍ରିୟ ଠାକୁରଙ୍କ ଦର୍ଶନରୁ କାଳେ ସେ ବଞ୍ଚିତ ହେବେ ତେଣୁ ବୃନ୍ଦାବନରୁ କାଳିଆ ଠାକୁରଙ୍କୁ ଗୁହାରି କରିଥିଲେ। ୭ଶହ ପଚାଶ କୋଷରୁ ମୁଁ ଚାଲି ଚାଲି ପହଞ୍ଚିବା ପର୍ଯ୍ୟନ୍ତ ନନ୍ଦିଘୋଷେ ଥିବ ରହି' ଜଗନ୍ନାଥଙ୍କୁ ଏମିତି କହି ବୃନ୍ଦାବନରୁ ବିନତୀ କରିଥିଲେ ସାଲବେଗ। ଆଉ ତା'ପରେ ସାଲବେଗ ଆସିବା ପର୍ଯ୍ୟନ୍ତ ପ୍ରଭୁ ଜଗନ୍ନାଥ ରଥ ଉପରେ ଅଟକି ରହିଲେ। ଏବେ ବି ରଥଯାତ୍ରା ସମୟରେ ବଳଗଣ୍ଡିଠାରେ ଥିବା ସାଲବେଗଙ୍କ ସମାଧି ସ୍ଥଳ ପାଖରେ କାଳିଆ ସାଆନ୍ତଙ୍କ ରଥ କିଛି ସମୟ ପାଇଁ ଅଟକି ଯାଏ। ଏହିପରି ସାଲବେଗଙ୍କ କାହାଣୀ କହିବା ପରେ ବାଗ୍‌ଚୀ କହିଛନ୍ତି, ଓଡ଼ିଶା ସାମ୍ପ୍ରଦାୟିକ ମନୋଭାବର ରାଜ୍ୟ ନୁହେଁ। ଏଠାରେ ସାମ୍ପ୍ରଦାୟିକତାର କୌଣସି ସ୍ଥାନ ନାହିଁ। ସାମ୍ପ୍ରଦାୟିକ ମନୋଭାବ ଭୂତାଣୁଠାରୁ ବି ଭୟଙ୍କର ବୋଲି କହିବା ସହ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ପଢ଼ିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାକୁ ଶ୍ରୀଚୈତନ୍ୟଙ୍କଠାରୁ ଗୁରୁ ନାନକ, ଉପଗୁପ୍ତଙ୍କଠାରୁ ସାଲବେଗ ପର୍ଯ୍ୟନ୍ତ ଆସିଛନ୍ତି। ଓଡ଼ିଶାରେ ସବୁ ଧର୍ମର ଲୋକଙ୍କୁ ସମ୍ମାନ ଦିଆଯାଏ। ତେଣୁ ଏଠି ମାନବ ଧର୍ମ ହିଁ ଗୁରୁତ୍ୱପୂର୍ଣ୍ଣ ବୋଲି କହି ସାମ୍ପ୍ରଦାୟିକ ମନୋଭାବ ରଖୁଥିବା ଲୋକଙ୍କୁ ବାଗ୍‌ଚୀ ଚେତାବନୀ ଦେଇଛନ୍ତି।

# କରୋନା ଯୁଦ୍ଧରେ 'ମିଶନ ଶକ୍ତି'ର ଗୁରୁଦାୟିତ୍ୱ

**ମହିଳାମାନେ ପରିବାରର ପୋଲିସ ହୁଅନ୍ତୁ: ସୁଜାତା**




- ଘରେ ପହଞ୍ଚାଉଛନ୍ତି ରାଶନ, ପନିପରିବା
- -ଅସହାୟଙ୍କୁ ଦିଆଯାଇଛି ୨୫ଲକ୍ଷ ମିଲ୍
- -୧୨ଲକ୍ଷ ମାସ୍କ ବାଣ୍ଟିଛନ୍ତି ସ୍ୱୟଂସହାୟକ ଗୋଷ୍ଠୀ

**ଭୁବନେଶ୍ୱର, ୬।୪ (ବ୍ୟୁରୋ):** କୋଭିଡ୍-୧୯ ସଂକ୍ରମଣ ରୋକିବାକୁ ସଚେତନତା ସୃଷ୍ଟି କ୍ଷେତ୍ରରେ ମିଶନ ଶକ୍ତିର ଗୁରୁଦାୟିତ୍ୱ ରହିଛି। ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ମହିଳାମାନେ। ଡାକ୍ତର, ପୋଲିସଙ୍କ ପରି ସେମାନେ କରୋନାକୁ ମୁକାବିଲା କରିବାକୁ ଆଗେଇ ଆସିଛନ୍ତି। ୩ ଦିନ ଭିତରେ ଗାଁଠାରୁ ସହର ସବୁଠି ସଚେତନତାର ବାର୍ତ୍ତା ପହଞ୍ଚାଇଛନ୍ତି। ଘରୁ ଗୋଡ କାଢି ଖରାତରାରେ ବୁଲି ଅସହାୟଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦେଉଛନ୍ତି, ଖାଦ୍ୟ ଓ ମାସ୍କ ବାଣ୍ଟୁଛନ୍ତି। ଏହି ଲଢେଇରେ ମିଶନ ଶକ୍ତି ମହିଳାଙ୍କ ଅବଦାନ ବେଶ୍ ପ୍ରଶଂସନୀୟ ବୋଲି ମିଶନ ଶକ୍ତି କମିଶନର ସୁଜାତା କାର୍ତ୍ତିକେୟନ କହିଛନ୍ତି। ସୋମବାର ଗଣମାଧମକୁ ସୂଚନା ଦେଇ ସୁଜାତା କହିଥିଲେ, ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନେ ବିଭିନ୍ନ ସ୍ଥାନରେ ୬ଶହଟି ଦୋକାନ ରାଶନ ଦୋକାନ ଖୋଲି ଲୋକଙ୍କ ପାଖରେ ମୋବାଇଲ ଭ୍ୟାନ୍ ଜରିଆରେ ସେବା ପହଞ୍ଚାଉଛନ୍ତି। ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ସେମାନେ ରନ୍ଧାଖାଦ୍ୟ ପ୍ରସ୍ତୁତ କରି ଅସହାୟଙ୍କୁ ଯୋଗାଇ ଦେଉଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରେ ଅସହାୟଙ୍କୁ ୨୫ ଲକ୍ଷ ମିଲ୍ ଯୋଗାଇ ଦେଇଥିବାବେଳେ ମହିଳାମାନେ ଏପରି କାର୍ଯ୍ୟ ଜାରି ରଖିବେ ବୋଲି କାର୍ତ୍ତିକେୟନ ସୂଚନା ଦେଇଛନ୍ତି।

ବଜାରରେ ଯେତେବେଳେ ମାସ୍କର ଅଭାବ ଦେଖା ଦେଇଥିଲା, ସେତେବେଳେ ସେମାନେ ନିଜେ ମାସ୍କ ତିଆରି କରି ଘରେ ଘରେ ବାଣ୍ଟିଛନ୍ତି। ଇତିମଧ୍ୟରେ ସାଧାରଣ ଲୋକଙ୍କ ସହ ସରକାରୀ କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀଙ୍କୁ ୧୨ ଲକ୍ଷ ମାସ୍କ ଯୋଗାଇ ଦିଆଯାଇଛି। କରୋନା ମୁକାବିଲା ଓ ଅଧିକ ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦେଉଛନ୍ତି। ତେଣୁ ବାହାରେ ଲୋକଙ୍କୁ ପୋଲିସ ଜଗିବା ଭଳି ଘର ଭିତରେ ମହିଳା ଓ ମା'ମାନେ ପୋଲିସ ହେବା ଜରୁରୀ। ସ୍ୱୟଂ ସହାୟକ ଗୋଷ୍ଠୀର ୭୦ ଲକ୍ଷ ମା' ପୋଲିସ ଭୂମିକା ନିଅନ୍ତୁ। ପରିବାର ସଦସ୍ୟଙ୍କୁ ଗୋଷ୍ଠୀଙ୍କୁ କୋଭିଡ୍-୧୯ର ନିୟମ ପାଳନ କରି ଘରେ ରହିବାକୁ କୁହନ୍ତୁ ବୋଲି ସୁଜାତା ରାଜ୍ୟର ସମସ୍ତ ମହିଳାଙ୍କୁ ଅନୁରୋଧ କରିଛନ୍ତି।

# କେନ୍ଦୁଝରରେ ପ୍ରତିଷ୍ଠା ହେବ କୋଭିଡ୍-୧୯ ହସ୍ପିଟାଲ

**ବୁଝାମଣାପତ୍ର ସ୍ୱାକ୍ଷରିତ**

**କେନ୍ଦୁଝର, ୬।୪(ଡି.ଏନ୍.ଏ.)**

କେନ୍ଦୁଝରଠାରେ ପ୍ରତିଷ୍ଠା ହେବ ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ୍-୧୯ ହସ୍‌ପିଟାଲ। ଏ ସମ୍ପର୍କରେ ସୋମବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ କେନ୍ଦୁଝର ଜିଲା ପ୍ରଶାସନ, ସିଡିଏମଓ ଏବଂ ଉତ୍କଳ ହସ୍‌ପିଟାଲ ପ୍ରାଇଭେଟ ଲିଃ. ଭୁବନେଶ୍ୱର ମଧରେ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ୨୦୦ ଶଯ୍ୟା ବିଶିଷ୍ଟ ହସ୍‌ପିଟାଲରେ ୧୦ ଶଯ୍ୟା ବିଶିଷ୍ଟ ଭେଣ୍ଟିଲେଟର ସୁବିଧା ସହିତ ଆଇସିୟୁ ରହିବ। ଏହା ରାଜ୍ୟସ୍ତରୀୟ କୋଭିଡ୍-୧୯ ହସ୍‌ପିଟାଲର ମଡେଲ ଅନୁଯାୟୀ ହେବ। ବୁଝାମଣାପତ୍ରରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଆଶିଷ ଠାକ୍‌ରେ ଓ ଉତ୍କଳ ହସ୍‌ପିଟାଲ ପ୍ରାଇଭେଟ ଲିଃ ପକ୍ଷରୁ ସିଇଓ ସୟଦ୍ କମରନ ହୁସେନ, ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଅଶୋକ କୁମାର ଦାଶ ସ୍ୱାକ୍ଷର କରିଥିଲେ। କେନ୍ଦୁଝର ସହର ଉପକଣ୍ଠ ରାଙ୍କିଠାରେ ଏହି ହସ୍‌ପିଟାଲ ପ୍ରତିଷ୍ଠା କରାଯିବ। ଡିଏମ୍‌ଏଫ୍ ପାଣ୍ଠିରୁ ଏଥିନିମନ୍ତେ ଅର୍ଥ ଯୋଗାଇ ଦିଆଯିବ। କରୋନା ଭାଇରସରେ ଆକ୍ରାନ୍ତ ସନ୍ଦେହ କରାଯାଉଥିବା ବ୍ୟକ୍ତି ଏବଂ ପଜିଟିଭ୍ ବାହାରିଥିବା ବ୍ୟକ୍ତିମାନଙ୍କର ଚିକିତ୍ସା ଏହି ହସ୍‌ପିଟାଲରେ କରାଯିବ। ଆଗାମୀ ଦୁଇ ସପ୍ତାହ ମଧରେ ଉକ୍ତ ହସ୍‌ପିଟାଲର ଭିତ୍ତିଭୂମି କାର୍ଯ୍ୟ ସମ୍ପନ୍ନ ହୋଇ କାର୍ଯ୍ୟକ୍ଷମ ଯୋଗ୍ୟ ହେବ ବୋଲି ଜିଲାପାଳ ଠାକ୍‌ରେ ସୂଚନା ଦେଇଛନ୍ତି। ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଅତିରିକ୍ତ ଜିଲାପାଳ, ରାଜସ୍ୱ ସନ୍ତୋଷ କୁମାର ନାୟକ, ପିଏ ଆଇଟିଡିଏ କେନ୍ଦୁଝର ନାରାୟଣ ମୁର୍ମୁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦାଶ, ଏଡିପିଏଚ୍‌ଓ (ଭିଡିଡି) ଡା. ଦେବେନ ଦାଶ, ଉତ୍କଳ ହସ୍‌ପିଟାଲ ପ୍ରାଇଭେଟ ଲିଃର କର୍ମକର୍ତ୍ତା, ଡିଏମ୍‌ଏଫ୍‌ର କର୍ମକର୍ତ୍ତା ଓ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



### ସାହିକୁ ସାନିଟାଇଜ କଲେ ସାହିବାସିନ୍ଦା

**ପୁରୀ ଅଫିସ,୬।୪:** ସବୁଠି ଏବେ କରୋନା ବିରୋଧୀ ଲଢେଇ। କରୋନାକୁ କିପରି ମୁକାବିଲା କରାଯାଇ ପାରିବ ସେ ନେଇ ରାଜ୍ୟ ସରକାର ବିଭିନ୍ନ ନିର୍ଦ୍ଦେଶନାମା ଜାରି କରିବା ସହ ପ୍ରୟାସ ଜାରି ରଖିଛନ୍ତି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ମଧ ଏ ଦିଗରେ ସହଯୋଗ କରୁଛନ୍ତି। ସୋମବାର ପୁରୀ ଗୋଛିକାର ସାହିର ସାହିବାସିନ୍ଦା କରୋନା ବିରୋଧୀ ଲଢେଇରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ସାହିର ବିଭିନ୍ନ ଗଳିକନ୍ଦି ରାସ୍ତା ଏବଂ ଡ୍ରେନରେ ବ୍ଲିଚିଂ, ଡେଟଲ ଆଦି ପକାଇ ସାନିଟାଇଜ କରିଥିଲେ।

**ଦକ୍ଷିଣ ପୂର୍ବ ମଧ ରେଳପଥ**

**ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

କ୍ର.ସଂ. (୧) ଇ-ଟେଣ୍ଡର ନଂ. ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୦୪-୨୦୨୦-୨୧, ତାରିଖ: ୦୩।୦୪।୨୦୨୦

**କାର୍ଯ୍ୟର ନାମ:** ସିନିୟର ଡିଇଏନ୍ (ପୂର୍ବ)/ବିଳାସପୁରଙ୍କ କ୍ଷେତ୍ରାଧିକାର ଅଧୀନରେ (i) ଝାରସୁଗୁଡ଼ା-ଚମ୍ପା-ଗେଭରା ରୋଡ୍ ସେକ୍ସନରେ ୧୮ ଲେଭଲ କ୍ରସିଂଠାରେ ହେଭି ଡ୍ୟୁଟି ହାଇଟ୍ ଗେଜ୍‌ର ବ୍ୟବସ୍ଥା। (ii) ବ୍ରଜରାଜନଗରଠାରେ ଏସ୍‌ଏସ୍‌ଇ (ପି.ୱେ)/ବିଆର୍‌ଜେଏନ୍ ନିକଟରେ ମୁଖ୍ୟ ମାର୍କେଟ୍‌ଠାରେ କ୍ଷତିଗ୍ରସ୍ତ ଏଫ୍‌ଓବି ମେମ୍ବର ଏବଂ ପି.ଏଫ୍. ନଂ.-୧ ଉପରେ ରିଟେନିଂ ୱାଲ୍‌ର ନବୀକରଣ। **ଟେଣ୍ଡର ମୂଲ୍ୟ: (ଟଙ୍କାରେ): ଟ.୨,୩୧,୮୪,୪୪୩.୪୬/-, ଇଏମ୍‌ଡି (ଟଙ୍କାରେ): ଟ.୨,୬୫,୯୦୦/-। ସମାପ୍ତି ଅବଧି:** ୧୨ ମାସ। **ଟେଣ୍ଡର ଦାଖଲର ଆରମ୍ଭ ତାରିଖ: ତା୧୫।୦୪।୨୦୨୦ରିଖ** ୧୧.୦୦ ଘଟିକାରୁ। **ଟେଣ୍ଡର ଦାଖଲର ଶେଷ ତାରିଖ: ତା୨୯।୦୪।୨୦୨୦ରିଖ** ୧୧.୦୦ ଘଟିକା ପର୍ଯ୍ୟନ୍ତ। ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍: https://www.ireps.gov.in ରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣ କରାଯିବ ନାହିଁ ଏବଂ ଟେଣ୍ଡର କାଗଜପତ୍ର **ତା୦୩।୦୪।୨୦୨୦ରିଖ** ଦିନ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି।

ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.)
CPR/10/01 ଏସ୍.ଇ.ସି. ରେଳପଥ, ବିଳାସପୁର

South East Central Railway @secrail

cmpdi
**Central Mine Planning & Design Institute Ltd.**
**( A Subsidiary of Coal India Limited)**
Gondwana place, Kanke Road, Ranchi - 834 031, JHARKHAND,India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."

ଧର୍ମର ଯୁଗ ସରିଗଲାଣି। ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି। ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ। (ଧାର୍ମିକ ମତାନ୍ଧତାକୁ ନୁହଁ।)
—ଶ୍ରୀମା

# ନିଜର ମରାମତି

କରୋନା ଭାଇରସ୍ ପୃଥିବୀବ୍ୟାପୀ ପ୍ରାୟ ୭୦ ହଜାର ଲୋକଙ୍କ ଜୀବନ ନେଲାଣି। ବିଶ୍ୱର ସର୍ବଶକ୍ତିଶାଳୀ ରାଷ୍ଟ୍ର ବୋଲାଉ ଥିବା ଆମେରିକା ଆଜି କରୋନା ମାଡ଼ରେ ଧରାଶାୟୀ। ୬ ଏପ୍ରିଲରେ ଏହି ଲେଖା ପ୍ରସ୍ତୁତ ହେବା ବେଳକୁ ଆମେରିକାରେ ୩,୩୬,୮୫୧ ଜଣ ଲୋକ ସଂକ୍ରମିତ ହୋଇଥିବା ବେଳେ ୯,୬୨୦ ଜଣଙ୍କ ପ୍ରାଣହାନି ଘଟିଛି। ଅବଶ୍ୟ ସେମାନଙ୍କ ତଥ୍ୟକୁ ସନ୍ଦେହ କରିବାର ପ୍ରୟୋଜନ ନାହିଁ। ଅନ୍ୟପଟେ ତୁଳନାତ୍ମକ ତଥ୍ୟ ପାଇବା କଷ୍ଟକର ହୋଇପାରେ। ଯଥା ବିଗତ ୫ ବର୍ଷର ଏବଂ ଏହି ସମୟରେ ଆମେରିକାରେ କେତେ ଜଣଙ୍କର 'ଫ୍ଲୁ' ରୋଗରୁ ମୃତ୍ୟୁ ଘଟିଛି, ତାହା ଜାଣିବା ସମ୍ଭବପର ହେଉନାହିଁ। ଯେଉଁ ହାରରେ କରୋନା ଯୋଗୁ ସଂକ୍ରମଣ ବ୍ୟାପି ଚାଲିଛି ଆସନ୍ତା ଦୁଇ ସପ୍ତାହ ଆମେରିକା ପାଇଁ ଅତ୍ୟନ୍ତ କଠିନ ରହିବ ବୋଲି ସରକାରୀ ଭାବେ କୁହାଗଲାଣି। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବ୍ୟତିବ୍ୟସ୍ତ ହୋଇ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବଟିକା ଦେବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମାର୍ଚ୍ଚ ୨୫ରେ ଭାରତର ବହିର୍ବ୍ୟାପାର ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ପକ୍ଷରୁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ରପ୍ତାନି ଉପରେ କଟକଣା ଜାରି କରାଯାଇଥିଲା। ଏହା ସତ୍ତ୍ୱେ ଆମେରିକା ପକ୍ଷରୁ ଏହି ବଟିକା ଯୋଗାଣ ଲାଗି ଅର୍ଡର ଦିଆଯାଇଛି।

ଶୀତଳଯୁଦ୍ଧ ପରେ ଆମେରିକା ବିଶ୍ୱର କ୍ଷମତାଶାଳୀ ଦେଶ ଭାବେ ଉଭା ହୋଇଛି। ଅନେକ ରାଷ୍ଟ୍ର ଏହାର ପ୍ରଭୁତ୍ୱକୁ ସ୍ୱୀକାର କରୁ ନ ଥିଲେ ମଧ୍ୟ ମନ ଭିତରେ ଆମେରିକା ପ୍ରତି ଭୟ ଲାଗି ରହିଥିଲା। ଅତ୍ୟାଧୁନିକ ସାମରିକ ବଳରେ ବଳୀୟାନ ଓ ପର୍ଯ୍ୟାପ୍ତ ପୁଞ୍ଜି ରଖିଥିବାରୁ ଆମେରିକାର ଅହଂ କାହିଁରେ କ'ଣ। ବିଶ୍ୱ ରାଜନୈତିକ ଓ ଆର୍ଥିକ ବ୍ୟାପାରରେ ଏହାର ମୁଖ୍ୟ ମୁଣ୍ଡ ପୂରାଇବା ଏକ ନିତିଦିନିଆ କଥା। କିନ୍ତୁ ଯେବେଠାରୁ କୋଭିଡ୍-୧୯ ଦ୍ୱାରା ଏହା ଆକ୍ରାନ୍ତ ହୋଇ ନିଜ ଲୋକଙ୍କୁ ହରାଇବସିଲାଣି ସେବେଠାରୁ ତା'ର ଚିନ୍ତା ଅନେକ ଗୁଣ ବଢ଼ିଯାଇଛି। ଚାଇନାର ଉହାନରୁ ଜନ୍ମ ନେଇଥିବା କରୋନା ଭୂତାଣୁକୁ ଟ୍ରମ୍ପ୍ 'ଚାଇନା ଭୂତାଣୁ' କହି ହସରେ ଉଡ଼ାଇ ଦେଇଥିଲେ। ଏଭଳି ଅଟ୍ଟହାସ୍ୟ କରିବା ପଛରେ ତାଙ୍କ ଦମ୍ଭ ରହିଥିଲା ଯେ, ଆମେରିକା ଭଳି ଶକ୍ତିଶାଳୀ ଦେଶରେ ସର୍ବାଧିକ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ସୁବିଧା ରହିଥିବାରୁ ଯେକୌଣସି ପରିସ୍ଥିତିକୁ ସହଜରେ ମୁକାବିଲା କରିହେବ। କଥାରେ ଅଛି 'ସବୁ ସମୟ ଏକା ଭଳି ଯାଇ ନ ଥାଏ'। ସାମାନ୍ୟ ପିମ୍ପୁଡ଼ିଟିଏ ମଧ୍ୟ ବିଶାଳକାୟ ହାତୀକୁ ପାଗଳ କରିଦେଇପାରେ। ଏଥିରୁ ବୁଝିବାକୁ ହେବ ଯେ, ଶତ୍ରୁ ହେଉ ବା ଭୂତାଣୁ କାହାରିକୁ ତୁଚ୍ଛ ମଣିବା ଉଚିତ ନୁହେଁ। କରୋନାକୁ ହେୟ ମନେ କରିଥିବାରୁ ଆମେରିକା ଆଜି ଦଶା ଭୋଗୁଛି।

କୋଭିଡ୍-୧୯ ପୃଥିବୀର ୨୦୦ରୁ ଊର୍ଦ୍ଧ୍ୱ ଦେଶକୁ ବ୍ୟାପି ସୂଚାଇ ଦେଇଛି ଯେ, ମଣିଷର ବୈଜ୍ଞାନିକ ଗବେଷଣା ସାମାନ୍ୟ ଏକ ଭୂତାଣୁ ନିକଟରେ ଅଣ୍ଟେଇ ପଡ଼ିପାରେ। ଏଠାରେ ମନେରଖିବାକୁ ହେବ ଯେ, ଏହା ପରିବେଶର କୋପ ନୁହେଁ। ଏହା ସମ୍ପୂର୍ଣ୍ଣ ଭାବେ ମନୁଷ୍ୟକୃତ। ଦେଖିବାକୁ ଗଲେ ଅଳ୍ପ କେତୋଟି ସପ୍ତାହରେ ପୃଥିବୀବ୍ୟାପୀ ଲକ୍‌ଡାଉନ୍ ଫଳରେ ପରିବେଶ ନିଜ ଶକ୍ତି ଜରିଆରେ ନିଜକୁ ମରାମତି କରିଦେଇପାରିଛି। ସେଥିପାଇଁ ଆଜି ଏହା ମଧ୍ୟ ଏକ ବିଚାର ହେଉଛି ଯେ, ପୃଥିବୀର ଅର୍ଥନୈତିକ ସନ୍ତୁଳନରେ ବିରାଟକାୟ ପରିବର୍ତ୍ତନ ଆସିବା ସହିତ ପରିବେଶ ରକ୍ଷାକାରୀମାନଙ୍କ ଭୂମିକା ଗୌଣ ହୋଇଯାଉଛି।

## ଚିରନ୍ତନୀ

ଫଗୁଣର ହୁରିଖେଳ ଗୀତ ହେ
ଆସିଛି ଧରାରେ ପ୍ରାଣମିତ
ଆଜି ଖାଲି ହସିବାର ଭୁଲିବାର
ଜୋଛନାରେ ନାଚ ଆଜି ବାରବାର
ପୋଛି ଆସ ନୟନରୁ ଲୁହ ଧାର,
ବିଶ୍ୱ ହୋଇଛି ଉଲ୍ଲସିତ ଯେ।
ଫଗୁଣ ଜୋଛନା ତଳେ ମିତ ହେ!
(ଫଗୁଣ ଜ୍ୟୋତ୍ସ୍ନା)
—କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୭ ଏପ୍ରିଲ ୧୯୯୫

- ଅଣୁ ପ୍ରସାର ନିରୋଧ ଚୁକ୍ତି (ଏନ୍‌ପିଟି)ରେ ସ୍ୱାକ୍ଷର କରିଥିବା ଅଣ କ୍ଷମତାସମ୍ପନ୍ନ ରାଷ୍ଟ୍ରଗୁଡ଼ିକ ବିରୋଧରେ ରୁଷିଆ କୌଣସି ଆଣବିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବ ନାହିଁ ବୋଲି ଘୋଷଣା କରିଛି।
- ବିଭିନ୍ନ ଏସୀୟ ରାଷ୍ଟ୍ରକୁ ପର୍ଯ୍ୟଟକ ଭାବେ ଯାଉଥିବା ଆଲଜେରିଆର ନାଗରିକଙ୍କ ଭିଜାକୁ ରଦ୍ଦ କରିବାକୁ ଥାଇଲାଣ୍ଡର ନିଷ୍ପତ୍ତି।
- ଉଗ୍ରପନ୍ଥୀ ଉପଦ୍ରୁତ ରାଜ୍ୟ ଜମ୍ମୁ କଶ୍ମୀରରେ ବିଧାନସଭା ନିର୍ବାଚନ କରାଇବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | 2 | | | | | | B | 3 | C | 5 | | | |
| | | 5 | | | | 8 | 7 | 1 | | | | E | | |
| | | | | 7 | | | 4 | | 0 | | | | | |
| | | | B | | | 9 | | | E | | 4 | 5 | | |
| | | 0 | 1 | | C | D | 5 | 2 | | 9 | | | | |
| 0 | | C | | 9 | A | | D | | 5 | 3 | | 1 | | |
| | | | C | | | | | 9 | | 0 | | | 8 | 3 |
| | | | | 1 | 0 | 2 | | A | C | | | 9 | | |
| | 2 | | 5 | 4 | 8 | B | | | | | | | | |
| E | 5 | | | | | | | | | | B | | | |
| C | | D | 0 | | 3 | | 1 | | | 2 | | 7 | | |
| A | | 3 | | | B | | | | | D | | | C | |
| | | | 4 | | | 6 | | | 8 | | | | | 2 |
| | B | | | | | | | 3 | | 6 | 1 | | A | E |
| | 8 | 9 | | | | 7 | B | 0 | A | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 2 | 5 | 9 | 8 | 1 | D | 3 | E | 7 | 4 | B | A | 6 | C |
| E | 4 | 8 | 6 | 7 | D | A | 0 | 9 | 3 | C | 1 | 5 | B | 2 |
| 7 | 3 | 6 | 5 | A | 0 | C | B | 4 | 9 | 8 | 2 | 1 | E | D |
| C | D | 9 | B | E | 3 | 2 | 1 | 5 | A | 6 | 0 | 8 | 7 | 4 |
| B | 1 | A | 4 | 2 | C | 8 | 7 | 6 | E | D | 5 | 3 | 9 | 0 |
| 9 | 6 | B | 3 | 4 | E | 0 | 8 | D | 5 | 2 | A | C | 1 | 7 |
| 1 | C | 2 | 0 | D | 8 | 4 | 5 | 3 | B | 7 | 9 | 6 | A | E |
| 8 | E | 4 | C | 9 | A | B | 6 | 7 | 1 | 3 | D | 2 | 0 | 5 |
| 5 | 7 | 3 | 2 | 1 | B | E | 9 | A | 6 | 0 | C | 4 | D | 8 |
| A | 0 | D | 7 | 6 | 5 | 1 | 2 | C | 8 | E | 4 | B | 3 | 9 |
| D | B | 0 | 8 | 5 | 9 | 3 | E | 2 | 4 | 1 | 6 | 7 | C | A |
| 4 | 8 | 7 | 1 | B | 2 | 9 | C | 0 | D | A | 3 | E | 5 | 6 |
| 6 | A | 1 | E | 0 | 4 | 5 | D | 8 | C | B | 7 | 9 | 2 | 3 |
| 3 | 9 | E | D | C | 6 | 7 | A | 1 | 2 | 5 | 8 | 0 | 4 | B |
| 2 | 5 | C | A | 3 | 7 | 6 | 4 | B | 0 | 9 | E | D | 8 | 1 |

ଗତକାଲିର ଉତ୍ତର

# ରାଜନୀତିରେ ଅପରାଧୀଙ୍କ ଭିଡ଼



ବୈକୁଣ୍ଠ ନାଥ ମିଶ୍ର

ସମ୍ପ୍ରତି ଦେଶ ଏକ ଅଦ୍ଭୁତ ସ୍ଥିତିରେ ଉପନୀତ। ଶାସନ, ପ୍ରଶାସନ ଏପରି କି ନ୍ୟାୟିକ ସଂସ୍ଥା ଛୋଟ ବଡ ଅପରାଧରେ ଜଡିତ ବ୍ୟକ୍ତିମାନଙ୍କ ଦ୍ୱାରା କଳୁଷିତ ହେବାରେ ଲାଗିଛି। ୨୦୧୯ରେ ଗଠିତ ସପ୍ତଦଶ ଲୋକ ସଭାରେ ୪୬ ପ୍ରତିଶତ ସଦସ୍ୟଙ୍କର ଆପରାଧିକ ପୃଷ୍ଠଭୂମି ରହିଛି ବୋଲି ପ୍ରକାଶ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଓକିଲ ଗୋପାଳ ଶଙ୍କର ନାରାୟଣ। ଆପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିବିଶେଷଙ୍କ ନିର୍ବାଚନରେ ପ୍ରାର୍ଥିତ୍ୱ ପ୍ରସଙ୍ଗକୁ ନେଇ ଅନେକ ବିତର୍କ ସୃଷ୍ଟି ହୋଇଥିଲେ ମଧ୍ୟ ସେଥିପ୍ରତି କର୍ଣ୍ଣପାତ କରାଯାଇନାହିଁ। ଏ ସମ୍ବନ୍ଧରେ ଏକ ଆଇନର ଆବଶ୍ୟକତା ଥିଲେ ମଧ୍ୟ ପାର୍ଲାମେଣ୍ଟ କିମ୍ବା ବିଧାନସଭାମାନେ ଏହାକୁ କେବେ ଗୁରୁତ୍ୱ ଦେଇନାହାନ୍ତି। ଅପରାଧ ବିଜଡିତ ସଦସ୍ୟମାନଙ୍କୁ ନିର୍ବାଚନ ବାସନ୍ଦ ପ୍ରସ୍ତାବ କେବେ ବି ପାର୍ଲାମେଣ୍ଟରେ ଆଗତ ହୋଇପାରିବ ନାହିଁ। ଗୃହୀତ ହେବା ତ ଦୂରର କଥା। କାରଣ ଶାସକ ଓ ତା'ର ମିତ୍ର ଦଳ କିମ୍ବା ବିରୋଧୀ ଓ ତା'ର ମିତ୍ର ଦଳ ସବୁଠି ଅପରାଧୀଙ୍କ ଭିଡ। ତେଣୁ ଏ ପ୍ରକାର ଆଇନ କରି ନିଜ ଗୋଡରେ କୁରାଢି ଚୋଟ ମାରିବାକୁ କେଉଁ ଦଳ ବା ଚାହିଁବ। ପାର୍ଲାମେଣ୍ଟଠାରୁ ଏପରି ଆଶା ଯେତେବେଳେ କ୍ଷୀଣ, ଅନ୍ତତଃ ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। କିନ୍ତୁ ଆଜିକାଲି କିଛି ନ୍ୟାୟାଧୀଶଙ୍କୁ ମଧ୍ୟ ଅପରାଧ ମାନସିକତା ଗ୍ରାସ କରିଥିବାର ଚାଞ୍ଚଲ୍ୟକର ତଥ୍ୟ ବିଭିନ୍ନ ଗଣମାଧ୍ୟମରୁ ଲବ୍ଧ ହୁଏ।

ସର୍ବୋଚ୍ଚ ନ୍ୟାୟାଳୟର ବିଦାୟୀ ପ୍ରଧାନ ବିଚାରପତି ରଞ୍ଜନ ଗୋଗେଇଙ୍କ ବିରୋଧରେ ଆଗତ ଏକ ଅପରାଧ ଅଭିଯୋଗକୁ ବିନା ବିଚାରରେ ଉଡାଇ ଦିଆଗଲା। ଏପରି କି ସାଧାରଣ ତଦନ୍ତ ଟିକେ ମଧ୍ୟ ହେଲା ନାହିଁ। ତଦନ୍ତରେ ନିରପରାଧ ସାବ୍ୟସ୍ତ ହୋଇଥିଲେ ସିଜେଆଇଙ୍କର ଗୌରବ ପ୍ରତିଷ୍ଠିତ ହୋଇଥାନ୍ତା। ଅନ୍ୟଥା ସନ୍ଦେହର ଟିକା ଧାରଣ କରି ଚାକିରିରୁ ତାଙ୍କୁ ବିଦାୟ ନେବାକୁ ହେଲା। ଭାରତୀୟ ମହାନ୍ ସଂସ୍କୃତିର ଏହା ଘୋର ପରିପନ୍ଥୀ। ମାତା ସୀତାଙ୍କର ସତୀତ୍ୱ ସର୍ବଜନ ବିଦିତ ଥିବା ସତ୍ତ୍ୱେ ତାଙ୍କୁ କେବଳ ଅଗ୍ନିପରୀକ୍ଷା ଦେବାକୁ ହୋଇ ନ ଥିଲା। ବରଂ ଜଣେ ରଜକର କଟୂ ମନ୍ତବ୍ୟ ଯୋଗୁ ତାଙ୍କୁ ବହିଷ୍କରଣ ଦଣ୍ଡ ଭୋଗିବାକୁ ହୋଇଥିଲା। ନ୍ୟାୟାଧୀଶମାନେ ଏ ବିଷୟରେ ସଚେତନ ଥାଇ ମଧ୍ୟ କୌଣସି ପଦକ୍ଷେପ ନ ନେବା ବାସ୍ତବିକ ପରିତାପର ବିଷୟ। ୨୪ ଜାନୁୟାରୀ ୨୦୨୦ରେ ରାଜନୀତିରେ ଅପରାଧକରଣକୁ ପ୍ରଶ୍ରୟ ଦେବା ସଂକ୍ରାନ୍ତରେ ସୁପ୍ରିମକୋର୍ଟ ଘୋର ଚିନ୍ତା ପ୍ରକଟ କରିଥିଲେ। ନିର୍ବାଚନ କମିଶନ ମଧ୍ୟ ଅପରାଧରେ ଜଡିତ ନେତାଙ୍କୁ ଟିକେଟ ଦେବା ଉପରେ ନିଷେଧାଦେଶ ଜାରି କରିବାକୁ ସର୍ବୋଚ୍ଚ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଜଷ୍ଟିସ ଆର.ଏଫ. ନରିମାନ ଓ ଏସ. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ବାଚନରେ ଅପରାଧ ରେକର୍ଡ ଥିବା ନେତାଙ୍କୁ ସୁଯୋଗ ନ ଦେବା ପରିପ୍ରେକ୍ଷୀରେ କମିଶନ ପଦକ୍ଷେପ ନେବାକୁ କହିଛନ୍ତି। ୨୦୧୮ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରାର୍ଥିପତ୍ର ଦାଖଲ ସମୟରେ ପ୍ରାର୍ଥୀ ଏବଂ ସେମାନଙ୍କ ଦଳ ପ୍ରାର୍ଥୀଙ୍କର ଅପରାଧ ସ୍ୱୀକାରୋକ୍ତି ଦଳର ୱେବ୍‌ସାଇଟରେ ପ୍ରକାଶ କରିବା ଆବଶ୍ୟକ। ସ୍ୱାଧୀନ ପ୍ରାର୍ଥୀମାନେ ଛପା ଓ ବୈଦ୍ୟୁତିକ ଗଣମାଧ୍ୟମରେ ନିଜ ଅପରାଧ ବିବରଣୀ ପ୍ରକାଶ କରିବା ଉଚିତ।

ବର୍ତ୍ତମାନ ପ୍ରଶ୍ନ ଉଠେ ଯଦି ସରକାରଙ୍କର ଦୁଇଟି ସଂସ୍ଥା ଯଥା ଶାସନ ଓ ବ୍ୟବସ୍ଥାପକରେ ଅପରାଧୀମାନଙ୍କର ନିରଙ୍କୁଶ ପ୍ରବେଶ ରହେ, ତେବେ ଏ ଦେଶର ଭବିଷ୍ୟତ କ'ଣ ହେବ। ଅବଶ୍ୟ ରାଜନୀତି କରୁଥିବା ବ୍ୟକ୍ତିବିଶେଷ ଛୋଟମୋଟ ଅପରାଧ କରିବା ଏକ ସାଧାରଣ ପ୍ରକ୍ରିୟା, ଯେହେତୁ ସେମାନେ ଲୋକପ୍ରତିନିଧି ଏବଂ ଜନସ୍ୱାର୍ଥକୁ ନେଇ କାମ କରନ୍ତି, ତାଙ୍କ ଅଜ୍ଞାତରେ ମଧ୍ୟ ଅପରାଧ ସଂଘଟିତ ହୋଇଯାଇପାରେ। ରାସ୍ତାରୋକୋ, ଆଇନ ଅମାନ୍ୟ, ପୋଲିସ କର୍ଡନ ଭଙ୍ଗ ଇତ୍ୟାଦିକୁ ନେଇ ଆନ୍ଦୋଳନ କଲାବେଳେ ଅପରାଧ ଛାଏଁ ଛାଏଁ ହୋଇଯାଇଥାଏ। ବିରୋଧୀ ଦଳର ସାମାନ୍ୟ ଅପରାଧକୁ ଶାସକ ଦଳର ପ୍ରରୋଚନାରେ ପୋଲିସ ଗୁରୁତ୍ୱର ସହ ନେଇଥାଏ। ସମାନ ଅପରାଧ ପାଇଁ ଶାସକ ଦଳ ନେତାଙ୍କୁ ଛାଡ ମିଳୁଥିବା ବେଳେ ବିରୋଧୀଙ୍କ କ୍ଷେତ୍ରରେ ପୋଲିସ ସଙ୍ଗିନ ଦଫା ଲଗାଇ ଆରେଷ୍ଟ କରେ, ଯାହାଫଳରେ ତାଙ୍କ ବିରୋଧରେ ମକଦ୍ଦମା ଚାଲେ ଏବଂ ଜାମିନ ମିଳିଲେ ମଧ୍ୟ ସେମାନେ ଆଇନ ଆଖିରେ ଅପରାଧୀ ସାଜନ୍ତି। ଏହି ପ୍ରେକ୍ଷାପଟରେ ଦେଖିଲେ ଅଧିକାଂଶ ନେତାଙ୍କ ବିରୋଧରେ କିଛି ନା କିଛି ଆପରାଧିକ ପୃଷ୍ଠଭୂମିର ସୂଚନା ମିଳେ।

ଜନସାଧାରଣ କେବେ ଚାହାନ୍ତି ନାହିଁ ଯେ ତାଙ୍କ ପ୍ରିୟ ନେତାଙ୍କର କୌଣସି ଆପରାଧିକ ପୃଷ୍ଠଭୂମି ଥାଉ। ସେମାନେ ଚାହାନ୍ତି ନିରପରାଧ, ନିଷ୍କଳଙ୍କ ବ୍ୟକ୍ତିତ୍ୱଙ୍କୁ ପ୍ରାର୍ଥିତ୍ୱ ପ୍ରଦାନ କରାଯାଉ। ଅନେକ ସମୟରେ କିନ୍ତୁ ଏହା ସମ୍ଭବ ହୋଇ ନ ଥାଏ। ଜାତୀୟଠାରୁ ପ୍ରାନ୍ତୀୟ ରାଜନୀତି ପର୍ଯ୍ୟନ୍ତ ନିରୀକ୍ଷଣ କଲେ ଜଣାଯାଏ ସତେ ଯେପରି ଅପରାଧ ଓ ରାଜନୀତି ପରସ୍ପର ପରିପୂରକ। ନେତା ଯେତେ ପ୍ରଭାବଶାଳୀ ତାଙ୍କ ଅପରାଧ ମଧ୍ୟ ତଦନୁଯାୟୀ ଗମ୍ଭୀର। ବେଳେବେଳେ ଶାସକ ଦଳର ଆକ୍ରୋଶର ଶିକାର ହୋଇ ବିରୋଧୀ ଦଳର ପ୍ରଭାବଶାଳୀ ନେତାଙ୍କୁ ଅପରାଧୀ ପ୍ରମାଣିତ କରି କାରାରୁଦ୍ଧ କରାଯିବାର ଦୃଷ୍ଟାନ୍ତ ଆମ ଦେଶରେ ଊଣା ନାହିଁ। ବିରୋଧୀଙ୍କୁ ସମାଲୋଚନା ଓ କୁତ୍ସାରଟନା ଶାସନ ଗାଦିକୁ ଫେରିଲା ପରେ ପ୍ରତିପକ୍ଷ ପାଇଁ ବୁମେରାଂ ହୋଇଥାଏ। ଶାସକ ଓ ବିରୋଧୀ ସମର୍ଥକଙ୍କ ମଧ୍ୟରେ ଶତ୍ରୁତାର ପ୍ରାଚୀର ସଶକ୍ତ ହୁଏ। ଫଳରେ ଅପରାଧ ମାନସିକତାର ଉଦ୍ରେକ ହୁଏ। ଅପରାଧୀମାନେ ନେତା ଆସନରେ ବସିଲେ ଭିନ୍ନ ଭିନ୍ନ କୌଶଳ ଆପଣେଇଥାନ୍ତି। ଅନ୍ତରରେ ଅପରାଧର ବିଷକୁମ୍ଭ ଧାରଣ କରି ମଧୁର ବଚନରେ ପିଠି ଆଉଁଶି ଭୋଟ ହାତେଇବା ଲୋକଙ୍କର ବର୍ତ୍ତମାନ ରାଜନୀତିରେ ଗହଳି ସୃଷ୍ଟି ହୋଇଛି। ସବୁ ଦଳରେ ଏପରି ନେତାଙ୍କର ଉପସ୍ଥିତି ଦୃଶ୍ୟମାନ। ୨୦୦୯ ସାଧାରଣ ନିର୍ବାଚନ ପୂର୍ବରୁ ପାର୍ଲାମେଣ୍ଟରେ ୨୪ ପ୍ରତିଶତ ସାଂସଦଙ୍କ ନାମରେ ଆପରାଧିକ ମାମଲା ଥିଲାବେଳେ ୨୦୦୯ରେ ଏହା ୩୦ ପ୍ରତିଶତକୁ ବୃଦ୍ଧି ପାଇଲା। ୨୦୧୪ ନିର୍ବାଚନରେ ଅପରାଧୀ ସାଂସଦଙ୍କ ସଂଖ୍ୟା ୩୪ ପ୍ରତିଶତକୁ ବୃଦ୍ଧି ପାଇଥିବା ବେଳେ ୨୦୧୯ ସାଧାରଣ ନିର୍ବାଚନରେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୪୬ ପ୍ରତିଶତ ହୋଇଛି। ଅପରାଧୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇ ଚାଲିଛି। ଦଳଗୁଡ଼ିକ ପ୍ରାର୍ଥୀ ଚୟନ କରିବା ସମୟରେ ପ୍ରାର୍ଥୀଙ୍କର ଚରିତ୍ରକୁ ଗୁରୁତ୍ୱ ନ ଦେଇ ସେମାନେ କେତେ ଧନୀ ଓ କରିତକର୍ମା ତାହା ବିଚାର କରାଯାଉଛି।

ସୁପ୍ରିମକୋର୍ଟ ଅନେକ ଦିନର ଅପେକ୍ଷାର ଅନ୍ତ ଘଟାଇ ପରିଶେଷରେ ଗତ ଫେବୃୟାରୀ ୧୩ ତାରିଖରେ ଅପରାଧୀ ନେତାଙ୍କର ନିର୍ବାଚନରେ ଅଂଶଗ୍ରହଣ ଉପରେ ଅଙ୍କୁଶ ଲଗାଇଛନ୍ତି। ଅପରାଧର ମାତ୍ରାକୁ ନେଇ ଏହାକୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇପାରେ ଯଥା ସାଧାରଣ ଅପରାଧ ଓ ସଙ୍ଗିନ ଅପରାଧ। ଆଇନ ଅମାନ୍ୟ, ରାସ୍ତାରୋକୋ ଇତ୍ୟାଦି ସାଧାରଣ ଅପରାଧକୁ ଧର୍ତ୍ତବ୍ୟ ଭାବେ ଗ୍ରହଣ ନ କରି ନରହତ୍ୟା, ହତ୍ୟା ଉଦ୍ୟମ, ବଳାତ୍କାର, ଅର୍ଥ ତୋସରପାତ, ଦେଶ ସମ୍ପତ୍ତି ନଷ୍ଟ, ନାରୀମାନଙ୍କୁ ଯୌନ ନିର୍ଯାତନା, ଠକେଇ ସଂପୃକ୍ତି ଇତ୍ୟାଦି ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ରାଜନୀତିରୁ ବହିଷ୍କାର କରାଯିବା ଉଚିତ। ସେମାନଙ୍କ ଯୋଗୁ ପ୍ରଜ୍ଞାଶୀଳ ବ୍ୟକ୍ତି ରାଜନୀତି, ଏପରି କି ମତଦାନ ପ୍ରତି ବିମୁଖ ହେବାର ଲକ୍ଷ୍ୟ କରାଯାଉଛି। ଅପରାଧପ୍ରବଣ ନେତାଙ୍କର ସଂସଦ କିମ୍ବା ବିଧାନସଭାରେ ପ୍ରବେଶ କେବଳ ଦେଶରେ ନୁହେଁ ବିଦେଶରେ ମଧ୍ୟ ସମ୍ମାନ ଭୁଲୁଣ୍ଠିତ କରୁଛି।

ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତି ସ୍ଥାନରେ ନିର୍ମଳ ଚରିତ୍ରବାନ ବ୍ୟକ୍ତିଙ୍କର ଏ ଦେଶରେ ଅଭାବ ନାହିଁ। ପ୍ରାର୍ଥୀ ଚୟନରେ ଶୁଣାଯାଉଥିବା ଅର୍ଥ କାରବାର ଯଦି ସତ୍ୟ ହୋଇଥାଏ, ତେବେ ତ ଭିନ୍ନ କଥା। ନଚେତ ଗଣତନ୍ତ୍ର ଚାହେଁ ନିର୍ମଳ ଚରିତ୍ରବାନ ସାଧୁମାନଙ୍କର ଯୋଗଦାନ। ଇଂଲିଶ ପ୍ରାବନ୍ଧିକ ହର୍ଣ୍ଣବିଙ୍କ ମତରେ ଯେଉଁଦିନ ସମାଜର ନିମ୍ନସ୍ତରର ବ୍ୟକ୍ତିଟିଏ ବା କୌଣସି ଅନୁଷ୍ଠାନର ସର୍ବନିମ୍ନ କର୍ମଚାରୀଟି ସର୍ବୋଚ୍ଚ ଅଧିକାରୀଙ୍କୁ ତାଙ୍କ ନାମ ଧରି ସମ୍ବୋଧନ କରିପାରିବ, ସେଦିନ ଜାଣିବ ପୂର୍ଣ୍ଣ ଗଣତନ୍ତ୍ର ପ୍ରତିଷ୍ଠିତ ହୋଇଛି। ଯେତେଦିନ ଯାଏ ମନ୍ତ୍ରୀ, ବିଧାୟକ, ସାଂସଦ କିମ୍ବା ଉଚ୍ଚାଧିକାରୀଙ୍କ ଜୋତାକୁ ତାଙ୍କ ପାଦ ଯୁଗଳରେ ଖଞ୍ଜିଦେବାର ରୁଗ୍‌ଣ ମାନସିକତାରୁ ଆମେ ଉତ୍ତୀର୍ଣ୍ଣ ହୋଇ ପାରି ନାହୁଁ ସେତେଦିନ ପର୍ଯ୍ୟନ୍ତ ଆମ ତୋଷାମଦ ପଣର ଅନ୍ତ ଘଟିନାହିଁ ବୋଲି ବୁଝିବାକୁ ହେବ। ତୋଷାମଦ ଗଣତନ୍ତ୍ରର ପ୍ରମୁଖ ଅନ୍ତରାୟ। ମଧୁବାବୁଙ୍କ ଭାଷାରେ 'ତୋଷାମଦିଆର କୁକୁର ପ୍ରକୃତି, ଅଇଁଠାପତ୍ରରେ ଧ୍ୟାନ'। କେବଳ ତୋଷାମଦର ମିଥ୍ୟା ଅମୃତ ପାନ କରାଇ ଦେଶ ସମ୍ପତ୍ତିକୁ ନିଜ ସମ୍ପତ୍ତିରେ ସାମିଲ କରିବାର ମାନସିକତା ଅଧିକାଂଶ ନେତା ଓ ଅଧିକାରୀଙ୍କୁ ଆକ୍ରାନ୍ତ କରିଛି। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନଙ୍କ ଦ୍ୱାରା ଗତ ୪ ବର୍ଷରେ ବ୍ୟାଙ୍କ ଠକାମି ଜନିତ ଲୁଣ୍ଠିତ ଧନର ପରିମାଣ ୬୨ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ପୋଷା କୁକୁର ମୁହଁରେ ଦାନା ଗଣ୍ଡେ ଫିଙ୍ଗିଦେଇ ମାଲିକ ଘରୁ କଳାକନା ବୁଲାଇଲା ପରି ଜନତାକୁ ସାମାନ୍ୟ କିଛି ଦାନ କରି ତା'ର ବିପୁଳ ସମ୍ପତ୍ତିକୁ ଲୁଣ୍ଠନ କରାଯାଉଛି। କେବେ ଜନତାର ଜଡତା ଦୂର ହୋଇ ଜାଗୃତିର ନବସଂସ୍କରଣ ହେବ ତାହା ଈଶ୍ୱରଙ୍କୁ ଜଣା।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# ସହଯୋଗ ହିଁ କରୋନାକୁ ରୋକିପାରିବ

ସନ୍ଦୀପ କୁମାର ପଟ୍ଟନାୟକ

କରୋନା ରୋଗ ପାଇଁ ସାରା ପୃଥିବୀରେ ଏକ ଅଭୂତପୂର୍ବ ଭୟ ଓ ଆଶଙ୍କାର ବାତାବରଣ ସୃଷ୍ଟି ହୋଇଛି। ଏହାର କାରଣଗୁଡିକ ହେଲା କରୋନା ଭୂତାଣୁର ବହୁତ ଶୀଘ୍ର କାୟା ବିସ୍ତାର, ମୃତ୍ୟୁ ସଂଖ୍ୟାରେ ବୃଦ୍ଧି, ଉପଚାରର ଅଭାବ ଓ ଭୂତାଣୁ ବିସ୍ତାରର କାରଣ ଖୋଜିବା ପାଇଁ ଆବଶ୍ୟକୀୟ ଜ୍ଞାନର ଅଭାବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ଏକ ମହାମାରୀ ବୋଲି ଘୋଷଣା କରିଛି। ଯେହେତୁ ଏହି ରୋଗର ଉପଚାର ନାହିଁ ତେଣୁ ଆମମାନଙ୍କୁ ପରିଚ୍ଛନ୍ନତା ଉପରେ ଅଧିକ ଧ୍ୟାନଦେବା ଆବଶ୍ୟକ। ଯେପରି କି ହାତକୁ ଭଲ ଭାବରେ ଧୋଇବା ତଥା ଅଣ୍ଡା ସଂକ୍ରମଣରୁ ଦୂରେଇ ରଖିବା ସହିତ ସାମାଜିକ ଦୂରତ୍ୱ ବଜାୟ ରଖିବା ଆବଶ୍ୟକ। ଗହଳି ସ୍ଥାନରୁ ନିଜକୁ ଦୂରେଇ ରଖିବା। ଗୁଜବ ଭଲ ବଦଳରେ ଭେଲ ହିଁ କରେ ତେଣୁ ବିଭିନ୍ନ ଭାବରେ ଘୂରିବୁଲୁଥିବା ଗୁଜବ ବିଷୟରେ ସଚେତନ ହୋଇ ରହିବା ଆବଶ୍ୟକ। ଆଶାକରାଯାଏ ଏହାଦ୍ୱାରା ସଂକ୍ରମଣକୁ କିଛି ମାତ୍ରାରେ ରୋକାଯାଇପାରିବ।

ଭାରତରେ କରୋନା ଯେମିତି ବ୍ୟାପକ ସଂକ୍ରମିତ ନ ହୁଏ, ତାକୁ ଦେଖିବାର ପ୍ରଥମ ଉତ୍ତରଦାୟିତ୍ୱ ସରକାରଙ୍କର। ତାଙ୍କୁ ନାଗରିକଭାବରେ ସହଯୋଗ କରିବା ଆମର କର୍ତ୍ତବ୍ୟ। ଓଡିଶା ସରକାର କରୋନା ମୁକାବିଲା ଲାଗି ଜରୁରିକାଳୀନ ପରିସ୍ଥିତି ଜାରି କରିଛନ୍ତି। ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ଦ୍ୱାରା ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ।

ସବୁ ସତ୍ତ୍ୱେ ଯଦି ସଂକ୍ରମଣ ବୃଦ୍ଧି ପାଇଲା, ତେବେ ସରକାର ଏହି ରୋଗକୁ ରୋକିବା ପାଇଁ ସମର୍ଥ ତ? କାରଣ, କେବଳ କେରଳ ଭଳି କିଛି ରାଜ୍ୟକୁ ଛାଡିଦେଲେ ବର୍ତ୍ତମାନ ସରକାରୀ ସ୍ୱାସ୍ଥ୍ୟାବସ୍ଥା ସବୁଠି ଦୁର୍ବଳ ସ୍ଥିତିରେ ଅଛି। ଘରୋଇ ଡାକ୍ତରଖାନା କାହାକୁ ଏବେ ଉତ୍ତରଦାୟୀ ନାହାନ୍ତି। ସେମାନେ ସ୍ୱାସ୍ଥ୍ୟସେବା ଯୋଗାଇବା ନାମରେ ଅଧିକ ଲାଭର ଆଶା ରଖୁଛନ୍ତି। ବିଗତ ଦିନରେ ଆମ ଦେଶରେ ସ୍ୱାସ୍ଥ୍ୟାବସ୍ଥାକୁ ବାରମ୍ବାର ଉପେକ୍ଷିତ କରାଯାଇଛି ଓ ସ୍ୱାସ୍ଥ୍ୟାବସ୍ଥାକୁ ଘରୋଇକରଣ କରାଯାଇଛି।

ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଏକ ସ୍ୱଳ୍ପ, ମଧ୍ୟମ ଓ ଦୀର୍ଘସ୍ଥାୟୀ ଯୋଜନାର ଆବଶ୍ୟକତା ଅଛି। ଏହି ରୋଗର ଭୟାବହତାକୁ ଦୃଷ୍ଟିରେ ରଖି ଆଗାମୀ ଦିନ ପାଇଁ ସରକାରୀ ସ୍ୱାସ୍ଥ୍ୟାବସ୍ଥାକୁ, ବିଶେଷକରି ଡାକ୍ତରଖାନାଗୁଡିକୁ ଆବଶ୍ୟକୀୟ ସୁଦୃଢ଼ କରାଯାଉ। ସରକାର ସାମାଜିକ ଦୂରତ୍ୱ ଭଳି ପଦକ୍ଷେପ ବ୍ୟତୀତ ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ, ଜିଲା ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁଦୃଢୀକରଣର ଆବଶ୍ୟକତା ଅଛି। ଡାକ୍ତରଖାନାରେ ଆବଶ୍ୟକୀୟ ସଘନ ଚିକିତ୍ସା ବ୍ୟବସ୍ଥା ବା ଆଇସିୟୁ, ଚିକିତ୍ସା ପାଇଁ ସରଞ୍ଜାମ, ଅମ୍ଳଜାନ, ଔଷଧ ପର୍ଯ୍ୟାପ୍ତ ପରିମାଣରେ ରଖିବା ଆବଶ୍ୟକ। ଜିଲାସ୍ତରରେ ଥିବା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କୁ ଯେ କୌଣସି ପ୍ରକାରର ସମସ୍ୟା ସାମ୍ନା କରିବା ପାଇଁ ଆବଶ୍ୟକ ଆନୁଷ୍ଠାନିକ କ୍ଷମତା ଦିଆଯାଉ। ଏହାସହିତ ଘରୋଇ ଡାକ୍ତରଖାନା ବି ନିୟନ୍ତ୍ରଣ କରିବାର କ୍ଷମତା ଦିଆଯାଉ। ଚିକିତ୍ସା ଯୋଗାଉଥିବା ତଳରୁ ଉପର ପର୍ଯ୍ୟନ୍ତ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ନିରାପଦ କାର୍ଯ୍ୟକ୍ଷେତ୍ର ସହିତ ସରଞ୍ଜାମ ଯୋଗାଇ ଦିଆଯାଉ।

ବିଦ୍ୟାଳୟମାନଙ୍କୁ ବନ୍ଦ ରଖାଯାଇଛି। କିନ୍ତୁ ବନ୍ଦ କାରଣରୁ ତାଙ୍କୁ ମଧ୍ୟାହ୍ନଭୋଜନ ମିଳୁନାହିଁ। ପିଲାଙ୍କ ମଧ୍ୟାହ୍ନଭୋଜନ ବନ୍ଦ ହେବା ଉଚିତ ନୁହେଁ। କେରଳ ସରକାର ବିଦ୍ୟାଳୟ ବନ୍ଦ କରିଥିଲେ ମଧ୍ୟ ପିଲାଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇବାର ନୂତନ ବ୍ୟବସ୍ଥା କରିଛନ୍ତି। ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଖାଦ୍ୟ ନିରାପତ୍ତା ଦେବା ପାଇଁ ଅଧିକ ଖର୍ଚ୍ଚ କରିବା ପ୍ରୟୋଜନ। ସରକାର ବିକଳ୍ପ ନ ଦେଇ ସବୁ ସୁବିଧାଗୁଡିକୁ ତତ୍‌କ୍ଷଣାତ ବନ୍ଦ କଲେ ଗରିବଙ୍କ ପାଇଁ ଅନ୍ୟାୟ ହେବ। ଗଣମାଧ୍ୟମ ତା'ର ଠିକ ତଥ୍ୟ ସହିତ ନିରପେକ୍ଷତା ବଜାୟରଖିବା ଆବଶ୍ୟକ, ଯାହାଫଳରେ ଲୋକମାନଙ୍କର ବିଶ୍ୱସନୀୟତା ବଜାୟ ରହିବ। ଏହାସହିତ ସରକାରଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ଫଳପ୍ରଦ କରିବା ପାଇଁ ଗବେଷଣାର ଆବଶ୍ୟକତା ଅଛି।

କରୋନା ଭୂତାଣୁ ବିଶ୍ୱବ୍ୟାପୀ ସଂକ୍ରମଣରେ ସବୁଠୁ ବେଶି ସଙ୍କଟ ଅର୍ଥନୀତିରେ ସୃଷ୍ଟି ହୋଇଛି। ଦେଶର ଏକ ବଡ ଭାଗ ଜନସାଧାରଣଙ୍କ ପାଖରେ ସମ୍ବଳର ଅଭାବ ଅଛି। ସରକାରଙ୍କ ଦ୍ୱାରା କୁହାଯାଉଥିବା ଏହି ସାମାଜିକ ଦୂରତ୍ୱ ରଖିବାର ଫାଇଦା କିଛି ଦିନ ପାଇଁ। ଘରୁ ବାହାରକୁ ବାହାରିବା ଉପରେ କଟକଣା ଲଗାଯାଇଥିବାରୁ ଏହାଦ୍ୱାରା ସାଧାରଣଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେବ। ସରକାରୀ ଓ ବେସରକାରୀ କର୍ମଚାରୀ ଅପେକ୍ଷା ସାଧାରଣ ଶ୍ରମିକ, କୃଷକମାନଙ୍କ ନିଜର ଜୀବିକା ଉପରେ ସଙ୍କଟ ଦେଖାହେବ, ସେଥିପାଇଁ ସ୍ୱଚ୍ଛଳ ବର୍ଗ ଅଧିକ ସମ୍ବେଦନତା ଦେଖାଇବା ସହିତ ପରସ୍ପରକୁ ସାହାଯ୍ୟ କରିବାର ସାମାଜିକ ଆବଶ୍ୟକତା ବି ରହିଛି। ଏହାସହିତ, ଲୋକମାନେ ପରିବେଶକୁ ପରିଚ୍ଛନ୍ନ କରିବା ସହିତ ସଂକ୍ରମିତ ହୋଇଥିବା ଲୋକମାନଙ୍କୁ ଉପଚାର ପାଇଁ ନିଜ ଭିତରେ ଭାଇଚାରା ରଖିବା ଆବଶ୍ୟକ। ଏହି ଅର୍ଥରେ ବୁଝିବାକୁ ପଡିବ ଯଦି ଜଣେ ଏହି ରୋଗରେ ସଂକ୍ରମିତ ହୋଇଛନ୍ତି ତେବେ ତାହା କେବଳ ତାଙ୍କ ବା ତାଙ୍କ ପରିବାରର ସମସ୍ୟା ନୁହେଁ; ତାହା ସମାଜର ସମସ୍ୟା ଯାହାକୁ ମିଳିମିଶି ହଟାଇବାକୁ ହେବ। ଆଜିର ଦିନରେ ପ୍ରତିଟି ଦେଶ ଅନ୍ୟ ଦେଶ ଉପରେ ନିର୍ଭର କରୁଛି। ଆଜିର ଜଳବାୟୁ ପରିବର୍ତ୍ତନର ପୃଷ୍ଠଭୂମିରେ ଏହି ରୋଗକୁ ନିର୍ମୂଳକରିବା ପାଇଁ ନିଜ ନିଜ ଭିତରେ ପ୍ରତିଯୋଗିତା ନୁହେଁ ବରଂ ସହଯୋଗ ଜରୁରୀ। ଏହି ଘାତକ ଭୂତାଣୁକୁ ପ୍ରତିହତ କରିବାରେ ଚାଇନା ଅନେକାଂଶରେ ସଫଳ ହୋଇଛି ତେବେ ମଣିଷଜାତି ଏକଜୁଟ ହୋଇ ତାକୁ ପରାସ୍ତ ଓ ଲୋପ ପାଇଁ ପ୍ରୟାସ କରୁଛନ୍ତି, ଏହା ହିଁ ଆମ ପାଇଁ ବଡ ଆଶ୍ୱାସନା।

ଡିମିରିସେନା, ପୁରୀ
ମୋ-୦୯୯୩୮୦୬୩୨୭୫

## ଏଇ ଭାରତରେ

କୋଭିଡ-୧୯ କରୋନା ଭାଇରସ୍‌କୁ ପ୍ରତିରୋଧ କରିବା ଲାଗି ସାରା ବିଶ୍ୱ ସବୁ ବଳ ଖଟାଇ ଦେଇଛି। ହେଲେ ତାହାକୁ କାବୁ କରାଯାଇପାରୁନାହିଁ। ପ୍ରତିଦିନ ହଜାର ହଜାର ଲୋକ ଏଥିରେ ପ୍ରାଣ ହରାଉଛନ୍ତି। ବିଶ୍ୱରେ ବୈଜ୍ଞାନିକମାନେ ଔଷଧ ବିକାଶ କରିବାରେ ଲାଗିଥିବାବେଳେ ଭାରତରେ ଦୁଇଜଣ ପୂର୍ବତନ ଆଇଆଇଟି ଛାତ୍ର କରୋନା ଭାଇରସ୍‌କୁ ରୋକିବା ଲାଗି ଏକ ରୋବୋ ନିର୍ମାଣ କରିଛନ୍ତି। ଏହି ଦୁଇଜଣ ଯୁବ ବୈଜ୍ଞାନିକ ହେଉଛନ୍ତି ଦେବଯାନ ଶାହା ଓ ଡ. ଶଶି ରଞ୍ଜନ। ମଣିଷ ଭଳି ଦେଖିବାକୁ ଏହି ରୋବୋର ନାମ 'ଏୟାରଲେନ୍ସ ମାଇନସ୍ କରୋନା' ରଖାଯାଇଛି। ହସ୍ପିଟାଲ, ବସଷ୍ଟାଣ୍ଡ,ରେଲୱେ ଷ୍ଟେଶନ, ଶପିଂ ମଲ୍ ଆଦି ସ୍ଥାନରେ ଏହି ରୋବୋ ଆଇଓନାଇଜଡ୍ ୱାଟର ସ୍ପ୍ରେ କରି କରୋନା ଭୂତାଣୁକୁ ଶେଷ କରିପାରିବ ବୋଲି କହନ୍ତି ଶାହା। ସ୍ପ୍ରେ ମାଧ୍ୟମରେ କରୋନା ଭୂତାଣୁର ପ୍ରୋଟିନ କୋଟିଂକୁ ନଷ୍ଟ କରିପାରିବ। ଲକ୍‌ଡାଉନ ସମୟରେ ଶହା କୋଲକାତାରେ ଓ ଡ. ଶଶି ଦିଲ୍ଲୀରେ ରହୁଥିଲେ ମଧ୍ୟ ସେହି ଅଞ୍ଚଳରେ ଉପଲବ୍ଧ ହେଉଥିବା ସଂସାଧନକୁ ଉପଯୋଗ କରି ସେମାନେ ଏହାର ପ୍ରୋଟୋଟାଇପ୍ ବା ପ୍ରତିକୃତି ନିର୍ମାଣ କରିଛନ୍ତି। ଏହାର ପରୀକ୍ଷା ପାଇଁ ବିଜ୍ଞାନ ଓ ଜ୍ଞାନକୌଶଳ ବିଭାଗ ଅଧୀନରେ ଥିବା ଜ୍ଞାନକୌଶଳ ବିକାଶ ବୋର୍ଡ ନିକଟକୁ ପଠାଇଛନ୍ତି। ତେବେ ଏହି ସଂକଟ ସମୟରେ ଏଭଳି ଅଧିକ ରୋବୋ ନିର୍ମାଣ କରିବାକୁ ଇଞ୍ଜିନିୟରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସେମାନେ ବିଭାଗକୁ ପ୍ରସ୍ତାବ ମଧ୍ୟ ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଶୀତଳ ଭଣ୍ଡାର କାହିଁ

ମହାଶୟ,

ଧାନ ଭଳି ପନିପରିବା ଚାଷରେ ଆମ ରାଜ୍ୟ ଅଶେଷ ପାରଙ୍ଗମ ହୋଇଉଠିଛି। ଆନ୍ଧ୍ର ଚାଷୀଙ୍କ ସହିତ ଅଦୃଶ୍ୟ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ଦର ବାଧୁ ନ ଥିବାରୁ ଶୀତଦିନିଆ ପନିପରିବା ଖିଆ ସଉକିଆ ମଧ୍ୟ ଭଲରେ ଆତ୍ମା ଶାନ୍ତି କରିପାରୁଛନ୍ତି। ବର୍ଷକୁ ବର୍ଷ ଉତ୍ପାଦନ ବୃଦ୍ଧି ପାଉଥିଲେ ହେଁ ବିଗତ କିଛିବର୍ଷ ହେବ ଆଉ ରାସ୍ତାଘାଟରେ ଗୋରୁ ଗାଈଙ୍କ ପାଇଁ ଢଳା ହେଉନି ବିଲାତି ବାଇଗଣ, କୋବି ଓ ମୂଳା ବ୍ୟତୀତ ବିଭିନ୍ନ ଶାଗ। ଗାଁ ଗାଁକୁ ଲମ୍ବିଗଲାଣି ପକ୍କା ରାସ୍ତା ଓ ଛୋଟରୁ ଛୋଟ ମୋଟର ଗାଡି ଯା'ଆସ ସହିତ ମୋବାଇଲ ଫୋନ ବ୍ୟବହାରକରି ଚାଷୀ ଅଧିକ ଚତୁର ହୋଇ ଉଠିବା ସଙ୍ଗେ ସଙ୍ଗେ ବଜାର ବୁଲି ଅଧିକ ଲାଭ ପାଉଛି। ଲୁଟିନେଉଥିବା ମଝିଲୋକ ଉଡିଯାଉଛନ୍ତି। ଶୀତଳଭଣ୍ଡାର ସୁବିଧା ନ ଥିବାରୁ ଏଥର ପଶ୍ଚିମ ଓଡିଶାର ଚାଷୀ ପାଞ୍ଚ ଟଙ୍କା ଦରରେ ପିଆଜ ବିକିଦେଇ କାନ୍ଦୁଛନ୍ତି। ଯଦିଓ ଆମ ରାଜ୍ୟର ଚାଷୀ ଏବେ ଆଙ୍ଗୁଠିରେ ଛେପ ମାରି ଟଙ୍କା ଗଣୁଛନ୍ତି। ବିନା ଶୀତଳଭଣ୍ଡାର ବ୍ୟବହାରରେ କେହି କେବେ ଧନୀ ହୋଇପାରିବେ ନାହିଁ। ବଡ ବଡ ଚାଷୀ ନିଜ ଅଞ୍ଚଳରେ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ଆଗ ଅଣ୍ଟା ଭିଡିବା ଦରକାର ଓ ସରକାରୀ ପ୍ରୋତ୍ସାହନକୁ ସମସ୍ତେ ଅଣଦେଖା କରିବା ବିଡମ୍ବନା ବ୍ୟତୀତ କିଛି ନୁହେଁ।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

### ପାର୍କରେ ଖନ୍ଦାଶାଳ ଓ ଅନ୍ତ୍ୟେଷ୍ଟିକ୍ରିୟା ହେଉଛି

ନୀଳାଦ୍ରି ବିହାର, ସେକ୍ଟର-୨ ପାର୍କ ଜାଗାରେ ଅନ୍ତ୍ୟେଷ୍ଟିକ୍ରିୟା, ବିବାହର ୫୦ ବର୍ଷ ପୂର୍ତ୍ତି, ଜନ୍ମଦିନ ପାଳନ କରାଯାଉଛି। ଖନ୍ଦାଶାଳ ତିଆରି ହେଉଛି। ପାର୍କର ଫାଟକ ବନ୍ଦ କରାଯାଇଛି। ପାଚେରି କରାଯାଇ ଜମି ମାଡିବସିବାର ଫନ୍ଦି। ଘର ତିଆରିର ଜିନିଷ ଯଥା-ଇଟା, ବାଲି ଜମା ହୋଇଛି। ପ୍ରଦୂଷଣ ଖାଲି ପ୍ରଦୂଷଣ। ମାଇକ ବାଜୁଛି। ରହି ହେଉନାହିଁ। ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଏକୁ ଜଣାଇଲେ କିଛି ହେଉନାହିଁ। ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

ଡ. ନିର୍ମଳା କୁମାରୀ ମହାପାତ୍ର, ନୀଳାଦ୍ରି ବିହାର, ଭୁବନେଶ୍ୱର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ମଙ୍ଗଳବାର, ୭ ଏପ୍ରିଲ, ୨୦୨୦



ଜଣେ ବ୍ୟାଙ୍କ କ୍ୟାସିୟର ଏକ ଭିଡିଓରେ କରୋନା ସତର୍କତା ଅବଲମ୍ବନ କରୁଥିବା ଦେଖିବାକୁ ମିଳିଛି। ସେ ଗ୍ରାହକଙ୍କଠାରୁ ସିଧାସଳଖ ରସିଦ୍ ନ ନେଇ ଏକ ଚୁଇଜର ଜରିଆରେ ନେଉଛନ୍ତି। ପରେ ଏହି ରସିଦ୍‌କୁ ଆଇରନ୍ କରୁଛନ୍ତି। ଉକ୍ତ ବ୍ୟାଙ୍କ କର୍ମଚାରୀ ଜଣକ ହାତରେ ଗ୍ଲୋଭ୍ସ ବ୍ୟବହାର କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଉକ୍ତ ଭିଡିଓଟିକୁ ପଙ୍କଜ ନୈନ୍ ନାମକ ଜଣେ ଆଇପିଏସ ଅଧିକାରୀ ତାଙ୍କ ଟୁଇଟର ଆକାଉଣ୍ଟରେ ଶେୟାର କରିବା ସହ ପ୍ରଶଂସା ମଧ୍ୟ କରିଛନ୍ତି।



# ଭାରତକୁ ଆସିବ କରୋନା ପ୍ରତିଷେଧକ ଟିକା



ନୂଆଦିଲ୍ଲୀ: ଦିନକୁ ଦିନ ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଏହାକୁ ରୋକିବା ପାଇଁ ପ୍ରତିଷେଧକ ଟିକା 'କୋରୋଫ୍ଲୁ' ଚଳିତ ବର୍ଷ ଶେଷସୁଦ୍ଧା ଭାରତକୁ ଆସିବାର ସମ୍ଭାବନା ରହିଛି। ଏହା ଦ୍ୱାରା କରୋନା ସହିତ ଫ୍ଲୁ ମଧ୍ୟ ଭଲ ହେବ। ହାଇଦ୍ରାବାଦ୍‌ର ଭାରତ ବାୟୋଟିକ୍ କମ୍ପାନୀ ଏହା ପ୍ରସ୍ତୁତ କରିଥିବା ବେଳେ ଆମେରିକାରେ ପ୍ରାଣୀଙ୍କ ଉପରେ ଏହାର ପ୍ରୟୋଗ ଜାରି ରହିଛି। ଆସନ୍ତା ୩ ମାସ ପରେ ମଣିଷଙ୍କଠାରେ ଏହାର ପ୍ରୟୋଗ କରାଯିବ ବୋଲି କୁହାଯାଉଛି। ଏଥିରେ ସଫଳତା ମିଳିଲେ ଏହାର ବ୍ୟବହାର କରାଯିବ। ଏହି ଟିକାକୁ ନାଜାଲ୍ ଡ୍ରପ୍ ଭାବେ ବ୍ୟବହୃତ କରାଯିବ ବୋଲି କୁହାଯାଉଛି। ନାକରେ ଏକ ବୁନ୍ଦା 'କୋରୋଫ୍ଲୁ' ଟିକା ପକାଇଲେ କରୋନା ସହିତ ଫ୍ଲୁ'କୁ ମଧ୍ୟ ଏହା ପ୍ରତିରୋଧ କରିବାକୁ ସକ୍ଷମ ହେବ। କରୋନା ସଂକ୍ରମଣ ନାକ ଦ୍ୱାରା ହେଉଥିବାରୁ ଟିକାକୁ ନାକରେ ପକାଯିବ ବୋଲି ବିଶେଷଜ୍ଞ କହୁଛନ୍ତି। ପ୍ରତିବର୍ଷ ୩୦ କୋଟି ଡୋଜ୍ ପ୍ରସ୍ତୁତ କରାଯିବ ବୋଲି ଭାରତ ବାୟୋଟିକ୍ କମ୍ପାନୀର ସିଏମ୍‌ଡି ଡ. କୃଷ୍ଣା ଏଲା ସୂଚନା ଦେଇଛନ୍ତି।

# ଲକ୍‌ଡାଉନରେ ପୂଜାଙ୍କ କୁକିଙ୍ଗ୍



ମୁମ୍ବାଇ: ଦେଶରେ ଲକ୍‌ଡାଉନ୍ ପାଇଁ ବଲିଉଡ ଅଭିନେତା ଅଭିନେତ୍ରୀମାନେ ଘରେ ରହି ନିଜର ସମୟ ଅତିବାହିତ କରିବା ସହ ବିଭିନ୍ନ ପ୍ରକାର ଘର କାମରେ ନିଜକୁ ବ୍ୟସ୍ତ ରଖୁଛନ୍ତି। ମହେଞ୍ଜୋଦାରୋ ଏବଂ ହାଉସ୍‌ଫୁଲ-୪ ଅଭିନେତ୍ରୀ ପୂଜା ହେଗ୍‌ଡେ ଏବେ ଘରେ ରହି କୁକିଙ୍ଗ କରୁଛନ୍ତି। ବିଭିନ୍ନ ପ୍ରକାର କିଚେନ୍ ଏକ୍ସପେରିମେଣ୍ଟରେ ସେ ଲାଗିପଡ଼ିଛନ୍ତି। ସେ ପ୍ରଥମ ଥର ତାଙ୍କ ଘର ଲୋକଙ୍କ ପାଇଁ ଗାଜର ହାଲୱା ବନେଇ ଖୁଆଇଛନ୍ତି। ଏହା ପ୍ରସ୍ତୁତ କରିସାରିବାପରେ ସେ ଏହାର ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ନିଜର ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି। ସେ ଫଟୋ ଶେୟାର କରି ଉଲ୍ଲେଖ କରି ଲେଖିଛନ୍ତି ଯେ, ପୂଜାଙ୍କ ଦ୍ୱାରା ପ୍ରସ୍ତୁତ 'କ୍ୱାରାଣ୍ଟାଇନ୍ ଲାଇଫ୍ କୁକ୍'। ସେ ନିଜ ବାପା-ମା'ଙ୍କୁ ବନେଇ ଏହି ହାଲ୍‌ୱା ଖୁଆଇଛନ୍ତି। ତାଙ୍କ ମା' ମଧ୍ୟ ତାଙ୍କୁ ବହୁତ ପ୍ରଶଂସା କରିଛନ୍ତି। ଏହି ହାଲ୍‌ୱା ବହୁତ ଟେଷ୍ଟି ହୋଇଥିବା ମଧ୍ୟ ସେ ତାଙ୍କ ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି।

# ସବୁଠୁ ବଡ଼ ଦୀପ



ନାଗପୁର: ଜରୁରିକାଳୀନ ସେବା ଯୋଗାଉଥିବା ବ୍ୟକ୍ତିଙ୍କୁ ସମ୍ମାନ ଦେବା ସହିତ କରୋନା ସଂକ୍ରମଣରୁ ରକ୍ଷା ନିମନ୍ତେ ପ୍ରାର୍ଥନା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଅନୁରୋଧରେ ସମସ୍ତେ ଦୀପ ଲଗାଇଥିଲେ। ଏହି ଉଦ୍ଦେଶ୍ୟରେ ବିଶ୍ୱର ସବୁଠୁ ବଡ଼ଦୀପ ଜଳାଇ ରେକର୍ଡ କରିଛନ୍ତି ନାଗପୁର ଲୋକେ। ନାଗପୁରରେ ରବିବାର ରାତି ୯ଟା ସମୟରେ ଜଳାଇବା ପାଇଁ ତିଆରି କରାଯାଇଥିଲା ବିଶ୍ୱର ସବୁଠୁ ବଡ଼ଦୀପ। ଜେରି ଲେନ୍‌ଠାରେ ଏହି ଦୀପକୁ ଲଗାଯାଇଥିଲା। ନିଜ ଜୀବନକୁ ବିପନ୍ନ କରି ଜରୁରୀ ସେବା ଯୋଗାଉଥିବା ସ୍ୱାସ୍ଥ୍ୟକର୍ମୀ ଏବଂ ଅନ୍ୟମାନଙ୍କ ଉଦ୍ଦେଶ୍ୟରେ ଏହି ଦୀପକୁ ପ୍ରସ୍ତୁତ କରାଯାଇଥିଲା। ତେବେ ଦୀପଟି ଏବେ ବିଶ୍ୱର ସବୁଠୁ ବଡ଼ ଦୀପଭାବେ ରେକର୍ଡ କରିପାରିଛି।

# ମାସ୍କ ନ ପିନ୍ଧିଲେ ଫୁଲମାଳ

କୋଲକାତା: କରୋନା ସଂକ୍ରମଣରୁ ରକ୍ଷାପାଇବା ପାଇଁ ଏବେ ଅନେକ ଅଞ୍ଚଳରେ ଲୋକେ ସଚେତନ ହେଲେଣି। ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଏବେ ସବୁସ୍ଥାନରେ ମାସ୍କ ବ୍ୟବହାର କରିବା ପାଇଁ କୁହାଯାଇଛି। କୋଲକାତାରେ ମଧ୍ୟ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଏହା ସତ୍ତ୍ୱେ କିଛି ଲୋକ ମାସ୍କ ପିନ୍ଧୁ ନ ଥିବାରୁ ସେଭଳି ଲୋକଙ୍କୁ ଲଜ୍ଜା ଦେବା ପାଇଁ ସ୍ଥାନୀୟ ଯୁବପିଢ଼ି ଏକ ଅଭିନବ ଉଦ୍ୟମ ଆରମ୍ଭ କରିଛନ୍ତି। ଯେଉଁମାନେ ମାସ୍କ ପିନ୍ଧୁନାହାନ୍ତି ସେମାନଙ୍କୁ ରଜନିଗନ୍ଧା ଫୁଲର ମାଳ ପିନ୍ଧାଇ ବୁଲାଯାଉଛି। ଏପରି କରିବା ଫଳରେ ଲୋକେ ଲଜ୍ଜାର ଶିକାର ହୋଇ ଭୁଲ୍ ମାଗିବା ସହ ମାସ୍କ ପିନ୍ଧିବେ ବୋଲି ପ୍ରତିଶ୍ରୁତି ଦେଇ ଫେରୁଛନ୍ତି। ଲୋକଙ୍କୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ସବୁ ଅଞ୍ଚଳରେ ପୋଲିସ୍ ବିଭିନ୍ନ ପ୍ରକାରର ସଚେତନତା ବାର୍ତ୍ତା ଦେବାରେ ଲାଗିଛି। କିନ୍ତୁ ଏହାପରେ ବି ସ୍ଥାନୀୟ ଯୁବକମାନେ ବିଭିନ୍ନ ସ୍ଥାନ ବୁଲି ଲୋକଙ୍କୁ ଘରୁ ନ ବାହାରିବାକୁ କହିବା ସହ ଜରୁରୀ କାମରେ ବାହାରକୁ ଆସିଲେ ମାସ୍କ ପିନ୍ଧିବାକୁ ବାଧ୍ୟ କରୁଛନ୍ତି। ଆଉ ମାସ୍କ ନ ପିନ୍ଧି ବାହାରକୁ ଆସୁଥିବା ଲୋକଙ୍କୁ ଅପମାନିତ କରିବା ପାଇଁ ବି ଯୁବକମାନେ ଫୁଲମାଳ ପିନ୍ଧାଇବା ଆରମ୍ଭ କରିଛନ୍ତି। ଫୁଲମାଳରେ ଅପମାନିତବୋଧ କରି ଲୋକେ ଏବେ ଅଧିକ ସଚେତନ ହୋଇ ପାରିଛନ୍ତି।



# କରୋନା ଲାଗି ଭିଲ୍‌ୱାଡା ମଡେଲ



ନୂଆଦିଲ୍ଲୀ: ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏପରିସ୍ଥଳେ ଦେଶବ୍ୟାପୀ ରାଜସ୍ଥାନର ଭିଲୱାଡ଼ାରେ ହୋଇଥିବା କାର୍ଯ୍ୟକ୍ରମ ଲାଗୁ କରାଯିବାକୁ ଯୋଜନା କରାଯାଉଛି। ଗତ ମାସରେ ଭିଲୱାଡ଼ା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଏହାକୁ ହଟ୍‌ସ୍ପଟ୍ ଭାବେ ଘୋଷଣା କରାଯାଇଥିଲା। ତେବେ କରୋନା ସଂକ୍ରମିତଙ୍କ ସଂଖ୍ୟା କମାଇବା ପାଇଁ ୧୬ ହଜାର ସ୍ୱାସ୍ଥ୍ୟକର୍ମୀଙ୍କ ଏକ ଦଳକୁ ଏଠାକୁ ପଠାଯାଇଥିଲା। ସ୍ୱାସ୍ଥ୍ୟକର୍ମୀମାନେ ଘରଘର ବୁଲି ସ୍କ୍ରିନିଂ ଆରମ୍ଭ କରିଥିଲେ। ଫଳରେ କରୋନା ସଂକ୍ରମିତଙ୍କ ସଂଖ୍ୟାରେ ଆଉ ବୃଦ୍ଧି ଘଟି ନ ଥିଲା। ଏବେ ଏହି ମଡେଲ ଦେଶବ୍ୟାପୀ ଲାଗୁ କରାଯିବା ନେଇ ଚିନ୍ତା କରାଯାଉଛି। କରୋନା ହଟ୍‌ସ୍ପଟରେ ଏଭଳି ମଡେଲ ଲଗାଗୁ କରାଗଲେ ସୁଫଳ ମିଳିବ ବୋଲି କୁହାଯାଉଛି।

# କରୋନା ଡ୍ରେସ୍




ସୁରଟ୍: କରୋନା ଭାଇରସ୍‌ର ଭୟଙ୍କର ପ୍ରଭାବକୁ ଦର୍ଶାଇବା ନିମନ୍ତେ ବିଭିନ୍ନ ସ୍ଥାନରେ ପୋଲିସ୍ ଏବେ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରୁଛି। କେତେକ ସ୍ଥାନରେ ପୋଲିସ୍ ପ୍ରତୀକାତ୍ମକଭାବେ କରୋନା ହେଲମେଟ୍ ପିନ୍ଧି ଲୋକଙ୍କୁ ସଚେତନ କରୁଛନ୍ତି। ଠିକ୍ ଏହି କ୍ରମରେ ଏବେ ସୁରଟ୍ ପୋଲିସ୍ କରୋନା ପୋଷାକ ତିଆରି କରି ଲୋକଙ୍କୁ ସଚେତନ କରିବାର ଏକ ଭିନ୍ନ ଉପାୟ ଆରମ୍ଭ କରିଛି। ଗୁଜୁରାଟସ୍ଥିତ ସୁରଟ୍‌ର ମହୁଭା ତାଲୁକା ଅଞ୍ଚଳର ପୋଲିସ୍ ଏବେ ରାଜରାସ୍ତାରେ କରୋନା ପୋଷାକ ପିନ୍ଧି ବୁଲୁଛନ୍ତି ଓ ଲୋକଙ୍କୁ ସଚେତନ କରୁଛନ୍ତି। ପୋଲିସର କହିବା ଅନୁସାରେ କରୋନା ଭାଇରସ୍ ସଂକ୍ରମଣ ଅତ୍ୟନ୍ତ ଭୟଙ୍କର। ଲୋକଙ୍କ ମଧ୍ୟରେ ଏହି ରୋଗ ସଂକ୍ରମଣ ନ ହେବା ପାଇଁ କେବଳ ସାମାଜିକ ଦୂରତା ସହିତ ଘରେ ରହିବା ହିଁ ନିହାତି ଆବଶ୍ୟକ। ତେଣୁ ଏସବୁ କଥା ଜଣାଇବା ପାଇଁ ସ୍ଥାନୀୟ ପୋଲିସ୍ କରୋନା ଭାଇରସ୍‌କୁ ଦର୍ଶାଇବା ନିମନ୍ତେ ଏକ ସ୍ୱତନ୍ତ୍ରଭାବେ ପୋଷାକ ତିଆରି କରି ରାସ୍ତାରେ ଲୋକଙ୍କୁ ସଚେତନ କରୁଛି। ପୋଲିସର ଏଭଳି ଉଦ୍ୟମ ଲୋକଙ୍କ ବେଶ୍ ଦୃଷ୍ଟି ଆକର୍ଷଣ ବି କରିପାରୁଛି।

# ରାପିଡ୍ ଆଣ୍ଟିବଡି ଟେଷ୍ଟ କିଟ୍

**୧୫ ମିନିଟ୍‌ରେ ଚିହ୍ନଟ ହେବ କରୋନା**

ନୂଆଦିଲ୍ଲୀ: ଭାରତରେ ଦେଖାଦେଇଥିବା କରୋନା ସଙ୍କଟର ମୁକାବିଲା ଲାଗି ଭାରତୀୟ ମେଡିକାଲ ରିସର୍ଚ୍ଚ କାଉନସିଲ୍(ଆଇସିଏମ୍ଆର୍)ଅଣ୍ଟା ଭିଡ଼ିଛି। କିଭଳି କମ୍ ସମୟ ମଧ୍ୟରେ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯିବ ସେନେଇ ବିଦେଶରୁ ର୍‍ୟାପିଡ୍ ଆଣ୍ଟିବଡ଼ି ଟେଷ୍ଟ କିଟ୍ ମଗାଯାଇଛି। ଏହା ଏପ୍ରିଲ୍ ୮ ସୁଦ୍ଧା ଭାରତରେ ପହଞ୍ଚିବ ବୋଲି କୁହାଯାଉଛି। ବିଦେଶରୁ ପ୍ରାୟ ୮ ଲକ୍ଷ ର୍‍ୟାପିଡ୍ ଆଣ୍ଟିବଡ଼ି ଟେଷ୍ଟ କିଟ୍ ଅଣାଯିବ। ଏହା ପର୍ଯ୍ୟାୟକ୍ରମେ ଭାରତକୁ ଆସିବ। ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ କିଟ୍ ଆସି ପହଞ୍ଚିବ। ଏହାପରେ ଅବଶିଷ୍ଟ କିଟ୍ ଅଣାଯିବ। ଅଧିକ ସଂକ୍ରମିତ ହୋଇଥିବା ଅଞ୍ଚଳ ଅର୍ଥାତ୍ ହଟ୍‌ସ୍ପଟ୍‌ରେ ର୍‍ୟାପିଡ୍ ଆଣ୍ଟିବଡ଼ି ଟେଷ୍ଟ କିଟ୍ ଦ୍ୱାରା ଶୀଘ୍ର କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯିବ। ଏହାଦ୍ୱାରା ଏକବୁନ୍ଦା ରକ୍ତ ନମୁନାରୁ ମାତ୍ର ୧୫ ମିନିଟ୍ ମଧ୍ୟରେ କରୋନା ପଜିଟିଭ୍‌ଙ୍କୁ ଚିହ୍ନଟ କରାଯାଇ ପାରିବ ବୋଲି ଆଇସିଏମ୍ଆର୍ କହିଛି।




# ବୁଲାପ୍ରାଣୀଙ୍କୁ ଖାଇବାକୁ ଦେବେ ସୋନମ୍



ମୁମ୍ବାଇ:କରୋନା ଯୋଗୁ ସାରାଦେଶ ଲକ୍‌ଡାଉନ୍‌ରେ ଥିବାବେଳେ ବୁଲା ଗାଈଗୋରୁ ଓ କୁକୁର ଆଦି ହଇରାଣ ହେଉଛନ୍ତି। କାରଣ ସେମାନେ ବିଶେଷ କରି ହୋଟେଲ ଓ ଢାବା ଆଦିର ବଳକା ଖାଦ୍ୟ ଖାଇ ବଞ୍ଚନ୍ତି। ଏଭଳି ବୁଲାପ୍ରାଣୀଙ୍କ ପାଇଁ ବିଭିନ୍ନ ରାଜ୍ୟର ସରକାର ପଦକ୍ଷେପ ନେଇଥିବା ବେଳେ ଲୋକେ ମଧ୍ୟ ଏଦିଗରେ ସହଯୋଗର ହାତ ବଢ଼ାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁରୋଧ କରିଥିଲେ। ଏହି ବୁଲାପ୍ରାଣୀଙ୍କୁ ଖାଇବାକୁ ଦେବାକୁ ବଲିଉଡ୍ ଅଭିନେତ୍ରୀ ସୋନମ କପୁର ଆଗେଇ ଆସିଛନ୍ତି। ସୋନମ ତାଙ୍କ ସ୍ୱାମୀ ଆନନ୍ଦ ଆହୁଜାଙ୍କ ସହ 'ଭାନେ' ନାମକ ଏକ ପୋଷାକ ବ୍ରାଣ୍ଡ୍ ଚଳାନ୍ତି। ତାଙ୍କର ଏହି କମ୍ପାନୀର ଲାଭାଂଶକୁ ସେ ବୁଲାଗାଈ ଗୋରୁ ଓ କୁକୁରଙ୍କ ପାଇଁ ଖର୍ଚ୍ଚ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

# ଲକ୍ଷେ ଶ୍ରମିକଙ୍କୁ ସାହାଯ୍ୟ କରିବେ ଅମିତାଭ



ମୁମ୍ବାଇ: କରୋନା ମୁକାବିଲା ପାଇଁ ପୂରା ଦେଶକୁ ଲକ୍‌ଡାଉନ୍ କରାଯାଇଥିବା ବେଳେ ଘରଠାରୁ ଦୂରରେ ଶ୍ରମିକ ଭାବେ କାମକରି ପେଟ ପୋଷୁଥିବା ଲୋକେ ଭାରି ହଇରାଣ ହେଉଛନ୍ତି। ଏଭଳି ସ୍ଥିତିର ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ସରକାରଙ୍କ ସହ ବଲିଉଡ୍‌ର ଅନେକ ସେଲିବ୍ରିଟି ମଧ୍ୟ ଏଭଳି ପରିସ୍ଥିତିରେ ସାହାଯ୍ୟ ପାଇଁ ହାତ ବଢ଼ାଇଛନ୍ତି। ଏବେ ମହାନାୟକ ଅମିତାଭ ବଚ୍ଚନ ମଧ୍ୟ ସେମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। ଏକଲକ୍ଷ ଦିନ ମଜୁରିଆଙ୍କୁ ସହାୟତା ଯୋଗାଇଦେବାକୁ ସେ ଘୋଷଣା କରିଛନ୍ତି। ଅଲ୍ ଇଣ୍ଡିଆ ଫିଲ୍ମ ଏମ୍ପ୍ଲଇଜ୍ କନ୍‌ଫେଡେରେଶନ ସହିତ ଜଡ଼ିତ ମଜୁରିଆଙ୍କୁ ସହାୟତା କରିବେ ବୋଲି ସେ କହିଛନ୍ତି। ଲକ୍‌ଡାଉନ୍ ଯୋଗୁ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଏହି ଶ୍ରମିକ ଓ ସେମାନଙ୍କ ପରିବାରକୁ ଅମିତାଭ ମାସିକ ରାଶନ କ୍ରୟ ଲାଗି ଅର୍ଥ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ସୋନି ପିକ୍‌ଚର୍ସ ନେଟ୍‌ୱର୍କ ଇଣ୍ଡିଆ (ଏସପିଏନ୍) ଏବଂ କଲ୍ୟାଣ ଜୁଏଲର୍ସ ମଧ୍ୟ ସହଯୋଗ କରିବେ। ଅମିତାଭଙ୍କ ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ୭ ଏପ୍ରିଲ୍, ୨୦୨୦



## ବାରଙ୍ଗରେ ୨ ଦୋକାନ ସିଲ, ୩୦ ଗାଡ଼ି ଜବତ

ନରାଜ,୬।୪(ଡି.ଏନ.ଏ.): କଟକ ଓ ଭୁବନେଶ୍ୱରରେ ଲକ୍‌ଡାଉନ ନିୟମ କଡ଼ାକଡ଼ି କରାଯାଇଥିବାବେଳେ କେତେଜଣ ଏହାକୁ ଅବମାନନା କରୁଛନ୍ତି। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନରେ ସାମାଜିକ ଦୂରତା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସୋମବାର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆ ବଜାରରେ ଥିବା ଏକ ତେଜରାତି ଦୋକାନ ଓ ଏକ ଫଳ ଦୋକାନ ଏହି ନିୟମର ଅବମାନନା କରିବାରୁ ଉଭୟ ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ୍ କରି ଦିଆଯାଇଛି। ଦରକାର ନ ଥାଇ ଗାଡି ନେଇ ଆସିଥିବା ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଗାଡ଼ିକୁ ବାରଙ୍ଗ ଥାନା ପୋଲିସ ଜବତ କରିଛି।

**ସଂକ୍ଷେପରେ**

## ଅଟୋ, ଟ୍ୟାକ୍ସି ଚାଳକଙ୍କୁ ସାହାଯ୍ୟ ଦାବି

**ଭୁବନେଶ୍ୱର, ୬।୪(ବ୍ୟୁରୋ):** କରୋନା ମୁକାବିଲା ପାଇଁ ଜାରି ରହିଥିବା ଲକ୍‌ଡାଉନ୍ ଫଳରେ ଭୁବନେଶ୍ୱର ସମେତ ସମଗ୍ର ରାଜ୍ୟର ଲକ୍ଷ ଲକ୍ଷ ଅଟୋ ଓ ଟ୍ୟାକ୍ସିଚାଳକ ସେମାନଙ୍କ ରୋଜଗାର ହରାଇ ଘରେ ବସିଛନ୍ତି। ସେମାନଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ହିସାବ କଲେ ସଂଖ୍ୟା ୨୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ରୋଜଗାର ନ ଥିବାରୁ ଏହି ୨୦ଲକ୍ଷ ନାରୀନର, ଆବାଳ ବୃଦ୍ଧ ବନୀତା ମାର୍ଚ୍ଚ ୨୩ ରୁ ଅନାହାର ଓ ଅର୍ଦ୍ଧାହାରରେ ଦିନ କାଟୁଛନ୍ତି। ସରକାର ଉଠାଦୋକାନୀ, ନିର୍ମାଣ ଶ୍ରମିକ ଓ ବିପିଏଲ୍ ତାଲିକାଭୁକ୍ତ ପରିବାରଙ୍କ ପାଇଁ ଆର୍ଥିକ ସାହାଯ୍ୟ ଓ ୩ ମାସର ରାଶନ ଦେବାପାଇଁ ଘୋଷଣା କରିଛନ୍ତି। ମାତ୍ର ଅଟୋ ଓ ଟ୍ୟାକ୍ସିଚାଳକ ଏବଂ ସେମାନଙ୍କ ପରିବାରବର୍ଗଙ୍କ ପାଇଁ କୌଣସି ଘୋଷଣା କରିନାହାନ୍ତି। ଏଣୁ ସରକାର ରାଜ୍ୟର ସମସ୍ତ ଅଟୋ ଓ ଟ୍ୟାକ୍ସି ଚାଳକମାନଙ୍କୁ ରାଶନ ସାମଗ୍ରୀ ଓ ଆର୍ଥିକ ସାହାଯ୍ୟ ୫ ହଜାର ଟଙ୍କା ଲେଖାଏ ଯୋଗାଇଦେବା ପାଇଁ ରାଜଧାନୀ ଅଟୋଚାଳକ ସଂଘ ସଭାପତି ସୁର ଜେନା ଓ ନିଖିଳ ଓଡ଼ିଶା ଅଟୋ ଓ ଟ୍ୟାକ୍ସି ଚାଳକ ମହାସଂଘ ସମ୍ପାଦକ ନବକିଶୋର ମହାନ୍ତି ଦାବି ଜଣାଇଛନ୍ତି।

## ଗୋପ ବସ୍ତିରେ ନିଜାମୁଦ୍ଦିନ ଫେରନ୍ତା ନାହାନ୍ତି: ଇଦ୍ରିସ୍

**ଗୋପ, ୬।୪(ଡି.ଏନ୍.ଏ):** ବାହାର ରାଜ୍ୟରେ କାମ କରୁଥିବା କେତେଜଣ ଯୁବକ ଗୋପ ବସ୍ତିକୁ ଆସିଥିଲେ ମଧ୍ୟ ଏଠାକୁ ନିଜାମୁଦ୍ଦିନରୁ କେହି ଆସି ନାହାନ୍ତି ବୋଲି ସ୍ଥାନୀୟ ମସ୍‌ଜିଦ ସଭାପତି ଇଦ୍ରିସ ଖାଁ କହିଛନ୍ତି। ପ୍ରକାଶ ଯେ, କରୋନାକୁ ନେଇ ଏବେ ଦେଶରେ ଭୟର ବାତାବରଣ ଛାଇଯାଇଛି। ଏଭଳି ସ୍ଥିତିରେ ଗୋପ ବ୍ଲକ ଅଞ୍ଚଳରୁ ବାହାର ରାଜ୍ୟକୁ କାମ ଧନ୍ଦା ପାଇଁ ଯାଇଥିବା ଶତାଧିକ ଯୁବକ ନିଜ ଘରକୁ ଫେରିଆସିଛନ୍ତି। ତେବେ ନିଜାମୁଦ୍ଦିନରୁ ଫେରିଥିବା ୨ଜଣ ଯୁବକ ଗୋପ ମୁସଲିମ୍ ବସ୍ତିରେ ରହିଥିବା ଅଭିଯୋଗ ହୋଇଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ମଧ୍ୟ ତଦନ୍ତ କରାଯାଇଥିଲା। ତେବେ ସମ୍ପୃକ୍ତ ୨ଯୁବକ ନିଜାମୁଦ୍ଦିନ ଯାଇ ନ ଥିଲେ। ସେମାନେ ଯାଜପୁରରେ ଅନୁଷ୍ଠିତ ଏକ ଧର୍ମସଭାରେ ଯୋଗଦେଇଥିଲେ ବୋଲି ମସ୍‌ଜିଦ ସଭାପତି ଇଦ୍ରିସ ଖାଁ ଏବଂ ସମ୍ପାଦକ କହିଛନ୍ତି।

## ଶିଶୁଯତ୍ନ ଅନୁଷ୍ଠାନକୁ ଆର୍ଥିକ ଅନୁଦାନ

**ଭୁବନେଶ୍ୱର, ୬।୪(ବ୍ୟୁରୋ):** ରାଜ୍ୟ ସରକାର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ରାଜ୍ୟରେ ଥିବା ଶିଶୁଯତ୍ନ ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଅନୁମୋଦନ କ୍ରମେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି, ଶିଶୁ ସୁରକ୍ଷା ଯୋଜନା ଅଧୀନରେ ଅନୁଦାନପ୍ରାପ୍ତ ୧୨୮ ଅନୁଷ୍ଠାନକୁ ୬ କୋଟି ୫୪ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ଲକ୍‌ଡାଉନ୍ ସମୟରେ ଅଣଅନୁଦାନପ୍ରାପ୍ତ ଶିଶୁଯତ୍ନ ଅନୁଷ୍ଠାନର ସୁପରିଚାଳନା ତଥା ଆବଶ୍ୟକୀୟ ଦ୍ରବ୍ୟ କ୍ରୟ ନିମନ୍ତେ ରାଜ୍ୟ ସରକାର ୧୦୧ ଅନୁଷ୍ଠାନକୁ ୩୯ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ୨୫ରୁ କମ୍ ଅନ୍ତେବାସୀ ଥିବା ଅନୁଷ୍ଠାନଗୁଡ଼ିକୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୨୫ରୁ ଅଧିକ ଅନ୍ତେବାସୀ ଥିବା ଅନୁଷ୍ଠାନଗୁଡ଼ିକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

## ପେଟ ପାଇଁ ନିମକଢି ବିକୁଛି ଶିଶୁ

**ଖୋର୍ଦ୍ଧା ଅଫିସ, ୬।୪:** ମା' ବାପା ନ ଥିବା ବେଳେ ଘରେ କେହି ରୋଜଗାରିଆ ନାହାନ୍ତି। ଆଈ ପାଖରେ ରହୁଛି। ଲକ୍‌ଡାଉନଠାରୁ ଆମ କାମଧନ୍ଦା ବନ୍ଦ ରହିଛି। ଘରେ ଖାଇବାକୁ ଯାହା ଥିଲା ସରି ଆସିଲାଣି। ଏଣୁ ମୁଁ ବାଧ ହୋଇ ନିମକଢି ବିକ୍ରି କରୁଛି। ଦୁଇ ପଇସା ପାଇଲେ କିଛି ଦିନ ଚଳିଯିବୁ। ସୋମବାର ଏପରି କରୁଣ ଚିତ୍ର ଦେଖିବାକୁ ମିଳିଛି ଖୋର୍ଦ୍ଧା ହାବେଳି ପଡ଼ିଆ ପରିବା ହାଟରେ। ନବମ ଶ୍ରେଣୀର ଜଣେ ଛାତ୍ର ଗୁଜରାଣ ଲାଗି ହାଟରେ ନିମକଢି ବିକ୍ରି କରୁଥିଲେ। ଅନେକ ପ୍ରଶାସନିକ ଅଧିକାରୀ ଏହି ହାଟକୁ ଆସୁଥିବା ବେଳେ କିପରି ଏହି ଶିଶୁ ପ୍ରତି ତାଙ୍କର ଦୃଷ୍ଟି ପଡ଼ିନାହିଁ ତାହା ଆଶ୍ଚର୍ଯ୍ୟର ବିଷୟ ହୋଇଛି। ଉକ୍ତ ଗରିବ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ଚାଉଳ, ଡାଲି ଇତ୍ୟାଦି ଯୋଗାଇ ଦେବା ଲାଗି ସାଧାରଣରେ ମତ ପ୍ରକାଶ ପାଇଛି।

# କରୋନା ମୁକାବିଲା ଲାଗି ଚିତ୍ରଶିଳ୍ପୀଙ୍କ ଅଭିନବ ପ୍ରୟାସ





ଭୁବନେଶ୍ୱର, ୬।୪ (ବ୍ୟୁରୋ)

ବିଶ୍ୱ ମହାମାରୀ କରୋନା ଲଢ଼େଇରେ ଆଜି ସମସ୍ତେ ସାମିଲ ହୋଇଛନ୍ତି। କିପରି ମୁକାବିଲା କରିହେବ ନୂଆ ନୂଆ ବିକଳ୍ପ ଆପଣାଯାଉଛି। ବିଶେଷକରି ସଚେତନତା ସବୁଠୁ ବେଶି ଗୁରୁତ୍ୱ ବହନ କରୁଥିବାବେଳେ ଏକ୍ଷେତ୍ରରେ ଚିତ୍ରଶିଳ୍ପୀମାନେ ମଧ୍ୟ ଅଣ୍ଟା ଭିଡିଛନ୍ତି। ଅନ୍‌ଲାଇନ୍ ଆର୍ଟ କ୍ୟାମ୍ପ୍ ମାଧ୍ୟମରେ ଏଭଳି ଅଭିନବ ପ୍ରୟାସ କରିଛି ଓଡ଼ିଶାର ଇଷ୍ଟର୍ନ ଫାଉଣ୍ଡେଶନ ଅଫ୍ ଆର୍ଟ ଆଣ୍ଡ୍ କଲ୍‌ଚର। ଶିଳ୍ପୀ ପ୍ରଦୀପ୍ତ କିଶୋର ଦାସ ଓ ଯୋତିଶ୍ କାସରଗଡ଼ଙ୍କ ସଂଯୋଜନାରେ ଭାରତର ବିଭିନ୍ନ ରାଜ୍ୟରୁ ୪୦୦ରୁ ଊର୍ଦ୍ଧ୍ୱ ଚିତ୍ରଶିଳ୍ପୀ ଏହି ଦୁଇଦିନିଆ ଅନ୍‌ଲାଇନ୍ ଆର୍ଟ କ୍ୟାମ୍ପ୍‌ରେ ଭାଗ ନେଇଥିଲେ। ଶିଳ୍ପୀମାନେ ସାମାଜିକ ଦୂରତ୍ୱ ରକ୍ଷାକରି ନିଜ ଘରେ ବସି କରୋନା ଉପରେ ପେଣ୍ଟିଂ, ଲେଖାଚିତ୍ର, ବ୍ୟଙ୍ଗଚିତ୍ର, ଗ୍ରାଫିକ୍ସ, ଡିଜିଟାଲ ଆର୍ଟ ଓ ଭାସ୍କର୍ଯ୍ୟ ଆଦି ତିଆରି କରିବାର ସୁଯୋଗ ପାଇଥିଲେ। ଏହି ଅଭିନବ କାର୍ଯ୍ୟକ୍ରମ ମହାମାରୀ କରୋନାକୁ ବିନାଶ କରିବା ପାଇଁ ଏକ ଜନଜାଗରଣ ସୃଷ୍ଟି କରିବା ସହିତ ନିଜକୁ ତଥା ସମାଜକୁ ସୁସ୍ଥ ରଖିବାର ପ୍ରୟାସ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଶିଳ୍ପୀଙ୍କ ଦ୍ୱାରା ତିଆରି ଏସବୁ କୃତି ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରାଯାଇ ସାମାଜିକ ସଚେତନତା ସୃଷ୍ଟି କରାଯିବ।

### ଅନ୍‌ଲାଇନ୍‌ରେ ହେଲା ଆର୍ଟ କ୍ୟାମ୍ପ୍

ରବିବାର ସକାଳୁ ଆରମ୍ଭ ହୋଇ ସୋମବାର ପର୍ଯ୍ୟନ୍ତ ଚାଲିଥିବା ଏହି ଅନ୍‌ଲାଇନ୍ ଆର୍ଟ କ୍ୟାମ୍ପ୍‌ରେ ଦିଲ୍ଲୀ, କଲିକତା, ମୁମ୍ବାଇ, ଚେନ୍ନାଇ, ଚଣ୍ଡିଗଡ଼, ଖିରଗଡ, ରାଜ୍‌କୋଟ, କୁରୁକ୍ଷେତ୍ର, ଫରିଦାବାଦ, ପାନିପଥ, ରାଞ୍ଚି, ଲକ୍ଷ୍ନୌ, ଓଡ଼ିଶାର ବହୁ ବରିଷ୍ଠ ତଥା କନିଷ୍ଠ ଶିଳ୍ପୀ ସାମିଲ୍ ହୋଇଥିଲେ। ସେମାନେ ନିଜର କୃତି ମାଧ୍ୟମରେ କରୋନାକୁ ହରାଇବାକୁ ଭିନ୍ନ ପ୍ରୟାସ କରିଥିଲେ। ରାଜସ୍ଥାନର ବରିଷ୍ଠ ଶିଳ୍ପୀ ସୟିଦ୍ ମେହେର ଆବାସ ଅଲ୍ଲି, ଅମିତ କଲା, କେଶବ ବର୍ଣ୍ଣଟି, ପ୍ରଦୀପ୍ତ ଦାସ, ଯୋତିଶ, ଓଡ଼ିଶାର ଶିଳ୍ପୀ ପଞ୍ଚାନନ ସାମଲ, ରତିକାନ୍ତ ଶର୍ମା ପ୍ରମୁଖ ସାମିଲ ହୋଇଥିଲେ। ନୃସିଂହ ଚରଣ ଓଝା, ଦେବଦୂତ ସାହୁ, କାମିନିକାନ୍ତ ସ୍ୱାଇଁ ପ୍ରମୁଖ କ୍ୟାମ୍ପ୍ ପରିଚାଳନାରେ ସହଯୋଗ କରିଥିଲେ।

## ଲୋକଙ୍କ ପାଇଁ ହୋଲ୍‌ସେଲ୍ ମାର୍କେଟ ବନ୍ଦ

ଭୁବନେଶ୍ୱର, ୬।୪(ବ୍ୟୁରୋ)

ହାଟ ବଜାରରେ ଲୋକେ ସାମାଜିକ ଦୂରତା ଅବଲମ୍ବନ କରୁନାହାନ୍ତି। ଏପରିକି ସରକାରଙ୍କ ଦ୍ୱାରା ଜାରି ନିୟମଗୁଡ଼ିକ ପାଳନରେ ମଧ୍ୟ ଅବହେଳା କରୁଛନ୍ତି। ତେଣୁ ମଙ୍ଗଳବାରଠାରୁ ଜନସାଧାରଣ ହୋଲ୍‌ସେଲ୍ ମାର୍କେଟ ତଥା ପାଇକାରୀ ବଜାରକୁ ଯାଇପାରିବେ ନାହିଁ ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ସୋମବାର ରାଜ୍ୟରେ କରୋନା ସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଖାଉଟିମାନେ ଆଉ ପାଇକାରୀ ବଜାରକୁ ଯାଇପାରିବେ ନାହିଁ। ଘର ପାଖରେ ଥିବା ଖୁଚୁରା ଦୋକାନୀମାନଙ୍କଠାରୁ ନିଜ ପାଇଁ ଜିନିଷପତ୍ର କିଣିବେ। ଘରୁ ଗାଡି କାଢ଼ିବେ ନାହିଁ। ଚାଲି କରି ନଚେତ୍ ସାଇକେଲ୍‌ରେ ସଉଦା ଆଣିବାକୁ ଯିବେ। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏପରି ଜଟିଳ ସମୟରେ ରାଜ୍ୟ ସରକାର ଏହି ଅସାଧାରଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ସଙ୍ଗମତାର ସମୟ ନା କି ସୁଖବାସ୍ର, ନିଜ ପାଇଁ ଓ ନିଜ ପରିବାରବର୍ଗଙ୍କ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ପରାମର୍ଶ ଓ ନିୟମକୁ ମାନନ୍ତୁ ବୋଲି ସେ ଲୋକଙ୍କୁ ପରାମର୍ଶ ଦେଇ କହିଛନ୍ତି।

# ମନୋବଳ ବଢାଇବାକୁ ଭିଡିଓ ଟ୍ୱିଟ୍ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୪ (ବ୍ୟୁରୋ)

### ୨ ମିନିଟ ଭିଡ଼ିଓରେ ପୋଲିସ ବଖାଣିଲା ମନର ବେଦନା



କରୋନା ଭୂତାଣୁ ସଂକ୍ରମଣ ରୋକିବାରେ ପ୍ରମୁଖ ଭୂମିକା ନେଉଛି ପୋଲିସ।୨୧ ଦିନିଆ ଲକ୍‌ଡାଉନ୍ ହେଉ କି ୪୮ ଘଣ୍ଟିଆ ଶଟ୍‌ଡାଉନ୍, ପ୍ରତିଟି କ୍ଷେତ୍ରରେ ଜାଗ୍ରତ ପ୍ରହରୀ ପରି ଜଗି ରହିଛନ୍ତି ପୋଲିସ କର୍ମଚାରୀ। ନିଜ ପରିବାରଠାରୁ ଜନତାଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ମୁଣ୍ଡଫଟା ଖରାରେ ବି ବିଭିନ୍ନ ରାସ୍ତା ଓ ଛକରେ ସେମିତି କର୍ତ୍ତବ୍ୟ ପାଳନ କରିଚାଲିଛନ୍ତି। ଲୋକଙ୍କୁ ବୁଝାଇଶୁଝାଇ ସଚେତନ କରୁଛନ୍ତି। ହେଲେ କେତେଜଣ ଅମାନିଆ ନିୟମ ନ ମାନି ଲକ୍ଷଲକ୍ଷ ଲୋକଙ୍କ ଜୀବନକୁ ବିପଦକୁ ଟାଣିନେଉଛନ୍ତି। ଏଭଳି ଏକ ସମୟରେ ଖରାରେ ଭୋକ, ଶୋଷ ଭୁଲି କାର୍ଯ୍ୟ କରୁଥିବା ପୋଲିସ କର୍ମୀଙ୍କ ମନୋବଳ ବଢାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ ନିଜ ଟ୍ୱିଟ୍‌ରେ କାର୍ଯ୍ୟ କରୁଥିବା ପୋଲିସ କର୍ମଚାରୀଙ୍କ ଅନ୍ତରର କଥା ଲୋକ ଲୋଚନକୁ ଆଣିଛନ୍ତି। ଦୁଇ ମିନିଟ ଭିଡିଓରେ ଜଣେ ମହିଳା ପୋଲିସ ଅଫିସର କହୁଛନ୍ତି ଯେ, ତାଙ୍କର ଦୁଇ ବର୍ଷର ଝିଅ ରହିଛି। ଏଭଳି ସମୟରେ ତାଙ୍କର ଇଚ୍ଛା ହେଉଛି ତାକୁ ଟିକେ ଦେଖା କରି ଗେଲ କରିବାକୁ। ହେଲେ ଲକ୍ଷାଧିକ ଲୋକଙ୍କ ଜୀବନ ସୁରକ୍ଷା ପାଇଁ ମୁଁ ନିଜକୁ ନିୟୋଜିତ କରିଛି। ସେହିପରି ଅନ୍ୟଜଣେ ପୋଲିସ କର୍ମଚାରୀ କହୁଛନ୍ତି, ମୋ ବାପାଙ୍କ ଦେହ ଅସୁସ୍ଥ ଅଛି। ମୋ ମନ ହେଉଛି ଏହି ସମୟରେ ତାଙ୍କ ନିକଟକୁ ଯାଇ ସେବା କରିବା ପାଇଁ। କିନ୍ତୁ ଲୋକଙ୍କ ପାଇଁ ଏଠାରେ ଡ୍ୟୁଟି କରୁଛି। ସେହିପରି ଜଣେ ହୋମ୍‌ଗାର୍ଡ କହିଛନ୍ତି ଯେ, କାହାର ବା ଇଚ୍ଛା ଅଛି ତୁ ତୁ ଖରାରେ ଛିଡା ହୋଇ କାର୍ଯ୍ୟ କରିବାକୁ। କିନ୍ତୁ ବିନା କାମରେ ଲୋକମାନେ ଯଦି ରାସ୍ତା ଉପରକୁ ନ ଆସନ୍ତି ତେବେ ଆମକୁ ଖରାରେ ଛିଡା ହେବାକୁ ପଡନ୍ତାନି। ଆମେ କାହା ପାଇଁ ଖରାରେ ଛିଡା ହୋଇଛୁ। ତେଣୁ ଦୟା କରି ଏଭଳି ସମୟରେ ଘରେ ରୁହନ୍ତୁ, ରାସ୍ତାକୁ ଆସନ୍ତୁ ନାହିଁ ବୋଲି ପୋଲିସ କର୍ମଚାରୀମାନେ ଲୋକଙ୍କୁ ନିବେଦନ କରିଛନ୍ତି।

# ପିପିଲି ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

ପୁରୀ ଅଫିସ/ପିପିଲି (ଡି.ଏନ.ଏ)୬।୪

### ଅତ୍ୟାବଶ୍ୟକ ସାମଗ୍ରୀ, ସେବା ଯୋଗାଇବାକୁ ନିର୍ଦ୍ଦେଶ

ପୁରୀ ଜିଲା ପିପିଲି ବ୍ଲକ ଦାନଗହିର ଗାଁରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନ ଅଧିକ ତତ୍ପର ହୋଇପଡ଼ିଛି। ଜିଲାର ଅନ୍ୟ ଅଞ୍ଚଳକୁ କିପରି ଏହା ସଂକ୍ରମିତ ନ ହେବ ସେଥିଲାଗି ବିଭିନ୍ନ ପଦକ୍ଷେପ ନେଇଛି। ଦାନଗହିର ସମେତ ଏହାର ଆଖପାଖ ଅଞ୍ଚଳକୁ ଆସନ୍ତା ୧୪ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ସଟ୍ ଡାଉନ ଘୋଷଣା କରାଯାଇଛି। ତେବେ ସମ୍ପୃକ୍ତ ଅଞ୍ଚଳର ସ୍ଥିତି କିପରି ରହିଛି, କଣ୍ଟେନମେଣ୍ଟ ଜୋନରେ ଲୋକଙ୍କ ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ଠିକ୍ ଭାବେ ପହଞ୍ଚୁଛି କି ନାହିଁ ତାହାର ଅନୁଧ୍ୟାନ କରିଛନ୍ତି ଜିଲାପାଳ ବଲୱନ୍ତ ସିଂ। ସୋମବାର ଜିଲାପାଳଙ୍କ ସହ ଏସ୍‌ପି ଉମାଶଙ୍କର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳକଣ୍ଠ ମିଶ୍ର ପିପିଲି ଗସ୍ତ କରି କାରୋନା ସଚେତନତା ଓ ଦାନଗହିର ଗ୍ରାମ ସଟ୍‌ଡାଉନ ପରିସ୍ଥିତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି।

ପ୍ରଥମେ ସମସ୍ତ ଅଧିକାରୀ ପିପିଲି ଟୋଲଗେଟ୍‌ଠାରେ ପହଞ୍ଚିଥିଲେ। ବାହାରୁ ଜିଲା ମଧ୍ୟକୁ ପ୍ରବେଶ ଉପରେ ଜାରି କଟକଣା ପାଳନ କରିବାକୁ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ଆଇସୋଲେଶନ ୱାର୍ଡ, ମାସ୍କ ଓ ସାନିଟାଇଜର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ଭତ୍ତା, ପେନ୍‌ସନ, ଚାଉଳ ଓ ଅନ୍ୟାନ୍ୟ ସହାୟତା ବଣ୍ଟନ ଶେଷ କରିବା ଏବଂ ଦାନଗହିର ଅଞ୍ଚଳରେ ସମସ୍ତ ଆବଶ୍ୟକ ସେବା ଉପଲବ୍ଧ କରାଇବା ସମ୍ପର୍କରେ ଜିଲାପାଳ ସିଂ ପିପିଲି ବିଡିଓ ଏବଂ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ।

## ୫ଦିନ ପରେ ଲିଙ୍ଗରାଜଙ୍କ ନୀତି ସ୍ୱାଭାବିକ ହେଲା

ପୁରୁଣା ଭୁବନେଶ୍ୱର,୬।୪ (ଡି.ଏନ୍.ଏ.)

୫ଦିନ ଧରି ଉପବାସ ରହିବା ପରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତି ସୋମବାର ସ୍ୱାଭାବିକ ହୋଇଛି। ଦ୍ୱାର ଫିଟାଯାଇ ମହାସ୍ନାନ ହୋଇ ଶୁଦ୍ଧି କରାଯାଇଥିଲା। ପରେ ମଙ୍ଗଳଆଳତି ଅବକାଶ ଓ ଅନ୍ୟାନ୍ୟ ଦୈନନ୍ଦିନ ନୀତି ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ, ଲକ୍‌ଡାଉନ୍ ପାଇଁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାକୁ ଚଳିତ ବର୍ଷ ଶେଷ ମୁହୂର୍ତ୍ତରେ ବନ୍ଦ କରି ଦିଆଯାଇଥିଲା। ସେବାୟତମାନେ ପରମ୍ପରା ବଞ୍ଚାଇ ରଖିବା ପାଇଁ ସବୁ ଉଦ୍ୟମ କରି ବିଫଳ ହେବା ପରେ ଗତ ୧ ତାରିଖରୁ ଠାକୁରଙ୍କ ନୀତିକାନ୍ତିକୁ ମଧ୍ୟ ବନ୍ଦ କରିଦେଇଥିଲେ। ସେମାନେ କହିଥିଲେ, କରୋନା ଗାଇଡ୍‌ଲାଇନ୍ ଅନୁଯାୟୀ କେବଳ ୫ଜଣ ଠାକୁରଙ୍କ ସେବାକାର୍ଯ୍ୟ କରିପାରିବେ। ଠାକୁରଙ୍କ ଦୈନନ୍ଦିନ ନୀତି ପାଇଁ ଛତିଶା ନିଯୋଗ ଅର୍ଥାତ୍ ୩୬ ସେବାୟତଙ୍କର ଆବଶ୍ୟକତା ରହିଛି। ତେଣୁ ନୀତିକାନ୍ତି ସମ୍ଭବ ନୁହେଁ ବୋଲି କହି ଆଉ ନୀତିକାନ୍ତି କରି ନ ଥିଲେ। ରବିବାର ମନ୍ଦିର କାର୍ଯ୍ୟନିର୍ବାହୀ ବୁଝାଶୁଝା କରିବାରୁ ପୁଣି ସେବାନୀତି ଆରମ୍ଭ ହୋଇଛି।

# ବାଙ୍କୀ ପାଟପୁରରେ ଗୋଷ୍ଠୀ ସଂଘର୍ଷ, ୧୦ ଆହତ

### ୧୪୪ ଧାରା ଜାରି, ୫ ପ୍ଲାଟୁନ ଫୋର୍ସ ମୁତୟନ

ବାଙ୍କୀ,୬।୪:(ସ୍ୱ.ପ୍ର.)

କଟକ ଜିଲା ଡମପଡ଼ା ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତ ପାଟପୁର ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଉଭୟ ସାହି ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଉଭୟ ପକ୍ଷରୁ ୧୦ଜଣରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସ୍ଥିତିକୁ ଦେଖି ପ୍ରଶାସନ ପକ୍ଷରୁ ଗ୍ରାମରେ ୧୪୦ ଧାରା ଜାରି କରାଯାଇଛି। ଗ୍ରାମରେ ୫ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ସୂଚନା ଅନୁସାରେ, କରୋନା ସଂକ୍ରମଣରୁ ଦୂରେଇ ରଖିବାକୁ ଗ୍ରାମର ଏକ ସାହି ଲୋକେ ବାଉଁଶ ବାନ୍ଧି ଅଲଗା ଗ୍ରାମର ଲୋକଙ୍କୁ ନିଜ ଗ୍ରାମକୁ ପୁରାଇ ଦେଉନାହାନ୍ତି। ହେଲେ ଅନ୍ୟ ଏକ ସାହି ଲୋକେ ଏହି ବାଉଁଶ କାଢ଼ି ଦେବାରୁ ଉଭୟ ସାହି ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଓ ପରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏପରି କି ଉଭୟ ସାହିଲୋକେ ବୋତଲ ଫିଙ୍ଗାଫିଙ୍ଗି ହେବା ସହ ଟେକା ମରାମାରି ହୋଇଥିଲେ। ଉଭୟ ସାହିର ପାଖାପାଖି ୧୫ରୁ ଅଧିକ ଅଟୋ, ଟେମ୍ପୋ, ବାଇକ ଓ ଅନ୍ୟ ଏହାଦ୍ୱାରା ଭାଙ୍ଗିଯାଇଥିବା ବେଳେ ଟାଇଲି ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଉଭୟ ସାହି ଲୋକେ ହେଲମେଟ ପିନ୍ଧି ଟେକା ମାଡ କରୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ କଟକ ଗ୍ରାମାଞ୍ଚଳ ଅତିରିକ୍ତ ପୋଲିସ ଅଧିକାରୀ ଅଲେଖ ଚନ୍ଦ୍ର ପହି, ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ ବିଶ୍ୱାଳ, ବାଙ୍କୀ ଥାନା ଅଧିକାରୀ ସମୀର କୁମାର ପଣ୍ଡା, ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ ପହଞ୍ଚି ଉଭୟ ଗ୍ରାମର ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏବେ ସବୁ ଠିକ୍‌ଠାକ୍ ଥିବା ବୋଲି ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ମୁହଁ ନ ଢାଙ୍କି ପଦାକୁ ବାହାରିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୬।୪(ବ୍ୟୁରୋ)

### ୯ରୁ କଡ଼ାକଡ଼ି ଲାଗୁ ହେବ

କରୋନା ଭୂତାଣୁ ସଂକ୍ରମଣ ଏଡ଼ାଇବା ପାଇଁ ସଚେତନ ରହି ସତର୍କତାମୂଳକ ପଦକ୍ଷେପ ଜରୁରୀ। ନଚେତ ନିଜେ ସଂକ୍ରମଣର ଶିକାର ହେବା ସହ ଅନ୍ୟମାନଙ୍କ ଜୀବନ ବିପଦରେ ପଡିବ। ତେଣୁ କେବଳ ଆକ୍ରାନ୍ତ ବ୍ୟକ୍ତି ନୁହେଁ, ସମସ୍ତେ ମାସ୍କ ଓ ସାନିଟାଇଜର ବ୍ୟବହାର କରିବାକୁ ବାଧ୍ୟ। ଏଣିକି ଘରୁ ବାହାରିବାବେଳେ ମୁହଁରେ ମାସ୍କ ପିନ୍ଧିବାକୁ ପଡିବ। ସେଇଟା ଘର ତିଆରି ମାସ୍କ ହେଉ କିମ୍ବା ରୁମାଲ, ମୁହଁକୁ ଢାଙ୍କିବା ଲାଗି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଜନସାଧାରଣଙ୍କୁ ପରାମର୍ଶ ଦେଇଛି। ଅତିକମ୍‌ରେ ୨ ଲେୟାର ବିଶିଷ୍ଟ କପଡାକୁ ମୁହଁରେ ବାନ୍ଧିବା ପାଇଁ କୁହାଯାଇଛି। ଏହାକୁ କଡାକଡି ଭାବେ ପାଳନ କରିବା ପାଇଁ ଜିଲାପାଳ ଓ ବିଭିନ୍ନ ପୌର ସଂସ୍ଥା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁହଁ ଢାଙ୍କୁଥିବା ରୁମାଲ ଓ ମାସ୍କକୁ ପ୍ରତି ୫ଘଣ୍ଟାରେ ଥରେ ସାବୁନରେ ଭଲ ଭାବରେ ଧୋଇବା ପାଇଁ ପରାମର୍ଶ ଦିଆଯାଇଛି। ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ସହ ଜରୁରୀ କାମରେ ବାହାରକୁ ଯାଉଥିବା ଲୋକେ ମୁହଁକୁ ଭଲଭାବେ ଢାଙ୍କିବାକୁ ବାଧ୍ୟମତାମୂଳକ କରାଯିବ। ଆସନ୍ତା ୯ ତାରିଖରୁ ଏହାକୁ କଡାକଡି ଭାବେ ଲାଗୁ ହେବ। ଉଲ୍ଲଂଘନ କଲେ ଜରିମାନା ସହ କାର୍ଯ୍ୟାନୁଷ୍ଠାନ ହେବ ବୋଲି ରାଜସ୍ୱ ପରିଚାଳନା ବିଭାଗ ପକ୍ଷରୁ ସୋମବାର ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଲକ୍‌ଡାଉନ ନିୟମ ଉଲ୍ଲଂଘନ: ୪ ଗିରଫ, ଜିଆର୍‌ଏସ୍ ନିଲମ୍ବିତ

କୃଷ୍ଣପ୍ରସାଦ,୬।୪ (ଡି.ଏନ.ଏ.)

ଲକ୍‌ଡାଉନ ନିୟମ ଉଲ୍ଲଂଘନ ଅଭିଯୋଗରେ ପୁରୀ ଜିଲା ଚିଲିକା ନୂଆପଡାର ୪ଜଣଙ୍କୁ କୃଷ୍ଣପ୍ରସାଦ ପୋଲିସ ସୋମବାର ଗିରଫ କରିଛି। ଏହାସହ ଜଣେ ଜିଆର୍‌ଏସ୍‌ଙ୍କୁ ନିଲମ୍ବିତ କରାଯାଇଛି। ଚିଲିକା ନୂଆପଡା କ୍ୱାରାଣ୍ଟାଇନ ସେଣ୍ଟରରେ କେତେଜଣ ଯୁବକ ଏକାଠି ହୋଇ ମାଦକଦ୍ରବ୍ୟ ସେବନ କରୁଥିବା ଦୃଶ୍ୟ ସୋସିଆଲ ମିଡିଆରେ ପ୍ରସାରିତ ହୋଇଥିଲା। ପୁରୀ ଜିଲା ପ୍ରଶାସନ ଏହା ଜାଣିବା ପରେ ତୁରନ୍ତ ପଦକ୍ଷେପ ନେବାକୁ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲା। ସୋମବାର କୃଷ୍ଣପ୍ରସାଦ ଆରକ୍ଷୀ ନିରୀକ୍ଷକ ଅଭିମନ୍ୟୁ ନାୟକ, ବିଡିଓ ଅଭିମନ୍ୟୁ ମାଝି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ସାମାଜିକ ଦୂରତା ଓ ଲକ୍‌ଡାଉନ ନିୟମ ପାଳନ କରି ନ ଥିବାରୁ ସରୋଜ କୁମାର ଜେନା, ଅସୀତ କୁମାର ଜେନା, ଉମାକାନ୍ତ ପଲେଇ ଓ ଉତ୍ତମ କୁମାର ତରେଇଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ବିରୋଧରେ ଥାନାରେ ଏକ ମାମଲା (ନଂ ୪୮/୨୦) ରୁଜୁ ହୋଇଛି। ସେହିପରି କ୍ୱାରାଣ୍ଟାଇନ ସେଣ୍ଟରରେ ଏଭଳି କାର୍ଯ୍ୟ ହୋଇଥିବାରୁ ଗ୍ରାମ୍ୟ ରୋଜଗାର ସେବକ (ଜିଆର୍‌ଏସ୍) ମୁକେଶ କୁମାର ଜେନାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏହାସହ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିଲମ୍ବନ ପାଇଁ ବିଡିଓ ଚିଠି ନଂ.୫୧୪ରେ ଜିଲାପାଳଙ୍କୁ ଜଣାଇଛନ୍ତି।

# ସାନିଟାଇଜ୍ ଦାବିରେ ରାସ୍ତା ଅବରୋଧ

ଜଟଣୀ, ୬।୪(ଡି.ଏନ୍.ଏ.)



ଜଟଣୀସ୍ଥିତ ଏଚ୍‌ପିସିଏଲ୍ ଏବଂ ଆଇଓସିଏଲ୍ ଟର୍ମିନାଲ୍‌ରୁ ତୈଳ ଓ ଗ୍ୟାସ୍ ସିଲିଣ୍ଡର ପରିବହନ ପାଇଁ ଦୈନିକ ବାହାର ରାଜ୍ୟର ଅନେକ ଭାରିଯାନ ଯାତାୟାତ କରୁଛି। ଭାରିଯାନ ସହିତ ଏହାର ଡ୍ରାଇଭର ଓ ହେଲ୍‌ପର ମଧ୍ୟ ବାହାର ରାଜ୍ୟର ହୋଇଥିବାରୁ ନିକଟବର୍ତ୍ତୀ ଗ୍ରାମର ବାସିନ୍ଦା ନାନା ଆଶଙ୍କା ମଧ୍ୟରେ ରହିଛନ୍ତି। ଉପରୋକ୍ତ ଦୁଇ ଟର୍ମିନାଲ୍ ରହିଥିବା ଛଣଘର-କୁଶମାଟି ମୌଜା ଅଞ୍ଚଳକୁ ଦୈନିକ ବିଶୋଧନ କରିବାକୁ ସେମାନେ ଦାବି କରିଛନ୍ତି। ଏହି ପଞ୍ଚାୟତର ସରପଞ୍ଚ ସୁନୀଲ କୁମାର ରାଉତରାୟଙ୍କ ନେତୃତ୍ୱରେ ଟର୍ମିନାଲ୍‌କୁ ଯିବା ପାଇଁ ଥିବା ରାସ୍ତାକୁ ସୋମବାର ଅବରୋଧ କରାଯାଇଥିଲା। ଅଞ୍ଚଳବାସୀ କୌଣସି ଭାରିଯାନକୁ ଛାଡ଼ି ନ ଥିଲେ। ଜଟଣୀ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର ଏବଂ ଅନ୍ୟ ଅଧିକାରୀମାନେ ଏଥିରେ ହସ୍ତକ୍ଷେପ କରି ସେହି ଅଞ୍ଚଳ ସମେତ ବାହାର ରାଜ୍ୟରୁ ଆସୁଥିବା ଗାଡ଼ିଗୁଡ଼ିକୁ ସାନିଟାଇଜ୍ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ସେହିପରି ଦୁଇ ଟର୍ମିନାଲ୍‌ରେ କାର୍ଯ୍ୟରତ ଶ୍ରମିକଙ୍କୁ ଗ୍ଲୋଭ୍ସ, ବୁଟ୍ ଆଦି ସୁରକ୍ଷା ସମ୍ବନ୍ଧିତ ଉପକରଣ ମିଳୁ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଥିବା ସରପଞ୍ଚ ରାଉତରାୟ କହିଛନ୍ତି। ଏନେଇ ଦୁଇ ଟର୍ମିନାଲ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଭୁବନେଶ୍ୱରରୁ ଲୋକେ ଗାଁ ମୁହାଁ

ନୟାଗଡ଼ ଅଫିସ,୬।୪: ରାଜ୍ୟରେ କରୋନା ରୋଗୀ ସଂଖ୍ୟା ୩୯ରେ ପହଞ୍ଚିଛି। ଏହା ମଧ୍ୟରେ କେବଳ ଭୁବନେଶ୍ୱରର ୩୨ଜଣ ଅଛନ୍ତି। ଏହା ଜାଣିବା ପରେ ଭୁବନେଶ୍ୱରରେ ରହୁଥିବା ନୟାଗଡ ଜିଲାର ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଏଣୁ ଅଧିକାଂଶ ଲୋକ ଗାଁ ମୁହାଁ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକ ଆସି ସାରିଲେଣି। ଆହୁରି କିଛି ଲୋକ ଆସିବା ଅପେକ୍ଷାରେ ଅଛନ୍ତି। ନୟାଗଡ ଜିଲାର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପେଟପାଟଣା ପାଇଁ ଭୁବନେଶ୍ୱରରେ ରହି ବିଭିନ୍ନ କାମଧନ୍ଦା କରିଆସୁଛନ୍ତି। ତେବେ ବର୍ତ୍ତମାନ ସମୟରେ ଗାଁକୁ ନ ଆସି ଯିଏ ଯେଉଁଠି ଅଛନ୍ତି ସେଠାରେ ରହିବା ଭଲ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଅନେକ ସ୍ଥାନରେ ଏହାକୁ ବିରୋଧ ମଧ କରାଗଲାଣି।

### ନିୟମ ଉଲ୍ଲଂଘନ କରି ୧୩ ଅଟକ

ନୟାଗଡ଼ ଅଫିସ/ଓଡଗାଁ, ୬।୪(ସ୍ୱ.ପ୍ର.): କରୋନା ନିୟମ ଉଲ୍ଲଂଘନ କରି ଶରଣକୁଳର ୧୦ ଓ ଓଡଗାଁ ଥାନା ଅଞ୍ଚଳର ୩ ଏପରି ମୋଟରେ ୧୩ଜଣ ଦଣ୍ଡ ଭକତାଙ୍କୁ ପୋଲିସ ସୋମବାର ଅଟକ ରଖିଥିଲା। ଘଟଣାର ତଦନ୍ତ ପରେ ସେମାନଙ୍କୁ ବୁଝାଶୁଝା କରି ଛାଡିଛି। ସରକାରୀ ନିୟମକୁ ଅଣଦେଖା କରି ନରେନ୍ଦ୍ରପୁର ଓ କୁରାଳ ବେଙ୍ଗେଇସାହିରେ ଦଣ୍ଡପର୍ବର ପାଣିତୋଳା ପର୍ବ ଓ ରୀତିନୀତି ହେଉଥିଲା। ଖବର ପାଇ ଓଡଗାଁ ତହସିଲଦାର ବିଜୟିତା ସାମନ୍ତସିଂହାର ଉଭୟ ସ୍ଥାନରେ ପହଞ୍ଚି ଦଣ୍ଡପର୍ବ ନ କରିବାକୁ ପରାମର୍ଶ ଦେଇଥିଲେ।

### ସୋସିଆଲ ମିଡିଆରେ ଉତ୍ତେଜନାମୂଳକ ପୋଷ୍ଟ କରି ଯୁବକ ଗିରଫ

ଚଣ୍ଡିଖୋଲ,୬।୪(ଡି.ଏନ.ଏ)- ସୋସିଆଲ ମିଡିଆରେ ବିଭିନ୍ନ ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ ଦେବା ସହ ବିଭିନ୍ନ ଜାତିଧର୍ମ ସମ୍ପର୍କିତ ଲେଖା ପୋଷ୍ଟ କରି ବାଲିଚନ୍ଦ୍ରପୁର ପଞ୍ଚାୟତର ପୂର୍ଣ୍ଣ ମିଶ୍ର ନାମକ ଜଣେ ଯୁବକ ଗିରଫ ହୋଇଛନ୍ତି। ବାଲିଚନ୍ଦ୍ରପୁର ପୋଲିସ ରବିବାର ସମ୍ପୃକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରିଛି । ଏନେଇ ପୋଲିସ ପକ୍ଷରୁ ଏକ ମାମଲା (ନଂ. ୧୦୫/୨୦) ରୁଜୁ ହୋଇଛି।

### ଛୋଟ ପିଲାଙ୍କୁ ଖାଦ୍ୟ ବଣ୍ଟିଲେ ଆଶାକର୍ମୀ

ବିଞ୍ଝାରପୁର,୬।୪(ଡି.ଏନ.ଏ)- ସ୍ୱଳ୍ପ ଦରମା ସତ୍ତ୍ୱେ ବିଞ୍ଝାରପୁର ବ୍ଲକ ଘଣ୍ଟିଆଳି ପଞ୍ଚାୟତ ଲେଙ୍କାସାହିର ଆଶାକର୍ମୀ ତିଳୋତ୍ତମା ବେହେରା ନିଜସ୍ୱ ଉଦ୍ୟମରେ ଗ୍ରାମର ବିଭିନ୍ନ ପରିବାରରେ ଥିବା ଛୋଟ ପିଲାଙ୍କ ପାଇଁ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି। ଲକ୍‌ଡାଉନ ଯୋଗୁ ଉକ୍ତ ଗାଁରେ ଗରିବ ଖଟିଖିଆ ନିଜ ପିଲାଙ୍କ ପାଇଁ ଖାଦ୍ୟ ଯୋଗାଇ ପାରି ନ ଥିଲେ। ଏହାଜାଣି ଆଶାକର୍ମୀ ବେହେରା ପିଲାଙ୍କ ଖାଦ୍ୟ ସାମଗ୍ରୀ ପ୍ୟାକେଟ କରି ଗାଁରେ ଘରକୁ ଘର ବୁଲି ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ।

# ଦୁର୍ଦ୍ଦିନରେ ନିର୍ମାଣ ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ

**କରୋନା ମୁକାବିଲା**

- ସହାୟତାକୁ ଚାହିଁ ରହିଛନ୍ତି ୧.୩୭ ଲକ୍ଷ ନିର୍ମାଣ ଶ୍ରମିକ
- ୧୩.୪୬% କ୍ଷୁଦ୍ର ବ୍ୟବସାୟୀଙ୍କୁ ୩୦୦୦ ଟଙ୍କା ଲେଖାଏ ସହାୟତା
- ୨୫% ପିଡିଏସ୍ ହିତାଧିକାରୀ ଉପକୃତ

ଯାଜପୁର ଅଫିସ, ୬।୪

ରାଜ୍ୟରେ କରୋନା ଭୂତାଣୁ ସଂକ୍ରମଣ ବଢ଼ି ଚାଲିଥିବାବେଳେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ କଟକଣା ଯୋଗୁ ଅନେକଙ୍କୁ ଖାଦ୍ୟ ଚିନ୍ତା ଘାରିଛି। ବହୁ ଲୋକ ରୋଜଗାର ହରାଇଛନ୍ତି। ବିଶେଷକରି ନିର୍ମାଣ ଶ୍ରମିକ ଓ କ୍ଷୁଦ୍ର ବ୍ୟବସାୟୀମାନେ ବହୁଳ ଭାବେ ପ୍ରଭାବିତ ହୋଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏମାନଙ୍କୁ ସହାୟତା ରାଶି ବଣ୍ଟନରେ ସେତେଟା ଅଗ୍ରଗତି ହୋଇ ପାରିନାହିଁ। କ୍ଷୁଦ୍ର ବ୍ୟବସାୟୀମାନଙ୍କ ମଧ୍ୟରୁ ମାତ୍ର ୧୩.୪୬% ୩ ହଜାର ଟଙ୍କା ଲେଖାଏ ସହାୟତା ରାଶି ପାଇଥିବାବେଳେ ନିର୍ମାଣ ଶ୍ରମିକଙ୍କୁ ୧୫୦୦ ଟଙ୍କା ଲେଖାଏ ଏଯାଏ ବଣ୍ଟନ ହୋଇପାରିନାହିଁ।

ଅନ୍ୟପକ୍ଷରେ ଖାଦ୍ୟ ସମସ୍ୟା ଦେଖାଦେବ ବୋଲି ଲୋକଙ୍କ ମନରେ ଆଶଙ୍କା ପ୍ରକାଶ ପାଇଛି। ତେଣୁ ସୁଯୋଗ ମିଳିବା କ୍ଷଣି ଲୋକ ଦୋକାନ ବଜାରରେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ସୋମବାର ରାତି ୮ଟାରେ ୪୮ ଘଣ୍ଟିଆ ଶଟ୍‌ଡାଉନ୍ ହଟିଯିବା ପରେ ମଙ୍ଗଳବାର ସକାଳୁ ଏଭଳି ଆଶଙ୍କା ଦେଖାଦେବା ଓ ସାମାଜିକ ଦୂରତ୍ୱକୁ ଲୋକେ ଉଲ୍ଲଂଘନ କରିବାର ଆଶଙ୍କା ରହିଛି। ଏହି ସମୟରେ ଜିଲା ପ୍ରଶାସନ ଓ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ପିଡିଏସ୍ ସାମଗ୍ରୀ ବଣ୍ଟନ ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ସୁଦ୍ଧା ୩,୯୫,୪୦୦ ହିତାଧିକାରୀ ପରିବାରଙ୍କ ମଧ୍ୟରୁ ୧,୦୧,୨୨୫ ପରିବାରଙ୍କୁ ୫୦,୬୮୫.୮୯ କୁଇଣ୍ଟାଲ ଚାଉଳ ଓ ୬୦୩୧.୬୩ କୁଇଣ୍ଟାଲ ଗହମ ବଣ୍ଟନ ହୋଇଛି, ଯାହାକି ୨୫.୬ ପ୍ରତିଶତ। ଆସନ୍ତା ୧୫ ତାରିଖ ସୁଦ୍ଧା ଶତପ୍ରତିଶତ ହିତାଧିକାରୀଙ୍କୁ ପିଡିଏସ୍ ସାମଗ୍ରୀ ବଣ୍ଟନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ସେହିପରି ଜିଲାର ୧୦ ବ୍ଲକ ଓ ୨ ସହରାଞ୍ଚଳରେ ସୋମବାର ୧୭,୭୪୫ ଜଣଙ୍କୁ ମାଗଣା ଖାଦ୍ୟ ବଣ୍ଟନ ହୋଇଛି। ଏଯାଏ ୫୪,୮୨୨ ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ଏହାସହ ଜିଲାରେ ଥିବା ସାମଜିକ ସୁରକ୍ଷା ହିତାଧିକାରୀଙ୍କୁ ପେନ୍‌ସନ ବଣ୍ଟନ ହୋଇଛି। ସୋମବାର ସୁଦ୍ଧା ଜିଲାର ସମୁଦାୟ ୧,୯୫,୪୨୨ ହିତାଧିକାରୀ(ଏନ୍‌ଏସ୍‌ଏପି ଓ ଏମ୍‌ବିପିଓ୍ୱାଇ) ମଧ୍ୟରୁ ୧,୯୨,୫୨୯ ଜଣଙ୍କୁ ୩୭୩୮.୨୮ ଲକ୍ଷ ଟଙ୍କା ବଣ୍ଟନ ହୋଇଛି। ବାକି ୨୯୦୨ ହିତାଧିକାରୀଙ୍କ ମୃତ୍ୟୁ ହୋଇଥିବାରୁ ତାହା ବଣ୍ଟନ ହୋଇପାରିନାହିଁ।

ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍‌ରେ କ୍ଷତିଗ୍ରସ୍ତ କ୍ଷୁଦ୍ର ବ୍ୟବସାୟୀଙ୍କୁ ସହାୟତା ରାଶି ବଣ୍ଟନରେ ସେତେଟା ଅଗ୍ରଗତି ହୋଇ ପାରିନାହିଁ। ଜିଲାର ବ୍ୟାସନଗର ଓ ଯାଜପୁର ପୌରାଞ୍ଚଳରେ ୪୬୮ ଜଣ ବ୍ୟବସାୟୀ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସୋମବାର ଅପରାହ୍ନ ୨ଟା ସୁଦ୍ଧା ମାତ୍ର ୬୩ ଜଣଙ୍କୁ ୩ ହଜାର ଟଙ୍କା ଲେଖାଏ ବଣ୍ଟନ ହୋଇପାରିଛି। ନିର୍ମାଣ ଶ୍ରମିକମାନଙ୍କୁ ମଧ ସହାୟତା ରାଶି ବଣ୍ଟନରେ ଅବହେଳା ଦେଖିବାକୁ ମିଳିଛି। ଏଯାଏ ୧,୩୭,୦୩୦ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। କିନ୍ତୁ ଏଯାଏ କାହାରିକୁ ସରକାରଙ୍କ ନିର୍ଦ୍ଧାରିତ ୧୫୦୦ ଟଙ୍କା ଲେଖାଏ ବଣ୍ଟନ କରାଯାଇ ନାହିଁ। ଯାଜପୁରରୋଡ ଡେପୁଟି ଲେବର କମିଶନର ସୁନୀଲ କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଶଟ୍‌ଡାଉନ୍ ଯୋଗୁ ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ରାଶି ବଣ୍ଟନରେ ବିଳମ୍ବ ହୋଇଛି। ଏଥିପାଇଁ ଅନୁଦାନ ଆସି ସାରିଛି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ସହାୟତା ରାଶି ବଣ୍ଟନ କରିବାକୁ ପ୍ରକ୍ରିୟା ଜୋରସୋରରେ ଚାଲିଛି ବୋଲି ସେ କହିଛନ୍ତି।



ଜଣେ ସାମାଜିକ ସୁରକ୍ଷା ହିତାଧିକାରୀଙ୍କୁ ପେନ୍‌ସନ ଦିଆଯାଉଛି ।

ଅପରପକ୍ଷରେ ଜିଲାରେ କରୋନା ସଂକ୍ରମଣ ମୁକାବିଲା ପାଇଁ ସ୍ୱଳ୍ପକାଳ ମେଡିକାଲ ସେଣ୍ଟର(ଟିଏମ୍‌ସି) ଉପରେ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି। ଜିଲାର ୧୦ ବ୍ଲକର ୩୧୧ ଗ୍ରାମ ପଞ୍ଚାୟତରେ ୩୦୭ ଟିଏମ୍‌ସି ସମ୍ପୂର୍ଣ୍ଣ ହୋଇଛି। ଏଥିରେ ୯୨୭୩ ବେଡ୍‌ର ଆବଶ୍ୟକତା ରହିଥିବାବେଳେ ୩୯୪୮ ବେଡ୍ ବ୍ୟବସ୍ଥା ହୋଇସାରିଛି। ଆସନ୍ତା ୧୦ ତାରିଖ ସୁଦ୍ଧା ସମସ୍ତ ଟିଏମ୍‌ସିରେ ବେଡ୍ ବ୍ୟବସ୍ଥା ହୋଇଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଦର୍ଶାଯାଇଛି। ବ୍ୟାସନଗର ଓ ଯାଜପୁର ପୌରାଞ୍ଚଳର ୪୪ଟି ୱାର୍ଡରେ ୪ଟି ଟିଏମ୍‌ସିରେ ଧାର୍ଯ୍ୟ ୮୬୪ ବେଡ୍‌ରୁ ୪୮୬ ବେଡ୍ ବ୍ୟବସ୍ଥା ହୋଇସାରିଛି। ବାକି ଆସନ୍ତା ୧୦ ତାରିଖ ସୁଦ୍ଧା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି।

### ଟଙ୍କା, ଚାଉଳ ନେବାକୁ ହିତାଧିକାରୀ ହଇରାଣ

ରଣପୁର,୬।୪(ସ୍ୱ.ପ୍ର.): କରୋନା ପାଇଁ ସହାୟତା ଅର୍ଥ ପାଇବା ଲାଗି ରାଶନ କାର୍ଡଧାରୀଙ୍କୁ ଡିଲରଙ୍କ ପାଖକୁ ଦୁଇଥର ଦୌଡିବାକୁ ପଡୁଛି। ଥରେ ଟଙ୍କା ପାଇଁ ଓ ପୁଣି ଥରେ ଚାଉଳ ଲାଗି ଯିବାକୁ ପଡୁଛି। ଏଥିପାଇଁ ହିତାଧିକାରୀଙ୍କୁ ଲାଇନ୍‌ରେ ଘଣ୍ଟା ଘଣ୍ଟା ଧରି ଠିଆ ହେବାକୁ ପଡୁଛି। ଏପରି ଅବସ୍ଥା ପାଇଁ ଖୋର୍ଦ୍ଧାର ଜରାଶ୍ରମରେ ରହୁଥିବା ନୟାଗଡ ଜିଲା ରଣପୁର ଏନ୍‌ଏସି ବଳଭଦ୍ରପୁରର ବ୍ରଜ କିଶୋର ବେହେରାଙ୍କ ଦମ୍ପତି ବେଶି ହଟହଟା ହେଉଛନ୍ତି। ଯାନବାହନ ଚଳାଚଳ ବନ୍ଦ ଥିବାବେଳେ ଏକ ଅଟୋକୁ ୪୦୦ ଟଙ୍କାରେ ଭଡାକୁ ଆଣି କିଶୋର ଖୋର୍ଦ୍ଧା ହାଟବସ୍ତ ଜରା ନିବାସରୁ ରଣପୁର ଡିଲରଙ୍କ ପାଖକୁ ଆସିଥିଲେ। ସୋମବାର ପ୍ରାୟ ୩ ଘଣ୍ଟା ଲାଇନ୍‌ରେ ଠିଆ ହେବା ପରେ କିଶୋର ଓ ଯଶୋଦା ୧ ହଜାର ଟଙ୍କା ନେଇଥିଲେ। ସେମାନେ ଚାଉଳ ଦେବା ପାଇଁ ଡିଲରଙ୍କୁ ନେହୁରା ହୋଇଥିଲେ ମଧ୍ୟ ମିଳି ନାହିଁ। ତେଣୁ କିଛିଦିନ ପରେ ପୁଣି ଏହି ଦମ୍ପତି ୫ କେଜି ଲେଖାଏ ୧୦ କେଜି ଚାଉଳ ପାଇଁ ଅଟୋ ଭଡା କରି ଆସିବେ ବୋଲି କହିଛନ୍ତି। ପ୍ରଶାସନ ପକ୍ଷରୁ ଯଦି ରାଶନକାର୍ଡଧାରୀଙ୍କୁ ଏକା ସଙ୍ଗରେ ଚାଉଳ ଓ ଟଙ୍କା ପ୍ରଦାନ କରାଯାଆନ୍ତା ତେବେ ଏହି ଦମ୍ପତିଙ୍କ ପରି ବହୁ ଲୋକ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଉଛି।

# ବ୍ରହ୍ମବରଦା ‘କଣ୍ଟେନମେଣ୍ଟ ଜୋନ’ ଘୋଷିତ

- ସାମାଜିକ ଦୂରତ୍ୱ ଉଲ୍ଲଂଘନ କଲେ ଦୋକାନ ସିଲ୍
- ୧୪ ଯାଏ ଲକ୍‌ଡାଉନ୍ କଡ଼ାକଡ଼ି କାର୍ଯ୍ୟକାରୀ ହେବ
- ସକାଳ ୬ରୁ ପୂର୍ବାହ୍ନ ୧୦ ପର୍ଯ୍ୟନ୍ତ ମିଳିବ ଅତ୍ୟାବଶ୍ୟକ ସାମଗ୍ରୀ

ଯାଜପୁର ଅଫିସ/ଯାଜପୁର ଟାଉନ,୬।୪(ଡି.ଏନ.ଏ.)

ଯାଜପୁର ଜିଲାର କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ରସୁଲପୁର ବ୍ଲକର ବ୍ରହ୍ମବରଦା ଗ୍ରାମ ଏବଂ ଏହାର ୩ କି.ମି. ପରିଧି ଅଞ୍ଚଳକୁ ପ୍ରଶାସନ ପକ୍ଷରୁ ଶନିବାର ସିଲ୍ କରାଯାଇ ୪୮ ଘଣ୍ଟିଆ ଶଟ୍‌ଡାଉନ୍ ଘୋଷଣା କରାଯାଇଥିଲା। ସୋମବାର ରାତି ୮ଟାରେ ଶଟ୍‌ଡାଉନ୍ କଟକଣା ଶେଷ ହେବା ପରେ ବ୍ରହ୍ମବରଦା ଅଞ୍ଚଳକୁ ଜିଲା ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହି ଜୋନରେ ବ୍ରହ୍ମବରଦା ସମେତ ବନ୍ଧଡ଼ିହ, ଲଙ୍କାବାଲିସାହି, ବଡ଼ରାଏପଡ଼ା, ଖଣ୍ଡାସ, ବାଲିଗୁଡ଼ା, ମହେଶ୍ୱରପୁର, ଚାନ୍ଦପୁର, କୋଠିଡିହ, ବାଙ୍କସାହି, ସାହାପଡା, ଦେଉଳି (ଆଂଶିକ) ରହିଛି। ଏହି ଅଞ୍ଚଳକୁ ପୂର୍ବରୁ ସିଲ୍ କରାଯାଇଥିବାବେଳେ ତାହା ଆସନ୍ତା ୮ ତାରିଖ ଯାଏ ବଳବତ୍ତର ରହିବ। ଲୋକମାନଙ୍କ ନିକଟରେ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଶାସନ ପକ୍ଷରୁ ପହଞ୍ଚାଯିବ। ଏହି ସମୟରେ ନିୟମ ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ କହିଛନ୍ତି।

କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଜିଲାରେ ଲାଗୁ ହୋଇଥିବା ୪୮ ଘଣ୍ଟିଆ ଶଟ୍‌ଡାଉନ୍ ସଫଳ ହୋଇଛି। ଲୋକମାନେ ଏହାକୁ ସମର୍ଥନ କରି ଘରେ ରହିଥିବାରୁ ଜିଲାପାଳ ଦାସ ଜିଲାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମଙ୍ଗଳବାରଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବ। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ ପରିପ୍ରେକ୍ଷୀରେ ସାମାଜିକ ଦୂରତା ଅବଲମ୍ବନ ପାଇଁ ଜିଲା ପ୍ରଶାସନ ପକ୍ଷରୁ କେତେକ କଟକଣା ଜାରି କରାଯାଇଛି। ଜିଲାପାଳ ଏକ ଘୋଷଣାରେ ଦର୍ଶାଇଛନ୍ତି ଯେ, ମଙ୍ଗଳବାର ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲାରହିବ। ଏହି ସମୟରେ ସାମାଜିକ ଦୂରତ୍ୱ ରକ୍ଷା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ଦାୟିତ୍ୱ ସମ୍ପୃକ୍ତ ଦୋକାନୀ, ମଲ୍ ମାଲିକ ଏବଂ ହାଟ ପରିଚାଳକମାନଙ୍କର। ଦୋକାନ ଆଗରେ ୫ ଫୁଟ ଦୂରତା ମଧ୍ୟରେ ବୃତ୍ତ ଆକାରର ଚିହ୍ନ ଦେଇ ସେଥିରେ ଗ୍ରାହକଙ୍କୁ ଛିଡ଼ାକରି ସେମାନଙ୍କ ଚାହିଦା ମୁତାବକ ସାମଗ୍ରୀ ନିଜେ ଆଣି ଦେବେ। ଯଦି କୌଣସି ଦୋକାନୀ ବିକ୍ରୟ ସମୟରେ ସାମାଜିକ ଦୂରତା ଅବଲମ୍ବନ ନ କରନ୍ତି ତେବେ ସେମାନଙ୍କ ଦୋକାନକୁ ସିଲ୍ କରାଯିବା ସହ ସାମଗ୍ରୀ ଜବତ କରାଯିବ ବୋଲି ଜିଲାପାଳ ଚେତାବନୀ ଦେଇଛନ୍ତି।




କଣ୍ଟେନମେଣ୍ଟ ଜୋନ ଘୋଷିତ ଅଞ୍ଚଳର ନକ୍ସା ।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ଟଙ୍କା ସହାୟତା

ଖଣ୍ଡପଡ଼ା,୬।୪(ସ୍ୱ.ପ୍ର.): ରାଜ୍ୟରେ କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ନିଖିଳ ଉତ୍କଳ କଂସାରୀ ସମାଜର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଶୁକ୍ରବାର ସେ ନୟାଗଡ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏକଲକ୍ଷ ଟଙ୍କାର ବ୍ୟାଙ୍କ ଚେକ୍ ପ୍ରଦାନ କରିଥିଲେ।

### ଭୋଜି କରୁଥିବାବେଳେ ୩ ଯୁବକ ଗିରଫ

ଜଗତ୍‌ସିଂହପୁର ଅଫିସ,୬।୪: ଜଗତ୍‌ସିଂହପୁର ଜିଲାରେ ଲକ୍‌ଡଉନ୍ ନିୟମ ଉଲ୍ଲଂଘନ କରି ୩ଜଣ ଗିରଫ ହୋଇଛନ୍ତି। ସେମାନେ ଜଗତ୍‌ସିଂହପୁର ଥାନା ସମଙ୍ଗ (ଜଇନାବାଦ୍) ଗ୍ରାମର ନୟନ ରାଉତରାୟ, ଅମୂଲ୍ୟ ଜେନା ଓ ସୁନିଲ ରାଉତରାୟ । ସୂଚନା ଅନୁସାରେ, ଏହି ଗାଁ ମୁଣ୍ଡ ଏକ କୁକୁଡ଼ା ଫାର୍ମ ନିକଟରେ ରବିବାର ରାତିରେ ୧୨ରୁ ଅଧିକ ଯୁବକ ଭୋଜି କରୁଥିଲେ। ଏସ୍‌ଆଇ ବିଶ୍ୱଜିତ ଗଡ଼ନାୟକଙ୍କ ସହ ଅନ୍ୟ କେତେଜଣ ପାଟ୍ରୋଲିଂ କରୁଥିବା ବେଳେ ଏହି ଖବର ପାଇ ସେଠାକୁ ଯିବାରୁ ୯ଜଣରୁ ଅଧିକ ଖସି ଯାଇଥିବାବେଳେ ଉପରୋକ୍ତ ୩ଜଣ ଧରାପଡିଥିଲେ। ଗଡ଼ନାୟକଙ୍କ ଅଭିଯୋଗକ୍ରମେ ଥାନାରେ ୧୧୧/୨୦ରେ ମାମଲା ରୁଜୁ କରାଯାଇଥିଲା। ପରେ ପୋଲିସ ସେମାନଙ୍କୁ ନୋଟିସ୍ ଦେଇ ଛାଡ଼ି ଦେଇଥିବା ସୂଚନା ମିଳିଛି।

# କଏଦୀ, ୪ ପୋଲିସ କର୍ମଚାରୀ, ଚାଳକ ଗୁରୁତର

**ଟ୍ରକ୍- କୋର୍ଟ ଭ୍ୟାନ ଧକ୍କା**

ରସୁଲପୁର,୬।୪(ଡିଏନଏ)

କରୋନା କଟକଣା ପାଇଁ ଚାରିଆଡ ଶୂନଶାନ ରହିଛି। ଏହାସତ୍ତ୍ୱେ ଜଣେ ପୋଲିସ କର୍ମଚାରୀଙ୍କ ବେପରୁଆ ଗାଡ଼ି ଚାଳନା ଓ ରାସ୍ତା ନିୟମ ଉଲ୍ଲଂଘନ ଯୋଗୁ ରସୁଲପୁର ବ୍ଲକ ୧୬ନଂ ଜାତୀୟ ରାଜପଥର ବାରବାଟୀ ନିକଟସ୍ଥ ବ୍ରାହ୍ମଣୀ ନଦୀ ପୋଲ ନିକଟରେ କୋର୍ଟ ଭ୍ୟାନ (ଓଡି୦୫ଏଏମ୨୨୦୯) ସହ ଏକ ଟ୍ରକ(ଡବ୍ଲୁବି୧୫ବିଗ୍ଧ୮୯୬)ର ଦୁର୍ଘଟଣା ଘଟିଛି। ଫଳରେ ୪ ପୋଲିସ କର୍ମଚାରୀଙ୍କ ସମେତ ଜଣେ କଏଦୀ ଓ ଟ୍ରକ ଚାଳକ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ଉଭୟ ଗାଡି ଚାଳକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ସମସ୍ତ ଆହତଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆହତ ପୋଲିସ କର୍ମଚାରୀମାନେ ବାଲେଶ୍ୱର ଅଞ୍ଚଳର ଭ୍ୟାନ ଚାଳକ ହାବିଲଦାର ବନୋଜ କୁମାର ମହାନ୍ତି, ଲାମ୍ବର ମନୋରଞ୍ଜନ ମହାପାତ୍ର, କନଷ୍ଟେବଳ ନାରାୟଣ ରାଉତ, ମମତା ମୁର୍ମୁ ହୋଇଥିବାବେଳେ କଏଦୀ ଜଣକ ଚୌଦ୍ୱାର ଜେଲରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବାଂଲାଦେଶ ଅଞ୍ଚଳର ମହମ୍ମଦ ବାବୁ ଖାନ୍ ଓ ଟ୍ରକ ଚାଳକ ବିହାର ଅଞ୍ଚଳର ଅଜୟ କୁମାର ବୋଲି ଜଣାପଡିଛି।

ପ୍ରକାଶ ଯେ, ସୋମବାର ଅପରାହ୍ନରେ କୋର୍ଟ ଭ୍ୟାନ ଚୌଦ୍ୱାରରୁ ବାଲେଶ୍ୱର ଅଭିମୁଖେ ଯାଉଥିବାବେଳେ ଜାରକା ନିକଟସ୍ଥ ଗୋକର୍ଣ୍ଣେଶ୍ୱର ପୀଠ ନିକଟରେ ଡାଇଭର୍ସନକୁ ବ୍ୟବହାର ନ କରି ଭୁଲ ପୋଲ ଦେଇ ଯାଉଥିଲା । ପୋଲ ଅତିକ୍ରମ କରିବା ସମୟରେ ବିପରୀତ ଦିଗରୁ ଏକ ଟ୍ରକର ସମ୍ମୁଖ ଭାଗକୁ ଧକ୍କା ଦେଇଥିଲା। ଖବରପାଇ ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ, କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ, ଜାରକା ବିଟ୍ ହାଉସ ଅଧିକାରୀ ରାଜ କିଶୋର ନାୟକ, ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଥିଲେ । ଆହତଙ୍କୁ ତାଙ୍କ ଗାଡିରେ ଧର୍ମଶାଳା ଥାନାକୁ ନେଇଥିଲେ।

# ସଂକ୍ରମଣ ଭୟରେ କ୍ରୋମାଇଟ ପରିବହନ ବନ୍ଦ ଦାବି

କାଳିଆପାଣି,୬।୪(ଡିଏନଏ)

ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳରେ ବାହାର ରାଜ୍ୟକୁ କ୍ରୋମାଇଟ ପରିବହନ ହେଉଥିବାରୁ ଅଞ୍ଚଳରେ କରୋନା ସଂକ୍ରମଣ ଆଶଙ୍କା କରି ସ୍ଥାନୀୟ ଲୋକେ କ୍ରୋମାଇଟ ପରିବହନକୁ ସୋମବାର ବନ୍ଦ କରି ଦେଇଛନ୍ତି। ଏହା ସହ ଓଡ଼ିଶା ଖଣି ନିଗମ ଦକ୍ଷିଣ କାଳିଆପାଣି ଖଣି ଫାଟକ ସମ୍ମୁଖରେ କାଳିଆପାଣି ସରପଞ୍ଚଙ୍କ ସମେତ ଗ୍ରାମବାସୀ କ୍ରୋମାଇଟ ପରିବହନ ବନ୍ଦ କରିବା ପାଇଁ ଧାରଣା ଦେଇଥିଲେ। କ୍ରୋମାଇଟ ଲୋଡିଂ ପାଇଁ ଆସିଥିବା ଟ୍ରକଗୁଡ଼ିକ ଲୋଡିଂ ପାଇଁ ଯାଇପାରି ନ ଥିଲେ। ଖଣି ନିଗମ ଦକ୍ଷିଣ କାଳିଆପାଣି ଖଣି ପରିଚାଳକ କାଠି ପ୍ରଧାନ ଓ ଥାନା ଏସଆଇ ବିଭୁତି ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। କାଳିଆପାଣି ସରପଞ୍ଚ କଳ୍ପନା ଜେନା ବାହାର ଅଞ୍ଚଳରୁ ଆସୁଥିବା ଟ୍ରକ ଡ୍ରାଇଭରଙ୍କ ଦ୍ୱାରା ଅଞ୍ଚଳରେ କରୋନା ସଂକ୍ରମଣ ହେବା ଆଶଙ୍କା କରିକିଛିଦିନ ପର୍ଯ୍ୟନ୍ତ ପରିବହନ ନ କରିବାକୁ ଅନୁରୋଧ ରଖିଥିଲେ। ଏନେଇ ପରିଚାଳକ କାଠି ପ୍ରଧାନ ପ୍ରଶାସନ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ କିଛିଦିନ ପର୍ଯ୍ୟନ୍ତ ପରିବହନ ବନ୍ଦ ରଖିବାକୁ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ। କଂସ ପଞ୍ଚାୟତ ଓସ୍ତପାଳ ଫେକର ଖଣି ଫାଟକ ସମ୍ମୁଖରେ ଗ୍ରାମବାସୀ ଖଣିରୁ ପରିବହନ ବନ୍ଦ ଦାବିରେ ଧାରଣାରେ ବସିଥିଲେ। କାଳିଆପାଣି ଥାନାଧିକାରୀ ରମାକାନ୍ତ ମୁଦୁଲି ଓ ଖଣି ପରିଚାଳକ ଅଜୟ କୁମାର ପାତ୍ର ପହଞ୍ଚି ଆଲୋଚନା କରି ପରିବହନ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# କୋହଳ ହେଉଛି ଲକ୍‌ଡାଉନ୍ ନିୟମ

ଜଗତ୍‌ସିଂହପୁର ଅଫିସ,୬।୪:

ଜଗତ୍‌ସିଂହପୁର ଜିଲାରେ ଲକ୍‌ଡାଉନ୍ ପ୍ରଥମେ କଡାକଡି ପାଳନ କରାଯାଇଥିଲା। କିନ୍ତୁ ଧୀରେଧୀରେ ନିୟମ କୋହଳ ହେଉଥିବା ଅଭିଯୋଗ ହେଉଛି। ପ୍ରତ୍ୟହ ସକାଳ ୬ରୁ ପୂର୍ବାହ୍ନ ୧୧ଟା ଭିତରେ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ସୁଯୋଗ ଦିଆଯାଉଛି। ତେଣୁ ଏଭଳି ଗହଳି ହେଉଥିବା କୁହାଯାଉଛି। ସପ୍ତାହରେ ୨ ଦିନ ପରିବର୍ତ୍ତେ ଗୋଟିଏ ଦିନ ହାଟ ହେଉଛି। ହାଟ ସମୟ ସକାଳ ୬ରୁ ପୂର୍ବାହ୍ନ ୧୧ଟା ଭିତରେ ସାରିବାକୁ ନିର୍ଦ୍ଦେଶ ଥିବାରୁ ଗତ ମଙ୍ଗଳବାର ଗହଳି ହୋଇଥିଲା। ସେ ଦୃଷ୍ଟିରୁ ୭ ତାରିଖ ହାଟ ସ୍ଥାନ ପରିବର୍ତ୍ତନ କରାଯିବାକୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନିଷ୍ପତ୍ତି ନେଇଛନ୍ତି। ଏହି ହାଟ ଜଗତ୍‌ସିଂହପୁର ପୋଷ୍ଟ ଅଫିସ ଛକରୁ ହୁଣ୍ଡା ଶୋ ରୁମ୍ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଦୋକାନଗୁଡିକ ଥିବା ପଟେ କରାଯିବ। ଯେହେତୁ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଉଛି ଏବଂ ବ୍ୟବସାୟୀ/ଚାଷୀ ମୁଖ୍ୟ ରାସ୍ତାର କେନାଲ ପାର୍ଶ୍ୱରେ ବସିବା କଷ୍ଟକର ଥିବାରୁ ନିଷ୍ପତ୍ତିରେ ଏଭଳି ପରିବର୍ତ୍ତନ କରାଯାଇଛି। ବ୍ୟବସାୟୀ/ଚାଷୀ କେଉଁଠି ବସିବେ ଏବଂ ସେମାନଙ୍କ ସାମ୍ନାରେ ଯେପରି ଗହଳି ନ ହେବ ସେନେଇ ଗୋଲେଇ କରାଯାଇଥିବା ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଜଗତ୍‌ସିଂହପୁର ଥାନା ଛକରେ ଚେକିଂ ଜାରି ସତ୍ତ୍ୱେ ଗହଳି କମୁନି। ହାଟବଜାରରେ ମାଛ, ମାଂସ ମିଳୁଥିବାରୁ ସାମାଜିକ ଦୂରତ୍ୱ ରହୁନାହିଁ। ଲୋକେ ସଚେତନ ନ ହେଲେ ସଂକ୍ରମଣ ବଢିଯବା ସମ୍ଭାବନା ଥିବାରୁ ପୋଲିସ କାର୍ଯ୍ୟକଳାପ କ୍ରିୟାଶୀଳ ହେବା ଆବଶ୍ୟକ ବୋଲି ଦାବି ହେଉଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନା ଆଇଆଇସି ରଜନୀକାନ୍ତ ମିଶ୍ରଙ୍କୁ ପଚାରିବାରୁ ଲୋକେ ସଚେତନ ହେଉ ନ ଥିବାରୁ ଅସୁବିଧା ହେଉଛି। ଯେଉଁମାନେ ନିୟମ ପାଳନ କରୁନାହାନ୍ତି ଆଗକୁ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

### ଅପରାହ୍ନ ୧ଟା ପରେ ଦିଆଯିବନି ପେଟ୍ରୋଲ, ଡିଜେଲ

ପେଟ୍ରୋଲ ପମ୍ପଗୁଡିକ ପ୍ରତ୍ୟହ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କୁ ପେଟ୍ରୋଲ ଓ ଡିଜେଲ ଦେଇପାରିବ। ଏହାପରେ କେବଳ ଜରୁରୀ ସେବାରେ ଲାଗିଥିବା ମାଲବାହୀ ଗାଡି, ଆମ୍ବୁଲାନ୍ସ, ପୋଲିସ, ପୌର ପରିଷଦ, ବ୍ଲକ, ତହସିଲ ଆଦି ଗାଡିକୁ ତେଲ ଦିଆଯିବ। ଏହିସବୁ ଗାଡି ପାସ୍ ଦେଖାଇଲେ ତେଲ ଭରି ପାରିବେ। ସୋମବାର ଏସ୍‌ପି ପ୍ରକାଶ ଆର୍‌ଙ୍କ ସହ ଉପସ୍ଥିତ ଥିବା ଜିଲାପାଳ ଏକ ଭିଡିଓ ଜରିଆରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏ ସମ୍ପର୍କିତ ନିର୍ଦ୍ଦେଶ ପେଟ୍ରୋଲ ପମ୍ପଗୁଡିକୁ ଦିଆଯିବ। ମଙ୍ଗଳବାରଠାରୁ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ। ଉଭୟ ଏସ୍‌ପି ଓ ଜିଲାପାଳ ଜରୁରୀ ସାମଗ୍ରୀ କିଣିବାବେଳେ ସାମାଜିକ ଦୂରତା ରଖିବା ସମ୍ପର୍କରେ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି।

# ସାମାଜିକ ଦୂରତ୍ୱ ନ ରଖିଲେ କାର୍ଯ୍ୟାନୁଷ୍ଠାନ

**ସିଲ୍ ହେବ ବ୍ୟବସାୟ ପ୍ରତିଷ୍ଠାନ**

ନୟାଗଡ଼ ଅଫିସ,୬।୪:

ମହାମାରୀ କରୋନା ଭାଇରସ୍ ସଂକ୍ରମଣ ଉପରେ ଲଗାମ ଦେବା ଉଦ୍ଦେଶ୍ୟରେ ସରକାର ସାମାଜିକ ଦୂରତା ରକ୍ଷା କରିବାକୁ ନିବେଦନ କରିଛନ୍ତି। ଦୋକାନ ଆଗରେ ଗ୍ରାହକମାନେ ଅନ୍ୟୂନ ୧ମିଟର ଦୂରତା ବଜାୟ ନ ରଖିଲେ କାର୍ଯ୍ୟାନୁଷ୍ଠାନ ହେବ। ଏପରି କି ଏଥିରେ ବ୍ୟତିକ୍ରମ ହେଲେ ବ୍ୟବସାୟ ପ୍ରତିଷ୍ଠାନ ସିଲ୍ କରିଦିଆଯିବ। ବଜାର ଓ ହାଟରେ ମଧ ସମାନ ନିୟମ ଲାଗୁ ହେବ । ଏ ନେଇ ବିଜ୍ଞପ୍ତି ଜାରି ହୋଇଥିବା ନୟାଗଡ଼ ଜିଲାପାଳ ପୋମା ଟୁଡୁ ଓ ଏସ୍‌ପି ପ୍ରତ୍ୟୁଷ ଦିବାକର ମିଳିତ ଭାବେ ସୋମବାର ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି। ଅବାଧ ହେଲେ ଅଥବା ବିଶୃଙ୍ଖଳା ସୃଷ୍ଟି କଲେ ଏପିଡେମିକ୍ ଡିଜିଜ ଆକ୍ଟ ୧୮୯୭ ଓ ଓଡିଶା କୋଭିଡ୍ ୧୯ ରେଗୁଲେଶନ ୨୦୨୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାର ସମସ୍ତ ବ୍ଲକ, ନୟାଗଡ଼ ମ୍ୟୁନିସିପାଲିଟି ସମେତ ବିଭିନ୍ନ ଏନ୍‌ଏସି ଅଧୀନ ବ୍ୟବସାୟ ପ୍ରତିଷ୍ଠାନ, ଦୋକାନୀ, ଉଠାଦୋକାନୀ, ବିଭିନ୍ନ ମାର୍କେଟର କର୍ମକର୍ତ୍ତା, ବଣିକସଂଘ, ଚାମ୍ବରଅଫ୍‌କମର୍ସକୁ ଜିଲାପାଳ ଓ ଏସ୍‌ପି ଅବଗତ କରାଇଛନ୍ତି।



ସୂଚନା ଦେଉଛନ୍ତି ଜିଲାପାଳ ଓ ଏସ୍‌ପି ।

### ଅମାନିଆ ଚିନ୍ତାର କାରଣ

ଲକ୍‌ଡାଉନ ଓ ଶଟ୍‌ଡାଉନ ସତ୍ତ୍ୱେ ଓଡିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ରାଜ୍ୟ ତଥା ଦେଶ ବାହାରକୁ ନ ଯାଇ ମଧ୍ୟ ଘାତକ ଭାଇରସ୍ କୋଭିଡ୍-୧୯ରେ ଆକ୍ରାନ୍ତ ହେଉଛନ୍ତି ଲୋକେ। ଦିନକୁ ଦିନ ସଂକ୍ରମଣର ଭୟ ବଢ଼ି ଚାଲିଥିବାବେଳେ କରୋନା ପାଇଁ ସୁରକ୍ଷିତ ସ୍ଥାନ ଘର ବୋଲି ସରକାର କହିଆସୁଛନ୍ତି। ତେବେ ଲକ୍‌ଡାଉନ କଟକଣାକୁ ଅଣଦେଖା କରି ବିନା କାରଣରେ ନୟାଗଡ ଜିଲାରେ କିଛି ଅମାନିଆଙ୍କ ବୁଲିବା ନିଶା ଓ ରୋଗକୁ ଲୁଚାଇବା ଉଦ୍ୟମ ଜିଲାବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଜିଲାର ବିଭିନ୍ନ ଗାଁରେ ଲୋକେ ସଚେତନ ହୋଇ ନିଜ ସୁରକ୍ଷା ପାଇଁ ଗାଁର ପ୍ରବେଶପଥକୁ ବାଉଁଶ, କଣ୍ଟା ପକାଇ ଅବରୋଧ କରିଛନ୍ତି। ହେଲେ ଅଧିକାଂଶ ଗାଁରେ କେତେଜଣ ଅମାନିଆ ପୋଲିସର ମାଡ ଖାଇ ବି ତାସ ଓ ଜୁଆଖେଳ ଚାଲୁ ରଖିଛନ୍ତି।

### କଟକଣା ନ ମାନି ଚାଲିଛି ଦଣ୍ଡନାଚ

ନୟାଗଡ଼ ଜିଲାରେ ଦଣ୍ଡପର୍ବ ଆରମ୍ଭ ହୋଇଯାଇଛି। ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିବା ସତ୍ତ୍ୱେ ଭକ୍ତମାନେ ଏହି ପର୍ବ ଆରମ୍ଭ କରିଛନ୍ତି। ଏ ଜଣାପଡିବା ପରେ ଶରଣକୁଳ, ରଣପୁର ଥାନା ପୋଲିସ ତହସିଲଦାରଙ୍କ ସହାୟତାରେ ସ୍ଥାନୀୟ ଅଞ୍ଚଳରେ ସଚେତନତା ଜାରି ରଖିଛନ୍ତି। ଏହା ପରେ ବି ଶରଣକୁଳ ଅଞ୍ଚଳରେ ମାନସିକଧାରୀ ଭକ୍ତ ଦଣ୍ଡନାଚରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଥାନାରୁ ଅଭିଯୁକ୍ତ ଚମ୍ପଟ

ସଜନାଗଡ଼,୬।୪(ଡି.ଏନ.ଏ.)- ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ ବରହମ୍ପୁର ଥାନାରୁ ରବିବାର ରାତିରେ ବଳାତ୍କାର ଅଭିଯୋଗରେ ଅଟକ ଥିବା ଜଣେ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ମୟୂରଭଞ୍ଜ ଜିଲା କପ୍ତିପଦା ଅଞ୍ଚଳର ଜଣେ ନାବାଳିକା ବରହମ୍ପୁର ଥାନା ଅଧୀନ ବାର୍‌ହାଖେଦାସ୍ଥିତ ବାନ୍ଧବୀଙ୍କ ଘରକୁ ବୁଲି ଆସିଥିଲେ। ସେ ନିକଟସ୍ଥ ଦୋକାନକୁ ସଉଦା ଆଣିବା ପାଇଁ ଯାଇଥିବାବେଳେ ପୁଟିବନ୍ଧ ଗ୍ରାମର ଶନିଆ ସିଂ ଓ ସାହୁ ସିଂ ଏକ ବାଇକ୍ ଯୋଗେ ତାଙ୍କୁ ଅପହରଣ କରିନେଇଥିଲେ। ଏନେଇ ପରିବାର ଲୋକେ ବରହମ୍ପୁର ଥାନାରେ ଅଭିଯୋଗ କରିଥିଲେ। ବରହମ୍ପୁର ଥାନା ପକ୍ଷରୁ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ. ୨୬/୨୦) ରୁଜୁ କରାଯାଇଥିଲା। ରବିବାର ନାବାଳିକାଙ୍କୁ ଉଦ୍ଧାର କରାଯିବା ସହ ୨ ଅଭିଯୁକ୍ତଙ୍କୁ ଥାନାକୁ ଅଣାଯାଇଥିଲା। ଥାନାରେ ଅଭିଯୁକ୍ତଦ୍ୱୟ ଅଟକ ଥିବାବେଳେ ରବିବାର ରାତିରେ କୌଶଳକ୍ରମେ ମୁଖ୍ୟଅଭିଯୁକ୍ତ ଶନିଆ ଫେରାର ହୋଇଯାଇଥିଲେ। ଏନେଇ ଥାନା ପକ୍ଷରୁ ଅଭିଯୁକ୍ତଙ୍କ ନାମରେ ଅନ୍ୟ ଏକ ମାମଲା (ନଂ. ୨୭/୨୦) ରୁଜୁ କରାଯାଇଛି। ଏ ସମ୍ପର୍କରେ ଥାନାଅଧିକାରୀ ପ୍ରଭଞ୍ଜନ ବେହେରା କହିଛନ୍ତି ଯେ, ଯଥାଶୀଘ୍ର ତାଙ୍କୁ ଧରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଭାଜପା ପକ୍ଷରୁ ଅସହାୟଙ୍କୁ ଖାଦ୍ୟ ବଣ୍ଟନ

ବାଲେଶ୍ୱର ଅଫିସ, ୬।୪-ଦେଶ କରୋନା ଭଳି ଭୟଙ୍କର ମହାମାରୀ ସହ ଲଢୁଥିବା ବେଳେ ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପରାମର୍ଶରେ ଭାଜପା ଯୁବମୋର୍ଚ୍ଚା ତରଫରୁ ବାମପଦାରେ ଥିବା କୁଷ୍ଠାଶ୍ରମରେ ଶୁଖିଲା ଖାଦ୍ୟ ଅନ୍ତେବାସୀଙ୍କୁ ଯୋଗାଇ ଦିଆଯାଇଛି। ଏହି ସେବା କାର୍ଯ୍ୟରେ ଜିଲା ଅନ୍ନଦାନ ଯୋଜନାର ସଂଯୋଜକ ଚନ୍ଦ୍ରଶେଖର ନନ୍ଦ, ଯୁବ ସଙ୍ଗଠକ ଶ୍ରୀନିବାସ ପ୍ରଧାନ, ଯୁବନେତା ରଞ୍ଜିତ ପ୍ରଧାନ, ପିଣ୍ଟୁ ପୋଦ୍ଦାର, ପିଣ୍ଟୁ ପଣ୍ଡା, ବିନୟ ମହାରଣା, ପ୍ରହ୍ଲାଦ ଦାସ, ସରୋଜ ହାଜରା ସହ ୩୯ନଂ. ଜିଲାପରିଷଦ ସଭ୍ୟ ବିପିନ ମାରାଣ୍ଡି ଉପସ୍ଥିତ ଥିଲେ। ବାଲେଶ୍ୱର ମ୍ୟୁନିସିପାଲିଟି ଓ ସଂଲଗ୍ନ ଅଞ୍ଚଳରେ ରହୁଥିବା ଅସହାୟ ପରିବାର ଓ ଦରିଦ୍ର ନାରାୟଣଙ୍କୁ ପ୍ରତିଦିନ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି।

# ଭୋକ ଉପାସରେ ବାହାର ରାଜ୍ୟର ଶ୍ରମିକ

ଖଇରା, ୬।୪(ଡି.ଏନ.ଏ.)

ବାହାର ରାଜ୍ୟର ୯ଜଣ ଶ୍ରମିକ ୨ଦିନ ହେଲା ଭୋକଉପାସରେ ରହିଛନ୍ତି। ସେମାନେ ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଅଧୀନ ସିଂହପୁର ଗ୍ରାମରେ ଆଶ୍ରୟ ନେଇଛନ୍ତି। ତୁରନ୍ତ ଖାଦ୍ୟ ବ୍ୟବସ୍ଥା କରିବାକୁ ସେମାନେ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି । ଏହି ଶ୍ରମିକମାନଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟର ମେଦିନୀପୁର ଅଞ୍ଚଳରେ। ସେମାନେ ଜଣେ ମଧ୍ୟସ୍ଥିଙ୍କ ପ୍ରରୋଚନାରେ ଆସି ଏହି ସିଂହପୁର ଗ୍ରାମରେ ରହି ଝିଙ୍କିରିଆ ସମେତ ପଡୋଶୀ ସାରଡାଙ୍ଗ ତଥା ଗୋଳିହା ପଞ୍ଚାୟତର ବିଭିନ୍ନ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। କରୋନା ଭାଇରସ ସଂକ୍ରମଣକୁ ନେଇ କଟକଣା ଲାଗୁ ହେବା ପରେ ସେମାନଙ୍କୁ ନେଇ ଆସିଥିବା ମଧ୍ୟସ୍ଥି ଜଣକ ଅଳ୍ପ କିଛି ଅର୍ଥ


ସହାୟତା ଅପେକ୍ଷାରେ ଶ୍ରମିକମାନେ।

ଦେଇ ଘରକୁ ପଳାଇଥିଲେ । ସେମାନେ ଏହି ସେହି ଅର୍ଥରେ ଖାଦ୍ୟ ସରଞ୍ଜାମ ଯୋଗାଡ କରି କିଛିଦିନ ଚଳିଗଲେ। ସେପଟେ ପଇସା ସରିଆସୁଥିବା ବେଳେ ଖଇରା ବ୍ଲକ ପ୍ରଶାସନ ତରଫରୁ ବାହାର ରାଜ୍ୟର ଶ୍ରମିକଙ୍କୁ ଖାଦ୍ୟର ବ୍ୟବସ୍ଥା ଲାଗି ମାଇକ ପ୍ରଚାର କରିବା ପରେ ସେମାନଙ୍କ ମନରେ ନୂଆ ଆଶା ମନରେ ସଞ୍ଚାର ହୋଇଥିଲା। ହେଲେ ପୂର୍ବରୁ ବାକି ଦେଉଥିବା ଦୋକାନୀମାନେ କିଛି ଦିନ ତଳେ ଆଉ ଜିନିଷ ଦେବାକୁ ମନା କରିଦେଇଥିଲା। ଆଜି ପର୍ଯ୍ୟନ୍ତ ପ୍ରଶାସନ ତରଫରୁ କୌଣସି ଖାଦ୍ୟ ବ୍ୟବସ୍ଥା କରା ନ ଯିବାରୁ ତାଙ୍କ ମୁଣ୍ଡରେ ଚିନ୍ତା ବଢିଯାଇଛି। ସେମାନେ ଏବେ ଚାଲି ଚାଲି ଗ୍ରାମକୁ ଯିବାକୁ ପ୍ରସ୍ତୁତ ହେଉଛନ୍ତି। ଗ୍ରାମର କେତେକ ଲୋକ ବ୍ୟକ୍ତିଗତ ସ୍ତରରେ କିଛି ଖାଦ୍ୟର ବ୍ୟବସ୍ଥା କରିଛନ୍ତି। ସରକାର ସମସ୍ତ ବାହାର ଶ୍ରମିକଙ୍କ ପାଇଁ ରନ୍ଧାଖାଦ୍ୟ ପ୍ରଦାନ ବ୍ୟବସ୍ଥା କରାଯାଇଥିବା ନେଇ ଘୋଷଣା କରୁଥିବା ବେଳେ ଏହି ଶ୍ରମିକମାନେ ଏଥିରୁ ବଞ୍ଚିତ ରହିବା ଯନ୍ତ୍ରଣାଦାୟକ ବୋଲି କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେମାନଙ୍କ ପାଇଁ ଖାଦ୍ୟ ସାମଗ୍ରୀ ବ୍ୟବସ୍ଥା କରିବେ ବୋଲି କହିଛନ୍ତି ।

## ଛାଡ଼ ପାଇବେ ୩୨ ବିଚାରାଧୀନ କଏଦୀ

କେନ୍ଦୁଝର, ୬।୪ (ସ୍ୱ.ପ୍ର.)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ୭ ବର୍ଷରୁ କମ ଦଣ୍ଡ ଭୋଗୁଥିବା କଏଦୀମାନଙ୍କୁ ଜାମିନ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଭଳି ପରିପ୍ରେକ୍ଷୀରେ କେନ୍ଦୁଝର ଜେଲରେ ଥିବା ୩୨ ଜଣ ବିଚାରାଧୀନ କଏଦୀଙ୍କୁ ଅନ୍ତରୀଣ ଜାମିନ ଓ ୬ ଜଣଙ୍କୁ ପାରୋଲରେ ଛାଡିବା ପାଇଁ ନିଷ୍ପତ୍ତି କରାଯାଇଛି। ସେଥିମଧ୍ୟରୁ କେନ୍ଦୁଝର ଜେଲ୍‌ରେ ୮ ଜଣ ରହିଛନ୍ତି। ତେବେ ଅନ୍ତରୀଣ ଜାମିନରେ ଯିବାକୁ ହେଲେ କୋର୍ଟରେ ଜାମିନ ଆବେଦନ କରିଯାଇ ପାରିବେ। ଅନ୍ୟମାନେ ଆନନ୍ଦପୁର, ଚମ୍ପୁଆ, ବଡବିଲ ଜେଲର ବିଚାରାଧୀନ କଏଦୀ ଅନ୍ତରୀଣ ଜାମିନରେ ଯାଇପାରିବେ। ସେହିପରି ଜିଲାପାଳଙ୍କ ଆଦେଶ କ୍ରମେ ଚମ୍ପୁଆ ଓ ବଡବିଲ ଜେଲ୍‌ରେ ଥିବା ୬ ଜଣ ପାରୋଲରେ ଯାଇପାରିବେ ବୋଲି ଜଣାପଡିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଜଜ ବେଣୁଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ଏହା ନିଷ୍ପତ୍ତି ହୋଇଛି। ଏଥିରେ ଜିଲାପାଳ ଆଶୀଷ ଥାକରେ, ଏସପି ମିତ୍ରଭାନୁ ମହାପାତ୍ର, ଜିଲା ଆଇନସେବା ପ୍ରାଧୀକରଣ ସଚିବ ସୌଦାମିନୀ ବିଶ୍ୱାଳ, କେନ୍ଦୁଝର, ଆନନ୍ଦପୁର, ଚମ୍ପୁଆ ଓ ବଡବିଲ ଜେଲର ଅଧୀକ୍ଷକ ମାନେ ଉପସ୍ଥିତ ଥିଲେ । କାରାଗାର ଗୁଡିକରେ କ୍ଷମତା ଠାରୁ ଅଧିକ କଏଦୀ ରହୁଥିବାରୁ କରୋନା ସଂକ୍ରମଣ ଆଶଙ୍କା ରୋକିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି।

## ସାମାଜିକ ଦୂରତ୍ୱ ପାଳନ ନ କଲେ ଦୋକାନ ହେବ ସିଲ୍

ବାରିପଦା ଅଫିସ,୬।୪

ମୟୂରଭଞ୍ଜ ଜିଲାରେ ଥିବା ସମସ୍ତ ମାର୍କେଟ ଓ ଦୋକାନଗୁଡ଼ିକ ସାମଜିକ ଦୂରତ୍ୱ ପାଳନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଯଦି କେହି ଏହାକୁ ପାଳନ ନ କରନ୍ତି ତାହେଲେ ପୋଲିସ ଦୋକାନୀଙ୍କ ନାମରେ ମାମଲା ରୁଜୁ କରିବା ସହିତ ଦୋକାନକୁ ସିଲ୍ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ବିଭିନ୍ନ ସମୟରେ ମାର୍କେଟଠାରୁ ଆରମ୍ଭ କରି ଦୋକାନଗୁଡ଼ିକରେ ଜିନିଷ ପତ୍ର କିଣିବା ବେଳେ ଲୋକେ ଭିଡ଼ ଜମାଉଛନ୍ତି। କୌଣସି ସ୍ଥାନରେ ସାମଜିକ ଦୂରତ୍ୱ ପାଳନ କରୁନାହାନ୍ତି। ଯାହା


ପରିବା ମାର୍କେଟରେ ଲୋକଙ୍କ ଭିଡ଼।

ଫଳରେ କରୋନା ଭାଇରସ୍ ସଂକ୍ରମଣ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହିଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। କୌଣସି ଦୋକାନ କିମ୍ବା ମାର୍କେଟରେ ଯଦି ସାମାଜିକ ଦୂରତ୍ୱ ପାଳନ କରାଯାଉ ନ ଥିବା ଦେଖିବାକୁ ମିଳେ ତେବେ ଉକ୍ତ ଦୋକାନକୁ ତୁରନ୍ତ ବନ୍ଦ କରାଯିବା ସହିତ ମାଲିକଙ୍କ ବିରୋଧରେ କାର୍ଯ୍ୟାନଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

## ୨ ଲକ୍ଷ ଦେଲେ କେନ୍ଦୁଝର ଏମ୍‌ପି

କେନ୍ଦୁଝର, ୬।୪(ଡି.ଏନ.ଏ.)–କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ(ସିଏମଆରଏଫ)କୁ ନିଜ ଦରମାରୁ ଅନ୍‌ଲାଇନ ଜରିଆରେ ୨ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। କରୋନା ମୁକାବିଲା ପାଇଁ ସେ ଏହି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଜିଲାବାସୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିୟମକୁ ମାନି ଲକ୍‌ଡାଉନ ସମୟରେ ଘରୁ ନ ବାହାରି ସୁରକ୍ଷିତ ରଖିବା ପାଇଁ ସେ ଅନୁରୋଧ କରିଛନ୍ତି।

## ୮୦୬ ଗାଡ଼ି ଜବତ

କେନ୍ଦୁଝର,୬।୪(ଡି.ଏନ୍.ଏ./ସ୍ୱ.ପ୍ର.)– ଲକ୍ ଡାଉନ କଟକଣା ଉଲ୍ଲଂଘନ କାରଣରୁ କେନ୍ଦୁଝର ଜିଲାରେ ୮୦୬ ଗାଡ଼ି ଜବତ ହୋଇଛି। ୫୫ ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରିଛି। କେନ୍ଦୁଝର ସହରରେ ୧ଶହରୁ ଊର୍ଦ୍ଧ୍ୱ ଗାଡ଼ି ଜବତ ହୋଇଛି। ଜିଲାରେ ବିନା କାରଣରେ ବୁଲୁଥିବା ଯୁବକଙ୍କୁ ଆୟତ୍ତ କରିବା ଲାଗି ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରି ବାଇକ୍ ସିଜ କରିବା ପ୍ରକ୍ରିୟା ଆରମ୍ଭ କରିଛି। ଫଳରେ ବାଇକ ଚାଳକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ୨୯ ଦୋକାନୀ, ନିୟମ ଉଲ୍ଲଂଘନକାରୀ ଗିରଫ

ଭଦ୍ରକ ଅଫିସ, ୬।୪

### ମାନିଲେନି ସାମାଜିକ ଦୂରତ୍ୱ ନିୟମ

ସାମାଜିକ ଦୂରତ୍ୱ କଟକଣା ନିୟମକୁ ନ ମାନିବାରୁ ଭଦ୍ରକ ସହରର ବିଭିନ୍ନ ଦୋକାନକୁ ଭଦ୍ରକ ଟାଉନ ପୋଲିସ ସିଲ୍ କରିଛି। ଭଦ୍ରକ ସହରରେ ଶଟ୍ ଡାଉନ କଟକଣା ନିୟମ ରବିବାର ରାତି ୮ଟାରେ ଉଠିଥିଲା। ପୂର୍ବପରି ସହରରେ ଲକ୍‌ଡାଉନ କଟକଣା ନିୟମକୁ ସକାଳ ୬ଟାରୁ ୧୦ଟା ପର୍ଯ୍ୟନ୍ତ କୋହଳ କରିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। କୋହଳ ସମୟରେ ମୁଖ୍ୟତଃ ଗ୍ରାହକ ଓ ଦୋକାନୀଙ୍କୁ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଲୋକମାନେ ସକାଳୁ ନିତ୍ୟ ସାମଗ୍ରୀ କିଣିବା ପାଇଁ ଅହେତୁକ ଭିଡ଼ ଜମାଇଥିଲେ। ଏପରିକି ଦୋକାନୀ କିମ୍ବା ଲୋକ କେହି ବି ସାମାଜିକ ଦୂରତ୍ୱ କଟକଣାକୁ ମାନି ନ ଥିଲେ। ଏହି ନିୟମକୁ ଉଲ୍ଲଂଘନ କରୁଥିବା ୮ଟି ଦୋକାନୀ ଓ ୨୧ଜଣ ଉଲ୍ଲଂଘନକାରୀଙ୍କୁ ଟାଉନ ଓ ପୁରୁଣାବଜାର ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ମୋଟ ୮ ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି।

## ପୃଥକ ସ୍ଥାନରେ ଅଗ୍ନିକାଣ୍ଡ: ଜଳିଗଲା ୧୫ ବଖରା

ଭଣ୍ଡାରିପୋଖରୀ/ବନ୍ତ, ୬।୪(ଡି.ଏନ.ଏ.)

ଭଦ୍ରକ ଜିଲାର ପୃଥକ ସ୍ଥାନରେ ଅଗ୍ନିକାଣ୍ଡ ଘଟି ୧୫ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ବନ୍ତ ତହସିଲ ରାମପୁର ପଞ୍ଚାୟତ ଅଲାଉତି ଗ୍ରାମରେ ରବିବାର ରାତି ପ୍ରାୟ ୧୧ଟା ବେଳେ ଭୟାବହ ଅଗ୍ନିକାଣ୍ଡ ଘଟି ୭ ବଖରା ସମେତ ଘରର ଆସବାବପତ୍ର ପୋଡିଯାଇଛି। ଗ୍ରାମର ଗଣେଶ ପ୍ରସାଦ ଜେନାଙ୍କ ୧ବଖରା, ନାରାୟଣ ଜେନାଙ୍କ ୧ବଖରା, ନିରଞ୍ଜନ ଜେନାଙ୍କ ୧ବଖରା, ସୁରେଶ ଜେନାଙ୍କ ୨ବଖରା, କ୍ଷୀରୋଦ ଜେନାଙ୍କ ୨ବଖରା ପୋଡି ନଷ୍ଟ ହୋଇଛି। ଏହି ଅଗ୍ନିକାଣ୍ଡ ବିଦ୍ୟୁତ ସଟସର୍କିଟ ଯୋଗୁ ଘଟିଥିବା ଜଣାଯାଇଛି। ଖବରପାଇ ଭଣ୍ଡାରିପୋଖରୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମରେ ଗ୍ୟାସ୍ ଟାଙ୍କି ଲିକ୍ ଯୋଗୁ ଅଗ୍ନିକାଣ୍ଡ ଘଟି ବିନୋଦ ବିହାରୀ ମାଝି, ଆନନ୍ଦ ମାଝି, କରୁଣାକର ମାଝି, ଶିବ ପ୍ରସାଦ ମାଝିଙ୍କ ୮ ବଖରା ଚାଳଛପର ଘର ପୋଡି ଭସ୍ମ ହୋଇଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର କ୍ଷତି ଘଟିଛି। ଖବରପାଇ ଭଣ୍ଡାରିପୋଖରୀ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡକୁ ଆୟତ୍ତ କରିଥିଲେ। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବିରେନ୍ଦ୍ର ନାୟକ, ସାମାଜିକ କର୍ମୀ ଲକ୍ଷ୍ମୀଧର ପଲେଇ ଅଗ୍ନିବିପନ୍ନଙ୍କଠାରେ ପହଞ୍ଚି ପ୍ରାଥମିକ ସହାୟତା ପ୍ରଦାନ କରିଛନ୍ତି। ତୁରନ୍ତ ଅଗ୍ନିବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

## ସଚେତନ କଲା ଓଷ୍ଟା ଶିକ୍ଷକ ସଂଘ

ସିମୁଳିଆ, ୬।୪(ଡି.ଏନ.ଏ.)

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ସାରା ଦେଶରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଚାଲୁରହିଛି। ସୋମବାର ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ସିମୁଳିଆ ମଣ୍ଡଳ ଦ୍ୱାରା ମାର୍କୋଣା ପଞ୍ଚାୟତର ମହିଷିପେଟ ଆଦିବାସୀ ସାହି ଓ ମୁରୁଣା ପଞ୍ଚାୟତର ରାଉତପଡା ଯେନାସାହିର ଶତାଧିକ ପରିବାରକୁ ମାକ୍ସ, ସାବୁନ, ମୁଢି ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ଏଥିସହିତ ଘରେ ସୁରକ୍ଷିତ ରହିବା, ସାମାଜିକ ଦୂରତା ଓ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଶିକ୍ଷକମାନେ ବୁଝାଇଥିଲେ। ଶିକ୍ଷକ ସଂଘ ସଭାପତି କମଳାକାନ୍ତ ପତି, ସମ୍ପାଦକ ପ୍ରସନ୍ନ କୁମାର ଧଳ, ଶିକ୍ଷକ ନେତା ବନମାଳୀ ନାୟକ, କୁମୁଦବନ୍ଧୁ ନାୟକ, ନିରାକାର ଜେନା, ଉତ୍ତମ କୁମାର ଲେଙ୍କା ପ୍ରମୁଖ ଥିଲେ ।

## ବଢୁଛି କାଠ ଚୋରି

ଭଞ୍ଜନଗର,୬।୪(ଡି.ଏନ.ଏ.):ଲକ୍‌ଡାଉନର ସୁଯୋଗ ନେଇ ଭଞ୍ଜନଗର ଘୁମୁସର ବନଖଣ୍ଡରେ କାଠଚୋର ସକ୍ରିୟ ହୋଇଛନ୍ତି। ଘୁମୁସର ବନଖଣ୍ଡ ବନ କର୍ମଚାରୀ ଲକ୍‌ଡାଉନ ଯୋଗୁ ଅଧିକାଂଶ ସମୟ ଜଙ୍ଗଲକୁ ପାଟ୍ରୋଲିଂ କରିବାକୁ ଯାଉନାହାନ୍ତି। ତେଣୁ ବେଧଡ଼କ କାଠଚୋରି ଚାଲିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ଗାଲେରିରେ ରବିବାର ରାତିରେ ଏକ ବିଦେଶୀ ମଦ ଦୋକାନରୁ ଚୋରି ଉଦ୍ୟମ ହୋଇଥିଲା। ଏ ନେଇ ଦୋକାନ ମାଲିକ ଜାଣିବା ପରେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଚଳାଇଥିଲେ ମଧ କୌଣସି ଜିନିଷ ଚୋରି ହୋଇ ନ ଥିବା ପୋଲିସ କହିଛି।

## କୋଭିଡ୍ ଫଣ୍ଡକୁ ୫ ଲକ୍ଷ ଦେଲା ଆସିକା ସମବାୟ ବ୍ୟାଙ୍କ

ଆସିକା ,୬।୪ (ଡି.ଏନ୍.ଏ.):ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପକ୍ଷରୁ କୋଭିଡ-୧୯ ଫଣ୍ଡକୁ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଆସିକା କେନ୍ଦ୍ର ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ବୀରେନ୍ଦ୍ର କେଶରୀ ଆରୁଖ ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଭେଟି ଉକ୍ତ ଡ୍ରାଫ୍ଟ ପ୍ରଦାନ କରିଛନ୍ତି । ଏହି ସମୟରେ ଭଞ୍ଜନଗର ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଉପସ୍ଥିତ ଥିଲେ।

## ଏମ୍‌କେସିଜିରେ ସ୍ଥାପନ ହେଲା କରୋନା ପରୀକ୍ଷା ମେଶିନ

ବ୍ରହ୍ମପୁର ଅଫିସ,୬।୪

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲରେ ସୋମବାର କରୋନା ପରୀକ୍ଷା ମେଶିନ ସ୍ଥାପନ କରାଯାଇଛି। କଲିକତାରୁ ୨ ଜଣ ଇଞ୍ଜିନିୟର କାର ଯୋଗେ ଆସି ସୋମବାର ସକାଳେ ଏମ୍‌କେସିଜିରେ ପହଞ୍ଚିଛନ୍ତି। ସେମାନେ ଉକ୍ତ ମେଶିନକୁ ମେଡିକାଲର ମାଇକ୍ରୋବାୟୋଲୋଜି ବିଭାଗରେ ସ୍ଥାପନ କରି ତାର ପରୀକ୍ଷା କରିଛନ୍ତି ବୋଲି ଅଧୀକ୍ଷକ ପ୍ରଫେସର ଡ.ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏପରିକି ସୋମବାର ପରୀକ୍ଷାମୂଳକ ଭାବେ ଏହି ମେଶିନକୁ କାର୍ଯ୍ୟକ୍ଷମ କରାଯାଇଛି। ମଙ୍ଗଳବାରରୁ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି। ଏଥିରେ ଏକା ଥରକେ ୧୭ ନମୁନା ପରୀକ୍ଷା କରାଯିବାର ବ୍ୟବସ୍ଥା ରହିଛି। କରୋନା ପରୀକ୍ଷା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୫୦ ପରୀକ୍ଷା କିଟ୍ ଆସିଛି। ଏଥି ପାଇଁ ୩ ପର୍ଯ୍ୟାୟରେ ଜିଲାର ୭୫୦ ଡାକ୍ତରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏପରିକି ନର୍ସମାନଙ୍କୁ ମଧ ପ୍ରଶିକ୍ଷଣ ଦିଆଯାଇଛି ବୋଲି ସେ କହିଛନ୍ତି। ପୂର୍ବରୁ କରୋନା ୱାର୍ଡ ପାଇଁ ୧୦ ଭେଣ୍ଟିଲେଟର ରହିଥିବା ବେଳେ ଏବେ ଆଉ ୧୦ ଭେଣ୍ଟିଲେଟର ଆସିଛି ବୋଲି ଅଧୀକ୍ଷକ ମିଶ୍ର ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଏମ୍‌କେସିଜି ମେଡିକାଲର କରୋନା ପରୀକ୍ଷା ପାଇଁ ଓଡ଼ିଶା ରାଜ୍ୟ ଔଷଧ ନିଗମ (ଓଏସ୍‌ଏମ୍‌ସି) ତରଫରୁ ୨୨ଲକ୍ଷ ଟଙ୍କାର ଏକ ସ୍ୱତନ୍ତ୍ର କରୋନା ପରୀକ୍ଷା ମେଶିନ ସ୍ଥାପନ କରାଯାଇଛି ।

ସୂଚନାଯୋଗ୍ୟ, ମାର୍ଚ୍ଚ ୧୩ରୁ ଏପ୍ରିଲ ୫ ଯାଏ ଜିଲାରୁ ପର୍ଯ୍ୟାୟକ୍ରମେ ଏମ୍‌କେସିଜିର ସ୍ୱତନ୍ତ୍ର କରୋନା ୱାର୍ଡରେ ଭର୍ତ୍ତି ହୋଇଥିବା ୩୫ ଜଣଙ୍କ ନମୁନା ନେଗେଟିଭ ଆସିଛି ବୋଲି ସେ କହିଛନ୍ତି।

## ଶଟ୍‌ଡାଉନ୍ ନିୟମ ଉଲ୍ଲଂଘନ: ବାଇକ୍ ଜବତ, ଜରିମାନା ଆଦାୟ

ଦିଗପହଣ୍ଡି/କୋଦଳା/ବେଗୁନିଆପଡା/ଶେରଗଡ଼,୬।୪(ଡି.ଏନ.ଏ.)

ବିଭିନ୍ନ ସହର ସମେତ ଗ୍ରାମାଞ୍ଚଳରେ ଶଟଡାଉନ୍ କଟକଣାକୁ ଉଲ୍ଲଂଘନ କରି ଚଳାଚଳ କରୁଥିବା ବାଇକ୍‌ଗୁଡିକୁ ଜବତ କରାଯିବା ସହ ଚାଳକଙ୍କଠାରୁ ଜରିମାନା ଆଦାୟ ହୋଇଛି। ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ ସଦଳବଳେ ବିଭିନ୍ନ ଛକରେ ନାକାବନ୍ଦୀ କରି ବାଇକ୍ ଯାଞ୍ଚ କରିଥିଲେ। କୌଣସି କାରଣ ନ ଥାଇ ଯିବା ଆସିବା କରୁଥିବା ୬ ଚାଳକଙ୍କୁ ତାଗିଦ କରିବା ସହ ସେମାନଙ୍କ ବାଇକ୍ ଜବତ କରି ଥାନାକୁ ନେଇଥିଲେ। ସେହିପରି କୋଦଳା ଥାନା ଅଞ୍ଚଳରେ ବିନା କାମରେ ଲକ୍‌ଡାଉନ ନିୟମ ଭାଙ୍ଗି ବଜାରକୁ ଆସିଥିବା ୧୪ ଆରୋହୀଙ୍କଠାରୁ ୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନାଧିକାରୀ ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି। ଶେରଗଡ଼ ଥାନାଧିକାରୀ ରମେଶ ଚନ୍ଦ୍ର ଦାସ ଶେରଗଡ଼ ବଜାର ଛକ ଓ ଚାରି ଛକରେ ପାଟ୍ରୋଲିଂ ଜାରି ରଖିଛନ୍ତି। ରବି ଓ ସୋମବାର ପାଟ୍ରୋଲିଂ ଟିମ୍ କାମ ନ ଥାଇ ବାହାରେ ବୁଲୁଥିବା ୧୨ ବାଇକ୍ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ୨ ହଜାର ଟଙ୍କା ଜରିମାନା ଆଦାୟ କରିଛି।

## ବ୍ରହ୍ମପୁର

### ବିନା ମାସ୍କରେ ବୁଲୁଥିବା ୭ ଜଣଙ୍କଠାରୁ ଜରିମାନା ଆଦାୟ

ବ୍ରହ୍ମପୁର ଅଫିସ,୬।୪

କରୋନା ଭାଇରସ୍ ମୁକାବିଲା ପାଇଁ ଅଧିକ କଠୋର ହୋଇଛି ଗଞ୍ଜାମ ଜିଲା ପ୍ରଶାସନ । ଜିଲାରେ ଆଂଶିକ ଶଟ୍‌ଡାଉନ୍ ଲାଗୁ କରାଯିବା ସହ ବିନା ମାସ୍କରେ ବାହାରେ ବୁଲୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୋମବାର ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ବିନା ମାସ୍କରେ ବୁଲୁଥିବା ୭ ଜଣ ବ୍ୟକ୍ତିଙ୍କଠାରୁ ୧୦୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି । ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଦାୟ କରାଯାଇଥିବା ଏହି ଜରିମାନାକୁ ରେଡ୍‌କ୍ରସ୍ ପାଣ୍ଠିରେ ଜମା କରାଯାଇଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।


ଜ୍ୟୋତ୍ସ୍ନାରାଣୀ ମାକ୍ସ ବାଣ୍ଟୁଛନ୍ତି ।

### ମା'ଙ୍କ ପ୍ରେରଣାରେ ମାସ୍କ ତିଆରି କଲେ ନର୍ସ

ସୋରଡା,୬।୪(ଡି.ଏନ୍.ଏ.)

ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନର୍ସ ଜ୍ୟୋତ୍ସ୍ନାରାଣୀ ବେହେରା ତାଙ୍କ ମା'ଙ୍କ ପ୍ରେରଣାରେ ଘରେ ମାସ୍କ ତିଆରି କରୁଛନ୍ତି। ସକାଳୁ ଥାନାର ସମସ୍ତ କର୍ମଚାରୀ, ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ସମସ୍ତ ମେଡିକାଲ କର୍ମଚାରୀଙ୍କୁ ସେ ଏହା ବଣ୍ଟନ କରୁଛନ୍ତି। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଗଞ୍ଜାମ ଜିଲାପାଳ ସମସ୍ତେ ମାସ୍କ ବ୍ୟବହାର କରିବାକୁ ଅନୁରୋଧ କରୁଛନ୍ତି। ତେଣୁ ଜ୍ୟୋତ୍ସ୍ନାରାଣୀ ନିଜଘରେ ଆବଶ୍ୟକତା ଅନୁଯାୟୀ ମାସ୍କ ତିଆରିରେ ଲାଗି ଛନ୍ତି। ନର୍ସଙ୍କ ଏପରି କାର୍ଯ୍ୟକୁ ସବୁଠି ପ୍ରଶଂସା କରାଯାଇଛି।

### ଜଳଖିଆ ଦୋକାନୀଙ୍କ ନାଁରେ ମାମଲା

ହିଞ୍ଜିଳିକାଟୁ,୬।୪(ଡି.ଏନ୍.ଏ.): କରୋନା ପ୍ରତିହତ ପାଇଁ ଲକ୍‌ଡାଉନ ଲାଗୁ କରାଯାଇଛି। ନିର୍ଦ୍ଧାରିତ ସମୟରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବାକୁ ନିର୍ଦ୍ଦେଶ ରହିଛି। ଏହି ନିୟମ ଉଲ୍ଲଂଘନ କରି ହିଞ୍ଜିଳିକାଟୁ ତରାତାରିଣୀ ରୋଡ଼ରେ ସନ୍ତୋଷ କୁମାର ପାଠୀ ଜଳଖିଆ ଦୋକାନ ଖୋଲିଥିଲେ। ଏ ନେଇ ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଅଭିଯୋଗକ୍ରମେ ସନ୍ତୋଷଙ୍କ ବିରୋଧରେ ନଂ.୧୧୧/୨୦ ମାମଲା ରୁଜୁ ହୋଇଛି।

# ଲକ୍‌ଡାଉନରୁ ଶଟ୍‌ଡାଉନ ସ୍ଥିତି ଆଣନ୍ତୁ ନାହିଁ

ଫୁଲବାଣୀ ଅଫିସ, ୬।୪

କରୋନା ଭୂତାଣୁ ସଂକ୍ରମଣରୁ କନ୍ଧମାଳ ଜିଲାବାସୀଙ୍କୁ ସୁରକ୍ଷା ଦେବାକୁ ଜିଲା ପ୍ରଶାସନ, ପୋଲିସ୍, ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ତରଫରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଜିଲାକୁ ଲକ୍‌ଡାଉନ୍ ସ୍ଥିତିରୁ ଶଟ୍‌ଡାଉନ୍‌କୁ ଆଣିବାକୁ ଦିଅନ୍ତୁ ନାହିଁ। ଅଯଥା ଗୁଜବରୁ ଦୂରେଇ ରୁହନ୍ତୁ। ନିଜ ପରିବାରର ଏବଂ ଅଞ୍ଚଳର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ପରିବା, ତେଜରାତି, ଆଦି ସାମଗ୍ରୀ କ୍ରୟ କରିବାବେଳେ



ଜିଲାପାଳ ଏବଂ ଆଇଆଇସି ପରିବା ବ୍ୟବସାୟୀ ଏବଂ ଗ୍ରାହକଙ୍କୁ ତାଗିଦ୍ କରୁଛନ୍ତି।

ଜନସାଧାରଣ ସାମାଜିକ ଦୂରତ୍ୱକୁ ଗୁରୁତ୍ୱକୁ ଗ୍ରହଣ କରୁ ନ ଥିବା ପରିଲକ୍ଷିତ ହେଉଛି। ସେମାନଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅତ୍ୟନ୍ତ ଜରୁରୀ ନ ଥିଲେ ଘରୁ ବାହାରକୁ ନ ବାହାରିବାକୁ ପରାମର୍ଶ ଦିଆଯାଉଛି। ଯଦି ବାହାରକୁ ଯିବା ନିହାତି ଆବଶ୍ୟକ, ତେବେ ମାସ୍କ କିମ୍ବା ରୁମାଲ, ଲୁଗା କାନି ବା ଓଢ଼ଣି ଦ୍ୱାରା ନାକ ଓ ପାଟିକୁ ଘୋଡ଼ାଇ ରଖନ୍ତୁ। ସାମଗ୍ରୀ କ୍ରୟ କରିବା ପାଇଁ ପୌର ପରିଷଦ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ଜାରି ବିଜ୍ଞପ୍ତି ଅନୁସାରେ ଫୋନ୍ ଯୋଗେ ସାମଗ୍ରୀ କ୍ରୟ କରନ୍ତୁ। ପରିବା ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ କ୍ରୟ ପାଇଁ ପ୍ରତ୍ୟହ ନ ଆସି, ୪/୫ ଦିନ ବ୍ୟବଧାନରେ ପରିବାରର ଜଣେ ଆସନ୍ତୁ। କ୍ରୟ ବିକ୍ରୟ ବେଳେ ସାମାଜିକ ଦୂରତା ନ ରଖିଲେ ସମ୍ପୃକ୍ତ ଦୋକାନକୁ ସାମୟିକ ଭାବେ ବନ୍ଦ କରାଯିବ। ଆବଶ୍ୟକ ସ୍ଥଳେ, କ୍ରେତା ଓ ବିକ୍ରେତା ଉଭୟଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ତରଫରୁ ଚେତାବନୀ ଦିଆଯାଇଛି।

# ପ୍ରଶାସନ ନଜରରେ ଭୁବନେଶ୍ୱର ଫେରନ୍ତା

ଛତ୍ରପୁର,୬।୪(ଡି.ଏନ୍.ଏ.)

### ବ୍ୟତିକ୍ରମ ହେଲେ ବିଡିଓ, ଏନ୍‌ଏସି ନିର୍ବାହୀ ଅଧିକାରୀ ଦାୟୀ

ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ସେଠାରୁ ଗଞ୍ଜାମ ଜିଲାକୁ ଫେରୁଥିବା ଲୋକଙ୍କ ଉପରେ ନଜର ରଖାଯିବ। ଭୁବନେଶ୍ୱର ଫେରନ୍ତାଙ୍କ ଚିହ୍ନଟ କରି ତୁରନ୍ତ କ୍ୱାରାଣ୍ଟାଇନ୍‌ରେ ରଖିବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜିଲାର ସମସ୍ତ ବିଡିଓ ଓ ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅସୁବିଧା କାରଣରୁ ଯେଉଁମାନେ ଘରେ କ୍ୱାରାଣ୍ଟାଇନରେ ରହିପାରୁ ନାହାନ୍ତି, ସେମାନଙ୍କୁ ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ଅତ୍ୟାବଶ୍ୟକ ସାମଗ୍ରୀ କାରବାର ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିବ। ଅନ୍ୟ ସମୟରେ ଜିଲା ଶର୍ଟଡାଉନ୍‌ରେ ରହିବ। ଦୋକାନୀ ଓ ଗ୍ରାହକମାନଙ୍କ ସାମାଜିକ ଦ୍ୱରତ୍ୱ ବ୍ୟବସ୍ଥା କରିବେ। ନ ଚେତ ତାଲା ପଡିବା ସହ ମାମଲା ରୁଜୁ ହେବ। ଯେ କହେ ବି ବାହାରକୁ ବାହାରିବା ବେଳେ ମୁହଁକୁ ଆବୃତ୍ତ ନ କଲେ ଜରିମାନା ଆଦାୟ କରାଯିବ। ପୌରାଞ୍ଚଳରେ ଏହି ନିୟମ ଉଲ୍ଲଂଘନକାରୀଙ୍କଠୁ ନିର୍ବାହୀ ଅଧିକାରୀ ୧୦୦୦ ଟଙ୍କା ଏବଂ ଗ୍ରାମାଞ୍ଚଳରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ୫୦୦ ଟଙ୍କା ଜରିମାନା କରିବେ । ସାଧାରଣ ବଣ୍ଟନ ଓ ବିଭିନ୍ନ ଭତ୍ତା ବଣ୍ଟନ ବେଳେ ସାମାଜିକ ଦୂରତ୍ୱ ଅବଲମ୍ବନକୁ ନିଶ୍ଚିତ କରାଯିବ। କୌଣସି ସ୍ଥାନରେ ବ୍ୟତିକ୍ରମ ହେଲେ ସଂପୃକ୍ତ ବିଡିଓ କିମ୍ବା ପୌର ନିର୍ବାହୀ ଅଧିକାରୀଙ୍କୁ ଦାୟୀ କରାଯିବ । ଜିଲାର ପ୍ରତ୍ୟେକ ବ୍ଲକରେ ସ୍ୱାସ୍ଥ୍ୟ ବିଭାଗର ରାପିଡ ରେସ୍ପନସିବୁଲ ଟିମ୍ ଆନୁସଙ୍ଗିକ ଗାଡି ଓ ଡାକ୍ତରୀଦଳ ସହିତ ମୁତୟନ ହେବେ। ଗ୍ରାମାଞ୍ଚଳରେ ଏମାନେ ତୁରନ୍ତ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବେ। ସୋମବାର ଅନୁଷ୍ଠିତ କରୋନା ମୁକାବିଲା ସମ୍ପର୍କିତ ବୈଠକରେ ଏସବୁ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ସୁଦାମ ଚରଣ ମଣ୍ଡଳ ଓ ଅମିୟ କୁମାର ସାହୁ, ବ୍ରହ୍ମପୁର ଉପ ଜିଲାପାଳ ସିନ୍ଧେ ଦତାତ୍ରେୟ ଭାଉସାହେବ, ବିଡିଏ ସଚିବ ସମ୍ବିତ ରାଉତ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସହାୟତା

ନବରଙ୍ଗପୁର/ଚନ୍ଦାହାଣ୍ଡି/ଝରିଗାଁ/ସୁନାବେଡ଼ା, ୬।୪(ବି.ପ୍ର./ଡି.ଏନ୍.ଏ.): କରୋନା ଭାଇରସକୁ ନେଇ ସାରା ବିଶ୍ୱ ଚିନ୍ତିତ । ଏନେଇ ଲକ୍‌ଡାଉନ୍ ଜାରି ରହିଥିବା ବେଳେ ପ୍ରାଶସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି । କରୋନା ମୁକାବିଲା ପାଇଁ ନବରଙ୍ଗପୁର ବ୍ଲକ ଚଡାଜାଣ୍ଡି ଗ୍ରାମର ବନଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ୨୦ ହଜାର,ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଅନୁରୋଧକ୍ରମେ ବ୍ଲକର ୧୫୫ଟି ବିଦ୍ୟାଳୟ ୪୯୦ ଶିକ୍ଷୟିତ୍ରୀ ଶିକ୍ଷକ, ବେସରକାରୀ ବିଦ୍ୟାଳୟର ୧୨୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କାର୍ଯ୍ୟାଳୟର ୧୪ ଜଣ କର୍ମଚାରୀ ଗୋଟିଏ ଦିନର ଦରମା ୭ ଲକ୍ଷ ଟଙ୍କା କୋଭିଡ-୧୯ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି । ସେହିପରି ଜିଲା ବରିଷ୍ଠ ନାଗରିକ ସଂଘ ୫୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ କୁ ଦାନ କରିଥିବା ସଂଘ ସଭାପତି ସଭାପତି ଡ଼,ରାଧାନାଥ ବେହେରା, ଉପସଭାପତି ଚନ୍ଦ୍ର କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଚନ୍ଦାହାଣ୍ଡି ବ୍ଲକର ମହରା ସୁନ୍ନି ମୁସଲିମ କମିଟି ୪୧ହଜାର ୧୧୧ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛି। କମିଟି ସଭାପତି ମହମ୍ମଦ ୟୁନୁସ ବିଡିଓଙ୍କୁ ଏବାବଦ ଚେକ୍ ପ୍ରଦାନ କରିଛନ୍ତି। ଝରିଗାଁ ବ୍ଲକ ଚଚା ପଞ୍ଚାୟତ ଗବାଗୁଡା ଗ୍ରାମର ଜୟ ଶ୍ରୀକ୍ରିଷ୍ଣା ଯୁବକ ସଂଘ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ ହଜାର ଟଙ୍କା ବିଡିଓ ଦେବେନ୍ଦ୍ର ବହାଦୁର ସିଂ ଧୁରୁଆଙ୍କୁ ପ୍ରଦାନ କରିଥିବା ସଂଘ ସଭାପତି ରୂପଚାନ୍ଦ ଗୌଡ଼ ପ୍ରକାଶ କରିଛନ୍ତି। ସୁନାବେଡ଼ା ପୌର ପରିଷଦର କର୍ମଚାରୀ ଓ ଅଧିକାରୀ ନିଜର ଗୋଟିଏ ଦିନର ଦରମା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ପୌର ନିର୍ବାହୀ ଅଧିକାରୀ ସ୍ୱପ୍ନିକ ଜମାଦାର ବ୍ୟକ୍ତିଗତ ଓ କର୍ମଚାରୀଙ୍କ ଦ୍ୱାରା ସଂଗୃହୀତ ୫୩,୮୧୧ ଟଙ୍କାର ଏକ ଚେକ କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଦିଆଯାଇଛି।

### ଖବରଦାତାଙ୍କ ସହାୟତା

ପାରଳାଖେମୁଣ୍ଡି, ୬।୪ (ସ୍ୱ.ପ୍ର.)- ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାର ଜଣେ ଯୁବ ଖବରଦାତା ଆଦର୍ଶ ଦାସ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ ହଜାର ଟଙ୍କାର ଏକ ଚେକ୍ ଜିଲାପାଳ ଅନୁପମ ଶାହାଙ୍କୁ ପ୍ରଦାନ କରିଛନ୍ତି। ତାଙ୍କର ଏଭଳି ବାଦାନ୍ୟତାକୁ ଜିଲା ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି । ଚେକ୍ ପ୍ରଦାନ ସମୟରେ ଏସପି ସାରା ଶର୍ମା ଉପସ୍ଥିତ ଥିଲେ ।

### ୨୭ ଜଣଙ୍କ ରିପୋର୍ଟ ଆସିଲା ନେଗେଟିଭ

ନବରଙ୍ଗପୁର,୬।୪(ବି.ପ୍ର.)- ନବରଙ୍ଗପୁର ଜିଲାରେ କରୋନା ଭାଇରସ ଥିବା ସନ୍ଦେହ କରି ୨ଟି ପର୍ଯ୍ୟାୟରେ ୨୭ ଜଣଙ୍କ ରକ୍ତ ନମୁନା ଓ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ସେଥି ମଧ୍ୟରେ ବିଦେଶ ଯାତ୍ରା କରି ଫେରିଥିବା ୧୦ ଏବଂ ରାଜ୍ୟ ବାହାରୁ ଆସିଥିବା ୧୭ ଜଣ ଥିଲେ। ତେବେ ପରୀକ୍ଷା ପରେ ସମସ୍ତ ୨୭ ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ଫଳରେ ପ୍ରଶାସନ ଓ ଲୋକଙ୍କ ମଧ୍ୟରେ ଯେଉଁ ସନ୍ଦେହ ଥିଲା ତାହା ଦୂର ହୋଇଛି।

### ୬ ରାଶନ ସହ ଗୋଟିଏ ଅଣ୍ଡା ଦୋକାନ ସିଲ୍

ନବରଙ୍ଗପୁର,୬।୪(ବି.ପ୍ର.)- ନବରଙ୍ଗପୁର ଜିଲାପାଳ ଡ. ଅଜିତ କୁମାର ମିଶ୍ର ଓ ଏସପି ନୀତିନ କୁସଲକର ସୋମବାର ସହରରେ ଲକଡାଉନ କିଭଳି ପାଳନ ହେଉଛି ତାହା ବୁଲି ଦେଖିଥିଲେ । ତେବେ ୬ଟି ରାଶନ ଦୋକାନ ଓ ଗୋଟିଏ ଅଂଣ୍ଡା ଦୋକାନକୁ ସାମାଜିକ ଦୂରତା ରକ୍ଷା କରି ବ୍ୟବସାୟ କରୁ ନ ଥିବାରୁ ଉଭୟ ଦୋକାନକୁ ସିଲ୍ କରାଯାଇଥିଲା। ଲୋକଙ୍କ ସହ ଦୋକାନୀଙ୍କୁ ମଧ ସାମାଜିକତା ଦୂରତା ରକ୍ଷା କରିବା ପାଇଁ ପୂର୍ବରୁ ସଚେତନ କରାଯାଇଥିଲା । ୭ ଜଣ ବ୍ୟବସାୟୀଙ୍କୁ ଥାନାରେ ଅଟକ ରଖାଯାଇଛି।

### ପିଇଓ ନିଲମ୍ବିତ

କୋରୁକୋଣ୍ଡା, ୬।୪(ଡି.ଏନ.ଏ) କୋରୁକୋଣ୍ଡ ବ୍ଲକ ଅନ୍ତର୍ଗତ ନକମାମୁଡି ପଞ୍ଚାୟତର ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ଭତ୍ତା ଟଙ୍କା ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। କୋରୋନାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ହିତାଧିକାରୀଙ୍କୁ ମାର୍ଚ୍ଚ ୩୧ ସୁଦ୍ଧା ୩ ମାସର ଅଗ୍ରିମ ଭତ୍ତା ଦେବାକୁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ମାର୍ଚ୍ଚ ସହ ଓ ଅଗ୍ରୀମ ତିନି ମାସର ଭତ୍ତା ପ୍ରଦାନ କରାଯାଇନାହିଁ। ଏହା ଜଣାପଡିବା ପରେ ନକମାମୁଡି ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ରବି ଗୋଲପେଦାଙ୍କୁ ନିଲମ୍ବନ କରାଯାଇ ଥିବା ବିଡ଼ିଓ ଦାଶରଥି ସରବୁ ସୂଚନା ଦେଇଛନ୍ତି।

# ଆପରାଧିକ ମାମଲା, ରଦ୍ଦ ହୋଇପାରେ ଲାଇସେନ୍ସ

## ଦୋକାନ ଆଗରେ ସାମାଜିକ ଦୂରତା ନ ରଖିଲେ ଦଣ୍ଡ

ରାୟଗଡ଼ା ଅଫିସ୍‌,୬।୪

ପ୍ରତିଷେଧକ ନ ଥିବାରୁ କରୋନାର ମୁକାବିଲା ପାଇଁ ସାମାଜିକ ଦୂରତାକୁ ଏବେ ପ୍ରାଥମିକତା ଦିଆଯାଉଛି। ଏ ନେଇ ବାରମ୍ବାର ସଚେତନତା ସତ୍ତ୍ୱେ ଲୋକେ ଏହାକୁ ପାଳିବାକୁ ନାରାଜ। ରାୟଗଡ଼ା ଜିଲାରେ ଲକ୍‌ଡାଉନ ଓ ସାମାଜିକ ଦୂରତ୍ୱର ବ୍ୟତିକ୍ରମ ବାରମ୍ବାର ଦେଖିବାକୁ ମିଳୁଛି। ରାୟଗଡ଼ା ସହରର ନ୍ୟୁ କଲୋନୀର ଏକ କେନ୍ଦ୍ରରେ ପିଡିଏସ୍ ଚାଉଳ ନେବା ପାଇଁ ଲୋକେ ଭିଡ଼ ଜମାଉଛନ୍ତି। ସେହିପରି ସେହି କଲୋନୀରେ ଥିବା ୟୁକୋ ବ୍ୟାଙ୍କ ଓ ଏସ୍‌ବିଆଇ ଶାଖାରେ ମଧ ଗ୍ରାହକଙ୍କ ଭିଡ଼ ଲାଗିଛି। ଅନ୍ୟପକ୍ଷରେ ରାୟଗଡ଼ା ଜିଲାପାଳ ପ୍ରମୋଦ ବେହେରା ଦୂରତା ବଜାୟ ରଖିବା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ଜିଲାର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ଉଠା ଦୋକାନୀ, ବିଭିନ୍ନ ବଜାର କର୍ମକର୍ତ୍ତା, ବଣିକ ସଂଘ, ଚ୍ୟାମ୍ବର ଅଫ କମର୍ସକୁ ଏହି ବିଜ୍ଞପ୍ତି ଦ୍ୱାରା ଅବଗତ କରାଯାଇଛି।


ବ୍ୟାଙ୍କ ଆଗରେ ସାମାଜିକ ଦୂରତା ରକ୍ଷା ବଦଳରେ ଲୋକେ ଭିଡ ଜମାଇଛନ୍ତି ।

କୋଭିଡ୍-୧୯ ରେଗୁଲେସନ ୨୦୨୦ ଆଇନ ଅନୁଯାୟୀ କୌଣସି ଦୋକାନ ଆଗରେ ଗ୍ରାହକଙ୍କୁ ୧ ମିଟରରୁ ଅଧିକ ଦୂରତାରେ ନ ରଖିଲେ, ସମ୍ପୃକ୍ତ ଦୋକାନ ସିଲ୍ କରାଯିବା ସହ ଲାଇସେନ୍ସ ବାତିଲ ପାଇଁ ପଦକ୍ଷେପ ନିଆଯିବ। ଏପରିକି ଉକ୍ତ ବ୍ୟବସାୟୀଙ୍କ ନାମରେ ଆପରାଧିକ ମାମଲା ମଧ ରୁଜୁହେବ। ଯଦି ବଜାରର ସମସ୍ତ ବ୍ୟବସାୟୀ ଏପରି ବିଲକ୍ଷଣ କରନ୍ତି, ତେବେ ସମ୍ପୂର୍ଣ୍ଣ ହାଟ ସିଲ୍ କରାଯିବ ବୋଲି ରାୟଗଡ଼ା ଏସ୍‌ପି ଡ. ଶ୍ରବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

ଲକ୍‌ଡାଉନ ମାନୁ ନ ଥିବା ବେପରୁଆ ଲୋକଙ୍କୁ ସାବାଡ଼ କରିବା ପାଇଁ ପୋଲିସ ମଙ୍ଗଳବାର କଡ଼ା ପଦକ୍ଷେପ ନେଇଛି। ୨୮ ଜଣଙ୍କ ବାଇକ ଜବତ କରିବା ସହ ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ରାୟଗଡ଼ା ଥାନା ଆଇଆଇସି ନିହାର ରଞ୍ଜନ ପ୍ରଧାନ କହିଛନ୍ତି। ଲକ୍ ଡାଉନ ସମୟରେ କୌଣସି ଠେଲାଗାଡ଼ି ଓ ଟିଫିନ ଦୋକାନ, ଫୁଡ୍ ପାର୍ଲର ଖୋଲା ରହିବ ନାହିଁ ବୋଲି ଜିଲାପାଳ ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ ଏହାର ଅବମାନନା କରି ସହରର ବିଭିନ୍ନ ଅଞ୍ଚଳରେ ୧୮ ଜଣ ଠେଲା ଦୋକାନୀ ଟିଫିନ୍ ବିକୁଥିବା ଦେଖି ଚଢ଼ାଉ କରିଥିଲା ପୋଲିସ। ସେହି ଦୋକାନୀମାନଙ୍କୁ ଥାନାକୁ ନେଇ ତାଗିଦ କରିବା ସହ ପୁନର୍ବାର ଏଭଳି କଲେ ଆଉ ଛଡ଼ାଯିବ ନାହିଁ ବୋଲି ସେମାନଙ୍କୁ ଚେତାବନୀ ଦିଆଯାଇଛି।

**ଲକ୍ ଡାଉନ ନ ମାନିବାର ପରିଣାମ**

- ୨୮ ମାମଲା, ୨୮ ବାଇକ ଜବତ
- ଠେଲା ଦୋକାନୀଙ୍କୁ ଥାନାକୁ ନେଇ ତାଗିଦ୍

## ସାମାଜିକ ଦୂରତା ନ ରଖିଲେ କାର୍ଯ୍ୟାନୁଷ୍ଠାନ ଦୋକାନୀ, ଗ୍ରାହକଙ୍କୁ ପ୍ରଶାସନିକ ତାଗିଦ

ସେମିଲିଗୁଡ଼ା,୬।୪(ସ୍ୱ.ପ୍ର.)

କରେନା ମୁକାବିଲା ପାଇଁ କୋରାପୁଟ ଜିଲା ପ୍ରଶାସନ ସାମାଜିକ ଦୂରତା ରକ୍ଷା ପାଇଁ ଅଧିକ ଗୁରୁତ୍ୱ ଦେଇଛି। ଜିଲାର ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ପ୍ରଶାସନ ଦ୍ୱାରା ପୂର୍ବରୁ ନିର୍ଦ୍ଧାରିତ ସମୟରେ ଖୋଲାଯିବ। ସଂକ୍ରମଣ ରୋଗ ଆଇନ ୧୮୯୭ ଓ ଓଡ଼ିଶା କୋଭିଡ-୧୯ ନିୟନ୍ତ୍ରଣ ୨୦୨୦ ଅନୁଯାୟୀ ଜିନିଷ ବିକ୍ରି ସମୟରେ ଦୋକାନୀମାନେ ସାମାଜିକ ଦୂରତା ପ୍ରତି ଧ୍ୟାନ ଦେବେ। ନ ମାନିଲେ ସମ୍ପୃକ୍ତ ଦୋକାନୀ ଓ ଗ୍ରାହକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ। ଯେଉଁ ହାଟ ବା ବଜାରରେ ଏହି ସାମାଜିକ ଦୂରତା (ଅନ୍ୟୁନ ୧ମିଟର) ଅବଲମ୍ବନ ନ କରାଯିବ, ତାହାକୁ ସିଲ କରିଦିଆଯିବ ବୋଲି ପ୍ରଶାସନିକ ବିଜ୍ଞପ୍ତି ଜାରି କରାଯାଇଛି।

# ଉଲ୍ଲଂଘନ କଲେ ୧୪ ଦିନିଆ କ୍ୱାରାଣ୍ଟାଇନ

**ବ୍ୟବସାୟୀଙ୍କୁ ପ୍ରଶାସନିକ ତାଗିଦ୍**

କାଶୀନଗର,୬।୪(ଡି.ଏନ୍.ଏ.)

କରୋନା ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ କଟକଣା ଜାରି କରିବା ସତ୍ତ୍ୱେ ଲୋକେ ବାରମ୍ବାର ଏହାର ଉଲ୍ଲଂଘନ କରୁଛନ୍ତି। ରବିବାର ଗଜପତି ଜିଲା କାଶୀନଗର ଅଞ୍ଚଳର ଏକ ଚର୍ଚ୍ଚରେ ପ୍ରାର୍ଥନା ପାଇଁ ଭିଡ଼ ବେଳେ ପୋଲିସ ୮ ଜଣଙ୍କୁ ଗିରଫ କରିଥିଲା। ଏଭଳି ପରିସ୍ଥିତିରେ ଲକ୍ ଡାଉନ କଟକଣାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ନିଷ୍ପତ୍ତି ନେଇଛି। ପନିପରିବା, ଫଳ, ତେଜରାତି ଦୋକାନ ସକାଳ ୬ରୁ ୧୦ଟା ଏବଂ ସନ୍ଧ୍ୟା ୫ରୁ ୭ଟା ଯାଏ ଖୋଲିବ। ବ୍ୟବସାୟୀମାନେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ସେମାନେ ନିୟମ ଉଲ୍ଲଂଘନ କଲେ ୧୪ ଦିନ ପାଇଁ ସଙ୍ଗରୋଧ କେନ୍ଦ୍ରକୁ ପଠାଯିବାକୁ ଚେତାବନୀ ଦିଆଯାଇଛି। ଦିନ ୧୦ରୁ ଅପରାହ୍ନ ୫ଟା ମଧ୍ୟରେ ଘରୁ କେହି ନ ବାହାରିବା ପାଇଁ କୁହାଯାଇଛି। ଧର୍ମାନୁଷ୍ଠାନଗୁଡ଼ିକ ମଧ ନିୟମ ପାଳିବାକୁ କଡ଼ା ନିର୍ଦ୍ଦେଶ ରହିଛି। ଏ ନେଇ ଜିଲାପାଳ ଅନୁପମ ଶାହା, ଏସ୍‌ପି ସାରା ଶର୍ମା କାଶୀନଗର ଥାନାରେ ଅଞ୍ଚଳର ସ୍ଥିତି ସମୀକ୍ଷା କରିବା ବେଳେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

## ଲକ୍‌ଡାଉନ ବେଳେ ଚାଲିଛି କୁକୁଡ଼ା ଗାଲି

ଜୟପୁର,୬।୪(ଡି.ଏନ୍.ଏ.)

ଚାରିଆଡ଼େ ଲକ୍ ଡାଉନ। ସଂତ୍ରସ୍ତ ଜୀବନ ଭିତରେ କେତେକ ଅସାମାଜିକ ଚଳାଇଛନ୍ତି କୁକୁଡ଼ା ଗାଲି। କୋରାପୁଟ ଜିଲା ଜୟପୁର ସଦରଥାନା ସୋମବାର ବଡ଼କାଉଡ଼ି ଗ୍ରାମରେ ଚଢ଼ାଉ କରି ଏଭଳି କୁକୁଡ଼ା ଗାଲିକୁ ଜବତ କରିଛି। କୁକୁଡ଼ା ଲଢ଼େଇ କରି ଜୁଆ ଖେଳ ଚାଲିଥିବା ବେଳେ ଚଢ଼ାଉ କରିଥିଲା ପୋଲିସ। ଏଥିରେ ୩ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ଅନ୍ୟମାନେ ଘଟଣାସ୍ଥଳରୁ ଖସିଯାଇଛନ୍ତି। ସେଠାରୁ କୁକୁଡ଼ା, ଛୁରା ଓ ୩୧୦ ଟଙ୍କା ଜବତ ହୋଇଛି।

## ସଙ୍ଗରୋଧ ଗୃହ ଲାଗି ଉନ୍ନତୀକରଣ ହେଉଛି ବିଦ୍ୟାଳୟ

ପାପଡାହାଣ୍ଡି, ୬।୪, (ଡି.ଏନ.ଏ.)

କରୋନାର ମୁକାବିଲା ଲାଗି ସରକାର ପ୍ରତେକ ବ୍ଲକର ପଞ୍ଚାୟତଗୁଡିକରେ ଗୋଟିଏ ଲେଖାଏ ସଙ୍ଗରୋଧ ଗୃହ ଖୋଲିଛନ୍ତି । ୫୦ ଶଯ୍ୟା ସହ ପଞ୍ଚାୟତ ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟାଳୟଗୁଡିକରେ ଆବଶକ ସରଞ୍ଜାମ ରଖାଯାଉଛି। ଯେଉଁ ବିଦ୍ୟାଳୟରେ ବିଦ୍ୟୁତ୍ ନାହିଁ ସେଠି ବିଦ୍ୟୁତକରଣ କରାଯାଇଛି। ବିଦ୍ୟାଳୟ କୋଠରିରେ ଫ୍ୟାନ, ଲାଇଟ ଲଗାଯାଉଛି। ବିଦ୍ୟାଳୟଗୁଡିକରେ ପାଣି ଟାଙ୍କି ନ ଥିଲେ ନଳକୂପରେ ମୋଟର ଲଗାଇ ପାଣି ବ୍ୟବସ୍ଥା କରାଯାଉଛି। ବ୍ଲିଚିଂ ଓ ଫିନାଇଲ ପକାଇ ପରିଷ୍କାର କରାଯାଉଛି। ପଞ୍ଚାୟତବାସୀ ନିଜେ ସଚେତନ ହେବା ବିଦ୍ୟାଳୟଗୁଡିକର ଉନ୍ନତିରେ ସହଯୋଗ କରୁଛନ୍ତି।

## ମାଙ୍କଡ଼ଙ୍କୁ ଖାଇବାକୁ ଦେଲେ ପୋଲିସ, ଯବାନ

ପାପଡାହାଣ୍ଡି, ୬।୪, (ଡି.ଏନ.ଏ.)

ଭୋକିଲା ମାଙ୍କଡ଼ଙ୍କ ଲାଗି ଖାଦ୍ୟ ଯୋଗାଇଛନ୍ତି ପୋଲିସ। ଜଙ୍ଗଲରେ ରହୁଥିବା ମାଙ୍କଡ ଲକ ଡାଉନ ଯୋଗୁ ଖାଇବାକୁ ନ ପାଇ ହନ୍ତସନ୍ତ ହେଉଛନ୍ତି। ଏହାକୁ ହୃଦୟଙ୍ଗମ କରି ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ଫାଣ୍ଡି ଅଧିକାରୀ ଓ ଯବାନମାନେ ସୋମବାର ବାବାଜିଗୁଡା ନିକଟସ୍ଥ ଜଙ୍ଗଲରେ ରହୁଥିବା ମାଙ୍କଡ଼ଙ୍କୁ ଖାଦ୍ୟ ବଣ୍ଟନ କରିଛନ୍ତି। ସେମାନଙ୍କୁ କଦଳୀ, ବିସ୍କୁଟ ଆଦି ଦେଇଛନ୍ତି। ଲକଡାଉନ ପୂର୍ବରୁ ଏହି ମାଙ୍କଡ଼ମାନେ ଜାତୀୟ ରାଜପଥ- ୨୬ରେ ଯାତାୟାତ କରୁଥିବା ଲୋକଙ୍କ ଉପରେ ନିର୍ଭର କରୁଥିଲେ।

# ପରମ୍ପରା ପାଇଁ ଲକ୍ ଡାଉନକୁ ବେଖାତିର

ନନ୍ଦପୁର,୬।୪(ଡି.ଏନ୍.ଏ.)

କୋରାପୁଟ ଜିଲାରେ ଆରମ୍ଭ ହୋଇଛି ଚୈତ୍ର ପର୍ବ। କିନ୍ତୁ ଏହା ପୂର୍ବରୁ କରୋନା ଚାରିଆଡ଼େ ଆତଙ୍କ ଖେଳାଇଥିବା ଯୋଗୁ ସବୁଠି ଲକ୍ ଡାଉନ ପରିସ୍ଥିତି। ଘରୁ ନ ବାହାରିବା ଓ ସାମାଜିକ ଦୂରତ୍ୱ ରଖିବା ପାଇଁ ପ୍ରଶାସନ ସମସ୍ତଙ୍କୁ ସଚେତନ କରୁଛି। କିନ୍ତୁ ଆଦିବାସୀ ପରମ୍ପରା ଚୈତ୍ର ପର୍ବରେ ବେଣ୍ଟ (ଶିକାର) ପାଇଁ ନନ୍ଦପୁର ବ୍ଲକ ଗାଁ ଗହଳିର ଲୋକେ ମେଳି ବାନ୍ଧି ଯାଉଥିବା ଦେଖିବାକୁ ମିଳୁଛି। ସେମାଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ବୋଲି କିଛି ରହୁନାହିଁ। ସେମାନେ ଗୋଷ୍ଠୀ ହୋଇ ଚୈତ୍ର ପର୍ବ ପାଳନ କରିବା ପାଇଁ ବେଣ୍ଟ ଶିକାରରେ ଜଙ୍ଗଲକୁ ଯାଉଛନ୍ତି। ସେମାନଙ୍କୁ ସାମାଜିକ ଦୂରତ୍ୱ ଓ ସଙ୍ଗରୋଧ ବିଷୟରେ ସଚେତନ କଲେ ମଧ ସେମାନେ ଏହାକୁ ସହଜରେ ଗ୍ରହଣ କରୁନାହାନ୍ତି। ସଂକ୍ରମଣ ଆଶଙ୍କା ଥିବାରୁ ବ୍ଲକ ପ୍ରଶାସନ, ପୋଲିସ ଓ ବନ ବିଭାଗ ପଦକ୍ଷେପ ନେବାକୁ ଦାବି ହୋଇଛି।


ଲକ୍‌ଡାଉନ୍ ବେଳେ ବେଣ୍ଟ ଶିକାର ପାଇଁ ବାହାରିଛନ୍ତି ଆଦିବାସୀ ଯୁବକ ।

# କରୋନା ଜିହାଦ ନାଁରେ ନକଲି ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ଯୁବକ ଗିରଫ

ମାଲକାନଗିରି,୬।୪ (ଡି.ଏନ୍.ଏ.)



ଗତ ଏକ ସପ୍ତାହ ତଳେ ମାଲକାନଗିରି ବିଜ୍ଞାନ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ହ୍ୱାଟସପ୍ ଗ୍ରୁପରେ ଜିଲାରେ କରୋନା ରୋଗୀ ଚିହ୍ନଟ ସମ୍ପର୍କିତ ଲେଖା ପୋଷ୍ଟ କରି ଗିରଫ ହୋଇଥିଲେ। ଏବେ ପୁଣି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମନାକୁ ଆସିଛି। ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି କରୋନା ଜିହାଦ ନାମରେ ନକଲି ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ଗିରଫ ହୋଇଛନ୍ତି। ଏନେଇ ଏସ୍‌ପି ହ୍ରିଷିକେଶ ଡି. ଖିଲାରି ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଛତିଶଗଡ ଓ ମାଲକାନଗିରି ସୀମାନ୍ତ ପଡିଆ ବ୍ଲକରେ ସେ ଫେସବୁକ୍ ମାଧ୍ୟମରେ ମିଥ୍ୟା ତଥ୍ୟ ଓ ସୂଚନା ଦେଉଥିବା ଅଭିଯୋଗ ହେବା ପରେ ପୋଲିସର ଏକ ଆଇଟି ଟିମ୍ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ତଦନ୍ତ କରିଥିଲେ। ତାଙ୍କୁ ଧରି ଜେରା କରିବାରୁ ସେ ଏପରି କରିଥିବା ମାନି ଯାଇଥିଲେ। କରୋନା ସମୟରେ ଜାଣିଶୁଣି ନିୟମ ଭଙ୍ଗ କରି ଲୋକଙ୍କୁ ଭୟଭିତ କରୁଥିବାରୁ ତାଙ୍କୁ ଗିରଫ କରା ଯାଇଛି ବୋଲି ଏସ୍‌ପି କହିଛନ୍ତି। କରୋନା ନେଇ ସୃଷ୍ଟି ହୋଇଥିବା ସଙ୍କଟ ସମୟରେ ଯଦି କୌଣସି ବ୍ୟକ୍ତି ସାମାଜିକ ଗଣମାଧ୍ୟମ କିମ୍ବା ପୋଷ୍ଟର ମାଧ୍ୟମରେ କରୋନା ସମ୍ପର୍କିତ ମିଥ୍ୟା ଦେଇ ଭୟ ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଯଥା ଆତଙ୍କ ସୃଷ୍ଟି ନ କରି ଯେ କୌଣସି ସୂଚନା ପାଇବା ମାତ୍ରେ ପୋଲିସ ହେଲ୍ପ ଲାଇନ୍ ୧୦୦ରେ ଡାଏଲ କରି ଜଣାଇବା ପାଇଁ ସେ ଅନୁରୋଧ କରିଛନ୍ତି।

# ସ୍ୱେଚ୍ଛାସେବୀ ସଙ୍ଗଠନ ସହ ଜିଲାପାଳଙ୍କ ବୈଠକ

ମାଲକାନଗିରି,୬।୪ (ଡି.ଏନ୍.ଏ.)

ବିଶ୍ୱରେ ଦେଖାଦେଇଥିବା କରୋନା ଭୟବହତାକୁ ନେଇ ସୋମବାର ମାଲକାନଗିରି ଜିଲାରେ କାର୍ଯ୍ୟରତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରେ କାମ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ କରୋନା ମୁକାବିଲା ପାଇଁ ଗ୍ରାମମାନଙ୍କରେ ଗୋରୁଙ୍କୁ ଖାଦ୍ୟ ଯୋଗାଇବା, ଅସହାୟ ବ୍ୟକ୍ତିଙ୍କୁ ସହାୟତା କରିବା, ଶ୍ରମିକଙ୍କୁ ରନ୍ଧା ଖାଦ୍ୟ, ଭତ୍ତା ବଣ୍ଟନରେ ସହାୟତା କରିବା, ଗୁଜବ ପ୍ରଚାର ଯେପରି ନ ହେବ ଦୃଷ୍ଟି ଦେବା, ବାହାର ରାଜ୍ୟ ଓ ଜିଲା ବାହାରୁ ଯଦି କେହି ଆସିଲେ ପ୍ରଶାସନକୁ ସୂଚନା ଦେବା, ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ସହଯୋଗ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏସପି ହ୍ରିଷିକେଶ ଡି. ଖିଲାରି, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଅତିରିକ୍ତ ଜିଲାପାଳ ଜୋତିର୍ମୟୀ ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ବାଲମୁକୁନ୍ଦ ଭୂୟାଁ, ପରିବର୍ତ୍ତନର ନିତ୍ୟାନନ୍ଦ ପ୍ରଧାନ, ଶହୀଦ ଲକ୍ଷ୍ମଣ ନାୟକ ଉନ୍ନୟନ ସମିତିର ଭାସ୍କର ବେହେରା, ମାଧ୍ୟମ ଫାଉଣ୍ଡେସନ, ମହିଳା ଓ ଶିଶୁ ବିକାଶ, ପୁଷ୍ପକ, ହାରମୋନି, ସିଓ୍ୱାଇଏସ୍‌ଡି, ଚାଇଲ୍ଡ ଲାଇନ ଆଦି ସଂସ୍ଥାର ଅଧ୍ୟକ୍ଷମାନେ ବୈଠକରେ ଯୋଗ ଦେଇଥିଲେ ।

# ଏସ୍‌ଏଚ୍‌ଜିକୁ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ ଦାୟିତ୍ୱ

କାଳିମେଳା,୬।୪(ଡି.ଏନ.ଏ.)-

କରୋନାକୁ ନେଇ ସବୁଆଡେ ଲକଡାଉନ ଘୋଷଣା ହେବା ପରେ ଦୋକାନ ବଜାରଗୁଡିକ ମଧ ବନ୍ଦ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି କାଳିମେଳା ବ୍ଲକ ପ୍ରଶାସନ ପକ୍ଷରୁ ଖାଉଟିଙ୍କ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଦ୍ୱାରା ଭ୍ରାମ୍ୟମାଣ ପନିପରିବା ଓ ତେଜରାତିବିକ୍ରୟ ଯାନକୁବିଡିଓ ଉମା ଶଙ୍କର ଦଳାଇ ସୋମବାର ଉଦ୍‌ଘାଟନ କରିଛନ୍ତି। ଏମପିଭି-୨୩ ଗ୍ରାମରେ ଶକ୍ତିମାତା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାମାନେ ଏହି ଗାଡିରେ ପ୍ରତି ପଞ୍ଚାୟତ ସହ ଏହା ସଂଲଗ୍ନ ଗ୍ରାମାଞ୍ଚଳରେ ବୁଲି ଲୋକଙ୍କୁ ବିଭିନ୍ନ ପ୍ରକାର ପନିପରିବା ଓ ଗ୍ରେସରି ସାମଗ୍ରୀ ବିକ୍ରି କରିବେ ବୋଲି ଜିବିକା ମିଶନର ବ୍ଲକ ପରିଚାଳିକା ରୋଜାଲିନ ଦାସ କହିଛନ୍ତି । ସଂଯୋଜକ ଦୀପକ ବାଇନ ଓ ରତନ ଗୋଲଦାର ସହାୟତା କରିଥିଲେ। ଏହି ମହିଳାମାନେ ଚାଷୀଙ୍କଠାରୁ ପନିପରିବା ସଂଗ୍ରହ କରି ସୋମବାର ପ୍ରଥମ ଦିବସରେ କାଳିମେଳା, ଭେଙ୍କଟାପଲମ, କଇମେଟଲା, କାଙ୍ଗୁରୁକୋଣ୍ଡା, ଗମ୍ପାକୋଣ୍ଡା ପଞ୍ଚାୟତ ଅଞ୍ଚଳରେ ବୁଲି ସାମଗ୍ରୀ ବିକ୍ରି କରିଥିବା ଜଣାପଡିଛି ।

# ଗୁଜବ ଖେଳାଇ ବନ୍ଧାହେଲେ ସୋସିଆଲ ମିଡିଆ ପ୍ରତିନିଧି

ବୈପାରିଗୁଡ଼ା,୬।୪(ଡି.ଏନ୍.ଏ.)

କରୋନାକୁ ନେଇ ଗୁଜବ ପ୍ରଚାର କରି ଆତଙ୍କ ସୃଷ୍ଟି କରୁଥିବା ଜଣେ ଯୁବକଙ୍କୁ ସୋମବାର ବୈପାରିଗୁଡ଼ା ପୋଲିସ ଗିରଫ କରିଛି। ସେ ହେଲେ ବୈପାରିଗୁଡ଼ା ଥାନା ଅଧୀନ ମାଝିଗୁଡ଼ା ଗାଁର ହେମନ୍ତ ନାୟକ। ଜଣେ ବ୍ୟକ୍ତି କରୋନା ଦ୍ୱାରା ସଂକ୍ରମିତ ହୋଇଥିବା ନେଇ ହେମନ୍ତ ଫେସବୁକ ମାଧ୍ୟମରେ ଗୁଜବ ପ୍ରଚାର କରୁଥିବା ଜଣାପଡ଼ିଥିଲା। ପୋଲିସ ଏହାର ଅନୁସନ୍ଧାନ କରିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ମହେନ୍ଦ୍ର କୁମାର ସାହୁ କହିଛନ୍ତି। ଅଭିଯୁକ୍ତ ନିଜକୁ ଏକ ସାମାଜିକ ଗଣମାଧ୍ୟମର ପ୍ରତିନିଧି ବୋଲି ପରିଚୟ ଦେଉଥିବାବେଳେ ପୋଲିସ ତାଙ୍କ ନିକଟରୁ ମୋବାଇଲ ଫୋନ ଓ ବୁମ୍ ଜବତ କରିଛି।

# ଅମାନିଆ ସାବାଡ଼, ୮୦ ବାଇକ ଜବତ

ସେମିଲିଗୁଡ଼ା,୬।୪(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ସହରରେ କେତେକ ବ୍ୟକ୍ତି ଲକ୍ ଡାଉନକୁ ଅମାନ୍ୟ କରି ବିନା କାରଣରେ ସହରର ବିଭିନ୍ନ ଅଞ୍ଚଳରେ ପଇଁତରା ମାରୁଛନ୍ତି। ବାରମ୍ବାର ତାଗିଦ୍ ସତ୍ତ୍ୱେ କିଛି ଫଳ ନ ମିଳିବାରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ପୋଲିସ। ସେମିଳିଗୁଡ଼ା ପୋଲିସ ୩ଟି ପର୍ଯ୍ୟାୟରେ ସହରର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ଏଭଳି ଉଲ୍ଲଂଘନକାରୀଙ୍କୁ ସାବାଡ଼ କରିଛି। ଏଥିରେ ୮୦ରୁ ଅଧିକ ବାଇକ୍ ଜବତ ହୋଇଛି। ମାର୍ଚ୍ଚ ୨୭ରେ ପ୍ରଥମ ପର୍ଯ୍ୟାୟରେ ୪୧ଟି ବାଇକ ଜବତ ସହ କେସ ନମ୍ବର ୨୭/୨୦ରେ ମାମଲା ରୁଜୁ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୪ରେ ୧୦ଟି ବାଇକ ଜବତ ସହ କେସ ନମ୍ବର ୩୦/୨୦ରେ ମାମଲା ରୁଜୁ ହୋଇଛି। ତୃତୀୟ ପର୍ଯ୍ୟାୟରେ ଏପ୍ରିଲ ୫ରେ ୨୯ଟି ବାଇକ ଜବତ ସହ କେସ ନମ୍ବର ୨୯/୨୦ରେ ମାମଲା ହୋଇଥିବା ସେମିଳିଗୁଡ଼ା ଥାନା ଅଧିକାରୀ ଧୀରେନ ବେହେରା କହିଛନ୍ତି।

# ଭିଡ଼ ଜମାଇଲେ କାର୍ଯ୍ୟାନୁଷ୍ଠାନ

ପାରଳାଖେମୁଣ୍ଡି, ୬।୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଜିଲାପାଳଙ୍କ ସମ୍ମିଳନୀ ଗୃହ ଠାରେ ଏକ ବୈଠକରେ ଜିଲାରେ ଲକ୍‌ଡାଉନ ସମୟରେ ବାଇକକୁ ବ୍ୟବହାରକୁ ନିଷେଧ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଛି। ସାଧାରଣ ଲୋକେ ସକାଳ ୬ରୁ ସକାଳ ୧୦ଟା ଏବଂ ଉପରଓଳା ସନ୍ଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ଖୋଲା ରହୁଥିବା ମୁଖ୍ୟ ବଜାର ଏବଂ ଅନ୍ୟାନ୍ୟ ସ୍ଥାନରୁ ନିଜର ଅତ୍ୟାବଶ୍ୟକ ସାମଗ୍ରୀ ପାଦରେ ଚାଲି ଚାଲି ଯାଇ କିଣିପାରିବେ ମାତ୍ର ବାଇକ କିମ୍ବା କୌଣସି ଯାନବାହାନ ବ୍ୟବହାର କରିପାରିବେ ନାହିଁ ବୋଲି ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଅନୁପମ ଶାହା ଓ ଏସପି ସାରା ଶର୍ମା ପ୍ରକାଶ କରିଛନ୍ତି। ବ୍ୟବସାୟୀମାନେ ସେହି ସମୟରେ ଗ୍ରାହକଙ୍କୁ ସାମାଜିକ ଦୂରତାରେ ରହି ଖରିଦ କରିବା ପାଇଁ ବାଧ୍ୟ କରିବେ। କୌଣସି ବ୍ୟବସାୟୀ ତାଙ୍କ ଦୋକାନରେ ଭିଡ ଜମାଉଥିବା ନଜରକୁ ଆସିଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ବିଭିନ୍ନ ଧର୍ମାନୁଷ୍ଠାନଗୁଡିକ କେବଳ ନୀତି ପାଳନ ପାଇଁ କିଛି ସମୟ ସେଗୁଡ଼ିକୁ ଖୋଲିପାରିବେ। ମାତ୍ର ସେହି ସମୟରେ ଯଦି ଶ୍ରଦ୍ଧାଳୁମାନେ ସେଠାକୁ ଯାଇ ଭିଡ ଜମାଇବେ ତେବେ ସେମାନଙ୍କ ଉପରେ ଏବଂ ମନ୍ଦିର ପରିଚାଳନା କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଯାଇଛି । ସେହିପରି ସମସ୍ତ ଜନସାଧାରଣ ବାହାରକୁ ବାହାରିବା ସମୟରେ ମାସ୍କ କିମ୍ବା ରୁମାଲ ମୁହଁରେ ପିନ୍ଧିବା, ଲକ୍ ଡାଉନର ରହିଥିବା ନିୟମ ଉଲ୍ଲଂଘନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଭୟେ ପ୍ରକାଶ କରିଛନ୍ତି।


ଜିଲାପାଳ ଓ ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

# ରକ୍ତଭଣ୍ଡାର ପାଇଁ ସଂଗ୍ରହ ହେଲା ୯୫ ୟୁନିଟ

ନବରଙ୍ଗପୁର,୬।୪(ବି.ପ୍ର.)

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତର ଖାନାରେ କେବଳ ଗୋଟିଏ ମାତ୍ର ରକ୍ତଭଣ୍ଡାର ରହିଛି । ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳ ଏହି ରକ୍ତ ଭଣ୍ଡାର ଉପରେ ନିର୍ଭରଶୀଳ । ଜିଲାର ରୋଗୀ ସଂଖ୍ୟା ଓ ଚିକିତ୍ସାକୁ ଆଧାର କଲେ ପ୍ରତି ମାସରେ ୩ଶହ ୟୁନିଟ ରକ୍ତ ଆବଶ୍ୟକ ପଡୁଛି। ଏପରି ସ୍ଥଳେ ନିକଟରେ ଡାକ୍ତର ଦେବବ୍ରତ ଡାକୁଆ ନିଜେ ଏକ ୟୁନିଟ ରକ୍ତ ଦେଇ ଅନ୍ୟମାନଙ୍କୁ ରକ୍ତଦାନ ପାଇଁ ଆହ୍ୱାନ ଦେଇଥିଲେ। ଏହାକୁ ଗ୍ରହଣ କରି ନବରଙ୍ଗପୁର ଆଦର୍ଶଥାନା ପକ୍ଷରୁ ପୋଲିସ ପଡିଆ ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୋମବାର ହୋଇଥିଲା। ଜିଲାପାଳ ଡ. ଅଜିତ କୁମାର ମିଶ୍ର, ଏସପି ନିତୀନ କୁସଲକର ଶିବିରକୁ ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସନ୍ଧ୍ୟାସୁଦ୍ଧା ୯୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଖବର ମିଳିଛି।


ଆଦର୍ଶଥାନା ପକ୍ଷରୁ ହୋଇଥିବା ରକ୍ତଦାନ ଶିବିର ।

ଧରିତ୍ରୀ
DHARITRI
ମଙ୍ଗଳବାର, ୭ ଏପ୍ରିଲ୍, ୨୦୨୦



# ସଂକ୍ଷେପରେ

## ଘରେ ପୂଜା କରନ୍ତୁ ହିଙ୍ଗୁଳାଙ୍କୁ

**ତାଳଚେର,୬।୪(ନି.ପ୍ର.):**ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା’ ହିଙ୍ଗୁଳାଙ୍କ ନବଦିନାତ୍ମକ ଯାତ୍ରା ୭ ତାରିଖ ମଙ୍ଗଳବାରଠାରୁ ଆରମ୍ଭ ହେବ। ତେବେ କରୋନା ସଂକ୍ରମଣ ରୋକିବାକୁ ଲକ୍‌ଡାଉନ୍ କଟକଣା ଜାରି କରାଯାଇଥିବାରୁ ଏହି ଯାତ୍ରା ଅତି ନିରାଡମ୍ବର ଭାବେ ପାଳନ କରାଯିବ। ତେଣୁ କୌଣସି ବ୍ୟକ୍ତି ଗୋପାଳପ୍ରସାଦସ୍ଥିତ ମା’ଙ୍କ ମନ୍ଦିର, ଉଭାସ୍ଥଳୀ କିମ୍ବା ହିଙ୍ଗୁଳାଯାତ୍ରାକୁ ଆସନ୍ତୁ ନାହିଁ ବୋଲି ଠାକୁରାଣୀଙ୍କ ପୂଜକ କିଶୋର ଦେହୁରୀ ନିବେଦନ କରିଛନ୍ତି। ସମସ୍ତେ ନିଜ ଘରେ ରହି ମା’ ହିଙ୍ଗୁଳାଙ୍କୁ ପଣାପାଣି ଦେଇ ପୂଜାର୍ଚ୍ଚନା କରିବାକୁ ପୂଜକ ପ୍ରକାଶ କରିଛନ୍ତି।

## ରିଲିଫ୍ ଫଣ୍ଡକୁ ଦାନ



**ପାଲଲହଡ଼ା,୬।୪(ଡି.ଏନ.ଏ.):** କରୋନା ମୁକାବିଲା ପାଇଁ ପାଲଲହଡ଼ା ଉପଖଣ୍ଡସ୍ଥିତ ମାଲ୍ୟଗିରି ମହାବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ମଧୁସୂଦନ ଦ୍ୱିବେଦୀ ଏବଂ ତାଙ୍କ ସ୍ତ୍ରୀ ତଥା ସ୍ୱାସ୍ଥ୍ୟକର୍ମୀ ସବିତାଞ୍ଜଳି ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସୋମବାର ଦ୍ୱିବେଦୀ ଏ ସମ୍ପର୍କିତ ଏକ ଚେକ୍ ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି।

## ତହସିଲଦାର ଧରିଲେ ଠେଙ୍ଗା

**ମାଧପୁର, ୬।୪:** ଆଠମଲ୍ଲିକ ବ୍ଲକ ମାଧପୁରରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଆଠମଲ୍ଲିକ ତହସିଲଦାର ଡ. ସ୍ୱରୂପାନନ୍ଦ ସାହୁ ସୋମବାର ନିଜେ ହାତରେ ଠେଙ୍ଗା ଧରି ଲୋକଙ୍କୁ ବଜାରକୁ ନ ଆସିବାକୁ ତାଗିଦ୍ କରୁଥିବା ଦେଖାଯାଇଥିଲା। ବିଶେଷକରି ବିନା କାରଣରେ ବଜାରରେ ବୁଲୁଥିବା ବ୍ୟକ୍ତିମାନଙ୍କୁ ସେ ଘଉଡ଼ାଇ ଦେଉଥିଲେ।

## ସନ୍ଦିଗ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ

**କାମାକ୍ଷାନଗର, ୬।୪(ଡି.ଏନ.ଏ.):** କାମାକ୍ଷାନଗର ବ୍ଲକ କନ୍ତିଓପୁଟସାହି ପଞ୍ଚାୟତରେ ବାହାର ରାଜ୍ୟରୁ ଫେରିଥିବା ଜଣେ ଯୁବକଙ୍କ ଶରୀରରେ କରୋନା ଲକ୍ଷଣ ଦେଖାଦେଇଛି। ଏହା ଜଣାପଡ଼ିବା ପରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପହଞ୍ଚି ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ତାଙ୍କୁ ଔଷଧ ଦିଆଯାଇଛି। ମଙ୍ଗଳବାର ତାଙ୍କର ସ୍ୱାବ୍ ପରୀକ୍ଷା କରିବା ଲାଗି ପଠାଯିବ। ରିପୋର୍ଟରୁ ସେ କରୋନା ଆକ୍ରାନ୍ତ କି ନୁହନ୍ତି ତାହା ସ୍ପଷ୍ଟ ହେବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ବିଶୋଧନ



**କଣିହାଁ/ଆଠମଲ୍ଲିକ, ୬।୪(ଡି.ଏନ.ଏ.):** କଣିହାଁ ଅଗ୍ନିଶମ ବିଭାଗ ତରଫରୁ ସୋମବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ବିଭିନ୍ନ କାର୍ଯ୍ୟାଳୟକୁ ରାସାୟନିକ ମିଶା ପାଣି ଦ୍ୱାରା ବିଶୋଧନ କରାଯାଇଥିବା ଅଗ୍ନିଶମ ଅଧିକାରୀ ରୋହିତ କୁମାର ବେହେରା କହିଛନ୍ତି। ସେହିପରି ଆଠମଲ୍ଲିକର ବିଭିନ୍ନ ସ୍ଥାନକୁ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ୍ କରାଯାଇଛି।

## ଗ୍ରସେରି ଦୋକାନ ସିଲ୍

**ଢେଙ୍କାନାଳ ଅଫିସ, ୬।୪:** ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ଅଭିଯୋଗରେ ସୋମବାର ଢେଙ୍କାନାଳ ମହାବୀର ବଜାରସ୍ଥିତ ଏକ ଗ୍ରସେରି ଦୋକାନକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ସିଲ୍ କରି ଦିଆଯାଇଛି। ଦୋକାନୀ ବିବେକାନନ୍ଦ ସାହୁଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୧୨୨/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି। ଏଥିସହ ଲକ୍‌ଡାଉନ ନିୟମ ଉଲ୍ଲଂଘନ ଅଭିଯୋଗରେ ୩ଜଣଙ୍କୁ ଗିରଫ କରାଯାଇଥିବାବେଳେ ୨ ବାଇକ୍ ଜବତ କରାଯାଇଛି।

## ଚୋରି ଅଭିଯୁକ୍ତଙ୍କୁ ଛେଚିଲେ ଗ୍ରାମବାସୀ

**କାମାକ୍ଷାନଗର, ୬।୪(ଡି.ଏନ୍.ଏ.):** ବାଇକ୍ ଚୋରି ଉଦ୍ୟମ ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ି ୨ ଯୁବକ ନିର୍ଘାତ ମାଡ଼ ଖାଇଛନ୍ତି। ଘଟଣା ଘଟିଛି ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଡେଙ୍ଗାବାହାଲି ଗ୍ରାମରେ। ଅଭିଯୁକ୍ତ ହେଲେ ସେଣ୍ଡସରର ଅମର ଦେହୁରୀ, କାଳିଆପାଣି ଥାନା ଗୁରୁଜଙ୍ଗର ଚନ୍ଦନ ଦେହୁରୀ। ଗ୍ରାମବାସୀ ଉଭୟଙ୍କୁ ପୋଲିସ ଜିମା ଦେବା ପରେ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ଓଆଇସି ବିଷ୍ଣୁପ୍ରିୟା ରଣା କହିଛନ୍ତି।

# କପିଳାସ ଜୁ’ରେ ସତର୍କତା



**ହାତୀ ‘ରାକେଶ’ ଉପରେ ତୀକ୍ଷ୍ଣ ନଜର**
**କର୍ମଚାରୀଙ୍କୁ ସଚେତନ କରାଗଲା**

**ଢେଙ୍କାନାଳ ଅଫିସ, ୬।୪**

ଆମେରିକାର ଚିଡ଼ିଆଖାନାରେ ଏକ ବାଘୁଣୀ କୋଭିଡ୍‌-୧୯ରେ ଆକ୍ରାନ୍ତ ହେବା ଜଣାପଡ଼ିବା ପରେ ଦେଶର ସମସ୍ତ ପ୍ରାଣୀ ଉଦ୍ୟାନ ଏବଂ ଅଭୟାରଣ୍ୟ ଉପରେ କଡ଼ା ନଜର ରଖିବାକୁ ମାର୍ଗଦର୍ଶିକା ଜାରି କରାଯାଇଛି। ଢେଙ୍କାନାଳର ପ୍ରସିଦ୍ଧ ପ୍ରାଣୀ ଉଦ୍ୟାନ କପିଳାସ ଜୁ’ରେ ଥିବା ଜୀବଜନ୍ତୁଙ୍କୁ ଯେପରି କରୋନା ସଂକ୍ରମଣ ନହୁଏ ସେଥିଲାଗି ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍ ଲାଇନ୍ ଜାରି କରାଯାଇଛି। ପ୍ରାଣୀ ଉଦ୍ୟାନରେ ଥିବା ଜୀବଜନ୍ତୁଙ୍କ ଉପରେ ଧ୍ୟାନ ରଖାଯିବ। ଆବଶ୍ୟକ ପଡ଼ିଲେ ରକ୍ତନମୁନା ସଂଗ୍ରହ କରାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ବିମଳ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ଗୋଟିଏ ପଟେ କରୋନାକୁ ନେଇ ଚିନ୍ତା ବଢ଼ିଥିବାବେଳେ ଉଦ୍ଧାର ହୋଇ ଆସିଥିବା ନରହନ୍ତା ଦନ୍ତା ‘ରାକେଶ’ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ହାତୀର ପଛ ଦୁଇଗୋଡ଼ରେ ହୋଇଥିବା ଘା’ ଶୁଖି ଆସିଲାଣି। ସେ ସୁସ୍ଥ ହେବାରେ ଲାଗିଛି। ଏହାପରେ ତାର ପଛ ଦୁଇ ଗୋଡ଼ର ଶିକୁଳି ଖୋଲି ଦିଆଯାଇଛି। ଏବେ କେବଳ ଆଗ ଦୁଇଗୋଡ଼କୁ ଶିକୁଳିରେ ବନ୍ଧାଯାଇଛି। ପ୍ରବଳ ଗ୍ରୀଷ୍ମପ୍ରବାହ ଏବଂ ଆଗକୁ ବର୍ଷା ଆସୁଥିବାରୁ ହାତୀକୁ ରଖାଯାଇଥିବା ଖୋଲାମଣ୍ଡପ ଉପରେ ଆଜବେଷ୍ଟସ୍ ଛାତ ପକାଇବା ପାଇଁ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

ଏ ନେଇ ଡିଏଫ୍‌ଓ କୁହନ୍ତି, ୨୦୦୮ରେ କପିଳାସ ଜୁ’ରେ ହାତୀ ରେସକ୍ୟୁ ସେଣ୍ଟରକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ଭାରତ ସରକାରଙ୍କ ବିଭାଗୀୟ ମନ୍ତ୍ରଣାଳୟକୁ ପତ୍ର ମାଧ୍ୟମରେ ଜଣାଯାଇଥିଲା। ଏହାକୁ ସ୍ୱୀକୃତି ମିଳି ନ ଥିବାରୁ ପୁଣିଥରେ ଆବଶ୍ୟକ କାଗଜପତ୍ର ପଠାଯାଇଛି। ପ୍ରାଣୀଙ୍କୁ ଯଥାସମ୍ଭବ ସୁରକ୍ଷିତ ରଖିବାକୁ ପ୍ରାଣୀ ଉଦ୍ୟାନର ସମସ୍ତ କର୍ମଚାରୀଙ୍କୁ ସଚେତନ କରାଯାଇଛି। ସେମାନେ ନିର୍ଦ୍ଦିଷ୍ଟ ସମୟରେ ନିଜ ନିଜର ଦାୟିତ୍ୱ ତୁଲାଇବେ। ଏ ନେଇ କପିଳାସ ରେଞ୍ଜର ଦର୍ଶନିଆ ଭୋଇ କୁହନ୍ତି, ୨୬.୬୪ ହେକ୍ଟର ପରିସରରେ ଥିବା ଜୁ’ରେ ଏବେ ୨୪୭ ଜୀବଜନ୍ତୁ ଅଛନ୍ତି। ସେମାନଙ୍କ ତଦାରଖ କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଏଥିରେ ନିୟୋଜିତ କର୍ମଚାରୀଙ୍କୁ ମଙ୍ଗଳବାର ମାସ୍କ ସମେତ ଅନ୍ୟ ସୁରକ୍ଷା ଉପକରଣ ପ୍ରଦାନ କରାଯିବ।

# ନିୟମ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ

- ସିଲ୍ କରାଯିବ ବ୍ୟବସାୟିକ ଅନୁଷ୍ଠାନ
- ସନ୍ଦେହ ହେଲେ ଥାନାକୁ ଜଣାଅ



ଜିଲାପାଳ, ଏସ୍‌ପି ମିଳିତ ବିବୃତି ଦେଉଛନ୍ତି।

**ଢେଙ୍କାନାଳ ଅଫିସ, ୬।୪**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ନଜରରେ ରଖି ଢେଙ୍କାନାଳରେ ଲକ୍‌ଡାଉନକୁ କଡ଼ାକଡ଼ି କରିବା ଉପରେ ଗୁରୁତ୍ୱ ଦେଉଛି ଜିଲା ପ୍ରଶାସନ। ଏଣିକି ନିୟମ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଏସ୍‌ପି ଅନୁପମା ଜେମ୍‌ସ ମିଳିତ ବିବୃତ୍ତିରେ ସୂଚନା ଦେଇଛନ୍ତି।

ସାମାଜିକ ଦୂରତା ସଂକ୍ରମଣ ଆଶଙ୍କା ବଢ଼ାଇଥାଏ। ଏଣୁ ବ୍ୟବସାୟିକ ଅନୁଷ୍ଠାନରେ ସାମଗ୍ରୀ କିଣିବା ବେଳେ ସର୍ବନିମ୍ନ ୧ ମିଟର ଦୂରତା ରଖିବା ଅପରିହାର୍ଯ୍ୟ। ଏଥିପ୍ରତି ଦୋକାନୀମାନେ ସତର୍କ ରହିବେ। ଏଥିରେ ଖିଲାପ ହେଲେ ଅଥବା ବିଫଳ ହେଲେ ଉଭୟ ଦୋକାନୀ ଏବଂ କ୍ରେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ପୃକ୍ତ ଦୋକାନକୁ ମଧ୍ୟ ସିଲ୍ କରାଯିବା ସହ ଆବଶ୍ୟକ ପଡ଼ିଲେ ସଂଲଗ୍ନ ମାର୍କେଟକୁ ମଧ୍ୟ ବନ୍ଦ କରାଯିବ। ଏଥିରେ ସମସ୍ତେ ସହଯୋଗ କରିବାକୁ ଜିଲାପାଳ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏସ୍‌ପି ଜେମ୍‌ସ୍ ସୂଚନା ଦେଇ କହିଛନ୍ତି, ଦୈନିକ ସାମଗ୍ରୀ ଆଣିଲେ ଭିଡ଼ ବଢ଼ିବା ସମ୍ଭାବନା ଅଧିକ। ତେଣୁ ସପ୍ତାହରେ ଥରେ କିମ୍ବା ଦୁଇଥର ସାମଗ୍ରୀ ଆଣିବା ଉଚିତ। ଆବଶ୍ୟକ କାମ ନ ଥିଲେ ଘରୁ ବାହାରିବା ଅନୁଚିତ। ଜିଲାରେ ଲକ୍‌ଡାଉନ ଖିଲାପ ସମ୍ପର୍କିତ ୪୧ ମାମଲା ରୁଜୁ ହୋଇଛି। ସେହିପରି ୧୨୩ଜଣଙ୍କ ବିରୋଧରେ ବିଭିନ୍ନ ମାମଲା ରୁଜୁ କରାଯାଇଛି। କ୍ୱାରାଣ୍ଟାଇନ ଖିଲାପ ଯୋଗୁ ୯୦ ଜଣଙ୍କୁ ବୁକ୍ କରାଯାଇଛି। କରୋନା ସଂକ୍ରମଣକୁ ନେଇ ମିଥ୍ୟା ଗୁଜବ ପ୍ରଚାର କଲେ କଡ଼ା ଦଣ୍ଡବିଧାନ ଗ୍ରହଣ କରାଯିବ। କୌଣସି ପ୍ରକାର ସନ୍ଦେହ ହେଲେ ୧୦୦, ୧୦୪ କିମ୍ବା ଥାନାକୁ ଜଣାଇବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ଦେଶର ସ୍ୱାର୍ଥ ଲାଗି ନିୟମକୁ କଡାକଡି ପାଳନ କରିବା ଲାଗି ଏସ୍‌ପି ଅନୁରୋଧ କରିଛନ୍ତି।

# ବିଜେଡି ବାଣ୍ଟିଲା ରନ୍ଧାଖାଦ୍ୟ

**ଢେଙ୍କାନାଳ ଅଫିସ, ୬।୪:** ଢେଙ୍କାନାଳ ଜିଲାକୁ ଲକ୍‌ଡାଉନ୍ ଘୋଷଣା କରାଯିବା ପରେ ଦିନ ମଜୁରିଆ, ଗରିବଙ୍କ ଦୁଃଖ ବଢ଼ିଯାଇଛି। ଏପରି ସଙ୍କଟମୟ ସମୟରେ ସହାୟତା ପାଇଁ ଅଣ୍ଟା ଭିଡିଛି ବିଜେଡି। ବିଧାୟକ ସୁଧୀର ସାମଲଙ୍କ ନିର୍ଦ୍ଦେଶରେ ପୌରାଞ୍ଚଳର ୯ନଂ. ୱାର୍ଡସ୍ଥିତ କୁରୁଣିଆ ପାଡୁଆସାହିରେ ୧୦୦ଜଣଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର ହାତଧୋଇବା ବିଧି ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ଅଞ୍ଚଳବାସୀଙ୍କୁ ସାବୁନ ଏବଂ ମାସ୍କ ପ୍ରଦାନ କରାଯାଇଥିଲା। ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ କୌଣସି ବ୍ୟକ୍ତି ଭୋକିଲା ରହିବେ ନାହିଁ। ଅସମୟରେ ସମସ୍ତଙ୍କ ତୁରନ୍ତ ସହଯୋଗ କରାଯିବ। ଦିନରେ ରନ୍ଧାଖାଦ୍ୟ ଓ ରାତିରେ ଶୁଖିଲା ଖାଦ୍ୟ ଦିଆଯିବ। ବୁଲାପ୍ରାଣୀଙ୍କ ପାଇଁ ମଧ୍ୟ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଏହା ୧୪ ତାରିଖ ଯାଏ ଚାଲିବ ବୋଲି ବିଧାୟକଙ୍କ ପ୍ରତିନିଧି ସୂଚନା ଦେଇଛନ୍ତି। ଜିଲା ଯୁବ ବିଜେଡି ଉପସଭାପତି ବିନୋଦ ମହାନ୍ତି, ଶ୍ରୀକାନ୍ତ ଧଳ, ଆଇଟି ସେଲ ସଂଯୋଜକ ଗଙ୍ଗାଧର ରାଉତ, ଶଶିକାନ୍ତ ମିଶ୍ର, ଅବିନାଶ ଜେନା, ମହମ୍ମଦ ସାଗିର, ସୌମ୍ୟରଞ୍ଜନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଜେଡି ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି।

# ଭିଡ଼ ହେଲେ ଦୋକାନ ସିଲ୍

- ନିୟମ ଉଲ୍ଲଂଘନକାରୀଙ୍କୁ ନିସ୍ତାର ନାହିଁ
- ସକାଳ ୬ରୁ ଅପରାହ୍ନ ୧ଟା ଯାଏ ଖୋଲା

**ଅନୁଗୋଳ ଅଫିସ, ୬।୪:** ଅନୁଗୋଳ ଜିଲାରେ ଅନେକ ଲୋକ ଅମାନିଆ ହେଉଛନ୍ତି। ପ୍ରଶାସନ ଓ ପୋଲିସ ମିଳିତ ଭାବେ ଲୋକଙ୍କୁ ସଚେତନ କରିବା ସହ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଥିଲେ ବି ସେମାନେ ଚେତୁନାହାନ୍ତି। ଫଳରେ ପ୍ରଶାସନ ଓ ପୋଲିସ ସୋମବାରଠାରୁ କଠୋର କାର୍ଯ୍ୟପନ୍ଥା ଅପଣାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ବିକୁଥିବା ଦୋକାନ ଆଗରେ ଗହଳି ହେଲେ ତାହାକୁ ସିଲ୍ କରିବା ସହ ବ୍ୟବସାୟୀଙ୍କ ବିରୋଧରେ ମାମଲା ରୁଜୁ ହେବ ବୋଲି କୁହାଯାଇଛି। ଯଦି ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଏ, ତେବେ ଅନୁଗୋଳ ଜିଲାର ସମସ୍ତ ଦୋକାନକୁ ବନ୍ଦ କରିଦିଆଯିବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

ଜିଲାପାଳ କହିଛନ୍ତି, ପନିପରିବା, ଫଳ, ରାଶନ ଓ ଔଷଧ ଦୋକାନଗୁଡ଼ିକ ଲକ୍‌ଡାଉନ୍ ସମୟରେ ସକାଳୁ ରାତି ପର୍ଯ୍ୟନ୍ତ ଖୋଲା ରହୁଥିଲା। ତେବେ ମଙ୍ଗଳବାରଠାରୁ ଏହି ଦୋକାନଗୁଡ଼ିକ ସକାଳ ୬ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହାପରେ ଯେଉଁମାନେ ଦୋକାନ ଖୋଲା ରଖିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଲୋକମାନଙ୍କୁ ପୂର୍ବରୁ ପ୍ରଦାନ କରାଯାଉଥିବା ହୋମ୍ ଡେଲିଭରି ଜାରି ରହିବ। ଅନୁଗୋଳ ଏସ୍‌ପି ଜଗମୋହନ ମୀନା କହିଛନ୍ତି, ଜିଲାରେ କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ କରିଥିବା ୪୬ ଜଣଙ୍କ ନାମରେ ୧୪ଟି ମାମଲା ରୁଜୁ କରାଯାଇ ସେମାନଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଛି। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଅପପ୍ରଚାର କରିବା ଅଭିଯୋଗରେ ୩ ଜଣଙ୍କୁ ଜେଲକୁ ପଠାଯାଇଛି।



ଜିଲାପାଳ ଓ ଏସ୍‌ପି ସୂଚନା ପ୍ରଦାନ କରୁଛନ୍ତି।

# ଶିଳପୁଆ ପୂଜା ଗୁଜବ

**ପାଲଲହଡ଼ା, ୬।୪(ଡି.ଏନ.ଏ.)**



ଶିଳପୁଆ ପୂଜା କଲେ କରୋନା ଆସିବନି। ଏପରି ଏକ ଗୁଜବ ଉଠିଛି ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡରେ। ଅଞ୍ଚଳର ମହିଳାମାନେ ଏହାକୁ ସତମାନି ଘର ଦୁଆର ମୁହଁରେ ଏହି ପୂଜା କରୁଛନ୍ତି। ସେମାନେ ହଳଦୀ ପାଣିରେ ଶିଳପୁଆ ଧୋଇ ଫୁଲ ଅରୁଆ ଚାଉଳ ଦେଇ ପୂଜା କରୁଥିବା ଦେଖିବାକୁ ମିଳିଛି। ଏପରି କଲେ ଘରେ ଏବଂ ଗାଁରେ କରୋନା ପଶିବନି ବୋଲି ସେମାନେ ବିଶ୍ୱାସ କରୁଛନ୍ତି। ଏ ସମ୍ପର୍କରେ ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ କହିଛନ୍ତି, ଏଥିରେ କୌଣସି ସତ୍ୟତା ନାହିଁ। ଲୋକେ ଗୁଜବକୁ ଏପରି ବିଶ୍ୱାସ କରନ୍ତୁନି। କରୋନାକୁ ହରାଇବାକୁ ହେଲେ ଲକ୍‌ଡାଉନକୁ ମାନି ସମସ୍ତେ ଘରେ ରୁହନ୍ତୁ। ସରକାରଙ୍କ ନିୟମ ସମସ୍ତ ପାଳନ କରନ୍ତୁ।

# ପ୍ରଥମ ଥର ହାଟ ବନ୍ଦ

**କାମାକ୍ଷାନଗର, ୬।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସାପ୍ତାହିକ ହାଟ ବନ୍ଦ କରାଯାଇଛି। ସ୍ୱାଧୀନତା ପୂର୍ବରୁ ଏହି ହାଟ ଚାଲି ଆସୁଥିବାବେଳେ ପ୍ରଥମ ଥର ପାଇଁ ବନ୍ଦ ହୋଇଥିବା ଜଣାପଡ଼ିଛି। ହାଟରେ ସାମାଜିକ ଦୂରତାକୁ ଲୋକମାନେ ଖାତିର କରୁ ନ ଥିବାରୁ କରୋନା ସଂକ୍ରମଣ ଆଶଙ୍କା ଲାଗି ରହିଥିଲା। ଏହାକୁ ନେଇ ପ୍ରଶାସନ ଚିନ୍ତାରେ ପଡ଼ିଥିବାବେଳେ ହାଟ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ କାର୍ଯ୍ୟକାରୀ କରିବାକୁ ରବିବାର ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରାଯାଇଥିଲା। ଏହାସତ୍ତ୍ୱେ ସକାଳୁ କେତେଜଣ ବେପାରୀ ପରିବା ଧରି ହାଟକୁ ଆସୁଥିବାବେଳେ ପ୍ରଶାସନ ସହାୟତାରେ ପୋଲିସ ସେମାନଙ୍କୁ ବାହୁଡ଼ାଇ ଦେଇଥିଲା। ହାଟ ବନ୍ଦ ଯୋଗୁ ଆଞ୍ଚଳିକସ୍ତରରେ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେବା ଆଶଙ୍କା ଦେଖାଦେଇଛି। ଅନ୍ୟପଟେ ସୋମବାରଠାରୁ ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ଯାଏ ପରିବା ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲାରହିବ। ଅପରାହ୍ନରେ କୌଣସି ଦୋକାନ ଖୋଲା ରହିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ଜରୁରୀ ନ ଥିଲେ ମେଡିକାଲ ଆସନ୍ତୁନି

**ସହାୟତା ପାଇଁ ଜାରି ହେଲା ଡାକ୍ତରଙ୍କ ନମ୍ବର**

**ଅନୁଗୋଳ ଅଫିସ, ୬।୪**

ଅତ୍ୟନ୍ତ ଜରୁରୀ ନ ଥିଲେ ଚିକିତ୍ସାଳୟକୁ ନ ଆସିବାକୁ ଅନୁଗୋଳ ଜିଲାର ଜନସାଧାରଣଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏପରିକି ପୂର୍ବାହ୍ନ ୮ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଡାକ୍ତରଙ୍କ ସହ ଫୋନ୍‌ରେ ଚିକିତ୍ସା ସମ୍ପର୍କରେ ଯୋଗାଯୋଗ ପାଇଁ ପ୍ରଶାସନ ପକ୍ଷରୁ ଫୋନ ନମ୍ବର ଜାରି କରାଯାଇଛି। ଭେଷଜ ବିଭାଗର ଡାକ୍ତର ଦିଗାମ୍ବର ସାହୁଙ୍କ ଫୋନ ନଂ. ୯୪୩୭୩୩୩୦୬୧ ଥିବାବେଳେ ଡା. ଦୀପକ ଗଡ଼ନାୟକଙ୍କ ନଂ. ୯୪୩୭୧୪୬୫୪୪, ଶିଶୁରୋଗ ବିଭାଗ ଡା. କଳ୍ପନା ଜେନାଙ୍କ ନଂ. ୯୪୩୭୨୧୩୬୦୮, ଡା. ସୁଶାନ୍ତ ଗଡ଼ନାୟକଙ୍କ ନଂ. ୯୪୩୭୪୨୩୩୧୧, ଚର୍ମ ବିଭାଗର ଡା. ବିଶ୍ୱଜିତ ସାମଲଙ୍କ ନଂ. ୯୪୩୭୧୯୫୫୨୨୯, ଅସ୍ଥିଶଲ୍ୟ ବିଭାଗ ଡା. ଜ୍ଞାନରଞ୍ଜନ ବିଶ୍ୱାଳଙ୍କ ନଂ. ୯୮୬୧୦୯୬୯୭୫, ଡା. ସୁଶାନ୍ତ ପଣ୍ଡାଙ୍କ ନଂ. ୯୪୩୭୧୪୫୯୦୦, ଛାତି ଓ ଯକ୍ଷ୍ମା ବିଭାଗର ଡା. ମାନସ ରଞ୍ଜନ ବିଶ୍ୱାଳଙ୍କ ନଂ. ୯୪୩୭୮୦୮୩୫୬, ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ସୁଜାତା ଦାଶଙ୍କ ନଂ. ୮୮୯୫୫୫୬୨୯୬, ଡା. ହରପ୍ରିୟା ଜେନାଙ୍କ ନଂ. ୮୧୧୪୮୭୫୪୨୯ରେ ଯୋଗାଯୋଗ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଫଟୋରେ ଖବର



ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଅନୁଗୋଳସ୍ଥିତ ବାସ ଭବନରେ ରବିବାର ରାତି ୯ଟା ବେଳେ ପରିବାର ସହ କ୍ୟାଣ୍ଡେଲ ଜାଳୁଛନ୍ତି।



ଅନୁଗୋଳ ଜିଲା ଆଦର୍ଶ ଟ୍ରଷ୍ଟ ତରଫରୁ ପଞ୍ଚମହଲା ଓ ରନ୍ତଲେଇ ଗ୍ରାମର ୮୨ ଗରିବ ପରିବାରକୁ ଚାଉଳ, ଡାଲି ଓ ପାଞ୍ଚ ଶହ ଟଙ୍କା ଲେଖାଏ ସହାୟତା ଦିଆଯାଇଛି।



ବନ୍ତଳା ବଜାରର ସୁଶାନ୍ତ କୁମାର ସାହୁଙ୍କ ଦଶ ବର୍ଷର ଝିଅ ଥାଲାସେମିଆ ପୀଡ଼ିତ ଶ୍ରୀୟା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୪ ମାସର ଭତ୍ତା ବାବଦ ୨୮ଶହ ଟଙ୍କା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ଚିକିତ୍ସା ଅଭାବରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ଲଖନପୁର,୬।୪(ଡି.ଏନ୍.ଏ): ଝାରସୁଗୁଡା ଜିଲା ଲଖନପୁର ବ୍ଲକ ତେଲେନପାଲି ଗ୍ରାମର ଜଣେ ମହିଳା ପାଇପ୍‌ରୁ ପାଣିନେଉଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଏକ ନିକଟସ୍ଥ ଓପିଜିସି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସାପାଇଁ ନେଇଥିଲେ। ହେଲେ ଓପିଜିସି ମୁଖ୍ୟଫାଟକରେ କମ୍ପାନୀ ସୁରକ୍ଷାକର୍ମୀମାନେ ଭିତରକୁ ଛାଡି ନ ଥିଲେ । ଫଳରେ ଉକ୍ତ ମହିଳାଙ୍କୁ ୧୦କିଲୋମିଟର ଦୂର ଟିଆର୍‌ଏଲ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ଅସୁସ୍ଥ ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଉତ୍ତେଜିତ ଗ୍ରାମବାସୀ ବନହରପାଲି ଥାନାକୁ ଆସୁଥିବାବେଳେ ଖବରପାଇ ଆଇଆଇସି ପ୍ରଶାନ୍ତ ମେହେର ଲକ୍‌ଡାଉନ୍ ଦୃଷ୍ଟିରୁ ରାସ୍ତାରେ ସେମାନଙ୍କୁ ଅଟକାଇ ବୁଝାସୁଝାକରି ଗ୍ରାମକୁ ଫେରାଇ ଦେଇଥିଲେ। ଏ ନେଇ ପୋଲିସ ଉଦ୍ୟମରେ ଏକ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ କମ୍ପାନୀ କର୍ତ୍ତୃପକ୍ଷ ଏଭଳି ଘଟଣା ଯେମିତି ଆଗକୁ ପୁନର୍ବାର ନ ଘଟିବ ସେ ନେଇ ଧ୍ୟାନ ଦିଆଯିବ ବୋଲି କହିଥିଲେ ।

# ଗୁଜରାଟରେ ଫସିଛନ୍ତି ୨୮ ଶ୍ରମିକ

**ବରଗଡ଼ ଅଫିସ୍,୬।୪**

ରାଜ୍ୟ ବାହାରକୁ କର୍ମ ଅନ୍ୱେଷଣରେ ଯାଇ କିଛି ରୋଜଗାର ଆଶା ରଖିଥିଲେ। ମାତ୍ର ଲକ୍ ଡାଉନ୍ ନୁହେଁ, ସଟ୍ ଡାଉନ କଟକଣା ଲାଗୁ ହେବାରୁ ଗୁଜୁରାଟର ଜାମନଗର ଦାରେଦ୍ ଅଞ୍ଚଳରେ ବରଗଡ଼ ଜିଲାର ଶ୍ରମିକମାନେ ଫସି ରହି ଦୁର୍ବିସହ ଜୀବନ ଅତିବାହିତ କରୁଥିବା ସୂଚନା ମିଳିଛି । ସେମାନଙ୍କ ପାଖକୁ ସେଠାକାର ପ୍ରଶାସନ ପକ୍ଷରୁ କିଛି ସହାୟତା ପହଞ୍ଚି ନ ଥିବା ଯୋଗୁ ସେମାନେ ଭୋକ, ଉପାସରେ ଦିନ କାଟୁଛନ୍ତି ।

ସୂଚନା ଅନୁଯାୟୀ, ବରଗଡ଼ ଜିଲାର ବରିକେଲ ଅଞ୍ଚଳର ୨୮ଜଣ ଶ୍ରମିକ କିଛିମାସ ଆଗରୁ ଗୁଜୁରାଟକୁ

**ବରଗଡ଼**

**ଉଦ୍ଧାର ପାଇଁ ନିବେଦନ କଲେ**

କର୍ମ ଅନ୍ୱେଷଣରେ ଯାଇଥିଲେ। ସେଠାକାର ଜାମନଗର ଦାରେଦ୍ ଅଞ୍ଚଳରେ ରହିଥିବା ଏକ କନଷ୍ଟ୍ରକ୍ସନ କମ୍ପାନୀ ଜୟ ଜଲାରାମ ଏକ୍ସଟ୍ରୁଶନ ଅଧୀନରେ ସେମାନେ କାମ କରୁଥିଲେ । ମାତ୍ର କରୋନା ପ୍ରତିହତ ପାଇଁ ଲକଡାଉନ ହେବା ପରେ ସେଠାରେ ସେମାନଙ୍କ ରୋଜଗାର ବନ୍ଦ ହୋଇଯାଇଛି। ଯାହା ରୋଜଗାର କରିଥିଲେ, ତାହା ମଧ୍ୟ ସରି ଯାଇଥିବା ଶ୍ରମିକମାନେ ସୂଚନା ଦେଇଛନ୍ତି । ଅନ୍ୟପଟେ ସେମାନେ ଯେଉଁ ଅଞ୍ଚଳରେ ରହୁଛନ୍ତି, ସମ୍ପୃକ୍ତ ଅଞ୍ଚଳରେ ସଟ୍‌ଡାଉନ୍ କଟକଣା ଲାଗୁ ହୋଇଛି । ଫଳରେ ସେମାନେ ଆଦୌ ଘରକୁ ବାହାରି ପାରୁ ନାହାନ୍ତି । ଏ ନେଇ ଶ୍ରମିକମାନେ ସୋସିଆଲ ମିଡ଼ିଆରେ ଜଣାଇବା ପରେ ତାହା ବରଗଡ଼ର ସାମାଜିକ କର୍ମୀ ଦିବସ କୁମାର ସାହୁଙ୍କ ନଜରକୁ ଆସିଥିଲା। ଏହାପରେ ସାମାଜିକ କର୍ମୀ ସାହୁ ସେମାନଙ୍କୁ ରାଶନ ସାମଗ୍ରୀ ଯୋଗାଇ ଦେବା ପାଇଁ ରବିବାର ଗୁଜୁରାଟର ପ୍ରଶାସନ ସହିତ ସୋସିଆଲ ମିଡ଼ିଆରେ ଯୋଗାଯୋଗ କରି ବିହିତ ପଦକ୍ଷେପ ପାଇଁ ନିବେଦନ କରିଥିବା କହିଛନ୍ତି । ମାତ୍ର ଖବର ଲେଖାହେବା ସୁଦ୍ଧା (ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ) ସମ୍ପୃକ୍ତ ଶ୍ରମିକଙ୍କ ପାଖକୁ କୌଣସି ସହାୟତା ପହଞ୍ଚି ନ ଥିବା ସାହୁ ସୂଚନା ଦେଇଛନ୍ତି । ସେମାନେ ଯେଭଳି ରାଶନ ସାମଗ୍ରୀ ପାଇ ପାରିବେ, ସେ ନେଇ ଗୁଜୁରାଟ ସରକାର, ପ୍ରଶାସନ ସହିତ ତାଙ୍କ ଯୋଗାଯୋଗ ଜାରି ରହିଛି ବୋଲି ସେ କହିଛନ୍ତି ।



ଗୁଜରାଟରେ ଫସି ରହିଥିବା ବରଗଡ଼ର ଶ୍ରମିକମାନେ ।

# ସଙ୍ଗରୋଧ ଗୃହରେ ନାହିଁ ବେଡ୍

**ନୂଆଗାଁ ବ୍ଲକ**

**ନୂଆଗାଁ, ୬।୪ (ଡି.ଏନ.ଏ.)**

କରୋନା ମୁକାବିଲା ପାଇଁ ସରକାର ପଞ୍ଚାୟତ ଗୁଡିକକୁ ୫ ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚ କରିବାକୁ ଅନୁମତି ଦେଇଛନ୍ତି। ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ସଙ୍ଗରୋଧ ଗୃହ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସୁନ୍ଦରଗଡ ଜିଲାର ନୂଆଗାଁ ବ୍ଲକର ୨୦ଟି ପଞ୍ଚାୟତରେ ଏହି ଗୃହ ନିର୍ମାଣ ପ୍ରାୟ ସମାପ୍ତ ହୋଇଛି। ହେଲେ ଅଧିକାଂଶ ପଞ୍ଚାୟତରେ ଅନିୟମିତତା ହୋଇଛି। ଅନେକ ସ୍ଥାନରେ ସଫାସୁତୁରା ନାହିଁ। ଏପରିକି କେତେକ ପଞ୍ଚାୟତରେ ବେଡ୍ ବି ନାହିଁ । ସୁନ୍ଦରଗଡ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ବିଜେଡି ନେତ୍ରୀ ସୁଶିଲା ଟୋପ୍ପ, ଯୁବନେତା ହିମାଂଶୁ ପଣ୍ଡା ପ୍ରମୁଖ ନୂଆଗାଁ ବ୍ଲକର ଉର୍ମେଇ, ବଡଯୋଜନା, ବାତେପୁର, ସୋରଡା ଆଦି ପଞ୍ଚାୟତ ଯାଇ ଲୋକଙ୍କୁ ସଚେତନ କରିବାସହ ସଙ୍ଗରୋଧ ଗୃହ ଗୁଡିକୁ ଦେଖିଥିଲେ । ଉର୍ମେଇ ପଞ୍ଚାୟତରେ ସଙ୍ଗରୋଧ କକ୍ଷରେ ୫୦ଟି ବେଡ୍ କରାଯାଇ ନଥିବା ବେଳେ ଯେତିକି ବି ପଡିଛି ବେଡରୁ ବେଡର ଦୂରତ୍ୱ ବି ନାହିଁ । ଏ ନେଇ ଅଧ୍ୟକ୍ଷା ଏକ୍କା ସଂପୃକ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିଥିଲେ ହେଁ ଦରକାର ହେଲେ ଆଉ ବେଡ ପକାଯିବ ବୋଲି ସଫେଇ ଦେଇଥିଲେ। ଗୋଟିଏ ପଟେ ଜିଲାପାଳ ପ୍ରତ୍ୟେକ ପଞ୍ଚାୟତରେ ସଙ୍ଗରୋଧ କକ୍ଷ ନିର୍ମାଣ କରି ସେଥିରେ ୫୦ଟି ବେଡ୍‌ର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଉର୍ମେଇ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖାଦେଇଛି ।

# ଘରେ ରହିବାକୁ ଛାତ୍ରୀଛାତ୍ରଙ୍କୁ କୁଳପତିଙ୍କ ପରାମର୍ଶ

**ସମ୍ବଲପୁର, ୬।୪ (ବ୍ୟୁରୋ)**

ସଂପ୍ରତି ଦେଶରେ କରୋନା କଟକଣା ଲାଗି ରହିଛି । ତେଣୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ମଧ୍ୟ ଅସୁବିଧା ଉପୁଜୁଛି। ଏହାକୁ ଦୃଷ୍ଟିରେ ରଖି ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ସ୍ନାତକୋତ୍ତର ଶେଷ ବର୍ଷର ୨୩୫ ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । କରୋନା ଭୂତାଣୁର ପ୍ରତିଷେଧକ ଭାବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପରାମର୍ଶକୁ ମାନି ଘରେ ରହିବା ଆବଶ୍ୟକତା ରହିଛି ବୋଲି ପ୍ରଥମେ କୁଳପତି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। କୁଳସଚିବ ଡ. ମାନସରଞ୍ଜନ ପୂଜାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ୨୮ ଲକ୍ଷ ଟଙ୍କା ଜବତ, ୨ ଗିରଫ

**ବରଗଡ଼ ଅଫିସ୍, ୬।୪**

ବରଗଡ଼ ଟାଉନ ଥାନା ପୋଲିସ ସହରରେ ନକଲି ବିଦେଶୀ ମଦ ପ୍ରସ୍ତୁତି ବେଳେ ଠାବ କରିଛି। ଏଥିରେ ସମ୍ପୃକ୍ତ ବରଗଡ଼ ଭଟଲି ରୋଡ଼ ମାତୃବିହାର ନିବାସୀ ଅବିନାଶ କୁମାର ଗୁପ୍ତା(୩୩) ଏବଂ ବଲାଙ୍ଗୀର ଉଦୟନଗର ନିବାସୀ ଶତ୍ରୁଘ୍ନ ପ୍ରସାଦ ଗୁପ୍ତା ଓରଫ୍ ଗୁଡ୍ଡୁ(୩୭)ଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ଝାରଖଣ୍ଡର ମୂଳବାସିନ୍ଦା। ସେମାନଙ୍କ ପାଖରୁ ନଗଦ

**ଧରାପଡିଲା ନକଲି ବିଦେଶୀ ମଦ କାରବାର**

୨୮ଲକ୍ଷ ଟଙ୍କା, ବ୍ୟାପକ ପରିମାଣରେ ବିଦେଶୀ ମଦ, ମଦ ବୋତଲ ଉପରେ ଦିଆଯାଉଥିବା ଜାଲ୍ ଷ୍ଟିକର, ଠିପି, ନିଶା ବଟିକା ଆଦି ଜବତ ହୋଇଛି ।

ସୋମବାର ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ପଦ୍ମିନୀ ସାହୁ ସୂଚନା ଦେଇ କହିଛନ୍ତି, ଗିରଫ ଅଭିଯୁକ୍ତ ଅବିନାଶ ନକଲି ବିଦେଶୀ ମଦ କାରବାର ଚଲାଇଥିବା ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଟାଉନ ଥାନାର ଏକ ଟିମ୍ ରବିବାର ସନ୍ଧ୍ୟାରେ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହିତ ବିଦେଶୀ ମଦ ଜବତ କରିଥିଲା। ପଚରାଉଚୁରା ପରେ ସେ ଅନ୍ୟତମ ଅଭିଯୁକ୍ତ ଶତ୍ରୁଘ୍ନଙ୍କ ପାଖରୁ ମଦ ବୋତଲର ଷ୍ଟିକର, ଠିପି ଆଣୁଥିବା ସ୍ୱୀକାର କରିଥିଲେ। ଏହାପରେ ବଲାଙ୍ଗୀର ଯାଇ ପୋଲିସ ଶତ୍ରୁଘ୍ନଙ୍କୁ ଗିରଫ କରିବା ସହିତ ତାଙ୍କ ପାଖରୁ ନଗଦ ୨୮ଲକ୍ଷ ଟଙ୍କା ସହିତ ଜାଲ୍ ଷ୍ଟିକର, ମଦ ବୋତଲ ଠିପି ଆଦି ଜବତ୍ କରିଥିଲା ।

ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ଅମରେନ୍ଦ୍ର ରଣା, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ, ଇନ୍ସପେକ୍ଟର ସୁଷମା କୁଅଁର, ଏସଆଇ ସୌମ୍ୟକାନ୍ତ ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଗିରଫ ଅଭିଯୁକ୍ତମାନେ କେତେକ ବିଦେଶୀ ମଦ ଦୋକାନରେ କର୍ମଚାରୀ ଭାବେ କାମ କରୁଥିଲେ ଏବଂ ସେମାନେ ସେଭଳି ନକଲି ମଦ ପ୍ରସ୍ତୁତି କରି ସମ୍ପୃକ୍ତ ବିଦେଶୀ ମଦ ଦୋକାନଗୁଡ଼ିକୁ ଯୋଗାଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି।



ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ପି ସୂଚନା ଦେଉଛନ୍ତି ।

# ନିୟମ ଫାଙ୍କି ଗିରଫ ହେଲେ ଠିକାଦାର

**ନୂଆଗାଁ, ୬।୪ (ଡି.ଏନ.ଏ.)**

ଦେଶରେ ଲକ୍ ଡାଉନ ଯୋଗୁ କଟକଣା ଲାଗିଛି। ଏହି ସମୟରେ ନିର୍ମାଣ କାମ ମଧ୍ୟ ବନ୍ଦ ରହିଛି। ହେଲେ ସୁନ୍ଦରଗଡ଼ ଜିଲା ନୂଆଗାଁରେ ରବିବାର ରାତିରେ ଜଣେ ଠିକାଦାର ଏହି ନିୟମ ନ ମାନିବା ତାଙ୍କ ପାଇଁ ମହଙ୍ଗା ପଡିଛି। ଏଠାକାର ଜଣେ ବ୍ୟକ୍ତିଙ୍କ ଘରର ଛାତ ପକାଇବାକୁ ଯାଇ ସେ ଗିରଫ ହୋଇଛନ୍ତି। ନିୟମ ଫାଙ୍କି କାମ କରୁଥିବାରୁ ପ୍ରଥମେ ସେ ଗାଁ ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ଖବର ପାଇଲା ପରେ ନୂଆଗାଁ ଫାଣ୍ଡି ପୋଲିସ ସେଠାରେ ପହଞ୍ଚି ଥିଲା। ହେଲେ ସମ୍ପୃକ୍ତ ଠିକାଦାରଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରିବାକୁ ଯାଇ ନାକେଦମ ହେବାକୁ ପଡିଥିଲା। ବହୁକଷ୍ଟରେ ସଂପୃକ୍ତ ଠିକାଦାରଙ୍କୁ ଲୋକଙ୍କ କବଳରୁ ପୋଲିସ ଉଦ୍ଧାର କରି ହାତୀବାରି ଥାନାକୁ ନେଇଥିଲା। ସରକାରୀ କଟକଣା ନ ମାନି କାମ କରୁଥିବା ଅଭିଯୋଗରେ ଶେଷରେ ପୋଲିସ ତାଙ୍କୁ ଗିରଫ କରିଛି। ଏ ନେଇ ହାତୀବାରି ଥାନାରେ ଏକ ମାମଲା (ନଂ. ୩୦/୨୦) ରୁଜୁ ହୋଇଛି।

# ବ୍ରଜରାଜନଗର ସର୍କଲରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ଲଖନପୁର,୬।୪(ଡି.ଏନ୍.ଏ)**

ମହାମାରୀ କରୋନା ଭାଇରସ ନିୟନ୍ତ୍ରଣକୁ ନେଇ ସାରାଦେଶରେ ଲକ୍‌ଡାଉନ୍ ଜାରି ହୋଇଛି । ଏଥିପାଇଁ ପୋଲିସ୍ ବିଭାଗ ଅଧିକ ସଜାଗ ରହିଛି । ଏଭଳି ସ୍ଥିତିରେ ଝାରସୁଗୁଡା ଜିଲା ବ୍ରଜରାଜନଗର ସର୍କଲରେ ପୋଲିସ ସୋମବାର ଫ୍ଲାଗ୍ ମାର୍ଚ୍ଚ କରିଛି । ବ୍ରଜରାଜନଗର ଏସ୍‌ଡିପିଓ ଦୀଲିପ ଦାସଙ୍କ ନେତୃତ୍ୱରେ ଏକ ସଶସ୍ତ୍ର ପୋଲିସ ବାହିନୀ ସର୍କଲର ବ୍ରଜରାଜନଗର, ଓରିଏଣ୍ଟ, ବେଲପାହାଡ, ବନହରପାଲି ଆଦି ଥାନା ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲା । ଏହି ପୋଲିସ୍ ଟିମ୍‌ରେ ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର, ବେଲପାହାଡ ଥାନା ଆଇଆଇସି ରଶ୍ମିତା ବେହେରା, ଲଖନପୁର ଥାନା ଆଇଆଇସି ବିବି ସେଠ୍, ଓରିଏଣ୍ଟ ଥାନା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ, ବ୍ରଜରାଜନଗର ଥାନା ଆଇଆଇସି ଲଳିତା ମୋଦି, ବନ୍ଧବାହାଲ ଫାଣ୍ଡି ଅଧିକାରୀ ଅଶୋକ ଦାସ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ପୋଲିସ ଲକ୍‌ଡାଉନ୍ କଡାକଡି ପାଳନ କରିବା ସମ୍ପର୍କରେ ଜନସାଧାରଣଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରିଥିଲା।



ଝାରସୁଗୁଡା ଜିଲା ବନ୍ଧବାହାଲ ମାର୍କେଟରେ ପୋଲିସର ଫ୍ଲାଗମାର୍ଚ୍ଚ ।

# ଡେଲି ମାର୍କେଟ ଭିଡ଼ ବଢାଉଛି ଗୋଷ୍ଠୀ ସଂକ୍ରମଣ ଭୟ



ବଲାଙ୍ଗୀର ଡେଲିମାର୍କେଟରେ ଲୋକଙ୍କ ଭିଡ ।

**ବଲାଙ୍ଗୀର ଅଫିସ, ୬।୪**

ବଲାଙ୍ଗୀର ସହରର ଡେଲିମାର୍କେଟ, କୋଶଳ କଳାମଣ୍ଡଳ ପଡିଆକୁ ସ୍ଥାନାନ୍ତରିତ ହୋଇଥିବା ଡେଲିମାର୍କେଟ, ବିଭିନ୍ନ କିରାନା ଦୋକାନରେ ଅଯଥା ଭିଡ ପରିଲକ୍ଷିତ ହେଉଛି । ଏଠାରେ ସାମାଜିକ ଦୂରତ୍ୱକୁ ପାଳନ କରାଯାଉନାହିଁ । ଡେଲିମାର୍କେଟ ପଛପଟ କିରାନା ଦୋକାନ, ସମ୍ମୁଖ ମିଠା ଦୋକାନ, ଖାଉଟୀ ସମବାୟ କେନ୍ଦ୍ର, କଳାମଣ୍ଡଳ ପରିବା ମାର୍କେଟରେ ସମାନ ଅବସ୍ଥା। ବିକ୍ରମ ଛକରୁ ରେଲୱେ ଷ୍ଟେସନ୍ ରାସ୍ତାରେ ଥିବା କିରାନା ଦୋକାନରେ ଭିଡ ପରିଲକ୍ଷିତ ହେଉଛି । ଲକଡାଉନ୍‌କୁ ଆଖି ଆଗରେ ରଖି ସକାଳ ୭ଟାରୁ ଦିନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଡେଲିମାର୍କେଟ, କିରାନା ଦୋକାନ୍, ଓମ୍‌ଫେଡ ଦୋକାନ ଖୋଲିବାକୁ ନିୟମ କରାଯାଇଛି। ତେବେ ଏହି ସମୟରେ କେତେକ ଲୋକ ପ୍ରତ୍ୟହ ଘରୁ ବାହାରି ବଜାର କରିବା ବାହାନା କରୁଛନ୍ତି । ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି ।

### ସାମାଜିକ ଦୂରତ୍ୱ ନିୟମ ନ ମାନିଲେ ହାଟ, ଦୋକାନ ସିଲ୍ ହେବ

ବଲାଙ୍ଗୀର ଜିଲାରେ ସାମାଜିକ ଦୂରତ୍ୱ ନେଇ ଏକ ବିଜ୍ଞପ୍ତି ପ୍ରକାଶ କରାଯିବା ସହ ଜିଲାପାଳ ଅରିନ୍ଦମ ଡାକୁଆ ଓ ଏସ୍‌ପି ସନ୍ଦୀପ ମାଡକର ଏକ ଭିଡିଓ ମେସେଜରେ ଜିଲାବାସୀଙ୍କ ପାଇଁ ବାର୍ତ୍ତା ଦେଇଛନ୍ତି। ଯଦି କୌଣସି ଦୋକାନୀ, ବ୍ୟବସାୟୀ ଓ ସମ୍ପୃକ୍ତ କର୍ମକର୍ତ୍ତା କୌଣସି ଦୋକାନ ଆଗରେ ଗ୍ରାହକଙ୍କୁ ବିକ୍ରୟ କାର୍ଯ୍ୟ ସମାପନ ବେଳେ ଅନ୍ୟୁନ ୨ ମିଟରରୁ ଊର୍ଦ୍ଧ୍ୱ ବଜାୟ ରଖିବାରେ ଅସମର୍ଥ ହୁଅନ୍ତି ସେହି ଦୋକାନକୁ ସିଲ୍ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି ବଜାରରେ ସାମାଜିକ ଦୂରତ୍ୱ ବଜାୟ ରହିବାରେ ଅସମର୍ଥ ହୁଅନ୍ତି ତେବେ ସମ୍ପୂର୍ଣ୍ଣ ବଜାର ବା ହାଟକୁ ସିଲ୍ କରିଦିଆଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଭିମ୍‌ସାରରେ କରୋନା ପରୀକ୍ଷାକୁ ସ୍ୱାଗତ

**ସମ୍ବଲପୁର, ୬।୪ (ବ୍ୟୁରୋ)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ମେଡିକାଲ ଏଣ୍ଡ ରିସର୍ଚ୍ଚ ସେଣ୍ଟର (ଭିମସାର)ରେ ଖୁବ ଶୀଘ୍ର କୋଭିଡ-୧୯ ପରୀକ୍ଷା ଆରମ୍ଭ ହେବ । ଏଥିପାଇଁ ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ ସହ ସମସ୍ତ ସୁବିଧା ଯୋଗାଇ ଦେବାକୁ କହିଛନ୍ତି । ଭିମସାରରେ ପରୀକ୍ଷା କେନ୍ଦ୍ର ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି । ପରୀକ୍ଷା କିଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେଇ ଶୀଘ୍ର ଆରମ୍ଭ କରାଯିବ ବୋଲି କରୋନା ପରିଚାଳନା ମୁଖପାତ୍ର ସୁବ୍ରତ ବାଗ୍‌ଚି ସୋମବାର ସୂଚନା ଦେଇଛନ୍ତି । ଭିମସାରରେ ପଶ୍ଚିମ ଓଡିଶାବାସୀ ନିର୍ଭର କରନ୍ତି । ବିଭିନ୍ନ ଜିଲାରେ ସଂକ୍ରମଣ ସଂଖ୍ୟା ଏବେ ବଢ଼ିବାରେ ଲାଗିଛି । ଏଠାରେ ପରୀକ୍ଷା କେନ୍ଦ୍ର ହେଲେ ପଶ୍ଚିମ ଓଡିଶାର ଜିଲାଗୁଡିକ ଲାଭ ପାଇପାରିବେ । ସମ୍ବଲପୁର ସମେତ ବିଭିନ୍ନ ଜିଲାର ସଂଦିଗ୍ଧମାନଙ୍କୁ ରକ୍ତ ଓ ସ୍ୱାବ ପରୀକ୍ଷା ହୋଇପାରିବ । ଏହି ଖବର ପ୍ରଚାର ହେବା ପରେ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଇଛି। ବୁର୍ଲା ଭିମସାର କର୍ତ୍ତୃପକ୍ଷ ତଥା ଜୁନିୟର ଡାକ୍ତର ସଂଘ ସଭାପତି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଏହା କରୋନା ମୁକାବିଲାରେ ସହଯୋଗ ହୋଇପାରିବ। ରକ୍ତ ପରୀକ୍ଷା ରିପୋର୍ଟକୁ ଆଧାର କରି ସନ୍ଦିଗ୍ଧ ମାନଙ୍କୁ ଶୀଘ୍ର ଚିକିତ୍ସା କରାଯାଇପାରିବ । ଏହାସହ ଅଧିକ ସନ୍ଦିଗ୍ଧଙ୍କ ପରୀକ୍ଷା ହୋଇପାରିବ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୨୦ ତାରିଖରେ ଜୁନିୟର ଡାକ୍ତର ସଂଘ ପକ୍ଷରୁ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଦାବିପତ୍ର ପ୍ରଦାନ କରି ପଶ୍ଚିମ ଓଡିଶାର ଭିମସାରରେ କୋଭିଡ- ୧୯ ପରୀକ୍ଷା କେନ୍ଦ୍ର ଖୋଲାଯିବାକୁ ଦାବି କରିଥିଲେ। ଏହାସହ ବିଭିନ୍ନ ସାମାଜିକ ଅନୁଷ୍ଠାନ ସଦସ୍ୟ, ମିଶନ ଭିମସାର ପକ୍ଷରୁ ମଧ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗକୁ ଦାବିପତ୍ର ଦିଆଯାଇଥିଲା ।

### ସେକ୍ସନ ଅଫିସର ନିଲମ୍ବିତ

ବୌଦ୍ଧ, ୬।୪(ସ୍ୱ.ପ୍ର): କୋଭିଡ ୧୯ ପାଇଁ ପ୍ରଶାସନ ସକ୍ରିୟ ରହିଥିବା ବେଳେ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା ଅଭିଯୋଗରେ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟର ସେକ୍ସନ ଅଫିସର ଭଗବାନ ଦଳେଇ ନିଲମ୍ବିତ ହୋଇଛନ୍ତି। ଜିଲାପାଳ ଲଲାଟେନ୍ଦୁ ମିଶ୍ର ତାଙ୍କୁ କାର୍ଯ୍ୟରୁ ନଲମ୍ବିତ କରିଛନ୍ତି। ଦଳେଇ ଅଫିସ କାର୍ଯ୍ୟରେ ଅବହେଳା କରିବା ସହିତ ଉପରିସ୍ଥ ଅଧିକାରୀଙ୍କ ଆଦେଶକୁ ବେଖାତିର କରୁଥିବା ଅଭିଯୋଗ ହୋଇଥିଲା।

### ବାର୍ହା ଆକ୍ରମଣରେ ଦମ୍ପତି ଗୁରୁତର

କୁଆଁରମୁଣ୍ଡା, ୬।୪ (ଡି.ଏନ.ଏ.): କୁଆଁରମୁଣ୍ଡା ଲୋଡୋମୋରା ଜଙ୍ଗଲକୁ ମହୁଲ ଗୋଟାଇବାକୁ ଯାଇ ସୋମବାର ସକାଳେ ଏକ ଦମ୍ପତି ଲୋଡୋମୋରା ଗାଁର ଅଗପିତ୍ ଡାଙ୍ଗ ଓ ସ୍ତ୍ରୀ ନିମନ୍ତୀ ଡାଙ୍ଗ ଗୁରୁତର ହୋଇଛନ୍ତି। କୁଆଁରମୁଣ୍ଡା ରେଞ୍ଜ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ରାଉରକେଲା ସରକାରୀ ହସ୍ପିଟାଲକୁ ପଠାଇଛନ୍ତି ।

# ଫେରିଲା ବର୍ତ୍ତନିଆ ପରମ୍ପରା

**ସମ୍ବଲପୁର,୬।୪(ବ୍ୟୁରୋ)**

କରୋନା ଭୂତାଣୁର ମୁକାବିଲା ପାଇଁ ଲକ୍‌ଡାଉନ୍ କଟକଣା ଲାଗୁ କରାଯାଇଛି। ଏହା ଫଳରେ ନିତିଦିନିଆ ଜୀବନରେ ପରିବର୍ତ୍ତନ ଆସିଛି । ଗାଁରୁ ସହର ସବୁଠି କଟକଣାକୁ ପାଳନ କରାଯାଉଛି। ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡିଦେଲ ସମସ୍ତ ଦୋକାନ ବଜାର ବନ୍ଦ ରହିଛି । ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ କେବଳ ଲୋକମାନେ ବାହାରି ପାରିବେ ବୋଲି କଡା ନିର୍ଦ୍ଦେଶ ରହିଛି। ଏଭଳି ସ୍ଥିତିରେ କିଛି ପୁରୁଣା ପରମ୍ପରା ପୁଣି ଫେରିଛି। ହୁଏତ ତାହା କିଛି ସମୟ ପାଇଁ ହୋଇଥାଇପାରେ। ହେଲେ ଆଧୁନିକ ଜୀବନ ବିତାଉଥିବା ଆଜିର ମଣିଷକୁ କରୋନା ଏବେ ବର୍ତ୍ତନିଆ ପରମ୍ପରାକୁ ଫେରାଇ ଦେଇଛି। ପୂର୍ବରୁ ବାରିକମାନେ ଯେଭଳି ଘରକୁ ଯାଇ ଲୋକଙ୍କ କେଶ, ଦାଢି କାଟୁଥିଲେ ଏବେ ସେଭଳି କାମ କରୁଥିବା ଦେଖାଯାଇଛି। ନିୟମିତ ଗ୍ରାହକମାନଙ୍କ ପାଖକୁ ଯାଇ ଏମାନେ ସେବା ଯୋଗାଇ ଦେଇଛନ୍ତି। ସେମାନଙ୍କ ମଧ କିଛି ଟଙ୍କା ରୋଜଗାର ହୋଇଯାଉଛି। ଜଣେ ଗ୍ରାହକ କହିଛନ୍ତି ଯେ, କଟକଣା ହେବା ପରେ ଘରେ ଦାଢି କାଟି ହେବ। ହେଲେ କେଶ କାଟିବା ସମ୍ଭବ ନୁହେଁ । ତେଣୁ ଭଣ୍ଡାରୀଙ୍କୁ ଘରକୁ ଡାକି କାଟିବାକୁ ପଡୁଛି। ସେହିପରି ଜଣେ ବାରିକ ମଧ କହିଛନ୍ତି ଯେ, ଦୋକାନରେ ଯାହା ରୋଜଗାର ହେଉଥିଲା ସେଥିରେ ପରିବାର ପୋଷଣ ହେଉଥିଲା । ଏବେ ତାହା ବନ୍ଦ ହୋଇଯାଇଛି। ଏବେ ଗ୍ରାହକ ଡାକିଲା ପରେ କିଛି ରୋଜଗାର ହେଉଛି । ରାସ୍ତାରେ ଗଲା ସମୟରେ ପୋଲିସକୁ ଭୟ ମଧ ରହୁଛି । ଲୁଚି ଛପି ଯିବାକୁ ପଡୁଛି ବୋଲି କହିଥିଲେ । କରୋନା କଟକଣା ଓ ସଚେତନତା ଉପରେ ଅବଗତ ରହିଛି । ତେଣୁ ସାମଗ୍ରୀକୁ ସାନିଟାଇଜ କରିବାକୁ ପଡୁଛି । ଭଲ ଭାବେ ହାତ ସାବୁନରେ ଧୋଇ ଲୋକମାନଙ୍କ ପାଖକୁ ଯାଉଛନ୍ତି।



ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବାରିକ ଜଣେ ବ୍ୟକ୍ତିଙ୍କୁ ଖିଅର କରୁଛନ୍ତି ।

### ସଙ୍ଗରୋଧ କେନ୍ଦ୍ରରୁ ଯୁବକ ପଳାଇଲେ

**ବଡଗାଁ, ୬।୪ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ଗ୍ରାମର ସ୍କୁଲରେ ଖୋଲାଯାଇଥିବା ସଙ୍ଗରୋଧ କେନ୍ଦ୍ରରୁ ରବିବାର ସନ୍ଧ୍ୟାରେ ଜଣେ ଯୁବକ ପାଚେରି ଡେଇଁପଳାଇଛନ୍ତି। ଏହିଘଟଣା ଜଣାପଡିବା ପରେ ସ୍ଥାନୀୟ ଜନପ୍ରତିନିଧିମାନେ ତାଙ୍କୁ ପୁଣି କେନ୍ଦ୍ରକୁ ଆଣିଥିଲେ । ହେଲେ ସେ ହୋହଲ୍ଲା କରିବାରୁ ଡାକ୍ତରୀ ଦଳ ଆସି ସଂପୃକ୍ତ ଯୁବକଙ୍କୁ ରାତିରେ ତାଙ୍କ ଘରେ ଛାଡିଛନ୍ତି। ପଟୁଆବେଡାର ଏହି ଯୁବକ ଜଣକ ଚେନ୍ନାଇରୁ ଫେରିବା ପରେ ତାଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ସନ୍ଧ୍ୟାରେ ତାଙ୍କର କେତେଜଣ ସାଙ୍ଗ ଆସି ତାଙ୍କୁ ସାଥିରେ ନେଇ ଯାଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସେ କହିଲେ, ସୋମବାର ସକାଳେ ତାଙ୍କୁ ଛାଡିବାର ଥିଲା। କିନ୍ତୁ ସେ କେନ୍ଦ୍ରରୁ ଲୁଚି ପଳାଇଥିଲେ। ପୁଣି ତାଙ୍କୁ କେନ୍ଦ୍ରକୁ ଅଣାଯାଇଥିଲା ।

### ଦୁର୍ବ୍ୟବହାର କରି ୱାର୍ଡମେମ୍ବର ଗିରଫ

**ମନମୁଣ୍ଡା, ୬।୪ (ଡି.ଏନ.ଏ.)**

ବୌଦ୍ଧ ଜିଲା ମନମୁଣ୍ଡାରେ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ଜଣେ ୱାର୍ଡମେମ୍ବର ଦୁର୍ବ୍ୟବହାର କରିଛନ୍ତି। ମନମୁଣ୍ଡା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ମନମୁଣ୍ଡା ଥାନା ମନୁପାଲି ପଞ୍ଚାୟତ ଜମଟାଙ୍ଗିର ୱାର୍ଡମେମ୍ବର ମହେଶ୍ୱର ସାହୁ (୪୦)। ଅଭିଯୁକ୍ତ ଉକ୍ତ ସ୍ୱାସ୍ଥ୍ୟ କର୍ମୀଙ୍କୁ ଅଟକାଇ ମାସ୍କ ମାଗିଥିଲେ। ହେଲେ ମାସ୍କ ନ ଥିବା କହିବାରୁ ଅଭିଯୁକ୍ତ ତାଙ୍କୁ ଦୁର୍ବ୍ୟବହାର କରିଥିବା ଥାନାରେ ଅଭିଯୋଗ ହୋଇଥିଲା ।




ସୋମବାର ଭୁବନେଶ୍ୱରର ବିଭିନ୍ନ ପରିବା ହାଟରେ ଲୋକଙ୍କ ଗହଳି।



ବମିଖାଲ ଅଞ୍ଚଳ ସିଲ୍ ।



ଜଣେ ଅମାନିଆଙ୍କୁ ପୋଲିସର ମାଡ଼ ।



କାମ ଆଶାରେ ମହିଳାମାନେ ଚାଲିଚାଲି ଯାଉଛନ୍ତି।



ଟ୍ରାଫିକ୍ ପୋଲିସ କର୍ମଚାରୀ ପାରାଙ୍କୁ ଖାଇବାକୁ ଦେଉଛନ୍ତି।



ଅସହାୟଙ୍କୁ ଖାଦ୍ୟ ବଣ୍ଟନ।



ଖୋର୍ଦ୍ଧା ସହରରେ ଜଣେ ବାଇକ୍ ଚାଳକଙ୍କୁ ଅଟକାଇ ପୋଲିସ ପଚରା ଉଚରା କରୁଛି ।

# ଓଡ଼ିଶାରୁ ବଢ଼ିଛି ଜିଏସ୍‌ଟି ଆଦାୟ

- ଏସ୍‌ଜିଏସ୍‌ଟି ୨୪ %, ସିଜିଏସ୍‌ଟି ୨୩% ଅଭିବୃଦ୍ଧି
- ପେଟ୍ରୋଲିୟମ୍, ମାଦକଦ୍ରବ୍ୟ ଭାଟ୍ ଆଦାୟ ବଢ଼ିଲା

**କଟକ ଅଫିସ୍,୬।୪**

୨୦୧୯-୨୦ ଆର୍ଥିକ ବର୍ଷରେ ଓଡ଼ିଶାରେ ଦ୍ରବ୍ୟ ଏବଂ ସେବା ଟିକସ(ଜିଏସ୍‌ଟି) ଆଦାୟରେ ଅଭିବୃଦ୍ଧି ଘଟିଛି । ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) ଏହି ଆର୍ଥୀକ ବର୍ଷରେ ୨୪.୪୬% ବଢ଼ିଛି । ୨୦୧୮-୧୯ ଆର୍ଥିକ ବର୍ଷରେ ଏସ୍‌ଜିଏସ୍‌ଟି ୭୦୦୮.୦୭ କୋଟି ଥିବା ବେଳେ ୨୦୧୯-୨୦ ଆର୍ଥିକ ବର୍ଷରେ ୮, ୭୨୨କୋଟିରେ ପହଞ୍ଚିଛି। ସେହିଭଳି କେନ୍ଦ୍ର ଜିଏସ୍‌ଟି(ସିଜିଏସ୍‌ଟି)ରେ ମଧ୍ୟ ଅଭିବୃଦ୍ଧି ଦେଖିବାକୁ ମିଳିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ସିଜିଏସ୍‌ଟି ଆଦାୟ ଥିଲା ୫୨୯୬.୦୭ କୋଟି ଟଙ୍କା ଥିବା ବେଳେ ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ୬୫୩୪.୩୬ କୋଟି ରହିଛି। ଅର୍ଥାତ ଏଥିରେ ୨୩.୩୮% ଅଭିବୃଦ୍ଧି ହୋଇଥିବା ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା ଟିକସ ଆୟୁକ୍ତ ସୁଶୀଲ କୁମାର ଲୋହାନୀଙ୍କ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ସେ କହିଛନ୍ତି ବର୍ତ୍ତମାନ କରୋନା ଭୂତାଣୁ ଯୋଗୁ ଘରୋଇ ବଜାର ବ୍ୟାପକ କ୍ଷତି ସହୁଥିଲେ ମଧ୍ୟ ଓଡ଼ିଶାରେ ଜିଏସ୍‌ଟି ଆଦାୟ କ୍ଷେତ୍ରରେ ଏହାର ବିଶେଷ ପ୍ରଭାବ ପଡ଼ିନାହିଁ । ପୂର୍ବ ବର୍ଷର ମାର୍ଚ୍ଚ ତୁଳାନରେ ମୋଟ ଜିଏସ୍‌ଟି(ସିଜିଏସ୍‌ଟି, ଆଇଜିଏସ୍‌ଟି, ଏସ୍‌ଜିଏସ୍‌ଟି ଏବଂ ସେସ୍) ଆଦାୟରେ ଅଭିବୃଦ୍ଧି ଦେଖାଦେଇଛି । ଏଥି ସହ ୨୦୧୮-୧୯ ଆର୍ଥିକ ବର୍ଷରେ ମୋଟ ଜିଏସ୍‌ଟି ୨୬,୯୫୧.୭ କୋଟି ଥିବା ବେଳେ ୨୦୧୯-୨୦ରେ ୨୯, ୬୭୭.୨୬ କୋଟି ଛୁଇଁଛି, ଯାହା ୧୦.୧୧ ପ୍ରତିଶତ ଅଭିବୃଦ୍ଧି ଅଧିକ।

ଅତିରିକ୍ତ ଟିକସ(ସେସ୍) ସଂଗ୍ରହ କ୍ଷେତ୍ରରେ ମଧ୍ୟ ୧.୪୪%ର ସାମାନ୍ୟ ବୃଦ୍ଧି ପରିଲକ୍ଷିତ ହୋଇ ୫୭୨୨.୫୮ କୋଟି ଟଙ୍କା ରହିଛି । ସମନ୍ୱିତ ଜିଏସ୍‌ଟି କ୍ଷେତ୍ରରେ ଆଦାୟ -୩.୩୨% ରହି ୮୭୦୭.୩୮ କୋଟି ଟଙ୍କା ରହିଛି। ୨୦୧୯-୨୦ ବର୍ଷରେ ୪୯,୨୪୯ ନୂତନ ଟିକସଦାତାଙ୍କୁ ଓଡିଶାରେ ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଯାଇଛି। ଅଣ ଜିଏସ୍‌ଟି ରାଜସ୍ୱ ଉତ୍ସ ମଧ୍ୟରେ ପେଟ୍ରୋଲିୟମ ଉତ୍ପାଦ ଉପରେ ଭାଟ୍ ସଂଗ୍ରହ ୦.୧୮% ଅଭିବୃଦ୍ଧିରେ ୫୬୭୯.୨୫ କୋଟି ଟଙ୍କା ରହିଛି । ସେହିଭଳି ମାଦକଦ୍ରବ୍ୟ ଉପରେ ଭାଟ୍ ସଂଗ୍ରହ ମଧ୍ୟ ବଢ଼ିଛି । ୮.୩୭% ଅଭିବୃଦ୍ଧି ଘଟି ସଂଗ୍ରହ ହୋଇଛି ୧୭୬୭.୪୪ କୋଟି । ବୃତ୍ତିଗତ ଟିକସ ସଂଗ୍ରହରେ ୫.୫୪% ଅଭିବୃଦ୍ଧି ହାରରେ ୨୧୫.୧୦ କୋଟି ସଂଗ୍ରହ ହୋଇଛି ।

## ଟିକସଦାତାଙ୍କୁ ସରକାରଙ୍କ ରିହାତି

କରୋନା ଭୂତାଣୁର ପ୍ରଭାବ ଯୋଗୁ ରାଜ୍ୟ ସରକାରଙ୍କ ତରଫରୁ ଟିକସଦାତାଙ୍କୁ ଅନେକ ପ୍ରକାର ରିହାତି ଦିଆଯାଇଛି। ମାର୍ଚ୍ଚ, ଏପ୍ରିଲ୍ ଏବଂ ମେ'ରେ ଜିଏସ୍‌ଟିଆର-୩ବି ଦାଖଲ କରିବାର ଶେଷ ତାରିଖ ଜୁନ୍ ଶେଷ ସପ୍ତାହକୁ ବୃଦ୍ଧି କରାଯାଇଛି । ପୂର୍ବ ବର୍ଷର ୫କୋଟିରୁ କମ୍ ଟର୍ନଓଭର୍ ଥିବା ଟିକସଦାତାଙ୍କ ପାଇଁ ଏହି ସୁବିଧା କରାଯାଇଛି । ଏଥି ପାଇଁ ସେମାନଙ୍କୁ କୌଣସି ସୁଧ, ବିଳମ୍ବ ଶୁଳ୍କ କିମ୍ବା ଜରିମାନା ଦେବାକୁ ପଡିବନି। ଉପରୋକ୍ତ ସମୟ ପାଇଁ ୫କୋଟି ଟଙ୍କାରୁ ଅଧିକ ଟର୍ନଓଭର୍ ଥିବା ଟିକସଦାତାଙ୍କୁ ୧୮% ବାର୍ଷିକ ସୁଧହାର ପରିବର୍ତ୍ତେ ୯% ସୁଧହାର ଧାର୍ଯ୍ୟ ତାରିଖର ୧୫ ଦିନ ପରଠାରୁ ଦେବାକୁ ପଡ଼ିବ । ଯଦି ସେମାନେ ଜୁନ୍ ୩୦ ତାରିଖ ମଧ୍ୟରେ ରିଟର୍ଣ୍ଣ ଦାଖଲ କରନ୍ତି, ସେମାନଙ୍କୁ କୌଣସି ବିଳମ୍ବ ଶୁଳ୍କ କିମ୍ବା ଜରିମାନା ଦେବାକୁ ପଡ଼ିବ ନାହିଁ। ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଜିଏସ୍‌ଟି ବାର୍ଷିକ ରିଟର୍ନ ଦାଖଲର ଶେଷ ତାରିଖ ୨୦୨୦ ମାର୍ଚ୍ଚ ୩୧ ତାରିଖ ଥିବା ବେଳେ ଏହାକୁ ଜୁନ୍ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ମାର୍ଚ୍ଚ ୨୦ରୁ ଏପ୍ରଲ୍ ୧୫ ତାରିଖ ପର୍ଯ୍ୟନ୍ତ ବୈଧତା ଥାଇ ବାହାର କରାଯାଇଥିବା ଇ-ୱେବିଲ୍‌ର ବୈଧତାକୁ ଏପ୍ରଲ୍ ୩୦ ତାରିଖ ପର୍ଯ୍ୟନ୍ତ ବଢ଼ାଯାଇଛି । ସେହିପରି କୌଣସି ପ୍ରୋସିଡିଂ ଶେଷ କରିବା, ଆଦେଶ ଘୋଷଣା କରିବା, କୌଣସି ଅପିଲ୍ ବା ଅଭିଯୋଗ ଦାଖଲ କରିବା, ଉତ୍ତର କିମ୍ବା ଦରଖାସ୍ତ ଦାଖଲର ଶେଷ ତାରିଖକୁ ମଧ୍ୟ ମଧ୍ୟ ଜୁନ୍ ୩୦କୁ ବଢ଼ାଯାଇଛି । ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ନେବାର ୧୦% ପ୍ରତିବନ୍ଧକକୁ ସରକାର ଫେବୃୟାରୀରୁ ଅଗଷ୍ଟକୁ ସ୍ଥଗିତ ରଖାଯାଇଥିବା କମିଶନର୍ ଲୋହାନୀ ପ୍ରକାଶ କରିଛନ୍ତି।

# କୃଷି କାର୍ଯ୍ୟ ବାଧାପ୍ରାପ୍ତ ନ ହେଉ: ମନ୍ତ୍ରୀ

**ଭୁବନେଶ୍ୱର, ୬।୪(ବ୍ୟୁରୋ)**

କରୋନା ଭୂତାଣୁ ସଂକ୍ରମଣ (କୋଭିଡ୍-୧୯)ର ମୁକାବିଲା କରିବା ଲାଗି ଓଡ଼ିଶା ସମେତ ସାରା ଦେଶରେ ଲକ୍‌ଡାଉନ୍ ଜାରି କରାଯାଇଛି । ଏହି କାରଣରୁ ରାଜ୍ୟରେ ସ୍ୱାଭାବିକ କୃଷି କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହୁଏ ସେଥିପାଇଁ ପଦକ୍ଷେପ ନେବାକୁ ଜିଲାସ୍ତରୀୟ କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସାମାଜିକ ଦୂରତ୍ୱକୁ ରକ୍ଷାକରି କୃଷି କାର୍ଯ୍ୟ ଜାରି ରଖିବା ଓ ଖାଦ୍ୟଶସ୍ୟ ଅମଳ ଓ ବିକ୍ରିବଟାକୁ ସୁନିଶ୍ଚିତ କରିବା ଉଦ୍ଦେଶରେ ସୋମବାର କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମସ୍ତ ଜିଲାର ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲାପାଳମାନଙ୍କ ପରାମର୍ଶକ୍ରମେ ଷ୍ଟାଣ୍ଡାର୍ଡ ଅପରେଟିଂ ବ୍ୟବସ୍ଥା ଅବଲମ୍ବନ କରି କୃଷି କାର୍ଯ୍ୟ କରିବାକୁ ଜିଲା କୃଷି ଅଧିକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । କୃଷି କାର୍ଯ୍ୟ ଯେପରି ଠିକ୍ ସମୟରେ ହୋଇପାରିବ ସେଥିଲାଗି ଉଭୟ ସ୍ୱଳ୍ପ ଓ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବା ନେଇ ଗୁରୁତ୍ୱ ଦେଇଛନ୍ତି। ଖରିଫ୍ ନିମନ୍ତେ ଚାଷୀମାନେ ଯେପରି ସୁବିଧାରେ ବିହନ, ସାର ଓ କୀଟନାଶକ ପାଇପାରିବେ ଆଗୁଆ ପ୍ରସ୍ତୁତି ପାଇଁ ମନ୍ତ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟାପ୍ତ ପରିମାଣର ଧାନ ବିହନ ଚାଷୀମାନଙ୍କ ପାଇଁ ବିହନ ବିକ୍ରୟ କେନ୍ଦ୍ରରେ ଉପଲବ୍ଧ କରାଇବା ସହ ଆବଶ୍ୟକ ସାର ଓ କୀଟନାଶକ ଆଦି ମହଜୁଦ ରଖିବା ଉପରେ ମଧ ଆଲୋଚନା କରିଛନ୍ତି। ଏହାସହ ସମସ୍ତ କୃଷି ଯନ୍ତ୍ରପାତି ଯେପରି ସହଜରେ ଉପଲବ୍ଧ ହୋଇପାରିବ ସେଥିଲାଗି ଆଗୁଆ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ କୁହାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ରବି ଫସଲର ଅମଳ ସହିତ ଏହାର ସଂଗ୍ରହ ନିମନ୍ତେ ମଣ୍ଡି ଖୋଲିବାକୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବା ପାଇଁ କୁହାଯାଇଛି। ଚାଷୀମାନଙ୍କ ଉତ୍ପାଦିତ ଦ୍ରବ୍ୟର ସିଧାସଳଖ ବିକ୍ରି ସହିତ ଇ-ନାମ ପୋର୍ଟାଲ ଜରିଆରେ ବିକ୍ରି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମେତ ଅନ୍ୟାନ୍ୟ ଯୋଜନାରେ ଉଦ୍ୟାନ କୃଷି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି। ଏଥି ସହିତ ଫାର୍ମ ପଣ୍ଡ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି ।

# ଫେସ୍‌ବୁକ୍ ଲାଇଭ୍‌ରେ ଦେଖିଲେ ମା'ଙ୍କ ଶେଷକୃତ୍ୟ

**କେନ୍ଦ୍ରାପଡ଼ା ଅଫିସ୍, ୬।୪**

ମହାମାରୀ କରୋନା ସଂକ୍ରମଣରେ ବିଶ୍ୱବ୍ୟାପୀ ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଭାରତରେ ପାଖାପାଖି ସାଢ଼େ ୪ ହଜାର ଲୋକ ସଂକ୍ରମିତ ହୋଇସାରିଲେଣି। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ଭୂତାଣୁ ସଂକ୍ରମଣ ପ୍ରତିହତ କରିବା ପାଇଁ ସାରାଦେଶକୁ ଆସନ୍ତା ୧୪ ତାରିଖ ଯାଏ ଲକ୍‌ଡାଉନ୍ କରାଯାଇଛି। ହେଲେ ଦି'ପଇସା ରୋଜଗାର ପାଇଁ ଘରଠାରୁ ଦୂରରେ ରହୁଥିବା ଲୋକଙ୍କ ମଧ୍ୟରୁ କେତେଜଣ ନିଜ ଗାଁ ଓ ପରିବାର ପାଖରେ ଆସି ପହଞ୍ଚି ଯାଇଥିବା ବେଳେ ଅନେକେ ଏବେ ବି ରାଜ୍ୟ ବାହାରେ ରହିଯାଇଛନ୍ତି। ଗାଡ଼ିମୋଟର ବନ୍ଦ ଯୋଗୁ ଗାଁକୁ ଆସିବା ଅସମ୍ଭବ ହୋଇଥିବା ବେଳେ କେତେଜଣ ଆତ୍ମୀୟଙ୍କ ଶେଷକୃତ୍ୟରେ ମଧ ସାମିଲ ହୋଇପାରୁନାହାନ୍ତି। ଏଭଳି ଅସମୟରେ ସୋସିଆଲ ମିଡିଆ ଲୋକମାନଙ୍କୁ ବେଶ୍ ସହାୟକ ହେଉଥିବା ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ା ଜିଲାର କେତେଜଣ ଫେସ୍‌ବୁକ୍ ଲାଇଭ୍ ଯୋଗେ ସମ୍ପର୍କୀୟଙ୍କ ଅନ୍ତିମ ଯାତ୍ରାରେ ଯୋଗଦେବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି।

କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରଠାରେ ଗତ ଶନିବାର ଜଣେ ୮୪ ବର୍ଷୀୟ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା । ହେଲେ ବାଙ୍ଗାଲୋରରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ତାଙ୍କ ପୁଅ ରବୀନ୍ଦ୍ରନାଥ ରାଉତ (୫୭) ମା'ଙ୍କ ଶେଷକୃତ୍ୟରେ ସାମିଲ ହୋଇପାରି ନ ଥିଲେ। ବହୁ ଉଦ୍ୟମ କଲା ପରେ ବି ମା'ର ଶେଷ ଦର୍ଶନ କରିପାରି ନ ଥିଲେ ବି ଫେସ୍‌ବୁକ୍ ଲାଇଭ୍ ଯୋଗେ ଶେଷକୃତ୍ୟରେ ଦେଖିପାରିଥିଲେ ବୋଲି ରବୀନ୍ଦ୍ରନାଥ କହିଛନ୍ତି। ସେ କହିଛନ୍ତି, ମା'ଙ୍କ ମୃତ୍ୟୁ ଖବର ପାଇବା ପରେ ଘରକୁ ଫେରିବାକୁ ବିଭିନ୍ନ ମାଧ୍ୟମ ଖୋଜିଥିଲେ। କିନ୍ତୁ ଲକ୍‌ଡାଉନ୍ ଯୋଗୁ ଯାଇପାରି ନ ଥିଲେ। ଏପରିକି ଚାରିଚକିଆ ଗାଡ଼ିରେ ବାଙ୍ଗାଲୋରରୁ ଘରକୁ ଯିବା ପାଇଁ ପ୍ରଶାସନ ନିକଟରେ ଆବେଦନ କରିଥିଲେ ବି ତାହା ସମ୍ଭବ ହୋଇ ନ ଥିଲା । ତେଣୁ ଫେସ୍‌ବୁକ୍ ଲାଇଭ୍ ଯୋଗେ ହିଁ ମା'ଙ୍କ ଶେଷକୃତ୍ୟ ଦେଖିଥିବା ସେ କହିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ବାଲିଝରି ଗ୍ରାମର ଆଶାକର୍ମୀ ପ୍ରମିଳା ବସନ୍ତିଆ(୪୯)ଙ୍କର ଗତ ଶୁକ୍ରବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କର ଦୁଇ ପୁଅ ଦୀପ୍ତିରଞ୍ଜନ ଓ ରାଧାକାନ୍ତ ମୁମ୍ବାଇରେ ଏକ କାଠ କାରଖାନାରେ କାର୍ଯ୍ୟ କରୁଥିବା ବେଳେ ଲକ୍‌ଡାଉନ୍ ଯୋଗୁ ମା'ଙ୍କ ଅନ୍ତିମ ସଂସ୍କାରରେ ସାମିଲ ହୋଇପାରି ନାହାନ୍ତି। ଗ୍ରାମର ପ୍ରତାପଚନ୍ଦ୍ର ମହାନ୍ତି କହିଛନ୍ତି ଯେ, ଗ୍ରାମର ମାତ୍ର ୭ ଜଣଙ୍କୁ ଅନ୍ତିମ ସଂସ୍କାର ବେଳେ ସାମିଲ କରାଯାଇଥିଲା। ଲକ୍‌ଡାଉନ୍ ନିୟମ ଅନୁଯାୟୀ ସାମାଜିକ ଦୂରତ୍ୱକୁ ମଧ ଗୁରୁତ୍ୱ ଦିଆଯାଇଥିଲା। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୮ରୁ ଅଦ୍ୟାବଧି କେନ୍ଦ୍ରାପଡ଼ା ଜିଲାକୁ ୫୯୧ ଜଣ ବିଦେଶରୁ ଓ ୮୮୬୯ ଜଣ ରାଜ୍ୟ ବାହାରୁ ଆସିଛନ୍ତି। ଏଥିସହ ଅନେକ ଲୋକ ଜିଲା ବା ରାଜ୍ୟ ବାହାରେ ଫସି ରହିଛନ୍ତି।

ସୌନ୍ଦର୍ଯ୍ୟ

# ଘରୋଇ ଉପଚାର



**ସାଧାରଣତଃ ଖରାଦିନେ ତ୍ୱଚାର ବିଭିନ୍ନ ସମସ୍ୟା ଦେଖା ଦେଇଥାଏ। କିନ୍ତୁ ଆପଣ ଚାହିଁଲେ ଏହି ସମୟରେ ଘରେ ମିଳୁଥିବା ବିଭିନ୍ନ ପ୍ରକାରର ସାମଗ୍ରୀ ବ୍ୟବହାର କରି ସୁନ୍ଦର ତଥା ଉଜ୍ଜ୍ୱଳ ତ୍ୱଚା ପାଇପାରିବେ...**

**ଲବଙ୍ଗ**

– ଯଦି ଆପଣଙ୍କର ବ୍ରଣ ସମସ୍ୟା ରହିଛି ତେବେ ୧୦ଟି ଲବଙ୍ଗକୁ ଗୁଣ୍ଡ କରି ସେଥିରେ ଦୁଇ ଚାମଚ ପୁଦିନା ରସ ଓ ଏକ ଛୋଟ ଚାମଚ ବେସନ ମିଶାନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ଶୁଖିବା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଶେଷରେ ଥଣ୍ଡା ପାଣିରେ ଭଲଭାବେ ଧୋଇ ଦିଅନ୍ତୁ।

– ୭ଟି ଲବଙ୍ଗ, ଅଳ୍ପ କର୍ପୂର ଓ କିଛି ପୁଦିନା ପତ୍ର ଆଣି ସେସବୁକୁ ଦୁଇ ଲିଟର ପାଣିରେ ମିଶାଇ ଫୁଟାନ୍ତୁ। ପାଣି ଅଧା ହୋଇଯିବା ପରେ ଥଣ୍ଡା କରନ୍ତୁ। ଏହାକୁ ସ୍କିନ୍ ଟନିକ୍ ଭଳି ବ୍ୟବହାର କଲେ ତ୍ୱଚାର ତୈଳ ଅଂଶ କମ୍ ହୋଇଯିବ।

**ଅଣ୍ଡା**

ତ୍ୱଚାରେ ଯଦି କୁଞ୍ଚନ ପଡ଼ିଯାଇଥାଏ ତାହେଲେ ଅଣ୍ଡାର ଧଳା ଅଂଶକୁ ମୁହଁରେ ଲଗାଇ ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ବରଫ କିମ୍ବା ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ।

– ଏକ ଚାମଚ ଅଳାଁ ଗୁଣ୍ଡକୁ ଶିକାକାଇ ଓ ରୀଠା ପାଉଡର ସହିତ ଅଣ୍ଡାକୁ ମିଶାଇ ହେୟାର ପ୍ୟାକ୍ ଭଳି ଲଗାନ୍ତୁ। ଅଧଘଣ୍ଟା ପରେ ଧୋଇ ଦିଅନ୍ତୁ।

**ଆଳୁ**

–ବଟା ହୋଇଥିବା ଏକ ବଡ଼ ଆଳୁରେ ଦୁଇ ଚାମଚ କ୍ଷୀର, ୩–୪ ବୁନ୍ଦା ଗ୍ଲିସେରିନ୍ ମିଶାଇ ମୁହଁରେ ଲଗାନ୍ତୁ। ଶୁଖିଗଲାପରେ ଏହାକୁ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ।

– କେଶକୁ ମଜବୁତ କରିବାକୁ ଚାହୁଁଥିଲେ ୩–୪ଟି ଆଳୁକୁ ବାଟି ତା'ର ରସ ବାହାର କରି ମୁଣ୍ଡରେ ଲଗାନ୍ତୁ। ୨୦ ମିନିଟ ପରେ ମୁଣ୍ଡ ଧୋଇ ଦିଅନ୍ତୁ।



# ଲକ୍‌ଡାଉନ୍‌ରେ ପିଲାଙ୍କୁ ସମ୍ଭାଳିବେ କିପରି

**ଏବେ ଲକ୍‌ଡାଉନ ଯୋଗୁ ସମସ୍ତଙ୍କୁ ଘରେ ରହିବାକୁ ପଡୁଥିବାବେଳେ ପିଲାମାନଙ୍କୁ ସମ୍ଭାଳିବା ମା'ମାନଙ୍କ ପାଇଁ ଏକ ବିରାଟ ଦାୟିତ୍ୱ । ଏସମୟରେ ସେମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା ତଥା ମନକୁ ବୁଝି ସବୁ କାମ କରିବାକୁ ହେବ। ତେଣୁ ଏଭଳି ଏକ ସମୟର ମୁକାବିଲା କରିବା ନିମନ୍ତେ କେତୋଟି ଜାଣିବା କଥା...**

**ଆର୍ଟ ଆଣ୍ଡ କ୍ରାଫ୍ଟ:** ସାଧାରଣତଃ ପିଲାମାନେ ସ୍କୁଲର ପାଠପଢା ଭିତରେ ଏତେ ବ୍ୟସ୍ତ ହୋଇ ରହିଯାନ୍ତି ଯେ କୌଣସି ପ୍ରକାରର ଆର୍ଟ କିମ୍ବା କ୍ରାଫ୍ଟ କରିବାକୁ ସମୟ ପାଇ ନ ଥାନ୍ତି। ତେଣୁ ଏଇ ସମୟରେ ଯେତେବେଳେ ସମସ୍ତଙ୍କୁ ଛୁଟି ମିଳିଛି ସେତେବେଳେ ଅଭିଭାବକମାନେ ପିଲାଙ୍କୁ ଆର୍ଟ ଆଣ୍ଡ କ୍ରାଫ୍ଟ ଆକ୍ଟିଭିଟିଜ୍ ନେଇ ଶିକ୍ଷା ଦିଅନ୍ତୁ। ଯେପରି କି ପେପର କ୍ରାଫ୍ଟ, ବେଲୁନ ଆର୍ଟ ଓ ପେଣ୍ଟିଂ ଆଦି ଶିକ୍ଷା ଦେଇପାରିବେ।

**ଏକାଠି ଖେଳନ୍ତୁ:** ସାଧାରଣତଃ ଆଜିକାଲିର ଆଧୁନିକ ସମୟରେ ଉଭୟ ପିତାମାତା କର୍ମଜୀବୀ ହୋଇଥିବାରୁ ପିଲାମାନଙ୍କ ସହ ସମୟ କଟାଇବାର ସୁଯୋଗ ପାଇ ନ ଥାନ୍ତି। ସେଥିପାଇଁ ସେମାନେ ବାପା ମା'ଙ୍କ ପାଖରେ ରହିଲେ ବହୁତ ଖୁସି ହୋଇଥାନ୍ତି। ତେଣୁ ଏବେ ଆପଣ ପିଲାମାନଙ୍କ ସହ ଏକାଠି ବସି ବିଭିନ୍ନ ପ୍ରକାରର ଇନଡୋର ଗେମ୍ ଯେପରି କି କ୍ୟାରମ, ଲୁଡୁ ଓ ଚେସ୍ ଆଦି ଖେଳ ଖେଳନ୍ତୁ।









**କୁଇଜ୍ ଟେଷ୍ଟ:** ଘରେ ଯଦି ଏକରୁ ଅଧିକ ପିଲା ଅଛନ୍ତି ତେବେ ସେମାନଙ୍କୁ ଛୋଟ ଛୋଟ ସାଧାରଣ ପ୍ରଶ୍ନ ପଚାରନ୍ତୁ। ବେଳେବେଳେ କୁଇଜ୍ ପ୍ରତିଯୋଗିତା କରି ସେମାନଙ୍କୁ ଛୋଟ ଛୋଟ ଉପହାର ଦେବାକୁ ଚେଷ୍ଟା କରନ୍ତୁ। ଦେଶ ଦୁନିଆ ଖବର ବ୍ୟତୀତ ବିଜ୍ଞାନ, ଗଣିତ ଆଦି ବିଭିନ୍ନ ପଢା ବହି ସମ୍ପର୍କରେ ସାଧାରଣ ପ୍ରଶ୍ନ ପଚାରି ସେମାନଙ୍କୁ ଉତ୍ସାହିତ କରନ୍ତୁ। ଏପରି କରିବା ଦ୍ୱାରା ସେମାନଙ୍କର ସମୟ କଟିବା ସହିତ ଜ୍ଞାନ ବୃଦ୍ଧିରେ ସହାୟକ ହୋଇପାରିବ।

**ଗପ କୁହନ୍ତୁ ଓ ଶୁଣନ୍ତୁ:** ପିଲାମାନେ ଗପ ଶୁଣିବାକୁ ଭଲ ପାନ୍ତି। ତେଣୁ ସେମାନଙ୍କୁ ବିଭିନ୍ନ ପ୍ରକାରର ଗପ କହିବା ପରେ ସେମାନଙ୍କ ଠାରୁ ମଧ୍ୟ ଶୁଣନ୍ତୁ। ଏହାଫଳରେ ପିଲାଙ୍କର ମନେ ରଖିବା ଶକ୍ତି ବଢ଼ିବା ସହିତ କ୍ରିଏଟିଭିଟି ମଧ୍ୟ ବୃଦ୍ଧି ପାଇବ।

**ରିଭିଜନ୍ କରନ୍ତୁ:** ପିଲାମାନେ ସ୍କୁଲରେ ଯାହା ସବୁ ପଢ଼ିଛନ୍ତି ସେ ସମ୍ପର୍କରେ ଘରେ ବସି ରିଭିଜନ୍ କରନ୍ତୁ। ଏପରି କରିବା ଫଳରେ ପିଲାଙ୍କର ଟାଇମ୍ ପାସ୍ ହେବା ସହିତ ସେମାନଙ୍କୁ ପରେ ନୂଆ କ୍ଲାସ କରିବା ସହଜ ହୋଇ ଯାଇଥାଏ।

**ମସଲା ଏପରି ଏକ ଜିନିଷ ଯାହା ଖାଦ୍ୟର ସ୍ୱାଦ ବଢାଇଥାଏ, ତରକାରିର ସ୍ୱାଦ ଦ୍ୱିଗୁଣିତ କରିଥାଏ । ଏହା ଗୃହିଣୀମାନଙ୍କ ରୋଷେଇ ଶାଳାର ଅତ୍ୟାବଶ୍ୟକ ଜିନିଷ, ଯାହା ବିନା ଖାଦ୍ୟ ରୁଚିକର ଲାଗେନି । ଏହି ମସଲା ଗୁଡିକ ମଧ୍ୟରେ ରହିଛି ଅନେକ ଔଷଧୀୟ ଗୁଣ । ଏହା ଖାଦ୍ୟକୁ ସୁସ୍ୱାଦୁ କରିବା ସହିତ ଆମ ଶରୀରକୁ ବିଭିନ୍ନ ପ୍ରକାର ଭିଟାମିନ୍ ଯୋଗାଇଥାଏ । ଜାଣିରଖନ୍ତୁ ଏ ସମ୍ପର୍କରେ....**

# ମସଲାର ଔଷଧୀୟ ଗୁଣ



**ଗୁଜୁରାତି/ଅଳେଇଚ–** ଏହି ମିଠା ଓ ରାଗମିଶା ମସଲାର ବିଭିନ୍ନ ଔଷଧୀୟ ଗୁଣ ରହିଛି । ଏହା ପେଟର ବିଭିନ୍ନ ସମସ୍ୟାକୁ ଭଲ କରିଥାଏ । ଏହା ସହିତ ପେଟ ଜ୍ୱଳନରୁ ଆରାମ ଦେଇଥାଏ । ଏହା ପାଟିର ଦୁର୍ଗନ୍ଧକ ମଧ୍ୟ ଦୂର କରିଥାଏ । ଗୁଜୁରାତିରେ ମ୍ୟାଗ୍ନେସିୟମ୍ ଓ ଜିଙ୍କ୍ ପରି ଖଣିଜ ଲବଣ ରହିଛି ।

**ଗୋଲମରିଚ–**ଗୋଲମରିଚକୁ ଗୋଟା, ଶୁଖିଲା ବା ଗୁଣ୍ଡକରି, ଖାଦ୍ୟରେ ଏହାର ବାସ୍ନା ଓ ରାଗ ପାଇଁ ବ୍ୟବହାର କରାଯାଏ । ଏହା ଆମର ପାଚନକ୍ରିୟାକୁ ଗତିଶୀଳ କରାଇଥାଏ ଏବଂ ରକ୍ତ ସଂଚାଳନ ପ୍ରକ୍ରିୟାକୁ ତୀବ୍ର କରିବା ସହିତ ରକ୍ତବାହିକା ନଳୀକୁ ସୁସ୍ଥ ରଖିଥାଏ ।



**ଡାଲଚିନି–** ଡାଲଚିନିର ବ୍ୟବହାର ବହୁ ପ୍ରକାରରେ କରା ଯାଇଥାଏ । କାରଣ ଏହା ସ୍ୱାଦରେ ମିଠା ହୋଇଥିଲେ ମଧ୍ୟ ଏଥିରେ କମ୍ କ୍ୟାଲୋରି ଥାଏ ଏବଂ ସୁଗାର ଫ୍ରି ହୋଇଥାଏ। ଏହାକୁ କଫି, ଚାହା ଓ ଅନ୍ୟାନ୍ୟ ତରକାରି ଇତ୍ୟାଦିରେ ମିଶାଇ ଖିଆ ଯାଇଥାଏ। ଗବେଷଣାରୁ ଜଣାପଡିଛି ଯେ, ଡାଲଚିନି ମେଦ ବହୁଳତା ଦୂର କରିବାରେ ସାହାଯ୍ୟ କରିଥାଏ । ଶରୀରରେ ନଷ୍ଟ ହୋଇ ଯାଇଥିବା ସେଲ୍‌ଗୁଡିକୁ ନୂଆଭାବେ ତିଆରି କରିଥାଏ । ଏହା ଆଭ୍ୟନ୍ତର ଶରୀରର ବ୍ୟାକ୍ଟେରିଆକୁ ମାରିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ।



**ଜୀରା–** ଜୀରା ଏପରି ଏକ ମସଲା ଯାହା ସାରା ଦେଶରେ ରୋଷେଇ ପାଇଁ ମୁଖ୍ୟ ଉପାଦାନ ରୂପେ ବ୍ୟବହାର କରାଯାଏ । ଏଥିରେ ବହୁ ପରିମାଣରେ ଆଇରନ୍ ରହିଛି । ସେଥିପାଇଁ ଓଜନ ହ୍ରାସ କରିବାରେ ଜୀରା ମୁଖ୍ୟ ଭୂମିକା ନିର୍ବାହ କରିଥାଏ ।

**ହଳଦୀ–** ହଳଦୀର ଅନେକ ଔଷଧୀୟ ଗୁଣ ରହିଛି । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ପେଟରୋଗରୁ ଆରାମ ଦେଇଥାଏ । ଗବେଷଣାରୁ ଜଣାପଡିଛି ଯେ, ପ୍ରତିଦିନ ଅଳ୍ପ ପରିମାଣର ହଳଦୀ ଖାଇଲେ ଏହା ଆଲ୍‌ଜିମର ରୋଗକୁ ନିୟନ୍ତ୍ରଣ କରିଥାଏ । ଏହାଛଡା ହଳଦୀ ମସ୍ତିଷ୍କ ବିକୃତିକୁ ବି ଭଲ କରିବାରେ ସାହାଯ୍ୟ କରିଥାଏ ।

# ଘର ପରିବେଶକୁ ଥଣ୍ଡା ରଖୁଥିବା ପ୍ଲାଣ୍ଟ



ଖରାଦିନେ ଅତ୍ୟଧିକ ଗରମରୁ ରକ୍ଷା ପାଇବା ପାଇଁ ଲୋକେ ବିଭିନ୍ନ ପ୍ରକାରର ଉପାୟ ଅବଲମ୍ବନ କରିଥାନ୍ତି। ଅତ୍ୟଧିକ ଗରମ ହେଲେ ଲୋକେ ଏସି ବ୍ୟବହାର କରନ୍ତି। କିନ୍ତୁ ପ୍ରାକୃତିକ ଉପାୟରେ ଆପଣ ଚାହିଁଲେ ନିଜ ଘର ପରିବେଶକୁ ଥଣ୍ଡା ରଖିପାରିବେ। ଏଥିପାଇଁ ଜାଣି ରଖନ୍ତୁ କିଛି ପ୍ଲାଣ୍ଟ ବିଷୟରେ ଯାହା ପରିବେଶକୁ ଥଣ୍ଡା କରିବାରେ ସାହାଯ୍ୟ କରିଥାଏ।

**ସ୍ନେକ୍ ପ୍ଲାଣ୍ଟ:**ଏହା ଏକ ବିଶେଷ ଗୁଣକାରୀ ଉଦ୍ଭିଦ। ଏହି ଗଛ ରାତିରେ ବି ଅମ୍ଳଜାନ ନିଷ୍କାସନ କରିଥାଏ। ସ୍ନେକ୍ ପ୍ଲାଣ୍ଟ କେବଳ ଅଙ୍ଗାରକାମ୍ଳ ଗ୍ରହଣ କରି ନ ଥାଏ ବରଂ ବାୟୁମଣ୍ଡଳରୁ ବିଷାକ୍ତ ଗ୍ୟାସ ଯେପରି କି ନାଇଟ୍ରୋଜେନ୍ ଅକ୍ସାଇଡ୍, ଟ୍ରାଇକ୍ଲୋରୋଏଥିଲିନ୍, ବେଞ୍ଜିନ୍ ଆଦିକୁ ମଧ୍ୟ ଗ୍ରହଣ କରିଥାଏ।

**ଫିକୁସ୍ ଟ୍ରି:**ଏହା ବିପିଙ୍ଗ୍ ଫିଗ୍ ନାଁରେ ବି ପରିଚିତ। ଏହି ଗଛ ଘର ଭିତରର ବାୟୁମଣ୍ଡଳକୁ ବି ପରିଷ୍କାର କରିଥାଏ ଏବଂ ଗରମ ତାପମାତ୍ରାକୁ ଗ୍ରହଣ କରି ନେଇଥାଏ। କମ୍ ପାଣି ଏବଂ କମ୍ ଆଲୋକରେ ବି ଏହି ଗଛ ସହଜରେ ବଢ଼ିପାରେ। ତେଣୁ ତାପମାତ୍ରାକୁ କମ୍ କରିବା ସହ ପ୍ରଦୂଷଣକୁ ବି କମ୍ କରିଥାଏ ଏହି ଗଛ।



**ବେବି ରବର ପ୍ଲାଣ୍ଟ:** ଏହି ଗଛ ବି ବାୟୁମଣ୍ଡଳରୁ ବିଷାକ୍ତ ବାୟୁ ଗ୍ରହଣ କରିବା ସହିତ ଶୀତଳତା ପ୍ରଦାନ କରିଥାଏ। ଏହା ସହିତ ଏହି ଗଛରେ ସବୁଦିନ ପାଣି ଦେବାର ଆବଶ୍ୟକତା ନ ଥାଏ। କିନ୍ତୁ ଭଲ ମାଟି ଓ ଆଲୋକ ଏହା ପାଇଁ ନିହାତି ଆବଶ୍ୟକ।

**ଫର୍ଣ୍ଣ:** ବାୟୁମଣ୍ଡଳରେ ଆର୍ଦ୍ରତା ବଜାୟ ରଖିବାରେ ଏହି ଗଛ ସବୁଠୁ ଭଲ। ବାଲକୋନୀରେ ଏହି ଗଛ ରଖନ୍ତୁ। ଏହା ଫଳରେ ଘରକୁ ସ୍ୱଚ୍ଛ ବାୟୁ ଚଳାଚଳ ସହ ଥଣ୍ଡା ଅନୁଭବ କରିହେବ।

**ଗୋଲ୍ଡେନ୍ ପୋଥୋସ୍:** ଏହି ଗଛକୁ ସିଲଭର ଲାଇନ୍ ବା ଡେବିଲ୍ସ ଏବି ମଧ୍ୟ କୁହାଯାଏ। ଏହାର ପତ୍ର ଦେଖିବାକୁ ବହୁତ ସୁନ୍ଦର ଏବଂ ଏହା ପରିବେଶକୁ ଥଣ୍ଡା ରଖିବାରେ ସହାୟକ ହୋଇଥାଏ। ବଡ଼ କଥା ହେଉଛି ଏହି ଗଛ ଅଧିକ ପାଣି ଆବଶ୍ୟକ କରି ନ ଥାଏ।



# ସାନିଟାଇଜର୍ ବ୍ୟବହାର କରୁଥିଲେ...

**ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଆପଣ ଯେତେ ଅଧିକ ଥର ହାତକୁ ସାବୁନ ଅଥବା ସାନିଟାଜର୍‌ରେ ଧୋଇବେ ସେତେ ଭଲ। କିନ୍ତୁ ସାନିଟାଇଜର ବ୍ୟବହାର କରୁଥିଲେ କେତେକ ଦିଗପ୍ରତି ଧ୍ୟାନ ଦିଅନ୍ତୁ...**

– ସବୁବେଳେ ଆଲକୋହଲ ଥିବା ସାନିଟାଇଜର ବ୍ୟବହାର କରନ୍ତୁ।

– ସାନିଟାଇଜର ବ୍ୟବହାର କରିବା ସମୟରେ ହାତକୁ ଭଲଭାବେ ଶୁଖାଇ ଦିଅନ୍ତୁ। କାରଣ ସଙ୍ଗେ ସଙ୍ଗେ ସାନିଟାଇଜର ଲଗାଇ ହାତ ଧୋଇଦେଲେ ଏହାର ପ୍ରଭାବ କମ୍ ହୋଇ ଯାଇଥାଏ।

– ସାନିଟାଇଜର ବ୍ୟବହାର କରିବା ପରେ ପରେ ହାତ ଧୁଅନ୍ତୁ ନାହିଁ।

– ସାନିଟାଇଜର ଲଗାଇବାବେଳେ ଧ୍ୟାନ ରଖନ୍ତୁ ଯେପରି ଏହା ହାତର ସବୁ ଅଂଶରେ ଲାଗୁଥିବ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ଏପ୍ରିଲ ୭/୨୦୨୦ Tuesday, April 7/2020

## ୨ କୋଟି ଟଙ୍କାର ସାମଗ୍ରୀ ଯୋଗାଇଲା ରାମ୍‌କୋ

**ଭୁବନେଶ୍ୱର,୬।୪:** କରୋନା ମୁକାବିଲା ପଦକ୍ଷେପ ଅନ୍ତର୍ଗତ ରାମ୍‌କୋ ସିମେଣ୍ଟସ ଲିମିଟେଡ ପକ୍ଷରୁ ଓଡିଶା ପାଇଁ ୨ କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ଯୋଗାଣ ହୋଇଛି। ଏହା ମଧ୍ୟରେ ଉନ୍ନତ ମାନ ବିଶିଷ୍ଟ ଅମ୍ଳଜାନ କନସେଣ୍ଟ୍ରେଟର,



ମନିଟର, ପିଇଇ କିଟ୍ ଏବଂ ଥ୍ରି ପ୍ଲାଏ ସର୍ଜିକାଲ ମାସ୍କ ସାମିଲ ରହିଛି। ଚେନ୍ନାଇ, କୋଏମ୍ବାଟୁର, ହାଇଦ୍ରାବାଦ ଏବଂ ପାଲକଡରୁ ସାମଗ୍ରୀ କ୍ରୟ କରାଯାଇ ଓଡିଶା ଷ୍ଟେଟ ମେଡିକାଲ କର୍ପୋରେଶନ ଲିମିଟେଡକୁ ପ୍ରଦାନ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀ ନିକଟରେ ଓଡିଶାର ଯାଜପୁରର ହରିଦାସପୁରସ୍ଥିତ ପ୍ଲାଣ୍ଟ ନିକଟରେ ଏକ ଆଇସୋଲେଶନ ସେଣ୍ଟର ସ୍ଥାପନ କରିଥିବା ସୂଚନା ଦେଇଛି।

## ପେଟ୍ରୋଲ ୧୭%, ଡିଜେଲ ୨୬% ବିକ୍ରି କମିଲା

ଲକ୍‌ଡାଉନ ପାଇଁ ସାରା ଦେଶରେ ପେଟ୍ରୋଲ ଡିଜେଲ ବିକ୍ରି ହ୍ରାସ ଘଟିଛି। ମାର୍ଚ୍ଚରେ ପେଟ୍ରୋଲ ବିକ୍ରି ୧୭.୬% ହ୍ରାସ ଘଟିଥିବା ବେଳେ ଡିଜେଲ ବିକ୍ରି ୨୬% କମିଥିବା ଜଣାପଡିଛି। ସେହିଭଳି ବିମାନ ଇନ୍ଧନ ବା ଏଟିଏଫ୍ ବିକ୍ରିରେ ୩୧.୬% ହ୍ରାସ ହୋଇଛି। ଏବେ ସାରା ଦେଶରେ ବିମାନ ସେବା ଠପ୍ ହୋଇଥିବାରୁ ଏଟିଏଫ୍ ବିକ୍ରି ଖସିଛି। ସେହିଭଳି ଲକ୍‌ଡାଉନ ଯୋଗୁ ଯାନ ବାହାନ ଚଳାଚଳ ଉପରେ କଟକଣା ଲାଗିଥିବା ଗାଡିଗୁଡିକ ଏବେ ଗଡୁ ନ ଥିବାରୁ ଇନ୍ଧନ ବିକ୍ରି ଖସିଛି ବୋଲି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡିକ ପକ୍ଷରୁ ଦିଆଯାଇଥିବା ସୂଚନାରୁ ଏହା ସାମ୍ନାକୁ ଆସିଛି। ଏହି ସମୟରେ କେବଳ ଏଲପିଜି ବ୍ୟବହାରରେ ବୃଦ୍ଧି ଘଟିଛି।

## ପରାମର୍ଶ ଦେଲେ ରଘୁରାମ ରାଜନ

କରୋନା ଭାଇରସ ସମସ୍ୟାରୁ ବାହାରକୁ ବାହାରିବା ଲାଗି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏଭଳି ସ୍ଥିତିରେ ସରକାର ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ସବୁ କାମ କରନ୍ତୁ ବୋଲି ରାଜନ କହିଛନ୍ତି। ସେ ପୁଣି କହିଛନ୍ତି ଯେ, ଭାରତ ବର୍ତ୍ତମାନ ସ୍ୱାଧୀନତା ପରଠାରୁ ସବୁଠୁ ବଡ ଆର୍ଥିକ ଜରୁରିକାଳୀନ ସ୍ଥିତିର ସାମ୍ନା କରୁଛି। ଏହାର ମୁକାବିଲା କରିବା ଲାଗି ବିପକ୍ଷର ବିଶେଷଜ୍ଞଙ୍କ ସହ ମଧ୍ୟ ଆଲୋଚନା କରିବାର ଆବଶ୍ୟକତା ରହିଛି। ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ସମୟରେ ଭାରତର ଅର୍ଥ ବ୍ୟବସ୍ଥା ମଜବୁତ ରହିଥିଲା। ଏହି ସମୟରେ ସ୍ଥିତିକୁ ସମ୍ଭାଳିଥିବା ଲୋକ ବିଶେଷ କରି ପୂର୍ବର ସରକାରରେ ରହିଥିବା ଅନୁଭବି ବ୍ୟକ୍ତିଙ୍କଠାରୁ ମଧ୍ୟ ପରାମର୍ଶ ନେବାକୁ ରାଜନ ମତବ୍ୟକ୍ତ କରିଛନ୍ତି। କରୋନାର ଅଧିକ ପରୀକ୍ଷା ଭାରତରେ ହେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଅଧିକ ସମୟ ଲକ୍‌ଡାଉନ ରଖିବା ବ୍ୟବସ୍ଥା ଲାଗି ଅସୁବିଧା ସୃଷ୍ଟି କରିବାକୁ ଥିବା ବେଳେ ଲକ୍‌ଡାଉନ ଖୋଲିବା ପରେ ତୁରନ୍ତ ଭିତ୍ତିରେ ସରକାର ଯୋଜନା ହାତକୁ ନେବା ଉଚିତ। ପ୍ରୋତ୍ସାହନ ପ୍ରଦାନ କରିବା ଲାଗି ଉପାୟ ଖୋଜିବା ସହ ସୁବିଧା ଖଲୋକଙ୍କ ନିକଟରେ ଯୋଜନାର ଲାଭ କିଭଳି ଠିକ୍ ଭାବେ ପହଞ୍ଚିବ ତାକୁ ଦେଖିବା ଜରୁରୀ ବୋଲି ରାଜନ ସ୍ପଷ୍ଟ କରିଛନ୍ତି।

# ବିଗିଡ଼ିବ ବଜେଟର ସମ୍ପୂର୍ଣ୍ଣ ଗଣିତ

**ନୂଆଦିଲ୍ଲୀ, ୬।୪:** କରୋନା ଯୋଗୁ ସାରା ବିଶ୍ୱର ସ୍ଥିତି ଏବେ ବେହାଲ ହୋଇଛି। ଭାରତରେ ୨୧ ଦିନିଆ ଲକ୍‌ଡାଉନ ଯୋଗୁ ଆର୍ଥିକ କାର୍ଯ୍ୟକଳାପ ବର୍ତ୍ତମାନ ଠପ୍ ହୋଇ ଯାଇଛି। ଏଭଳି ସ୍ଥିତି ଭାରତ ସାମ୍ନା କରିବ ବୋଲି ୨ ମାସ ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୦-୨୧ ଆର୍ଥିକ ବର୍ଷର ସାଧାରଣ ବଜେଟ ଉପସ୍ଥାପନ କରିବା ବେଳେ କେବେ ଚିନ୍ତା କରି ନ ଥିବେ। ୨ ମାସରେ ଏଭଳି ଏକ ଜଟିଳ ସ୍ଥିତି ଆସିବ ଏବଂ ବଜେଟର ସମ୍ପୂର୍ଣ୍ଣ ଗଣିତ ବଦଳିଯିବ କେହି କେବେ ଭାବି ନ ଥିଲେ। ଏଭଳି ସ୍ଥିତିରେ ସରକାରଙ୍କୁ ପୁଣି ଥରେ ନିଜର ଖର୍ଚ୍ଚ ଏବଂ ପ୍ରାଥମିକତାକୁ ବିଚାର କରିବାକୁ ହେବ। ବଜେଟରେ ସରକାର ଯେଉଁ ସବୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ଏବେ ତାର ପ୍ରାସଙ୍ଗିକତା ବଦଳି ଯାଇଛି। କରୋନା କବଳିତ ଅର୍ଥ ବ୍ୟବସ୍ଥା ଉପରେ ରହିଥିବା କଳାବାଦଲକୁ ହଟାଇ ଦେଶକୁ ଏକ ନୂଆ ଦିଗନ୍ତ ଦେବା ସରକାରଙ୍କ ପ୍ରାଥମିକତା ହେବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି।

### ପୁଣି ଥରେ ପ୍ୟାକେଜ ଆସିବ

କରୋନା ଯୋଗୁ ଦେଶର ସାଧାରଣ ଲୋକମାନେ ଯେଭଳି ପ୍ରଭାବିତ ନ ହୁଅନ୍ତି ତାକୁ ଧ୍ୟାନରେ ରଖି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ନିକଟରେ ୧.୭ ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ ଘୋଷଣା କରିଛନ୍ତି। ୨୧ ଦିନିଆ ଲକ୍‌ଡାଉନ ପାଇଁ ସାରା ଦେଶ ସାମ୍ନା କରୁଥିବା ସମସ୍ୟାକୁ ଏବେ ସରକାର ନଜରରେ ରଖିଛନ୍ତି। ବିଭିନ୍ନ ପ୍ରସଙ୍ଗକୁ ବିଚାର କରି ଆଉ ଏକ ବୁଷ୍ଟର ପ୍ୟାକେଜ ଆଣିବା ଦିଗରେ ଅର୍ଥମନ୍ତ୍ରଣାଳୟ ବିଚାର କରୁଛି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

### ନିଯୁକ୍ତି ଉପରେ ସଙ୍କଟ

କରୋନା ପାଇଁ ଦେଶର ଅର୍ଥ ବ୍ୟବସ୍ଥା ଚାପରେ ରହିଥିବା ବେଳେ କମ୍ପାନୀଗୁଡିକ ଏବେ ବନ୍ଦ ପାଇଁ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଆଗାମୀ ଦିନଗୁଡିକରେ ଦେଶରେ ନିଯୁକ୍ତି ସଙ୍କଟ ଦେଖା ଦେବା ନେଇ ଶିଳ୍ପ ପକ୍ଷରୁ ଆଶଙ୍କା ପ୍ରକଟ କରାଯାଇଛି। ଶିଳ୍ପ ସଂଘ ସିଆଇଆଇ ତଥ୍ୟ ମୁତାବକ ଘରୋଇ କମ୍ପାନୀଗୁଡିକର ଆୟ ଏବଂ ଲାଭ କ୍ଷତିଗ୍ରସ୍ତ ହେବା ଯୋଗୁ ଏହାର ପ୍ରଭାବ ଦେଶର ଅଭିବୃଦ୍ଧି ଉପରେ ପଡିବ। ଏଥିପାଇଁ ପ୍ରାୟ ୫୨% ନିଯୁକ୍ତି ସଙ୍କଟ ସ୍ଥିତିକୁ ଆସିପାରେ ବୋଲି ଆକଳନ କରାଯାଇଛି। ସର୍ଭେ ଅନୁସାରେ ଲକ୍‌ଡାଉନ ଉପରେ ୪୭% କମ୍ପାନୀ ୧୫% ଚାକିରି କାଟ କରିପାରନ୍ତି। ସେହିଭଳି ୩୨% କମ୍ପାନୀ ୧୫ରୁ ୩୦% ନିଯୁକ୍ତି ହ୍ରାସ କରିପାରନ୍ତି ବୋଲି ଆକଳନରେ କୁହାଯାଇଛି।

### କମିପାରେ କମ୍ପାନୀଙ୍କ ଆୟ

ସର୍ବେକ୍ଷଣ ଅନୁଯାୟୀ, ଗତ ତ୍ରୈମାସ ଏବଂ ଚଳିତ ତ୍ରୈମାସରେ ଅଧିକାଂଶ କମ୍ପାନୀଙ୍କ ଆୟ ୧୦%ରୁ ଅଧିକ ହ୍ରାସ ହେବାର ଆଶଙ୍କା କରାଯାଇଛି। ଏହି ସମୟରେ କମ୍ପାନୀଗୁଡିକର ଅନେକ ପରିମାଣରେ ହ୍ରାସ ହେବ ବୋଲି ପୂର୍ବାନୁମାନ କରାଯାଇଛି।




### ଜିଡିପିର ଅଧା ସରକାରଙ୍କ କରଜ

ବିତ୍ତୀୟ ନିଅଣ୍ଟ ଉପରେ ନଜର ଦେଲେ ଜାଣି ପାରିବା ଯେ, ଏହା ଲଗାତର ଭାବେ ବଢି ଚାଲିଛି। ୨୦୧୯-୨୦ରେ ସରକାରଙ୍କ ମୋଟ ଋଣ ପରିମାଣ ପ୍ରାୟ ୭.୧ ଲକ୍ଷ କୋଟି ଟଙ୍କା ରହିଥିଲା। ୨୦୨୦-୨୧ରେ ଏହି ଲକ୍ଷ୍ୟ ୭.୮ ଲକ୍ଷ କୋଟି ଟଙ୍କା ରଖାଯାଇଛି। ଏହା ଦେଶର ଜିଡିପିର ପ୍ରାୟ ୫୦% ହେବ। କରୋନାର ପ୍ରଭାବ ଯେତେ ବ୍ୟାପକ ହେବ ଋଣ ପରିମାଣ ବଢିବ ବୋଲି ଆଶଙ୍କା କରାଯାଇଛି। ଏଭଳି ସ୍ଥିତିରେ ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣ କରିବା କଷ୍ଟକର ବ୍ୟାପାର ବୋଲି ବଜାର ବିଶେଷଜ୍ଞ କହିଛନ୍ତି।

### ଏଜିଆର୍ ବାବଦକୁ ଆସିଛି ୨୭ ହଜାର କୋଟି

ଟେଲିକମ୍ କମ୍ପାନୀଗୁଡିକଠାରୁ ଆଡଜଷ୍ଟେଡ ଗ୍ରସ ରେଭିନ୍ୟୁ (ଏଜିଆର୍) ବାବଦ ସରକାର ୨୭ ହଜାର କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଏହି ଅର୍ଥ ମଧ୍ୟରୁ ଏୟାରଟେଲ ୧୮ ହଜାର କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ଭୋଡାଫୋନ ୭ ହଜାର କୋଟି, ଟାଟା ଟେଲି ସର୍ଭିସେସ ୨୨୦୦ କୋଟି ପ୍ରଦାନ କରିଛି। ଏହବାଦ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ ସମେତ ୫ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ଅଂଶଧନ ବିକ୍ରି ନେଇ ନିଷ୍ପତ୍ତି ନିଆଯାଇଛି। ମାତ୍ର କରୋନା ପ୍ରଭାବ ଏହି ଖୁସି ଉପରେ ଭାରି ପଡିଯିବ।

### ପୁଣି ପ୍ରାଥମିକତା ବିଚାର କରିବେ ସରକାର

ସରକାର ବଜେଟରେ ଯେଉଁ ଘୋଷଣା କରିଥିଲେ ଏବେ ତାର ପ୍ରାସଙ୍ଗିକତା କମିଛି। କରୋନା ପ୍ରଭାବ ପାଇଁ ସରକାର ପୁଣି ଥରେ ନିଜର ପ୍ରାଥମିକତା ଚୟନ କରିବାକୁ ପଡିବ। ଆୟକୁ ନଜରରେ ରଖି ବ୍ୟୟ ଉପରେ ଧ୍ୟାନ ରଖିବାକୁ ହେବ ବୋଲି ବିଶେଷଜ୍ଞ କହିଛନ୍ତି।

### କମିଯିବ ବିକାଶ ହାର

ପ୍ରମୁଖ ରେଟିଂ ଏଜେନ୍ସିଗୁଡିକ ଭାରତର ବିକାଶ ହାର ପୂର୍ବାନୁମାନକୁ ଏବେ ପୂର୍ବାପେକ୍ଷା କମାଇ ଦେଇଛନ୍ତି। ଏହି ସମୟରେ ଭାରତର ବିକାଶ ହାର ୨ରୁ ୩% ରହିବ ବୋଲି ଏଜେନ୍ସିଗୁଡିକ କହିଛନ୍ତି। କ୍ରେଡିଟ ରେଟିଂ ଏଜେନ୍ସି ଫିଚ୍ ରେଟିଂ ଭାରତର ବିକାଶ ହାର ଅନୁମାନକୁ ୨% କରିଛି। ଏହା ୩୦ ବର୍ଷର ସର୍ବନିମ୍ନ ବୋଲି କୁହାଯାଇଛି। ବିକାଶ ହାର ୫.୧% ରହିବ ବୋଲି ଏହା ପୂର୍ବରୁ ଫିଚ୍ କହିଥିଲା। କରୋନାର ପ୍ରଭାବ ଦେଶର ଅର୍ଥବ୍ୟବସ୍ଥା ଉପରେ ପଡିଥିବାରୁ ସ୍ଥିତି ବିଗିଡି ଯାଇଛି। କରୋନା ବଢି ଚାଲିଥିବାରୁ ଲକ୍‌ଡାଉନ ଏତେ ଶୀଘ୍ର ହଟି ନ ପାରେ ବୋଲି କେହି କେହି ବିଶେଷଜ୍ଞ ମତ ରଖିଛନ୍ତି।

### ୧୦୦ ବିଲିୟନ ଡଲାର କ୍ଷତି ଆଶଙ୍କା

୨୧ ଦିନର ଲକ୍‌ଡାଉନ ଲାଗି ଅର୍ଥ ବ୍ୟବସ୍ଥା କମ୍ ସେ କମ୍ ୧୦୦ ବିଲିୟନ ଡଲାର କ୍ଷତି ସହିବ ବୋଲି ଆଶଙ୍କା କରାଯାଉଛି। କରୋନା ମାମଲା ଦିନକୁ ଦିନ ବଢୁଥିବାରୁ ଯଦି ସ୍ଥିତି ଆହୁରି ବିଗିଡେ ତେବେ ଲକ୍‌ଡାଉନ ଶୀଘ୍ର ଉଠି ନ ପାରେ। ଲକ୍‌ଡାଉନ ଅବଧି ବଢିଲେ ଦେଶର ଅର୍ଥ ବ୍ୟବସ୍ଥା ସ୍ଥିତି ଆହୁରି ବିଗିଡିବ ବୋଲି କୁହାଯାଉଛି।

### ଲଗାତର କମୁଛି ସରକାରଙ୍କ ଆୟ

ଗୋଟିଏ ପଟେ ସରକାର ଅର୍ଥ ବ୍ୟବସ୍ଥା ଲାଗି ପ୍ରାଥମିକ ପ୍ୟାକେଜ ଘୋଷଣା କରିଥିବା ବେଳେ ଅନ୍ୟ ପଟେ ରାଜସ୍ୱ ଆଦାୟରେ ଲଗାତର ହ୍ରାସ ପରିଲକ୍ଷିତ ହେଉଛି। ଜାନୁୟାରୀ ୨୦୨୦ରେ ଜିଏସ୍‌ଟି ସଂଗ୍ରହ ୧.୧୦ ଲକ୍ଷ କୋଟି ରହିଥିଲା। ଏହା ଫେବୃୟାରୀରେ ୧.୦୫ ଲକ୍ଷ କୋଟି ଟଙ୍କାକୁ ଖସିଛି। ମାର୍ଚ୍ଚରେ ଜିଏସ୍‌ଟି ସଂଗ୍ରହ ହ୍ରାସ ଘଟି ୯୭,୫୯୭ କୋଟି ରହିଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତିକୁ ବିଚାର କଲେ ଏହା ଏପ୍ରିଲରେ ଆହୁରି କମିବା ନେଇ ଆଶଙ୍କା କରାଯାଉଛି।

### ପରିବର୍ତ୍ତନ ହେଲା ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ

ପୂର୍ବ ଥରର ୨ ବଜେଟ ତୁଳନାରେ ବିତ୍ତୀୟ ନିଅଣ୍ଟକୁ କମ୍ କରିବା ନେଇ ସରକାର ଲକ୍ଷ୍ୟ ରଖିଥିଲେ। ୨୦୧୯-୨୦ରେ ଧାର୍ଯ୍ୟ ଲକ୍ଷ୍ୟ ୩.୩% ରହିଥିବା ବେଳେ ଏହା ପ୍ରକୃତ ପକ୍ଷେ ୩.୮% ରହିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ଏହା ୩.୫% ରଖିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସରକାରଙ୍କ ଏହି ଲକ୍ଷ୍ୟକୁ ଧ୍ୟାନରେ ରଖି ଚଳିତ ଆର୍ଥିକ ବର୍ଷରେ ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ୨ ଲକ୍ଷ କୋଟି ଟଙ୍କା ରଖାଯାଇଛି। ଏହି ଯୋଜନା ଅଧୀନ ଏଲ୍‌ଆଇସିର ଆଇପିଓ ଜାରି କରାଯିବ। ଏହା ଦ୍ୱାରା ୫୦ ହଜାର କୋଟି ଟଙ୍କାର ପାଣ୍ଠି ସଂଗ୍ରହ ଲକ୍ଷ୍ୟ ରହିଛି।

# ଖେଳ ଖବର

## ଆଡଭାନୀଙ୍କ ୫ ଲକ୍ଷ ଟଙ୍କା ସହାୟତା

**ୱାଶିଂଟନ, ୬।୪ (ଏପି):** ଭାରତୀୟ ପେସାଦାର ବିଲିୟାର୍ଡ୍ସ ଖେଳାଳି ପଙ୍କଜ ଆଡଭାନୀ କୋଭିଡ୍-୧୯ ମୁକାବିଲା ପାଇଁ ୫ ଲକ୍ଷ ଟଙ୍କା ଦାନ କରିଛନ୍ତି। କରୋନ ଭାଇରସ୍ ମହାମାରୀର ରୂପ ନେଇ ସାରିଥିବା ବେଳେ ଭାରତ ଓ ସାରା ବିଶ୍ୱରେ ଏହାକୁ ରୋକିବା ପାଇଁ ଲଢେଇ ଚାଲୁ ରହିଛି। ଏହି ଲଢେଇରେ ଅନ୍ୟ କ୍ରୀଡ଼ାବିତ୍‌ମାନଙ୍କ ଭଳି ଆଡଭାଣୀ ମଧ୍ୟ ସହାୟତାର ହାତ ବଢାଇଛନ୍ତି। ଏକାଧିକ ବାର ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିଥିବା ଏହି ବିଲିୟାର୍ଡ୍ସ ଖେଳାଳି ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡକୁ ଏହି ଅର୍ଥ ପ୍ରଦାନ କରିଛନ୍ତି। ମାନବିକତା ଦୃଷ୍ଟିକୋଣରୁ ଏହି ଘଡିସନ୍ଧି ମୁହୂର୍ତ୍ତରେ ଆମେ ସମସ୍ତେ ଏକାଠି ହେବା। ଦୟା, କରୁଣା, ପ୍ରେମର ପଚାର ଓ ପ୍ରସାର କରିବା। ବିଲିୟାର୍ଡ୍ସ ଓ ସ୍ନୁକରରେ ୨୩ଥର ବିଶ୍ୱଚାମ୍ପିୟନ ବିବେଚିତ ହୋଇଥିବା ଆଡଭାନୀ ଟୁଇଟ୍ କରି ସମସ୍ତଙ୍କୁ ଏକାଠି ହୋଇ ଏହି ଭାଇରସ ବିପକ୍ଷରେ ଲଢେଇ ଜାରି ରଖିବା ପାଇଁ ଟୁଇଟ କରି ପରାମର୍ଶ ଦେଇଛନ୍ତି। ପୂର୍ବରୁ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର, ଅଧିନାୟକ ବିରାଟ କୋହଲି, ଅଜିଙ୍କ୍ୟ ରାହାନେ, ରୋହିତ ଶର୍ମା, କେଦାର ଯାଦବ, ଅନିଲ କୁମ୍ବଲେ, ଟେବୁଲ ଟେନିସ ଖେଳାଳି ଜି. ସାଥିୟାଁ ଓ ଅନ୍ୟମାନେ ସେମାନଙ୍କ ସାମର୍ଥ୍ୟ ଅନୁଯାୟୀ ଅର୍ଥ ଦାନ କରିଛନ୍ତି।



## ଗୋପୀଚାନ୍ଦ ଦେଲେ ୨୬ ଲକ୍ଷ

**ନୂଆଦିଲ୍ଲୀ,୬।୪:** ଭାରତୀୟ ଜାତୀୟ ବ୍ୟାଡମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ ଏବେ କରୋନ ଭାଇରସ ଲଢ଼େଇରେ ସାମିଲ ହୋଇଛନ୍ତି। କ୍ରୀଡ଼ାଜଗତର ସଦ୍ୟତମ ବ୍ୟକ୍ତିତ୍ୱ ଭାବେ ସେ ଏଥିରେ ସାମିଲ ହୋଇଛନ୍ତି। ପୂର୍ବତନ ଅଲ ଇଂଲଣ୍ଡ ଚାମ୍ପିୟନ ଗୋପୀଚାନ୍ଦ ୨୬ ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହି ଲଢେଇ ପାଇଁ ଛୋଟିଆ ପରିମାଣର ଅର୍ଥ ଦାନ କରିଛି। ଅର୍ଜୁନ ପୁରସ୍କାର, ଦ୍ରୋଣାଚାର୍ଯ୍ୟ ପୁରସ୍କାର ଓ ପଦ୍ମ ଭୂଷଣ ସମ୍ମାନ ହାସଲ କରିଥିବା ଗୋପୀଚାନ୍ଦ ପ୍ରଧାନମନ୍ତ୍ରୀଙ୍କ କେୟାର୍ସ ଫଣ୍ଡକୁ ୧୧ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିକୁ ୧୦ ଲକ୍ଷ ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଫଣ୍ଡକୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। କରୋନ ଭାଇରସ ମୁକାବିଲାରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବେଶ୍ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରୁଛନ୍ତି। ତେଣୁ ଏହି ସରକାରଗୁଡିକ ସହାୟତା ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କରୋନ ଭାଇରସ କାରଣରୁ ଦେଶ ତଥା ବିଶ୍ୱର ଅର୍ଥନୀତି ବେଶ୍ କ୍ଷତିଗ୍ରସ୍ତ ହେବାକୁ ଯାଉଛି। ତେଣୁ ସମସ୍ତେ ସେମାନଙ୍କ ସାମର୍ଥ୍ୟ ଅନୁଯାୟୀ ଅର୍ଥ ଦାନ କରିବା ଉଚିତ। ଉଲ୍ଲେଖଥାଉ କି, ପି.ଭି. ସିନ୍ଧୁ, ସାଇନା ନେହ୍ୱାଲ, କିଡାମ୍ବୀ ଶ୍ରୀକାନ୍ତ ଓ ସାଇ ପ୍ରଣୀଥଙ୍କ ଭଳି ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ କ୍ୟାରିୟର ବନାଇବାରେ ଗୋପୀଚାନ୍ଦ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ମଧ୍ୟ ଏକାଧିକ କ୍ରୀଡ଼ାବିତ୍ ଏହି ଭାଇରସ୍ ମୁକାବିଲ ପାଇଁ ଅର୍ଥ ଦାନ କରିଛନ୍ତି।



## ବାତିଲ ହେଲା ଦିଲ୍ଲୀ ଶୁଟିଂ ବିଶ୍ୱକପ୍

**ନୂଆଦିଲ୍ଲୀ,୬।୪ (ପି.ଟି.):** କୋଭିଡ-୧୯ ଦେଶ ତଥା ସାରା ବିଶ୍ୱରେ ମହାମାରୀର ରୂପ ନେଇଥିବାରୁ ଏହାର ପ୍ରଭାବ କ୍ରୀଡ଼ାରେ ପଡିଛି। ଏହି ମହାମାରୀ କାରଣରୁ ଦିଲ୍ଲୀରେ ଆସନ୍ତା ମେ'ରେ ଆୟୋଜନ ହେବାକୁ ଥିବା ଶୁଟିଂ ବିଶ୍ୱକପ୍‌କୁ ମଧ୍ୟ ବାତିଲ କରାଯାଇଛି। ଏହି ଶୁଟିଂ ବିଶ୍ୱକପ୍ ପ୍ରଥମେ ମାର୍ଚ୍ଚ ୧୫ରୁ ୨୦ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିଲା। ଟୁର୍ନାମେଣ୍ଟ ଆରମ୍ଭ ହେବାର ଠିକ୍ ୪ ଦିନ ପୂର୍ବରୁ ଏହା ମେଗା ଇଭେଣ୍ଟକୁ ମେ' ମାସକୁ ଘୁଞ୍ଚାଇ ଦିଆଯାଇଥିଲା। କୋଭିଡ୍-୧୯ ମହାମାରୀ କାରଣରୁ ନୂଆଦିଲ୍ଲୀ ଆୟୋଜକ କମିଟି ଏହି ରାଇଫଲ/ ପିସ୍ତଲ ଓ ଶଟ୍‌ଗନ ବିଶ୍ୱକପ୍‌କୁ ବାତିଲ କରିବାକୁ ବାଧ୍ୟ ହୋଇଛି ବୋଲି ବିଶ୍ୱ ଶୁଟିଂର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) କହିଛି।

ଗତ ମାସ ଇଭେଣ୍ଟକୁ ସ୍ଥଗିତ ରଖିବା ପରେ ବିଶ୍ୱକପ୍‌କୁ ଦୁଇଟି ଭାଗରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ରାଇଫଲ ଓ ପିସ୍ତଲ ପ୍ରତିଯୋଗିତାକୁ ମେ ୫ରୁ ୧୩, ଶଟ୍‌ଗନ୍ ପ୍ରତିଯୋଗିତାକୁ ଜୁନ୍ ୨ରୁ ୯ ତାରିଖ ମଧ୍ୟ ଆୟୋଜନ କରିବାକୁ ସ୍ଥିର ହୋଇଥିଲା। ପରେ ଶଟ୍‌ଗନ୍ ପ୍ରତିଯୋଗିତାକୁ ମେ ୨୦ରୁ ୨୯ ତାରିଖ ମଧ୍ୟରେ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶେଷରେ ଆଇଏସ୍‌ଏସ୍‌ଏଫ୍ ଓ




ଜାତୀୟ ରାଇଫଲ ଆସୋସିଏଶନ (ଏନ୍‌ଆରଏଆଇ) ଟୁର୍ନାମେଣ୍ଟ ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ପୂର୍ବରୁ ମଧ୍ୟ ଟୁର୍ନାମେଣ୍ଟ ଆୟୋଜନ ନ କରିବାକୁ ଏନ୍‌ଆଇଏଆଇ ଉପରେ ଚାପ ପଡୁଥିଲା। କେବଳ ସେତିକି ନୁହଁ ଆଇଏସ୍‌ଏସ୍‌ଏଫ୍ ଆଜରବୈଜାନର ବାକୁରେ ଜୁନ୍ ୨ରୁ ଜୁଲାଇ ୩ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ବିଶ୍ୱକପ୍‌କୁ ମଧ୍ୟ ବାତିଲ କରିଛି।

ଆମ ଆଥଲେଟ, ଅଫିସିଆଲ, ଷ୍ଟାଫ୍ ଓ ଶୁଟିଂ ପରିବାରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଆମେ ଅଧିକ ଗୁରୁତ୍ୱ ଦେଉଛୁ ବୋଲି ଏନ୍‌ଆରଏଆଇ ତରଫରୁ କୁହାଯାଇଛି। ଜୁନ୍‌ରେ ଆୟୋଜନ ହେବାକୁ ଥିବା ମ୍ୟୁନିକ୍ ବିଶ୍ୱକପ୍‌କୁ ବାତିଲ କରିବାର କିଛି ଦିନ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ପୂର୍ବରୁ ୩ଥର ଅଲିମ୍ପିକ୍ ପଦକ ଜିତିଥିବା ତାରକା ଶୁଟର ରାଜମୋଣ୍ଡ ଡେଭେବେକ୍ ନୂଆଦିଲ୍ଲୀ ବିଶ୍ୱକପ୍‌କୁ ବାତିଲ କରିବାକୁ ଅପିଲ କରିଥିଲେ। ଡେଭେବେକ୍ ୨୦୦୦ ସିଡନୀ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ମଧ୍ୟ ୫ଥର ବିଶ୍ୱ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି।

## ଜୁଲାଇ ପର୍ଯ୍ୟନ୍ତ ଟୁର୍ନାମେଣ୍ଟ ସସ୍‌ପେଣ୍ଡ କଲା ବିଡବ୍ଲ୍ୟୁଏଫ୍

**ନୂଆଦିଲ୍ଲୀ, ୬।୪ (ପି.ଟି.):** କୋଭିଡ୍-୧୯ ମହାମାରୀ ପାଇଁ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଆସନ୍ତା ମେ' ମାସରୁ ଜୁଲାଇ ପର୍ଯ୍ୟନ୍ତ ଏହାର ସମସ୍ତ ଟୁର୍ନାମେଣ୍ଟକୁ ସସ୍‌ପେଣ୍ଡ କରିଛି। ଏଥିରେ ଏଚ୍‌ଏସ୍‌ବିସି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍, ବିଡବ୍ଲ୍ୟୁଏଫ୍ ଟୁର୍ ଏବଂ ଅନ୍ୟ ବିଡବ୍ଲ୍ୟୁଏଫ୍ ସ୍ୱୀକୃତିପ୍ରାପ୍ତ ଟୁର୍ନାମେଣ୍ଟ ରହିଛି। ହୋଷ୍ଟ ମେମ୍ବର ଆସୋସିଏଶନ୍ସ (ଏଚ୍‌ଏମ୍‌ଏ) ଏବଂ କଣ୍ଟିନେଣ୍ଟାଲ କନଫେଡେରେଶନ (ସିସି) ସହିତ ଆଲୋଚନା ପରେ ବିଡବ୍ଲ୍ୟୁଏଫ୍ ସୋମାବାର ଏହି ନିଷ୍ପତ୍ତି ନେଇଛି। ଏହି ସମୟକାଳ ମଧ୍ୟରେ ସବୁଠାରୁ ପ୍ରଭାବିତ ହୋଇଥିବା ଟୁର୍ନାମେଣ୍ଟ ହେଉଛି ଇଣ୍ଡୋନେସିଆ ଓପନ୍ ୨୦୨୦ (ସୁପର ୧୦୦୦)। ବର୍ତ୍ତମାନ ପାଇଁ ର୍‍ୟାଙ୍କିଂ ବ୍ୟବସ୍ଥାକୁ ପୁଣି ସ୍ଥିର ରଖାଯାଇଛି। ଟୁର୍ନାମେଣ୍ଟ ଆରମ୍ଭ ହେବାପରେ ପୁଣି ଏହା କାର୍ଯ୍ୟକ୍ଷମ ହେବ ବୋଲି ବିଡବ୍ଲ୍ୟୁଏଫ୍ କହିଛି। ବାତିଲ ହୋଇଥିବା ଟୁର୍ନାମେଣ୍ଟ ତାଲିକା ନିମ୍ନରେ ପ୍ରଦାନ କରାଗଲା-

**ଗ୍ରେଡ୍-୨ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟ**

୧. ଅଷ୍ଟ୍ରେଲିଆନ ଓପନ୍ ୨୦୨୦ (ଜୁନ୍ ୨ରୁ ୭)
୨. ଥାଇଲାଣ୍ଡ ଓପନ୍ (ଜୁନ୍ ୯ ରୁ ୧୪)
୩. ଇଣ୍ଡୋନେସିଆ ଓପନ୍ (ଜୁନ୍ ୧୬ରୁ ୨୧)
୪. ରଷିଆନ ଓପନ୍ ( ଜୁଲାଇ ୭ରୁ ୧୨)

**ଗ୍ରେଡ୍-୩, ଜୁନିୟର ଓ ପାରା ବ୍ୟାଡ୍‌ମିଣ୍ଟନ**

୧. ଡେନମାର୍କ ଚ୍ୟାଲେଞ୍ଜ (ମେ ୭ରୁ ୧୦)
୨. ସ୍ଲୋଭେନିଆ ଇଣ୍ଟରନ୍ୟାଶନାଲ (ମେ ୧୩ରୁ ୧୬)
୩. ଲାଟଭିଆ ଇଣ୍ଟରନ୍ୟାଶନାଲ (ମେ ୨୮ରୁ ୩୧)
୪. ଭିଏତ୍‌ନାମ ଇଣ୍ଟରନ୍ୟାଶନାଲ (ଜୁନ୍ ୨ରୁ ୭)
୫. ଲିଥୁଆନିଆ ଇଣ୍ଟରନ୍ୟାଶନାଲ (ଜୁନ୍ ୪ରୁ ୭)
୬. କାନାଡା ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ (ଜୁନ୍ ୯ରୁ ୧୪)
୭. ରଷିଆନ ଇଣ୍ଟରନ୍ୟାଶନାଲ ଜୁନିୟର ହ୍ୱାଇଟ୍ ନାଇଟ୍ସ (ଜୁନ୍ ୨୫ରୁ ୨୮)
୮. ହ୍ୱାଇଟ ନାଇଟ୍ସ (ଜୁଲାଇ ୧ରୁ ୫)
୯. ଅଲ୍ ଇଂଲଣ୍ଡ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ (ଜୁଲାଇ ୧୬ରୁ ୧୯)।

## ଫୁଟ୍‌ବଲ ଟିମ୍ ଡାକ୍ତରଙ୍କ ଆତ୍ମହତ୍ୟା

**ପ୍ୟାରିସ, ୬।୪ (ଏପି):** କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହେବାପରେ ଫ୍ରେଞ୍ଚ୍ ଫୁଟ୍‌ବଲ କ୍ଲବ ରିମ୍‌ର ଜଣେ ଡାକ୍ତର ଆତ୍ମହତ୍ୟା କରିଛନ୍ତି। ସ୍ଥାନୀୟ ମେୟର ଆର୍ନଡ ରୋବିନେଟ୍ ଲି' ପ୍ୟାରିସିନ୍ ଏହି ସୂଚନା ଦେଇଛନ୍ତି। ଡାକ୍ତର ବର୍ନାଡୋ ଗୋଞ୍ଜାଲେଜ୍ ୧୪ ଦିନିଆ ଆଇସୋଲେଶନରେ ଥିଲେ। କୋଭିଡ୍-୧୯ ଟେଷ୍ଟରେ ତାଙ୍କର ପଜିଟିଭ୍ ଆସିବା ପରେ ସେ ରବିବାର ଆତ୍ମହତ୍ୟା କରିଥିଲେ। ତାଙ୍କୁ ୬୦ବର୍ଷ ହୋଇଥିଲା। କ୍ଲବ ସହିତ ସେ ଦୀର୍ଘ ୨୩ବର୍ଷ ହେଲା ଜଡ଼ିତ ଥିଲେ। ସେ ଜଣେ ମେଳାପି ଲୋକ ଥିଲେ। ସେ ମଧ୍ୟ ଜଣେ ଆର୍ଟିଷ୍ଟ ଥିଲେ। କ୍ଲବରେ ସେ ସମସ୍ତଙ୍କ ପ୍ରିୟଭାଜନ ଥିଲେ। ଫ୍ରେଞ୍ଚ୍ ସରକାରଙ୍କ କହିବା ଅନୁସାରେ ଦେଶରେ ବର୍ତ୍ତମାନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୦,୪୭୮ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୮,୦୦୦ ଜଣଙ୍କ ଅବସ୍ଥା ସଂକଟଜନକ। ୧୬,୦୦୦ରୁ ଊର୍ଦ୍ଧ୍ୱ ଆରୋଗ୍ୟ ଲାଭ କରିସାରିଛନ୍ତି।



## ୨୦୨୧ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେଉଛି

**ନୂଆଦିଲ୍ଲୀ, ୬।୪ (ପି.ଟି.):** 'ମୋ ଖେଳ ଶେଷ ହୋଇଗଲା ବୋଲି ଲୋକେ ଭାବୁଛନ୍ତି। ମୋ ସଫଳତାକୁ ଲୋକ ମଧ୍ୟ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ତେବେ ଏହା ମୋତେ ଆଦୌ ପ୍ରଭାବିତ କରିନାହିଁ' ବୋଲି ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ଅଭିଜ୍ଞ ଭାରତୀୟ ରେସଲର ସୁଶୀଲ କୁମାର କହିଛନ୍ତି। ମୋ ଅବସର ନେଇ ଚର୍ଚ୍ଚା ହେଉଥିଲେ ମଧ୍ୟ ୨୦୨୧ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ କରୁଛି ବୋଲି ସେ କହିଛନ୍ତି। ଅଲିମ୍ପିକ୍ସ ଗୋଟିଏ ବର୍ଷ ଘୁଞ୍ଚିଯିବା ମୋ ପାଇଁ ଆଶୀର୍ବାଦ ସଦୃଶ ହୋଇଛି। ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ସମୟ ମିଳିଛି ବୋଲି ସେ କହିଛନ୍ତି। ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାକୁ ସେ ସଂଘର୍ଷ କରୁଥିଲେ। ତେବେ କୋଭିଡ୍-୧୯ କାରଣରୁ ଗୋଟିଏ ବର୍ଷ ଅଲିମ୍ପିକ୍ସ ଘୁଞ୍ଚିଯିବା ପରେ ପ୍ରସ୍ତୁତ ପାଇଁ ଏହା ବେଶ୍ ସହାୟ ହେବ ବୋଲି ସେ କହିଛନ୍ତି। ଆସନ୍ତାମାସ ୩୭ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ସୁଶୀଲ ଅଧିକ ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ସମୟ ପାଇଛନ୍ତି ବୋଲି କହିଛନ୍ତି। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ସୁଶୀଲ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ଏହା ମୋତେ ନିରାଶ କରିଥିଲା। ତେବେ ଏହା ଅତୀତ ହେଲାଣି।

ରେସଲିଂରେ ଇଞ୍ଜୁରି ଫ୍ରି ରହିବାକୁ ହେଲେ ଅଧିକରୁ ଅଧିକ ଅଭ୍ୟାସ କରିବା ଜରୁରୀ। ଏକ ଲକ୍ଷ୍ୟ ସ୍ଥିର କରି ତାହା ଉପରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଏବେ ଦିନରେ ଦୁଇଥର ଅଭ୍ୟାସ କରୁଛି। ଟୋକିଓ ଅଲିମ୍ପିକ୍ସ କ୍ୱାଲିଫାଏ କରିବା ହେଉଛି ମୋର ମୂଳ ଲକ୍ଷ୍ୟ। ୭୪ କେ.ଜି ବର୍ଗରେ ସୁଶୀଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଏହି ବର୍ଗରେ ଭାରତ ଏପର୍ଯ୍ୟନ୍ତ ଅଲିମ୍ପିକ୍ କୋଟା ହାସଲ କରିନାହିଁ। ୨୦୧୧ରେ ମଧ୍ୟ ଲୋକେ ଏପରି କହୁଥିଲେ। ମୋତେ କ'ଣ କରିବାକୁ ହେବ ବେଶ୍ ଭଲ ଭାବେ ଜଣାଅଛି।



ସୁଶୀଲ କୁମାର


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ